ISSN 3107-4294(P)
ISSN 2583-9543(O)
VOL. NO. 03, ISSUE NO. 03

REFEREED PEER-REVIEWED JOURNAL

ବାଗୀଶ

BAGEESHA ● ମଇ - ଜୁନ୍ ୨୦୨୫

Journal For Odia Research & Review

UGC-CARE PARAMETERS 2025 FOLLOWED

BAGEESHA

ବାଗୀଶ

ଗବେଷଣା ଓ ସମାଲୋଚନାଧର୍ମୀ ଦ୍ୱି-ମାସିକ ଓଡ଼ିଆ ପତ୍ରିକା
A Refereed Peer-Reviewed Journal for Odia Research & Review

ପ୍ରତିଷ୍ଠା: ଜାନୁଆରୀ ୨୦୨୩

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଲୋକ ୧୫, ଅଧ୍ୟାୟ - ୪୦,
ଶୁକ୍ଲ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା

Volume No. 03, Issue No. 03
May - June 2025

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍ ୨୦୨୫

Founder, Editor & Publisher
Bikesh Sahu

ପ୍ରତିଷ୍ଠାତା, ସଂପାଦକ ଓ ପ୍ରକାଶକ
ବିକେଶ ସାହୁ

Present Address/ Communication Address :
Bikesh Sahu, Lecturer in Odia, Nayagarh Prajamandal Mahila Mahavidyalay, Nayagarh- 752069, Odisha, India
Contact Mail_Id: bageesha.magazine@gmail.com, Phone No. 9337166172
Visit Us : www.bageesha.in

BAGEESHA

ବାଗୀଶ

ISSN: 3107-4294 (PRINT) 2583-9543 (ONLINE)

BAGEESHA is an open-access, peer-reviewed, and refereed research journal dedicated to the fields of Linguistics, Folklore, Literature, and Literary Theory. It aims to provide a robust academic platform for researchers, academicians, professionals, practitioners, and students to share and disseminate original research in the wider domain of Odia literature, language, and culture.

Established in 2023 and edited by Bikesh Sahu, BAGEESHA stands as a distinguished scholarly journal committed to promoting high-quality, regionally rooted academic discourse. With a strong emphasis on linguistic and cultural studies, the journal seeks to encourage critical inquiry, support emerging scholars, and contribute meaningfully to the development of Odia intellectual traditions.

JOURNAL PARTICULARS

Title: BAGEESHA
Frequency: Six Issues Per Year
ISSN: 3107-4294 (PRINT) 2583-9543 (ONLINE)
DOI prefix: 10.70541
Publisher: Bikesh Sahu
Chief Editor: Bikesh Sahu, Lecturer in Odia, N.P Women's Degree College, Nayagarh E-Mail: bikesh.official2019@gmail.com
Copyright: ©BAGEESHA
Starting Year : 2023
Subject: Linguistics, Folklore, Literature and Literary Theory
Language: ODIA
Publication Format Online/Print
Publication City: Balangir (Odisha)
Email Id: bageesha.magazine@gmail.com
Mobile No.: Mob: +91-9337166172
Website: https://bageesha.in/
Permanent Contact Address: At – Bhuslad, Po – Dedhagaon, P.S – Sindhekela, Dist – Balangir – 767035 (Odisha)

SCAN QR CODEFOR DETAILS

Present Address/ Communication Address :
Bikesh Sahu, Lecturer in Odia, Nayagarh Prajamandal Mahila Mahavidyalay, Nayagarh- 752069, Odisha, India
Contact Mail_Id: bageesha.magazine@gmail.com, Phone No. 9337166172
Visit Us : www.bageesha.in

BOARD OF PEERS

Prof. Dash Benhur
Retired Principal,
S.C.S (Autonomous) College, Puri

Prof. B.N Pattnaik
Retired Prof. of English & linguistics,
IIT, Kanpur, India

Prof. Gouranga Charan Dash
Retired Prof. Dept. of Odia,
Ravenshaw University, Cuttack

Prof. Santosh Kumar Ratha
Retired Prof. Bhima Bhoi Research Chair
G.M. University, Sambalpur

Prof. Satya Prakash Mohanty
Prof., Department of
English Cornell University, USA

Prof. Babrubahan Mahapatra
Prof., Dept. of Odia
M.S.C.B University, Baripada

Dr. Satyapriya Mahalik
Principal & Asst. Prof. of Workers' College
Jamshedpur, Jharkhand

Dr. Gopinath Bag
Asst. Prof., Department of Odia
Samabalpur University, Jyoti Vihar, Burla

Dr. Bijayalaxmi Dash
Asst. Prof., Department of Odia
Revenshaw University, Cuttack

Dr. Rabindra Kumar Das
Asst. Prof., Department of Odia
Visva Bharati University, Shantiniketan

Mr. Satya Pattanaik
Director, Black Eagle Books
Dublin, Ohio, USA

ABOUT US

- BAGEESHA is a bi-monthly International Standard Serial Number recognized Refereed Peer-Reviewed Journal.
- The special research section of BAGEESHA publishes research discussions on literature, Society, Culture, Art, History, Anthropology, Philosophy, Science, etc.
- BAGEESHA has been successful in recent years with a unique approach to make the youth research minded and has also prepared a new framework for the future.
- We will assign DOIs to every Article published in BAGEESHA starting from the January–February 2025 issue.
- BAGEESHA is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the Journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the Article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending Articles and books. GUIDE LINES

ସମୀକ୍ଷକ ମଣ୍ଡଳୀ

ପ୍ରଫେସର ଦାଶ ବେନହୁର
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

ପ୍ରଫେସର ଗୌରାଙ୍ଗ ଚରଣ ଦାଶ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ପ୍ରଫେସର ସନ୍ତୋଷ କୁମାର ରଥ
ଅବସରପ୍ରାପ୍ତ ପ୍ରଫେସର, ଭୀମଭୋଇ ଗବେଷଣା ଚେୟାର,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

ପ୍ରଫେସର ବବ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

ଡ. ସତ୍ୟପ୍ରିୟ ମହାଲିକ
ଅଧ୍ୟକ୍ଷ ତଥା ସହକାରୀ ପ୍ରଫେସର ଜାମସେଦପୁର ୱାର୍କର୍ସ
ମହାବିଦ୍ୟାଳୟ, ଜାମସେଦପୁର, ଝାଡ଼ଖଣ୍ଡ

ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା

ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ଆଇଏସ୍‌ଏସ୍‌ଏନ୍(ISSN) ସ୍ୱୀକୃତ ରେଫରିଡ୍ ପିଅର୍-ରିଭିଉଡ୍ ଜର୍ଣ୍ଣାଲ୍ (Refereed Peer-Reviewed Journal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  ପ୍ରବନ୍ଧ ଓ ଆଲୋଚନା ବିଭାଗ : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

  ନୂଆ ବହି : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  'ବାଗୀଶ' ବରେଣ୍ୟ : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

ଦ୍ରଷ୍ଟବ୍ୟ : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ (୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ (୭-୮ ଧାଡ଼ି ଭିତରେ), ସଂପୂର୍ଣ୍ଣ ଲେଖା MS-Word File(ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

GUIDE LINES

EDITORIAl BOARD

CHIEF EDITOR
Mr. Bikesh Sahu
Lecturer in Odia, N.P. Women's Degree College, Nayagarh
E-Mail: editor.bageesha@gmail.com

CO-EDITOR
Mr. Kanaka Bardhan Sahu
Lecturer in Odia, Sinapali Degree college, Nuapada
E-Mail: kanakabarddhan96@gmail.com

EXECUTIVE EDITOR
Ritam Mishra
Critic & Researcher

EDITORIAl BOARD

Dr. Bindulata Shanda
Lecturer in Odia Nayagarh Auto. College, Nayagarh
Email: bindulatasandha.sandha75@gmail.com

Dr. Sujata Sahani
Lecturer in Odia Indira Gandhi Women's College, Cuttack
Email: sahanisujata907@gmail.com

Ms. Truptimayee Bhoi
Lecturer in Odia, S.S.J Mahavidyalaya, Krushnachandrapur, Jagatsinghpur
E-Mail: truptimayeebhoi123@gmail.com

Mr. Subashchandra Bhoi
Lecturer in Odia,
S.V.M Autonomus College, Jagatsinghpur
E-Mail: bhoibabu030@gmail.com

Mr. Prabhaschandra Toltia
Critic & Researcher
E-Mail: prabhashbabu40@gmail.com

ଆପଣଙ୍କ ଚିଠି

ସମାଲୋଚନା ତଥା ଗବେଷଣାଧର୍ମୀ ଲବ୍ଧପ୍ରତିଷ୍ଠ ଏକ ସାର୍ଥକ ପତ୍ରିକା -'ବାଗୀଶ'। ପତ୍ରିକାର ପ୍ରତ୍ୟେକ ସଂଖ୍ୟାର ପୃଷ୍ଠା ମଣ୍ଡନ କରେ ନୂତନ ଚିନ୍ତା ଚେତନା ସମ୍ବଳିତ ଗବେଷଣାତ୍ମକ ତଥ୍ୟ, ଯାହା ସାଧାରଣ ପାଠକକୁ ହେଉ କି ଗୋଟେ ଗବେଷକକୁ ଏକ ନୂତନ ଦୃଷ୍ଟି ଆଉ ନବ୍ୟ ଦିଗନ୍ତ ପ୍ରଦାନ କରେ। ଓଡ଼ିଆ ସାହିତ୍ୟକୁ ଭିନ୍ନ ଏକ ଦୃଷ୍ଟିରେ ଦେଖିବାକୁ ପ୍ରେରଣା ଦିଏ, ନୂତନ ଜିଜ୍ଞାସାର ବୀଜ ବପନ କରେ, ପରିଶେଷରେ ଚେତନାର ପରିବ୍ୟାପ୍ତରେ ସହାୟକ ମଧ୍ୟ ହୁଏ। ବିଗତ ମାର୍ଚ୍ଚ-ଏପ୍ରିଲ ୨୦୨୫ ସଂଖ୍ୟାଟି ପଢ଼ିବା ବେଳେ ଡ. ଇନ୍ଦ୍ରମଣି ସାହୁଙ୍କ 'ଓଡିଆ ଉପନ୍ୟାସରେ ନାରୀ ଓ ତା'ର ମାନବିକ ଅଧିକାର: ଏକ ଅନୁଶୀଳନ' ଗବେଷଣା ନିବନ୍ଧ ହେଉ ଅଥବା ଅଶୋକ କୁମାର ନାୟକଙ୍କ 'ପ୍ରଥମ ଓଡ଼ିଆ ଆତ୍ମସଚେତନ ମୂଳକ ଉପନ୍ୟାସ: ଆହତ ସ୍ୱପ୍ନ' ମୋ ପାଇଁ ଅତ୍ୟନ୍ତ ଉପାଦେୟ ରହିଥିଲା। ଅନ୍ୟସବୁ ସଂଖ୍ୟା ଭଳି ଏ ସଂଖ୍ୟା ମଧ୍ୟ ଅନେକ ତଥ୍ୟ ତଥା ତତ୍ତ୍ୱର ବାହକ ଅଟେ।

--- *ଅମ୍ରିତା ଶତପଥୀ*
(ଅଧ୍ୟାପିକା, ଏସଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତସିଂହପୁର)

ସୁପରିଚିତ ସାହିତ୍ୟ ପତ୍ରିକା 'ବାଗୀଶ' ଉଦୀୟମାନ ଲେଖକଙ୍କ ପାଇଁ ଏକ ନୂତନ ମଞ୍ଚ ସୃଷ୍ଟି କରିଛି। ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ସହ ଯୁବ ଲେଖକଙ୍କ ଲେଖା ପ୍ରକାଶିତ ହୋଇ ସାହିତ୍ୟ ଜିଜ୍ଞାସୁଙ୍କ ନିମନ୍ତେ ପ୍ରୋତ୍ସାହନର ପ୍ରବହିନୀଟିଏ ସୃଷ୍ଟି କରିଛି। 'ବାଗୀଶ' ତୃତୀୟ ବର୍ଷ , ଦ୍ୱିତୀୟ ସଂଖ୍ୟା ପଢ଼ିବାର ସୁଯୋଗ ପାଇଲି। ପତ୍ରିକାରେ ସ୍ଥାନିତ ଇନ୍ଦ୍ରମଣି ସାହୁଙ୍କ 'ଓଡ଼ିଆ ଉପନ୍ୟାସରେ ନାରୀ ଓ ତା'ର ମାନବିକ ଅଧିକାର: ଏକ ଅନୁଶୀଳନ' ସମାଜରେ ନାରୀର ସ୍ଥିତି ଓ ଅସ୍ତିତ୍ୱ, ନାରୀମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନ ତଥା ପୁରୁଷତାନ୍ତ୍ରିକ ସମାଜରେ ଲିଙ୍ଗଭିତ୍ତିକ ଭେଦଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଆକର୍ଷଣୀୟ ଭାବରେ ପ୍ରତିଫଳିତ ହୋଇ ସମଲୋଚକଙ୍କୁ ନାରିବାଦୀର ପରିଚୟ ପ୍ରଦାନ କରିଛି। ସେହିପରି ପ୍ରଫେସର ଗୌରାଙ୍ଗ ଚରଣ ଦାଶଙ୍କ 'ସହିତ୍ୟର ପରିଭାଷା' ଶୀର୍ଷକରେ ସହିତ୍ୟର ପ୍ରକୃତ ସ୍ୱରୂପ ଉଦ୍ଭାଟିତ ହେବା ସହ ଏକ ଯୁକ୍ତିଯୁକ୍ତ ସଂଜ୍ଞା ମଧ୍ୟ ଉପସ୍ଥାପିତ। ସାମଗ୍ରିକ ଭାବରେ ପତ୍ରିକାସ୍ଥ ସମସ୍ତ ନିବନ୍ଧରେ ଏକ ଗବେଷଣାତ୍ମକ ଦୃଷ୍ଟିକୋଣ ସ୍ପଷ୍ଟ ରୂପେ ପ୍ରତିଫଳିତ। ଗବେଷଣାଧର୍ମୀ ପତ୍ରିକାଟିର ଲୋକପ୍ରିୟତା ଦିନକୁ ଦିନ ଯେପରି ବୃଦ୍ଧି ପାଉଛି ଓଡ଼ିଶାର ପତ୍ରିକା ଜଗତରେ ଏହା ନିଶ୍ଚିତ ରୂପେ ଏକ କ୍ରାନ୍ତିକାରୀ ଆନ୍ଦୋଳନ ସୃଷ୍ଟି କରିବ ଏଥିରେ କୌଣସି ସଂଶୟ ନାହିଁ।

--- *ଉଷାରାଣୀ ମହାପାତ୍ର*
(ଛାତ୍ରୀ, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାଉରକେଲା)

କ୍ରମଶଃ... ପୃଷ୍ଠା ସଂଖ୍ୟା - ୬

ସଂପାଦନା ମଣ୍ଡଳୀ

ମୁଖ୍ୟ ସଂପାଦକ

ଶ୍ରୀ ବିକେଶ ସାହୁ

ଓଡ଼ିଆ ଅଧ୍ୟାପକ,

ନୟାଗଡ଼ ପ୍ରଜ୍ଞାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

ସହ-ସଂପାଦକ

ଶ୍ରୀ କନକ ବର୍ଦ୍ଧନ ସାହୁ

ଓଡ଼ିଆ ଅଧ୍ୟାପକ,

ସିନାପାଲି ମହାବିଦ୍ୟାଳୟ, ସିନାପାଲି

କାର୍ଯ୍ୟନିର୍ବାହୀ ସଂପାଦକ

ରିତମ୍ ମିଶ୍ର

ଆଲୋଚକ ଓ ଗବେଷକ

ସଂପାଦନା ମଣ୍ଡଳୀ

ଲେପ୍ଟନାଣ୍ଟ୍ ଡ. ବିନ୍ଦୁଲତା ଷଣ୍ଢ

ଓଡ଼ିଆ ଅଧ୍ୟାପିକା,

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼

ଡ. ସୁଜାତା ସାହାଣୀ

ଓଡ଼ିଆ ଅଧ୍ୟାପିକା,

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

ସୁଶ୍ରୀ ତୃପ୍ତିମୟୀ ଭୋଇ

ଓଡ଼ିଆ ଅଧ୍ୟାପିକା,

ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର

ଶ୍ରୀ ସୁବାସ ଚନ୍ଦ୍ର ଭୋଇ

ଓଡ଼ିଆ ଅଧ୍ୟାପକ,

ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,

ଜଗତସିଂହପୁର

ଶ୍ରୀ ପ୍ରଭାସ ଚନ୍ଦ୍ର ଟୋଲଟିଆ

ଆଲୋଚକ ଓ ଗବେଷକ

ସାଂପ୍ରତିକ ସମୟରେ 'ବାଗୀଶ' ସମାଲୋଚନାଧର୍ମୀ ପତ୍ରିକା ନୂତନ ତଥ୍ୟ ଅନ୍ୱେଷଣ ଓ ଆବାହନ କ୍ଷେତ୍ରରେ ସାହିତ୍ୟ ସ୍ରୋତକୁ ସମୃଦ୍ଧ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏକ ନିଆରା ଢଙ୍ଗରେ ସେ ପତ୍ରିକା ଜଗତରେ ଆନ୍ଦୋଳନ ସୃଷ୍ଟି କରି ନିଜର ସ୍ୱାତନ୍ତ୍ର୍ୟ ପ୍ରକାଶ କରିସାରିଛି। ଗବେଷକୀୟ ପରିଭାଷା ଓ ଉପସ୍ଥାପନା ଶୈଳୀ ମାଧ୍ୟମରେ ବକ୍ତବ୍ୟ ବାଢ଼ିବାର ନବ ପ୍ରୟାସ ମଧ୍ୟ କରୁଛି। ଏହି ମାର୍ଚ୍ଚ-ଅପ୍ରେଲର ପ୍ରତିଟି ଲେଖା ନୂତନ ବିଷୟ ବିନ୍ୟାସ ଓ ଅଧ୍ୟୟନ ଦୃଷ୍ଟିଦିଗନ୍ତ ତା'ର ସମ୍ଭାବନାର ମତବ୍ୟକ୍ତ ବିଶ୍ଳେଷଣ ଗୁଡ଼ିକ ଖୁବ୍ ପରିମାର୍ଜିତ ହୋଇଛି। ବିଶେଷ କରି ପ୍ରଫେସର ଗୌରାଙ୍ଗ ଚରଣ ଦାଶଙ୍କ 'ସାହିତ୍ୟର ପରିଭାଷା' ବେଶ୍ ଶିକ୍ଷଣୀୟ ଦିଶା କରିବା ସହ ପ୍ରଫେସର ସନ୍ତୋଷ କୁମାର ରଥଙ୍କ ସ୍ୱତନ୍ତ୍ର ସାକ୍ଷାତକାରଟି ମୋତେ ଖୁବ୍ ଛୁଇଁଛି। ପତ୍ରିକାଟି ଜନ ସମ୍ମୁଖରେ ଖୁବ୍ ଆଦରଣୀୟ ହେଉ। ଏହାର ଦୀର୍ଘଜୀବନ କାମନା କରି ସମ୍ପାଦନା ମଣ୍ଡଳୀଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି।

--- ***କ୍ଷେତ୍ରମୋହନ ସାମଲ***

(ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ)

ସାମ୍ପ୍ରତିକ ସାହିତ୍ୟ ସମାଲୋଚନା କ୍ଷେତ୍ରରେ 'ବାଗୀଶ' ଏକ ନୂତନ ସ୍ୱାଦ ନିଶ୍ଚୟ। ବିଭିନ୍ନ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶନ କରି ଏଇ ଅଳ୍ପ ସମୟ ମଧ୍ୟରେ ପତ୍ରିକା ଜଗତରେ କ୍ରାନ୍ତି ସୃଷ୍ଟି କରିଛି। ଆଶା କରାଯାଉଛି ଏଇ କ୍ରାନ୍ତି ଆଗାମୀ ସମୟ ପର୍ଯ୍ୟନ୍ତ ଚାଲୁରହିବ। ନୂଆ ନୂଆ ଅଧ୍ୟୟନ ଓ ତାର୍କିକ ଦୃଷ୍ଟିଭଙ୍ଗୀ ନେଇ ଏକ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ଆମ ଓଡ଼ିଆ ଗବେଷକମାନେ ସମାଲୋଚନା ସାହିତ୍ୟକୁ ଆଗକୁ ନିଅନ୍ତୁ ଏବଂ ଓଡ଼ିଆ ସୃଷ୍ଟି ସର୍ଜ୍ଜନାକୁ ବିଶ୍ୱ ଦରବାରରେ ପରିଚିତ କରାନ୍ତୁ।

--- ***ମନୋଜ କୁମାର ବେହେରା***

(ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ)

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ଓଡ଼ିଆ ବିଭାଗ, ନୟାଗଡ଼ ପ୍ରଜ୍ଞାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼ - ୭୫୨୦୬୯।

ସଂପାଦକୀୟ

॥ ସର୍ଜନା ଓ ସମାଲୋଚନା- 'ସାହିତ୍ୟ' ॥

ସାହିତ୍ୟର ଦୁଇଗୋଟି ଧାର - ସର୍ଜନା ଓ ସମାଲୋଚନା। ଯେକୌଣସି ଜାତୀୟ ସାହିତ୍ୟର କ୍ରମବିକାଶରୁ ଏହା ଅନୁମେୟ। ମୁଁ କହୁ ନାହିଁ ଯେ, ଏ ଦୁଇଟି ବ୍ୟତୀତ ଅନ୍ୟ କିଛି ଉପାଦାନ ସାହିତ୍ୟରେ ନାହିଁ ଅଥବା ଏ ଦୁଇଟି ହିଁ ସର୍ବୋପରି। ଏହା ବ୍ୟତୀତ ବି ସାହିତ୍ୟ ମଧ୍ୟରେ ଅନେକ କିଛି ରହିଛି। ଆଉ ଏହା ରହିବ ମଧ୍ୟ। ଆପଣ ସମସ୍ତେ ଜାଣନ୍ତି, ସାହିତ୍ୟ ପଦବାଚ୍ୟ ପ୍ରତିଟି ବିଷୟ କେବଳ ସର୍ଜନାତ୍ମକ। ମୁଁ ଏଠାରେ ଭାଷା ଦିଗଟି କଥା କହୁନାହିଁ; ସେ ଯେକୌଣସି ଭାଷାର ସାହିତ୍ୟ ହେଉନା କାହିଁକି - ସର୍ଜନା ଦିଗଟି ପ୍ରମୁଖ। କହିବାର ତାତ୍ପର୍ଯ୍ୟ, ସମସ୍ତ ଭାଷାର ସାହିତ୍ୟ ଯେ ସର୍ଜନାର ମୂଳ ଭିତ୍ତିରେ ଦଣ୍ଡାୟମାନ ଏହା ଅସ୍ୱୀକାର କରାଯାଇନପାରେ। ଏହା ଦୃଢତାର ସହ କହିବାର କାରଣ, ଆପଣମାନେ ଲକ୍ଷ୍ୟ କରିବେ ପ୍ରତିଟି ସାହିତ୍ୟ ସୃଷ୍ଟିର ମୂଳରେ ବ୍ୟକ୍ତି ଜୀବନର ଆନ୍ତରିକ ଅଭିପ୍ରେରଣା ସହ ସେହି କାଳଖଣ୍ଡର ସାମାଜିକ ଓ ସଂସ୍କୃତିକ ପରିବେଶ ସମେତ ନୈତିକ ମୂଲ୍ୟବୋଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପୁଣି ଯେଉଁ ସାହିତ୍ୟରେ ବ୍ୟକ୍ତି ବା ସ୍ରଷ୍ଟାର ଚିନ୍ତା ବା ଚିନ୍ତନଟି ମହୋତ୍ତର ଉପଲବ୍ଧି ଆଧାରିତ ହୋଇ ସର୍ବକାଳୀକ ମୂଲ୍ୟବୋଧ ଆଧାରିତ- ତାହା ଏକ ଜାତୀୟ ସାହିତ୍ୟର ପରିମାପକ ଅଥବା କାଳଗର୍ଭରେ ସମ୍ପୃକ୍ତ ଜାତିର ପରିଚୟ ଭାବେ ବିବେଚିତ।

ଆପଣମାନେ ପ୍ରଶ୍ନ କରିପାରନ୍ତି, ଏ କ୍ଷେତ୍ରରେ ସମାଲୋଚନାର ଭୂମିକା କ'ଣ? ବନ୍ଧୁଗଣ ଆପଣ ସମସ୍ତେ ଜାଣନ୍ତି, ସମାଲୋଚନା କହିଲେ ଆମେ ସମ୍ପ୍ରତି ଯାହା ବୁଝୁ ଅଥବା ଯେଉଁ ଅର୍ଥରେ ବ୍ୟବହୃତ ଅତୀତରେ ଏହା ସମକାଳର ଅନୁରୂପ ନ ଥିଲା। ଥିଲା ବିପରୀତ। ଏକ ଜାତୀୟ ସାହିତ୍ୟର ସମୃଦ୍ଧି ସକାଶେ ଏହାକୁ ପ୍ରୟୋଗ କରାଯାଉଥିଲା। ଏହି ପରିପ୍ରେକ୍ଷୀରେ ଆମେ ସଂସ୍କୃତ ସାହିତ୍ୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରିପାରିବା। ସମଗ୍ର ବିଶ୍ୱର ବିବିଧ ଭାଷା ଓ ସାହିତ୍ୟ ମଧ୍ୟରେ ସଂସ୍କୃତ ଭାଷା ଓ ସାହିତ୍ୟ ଅନନ୍ୟ। ଏହି ଭାଷାରେ ଯେତିକି ସର୍ଜନଶୀଳତା ଦର୍ଶନୀୟ ତା'ଠୁ ଅଧିକ ଏସବୁ ପାଇଁ ବ୍ୟାକରଣ ଶାସ୍ତ୍ର। ଅର୍ଥାତ୍ ସେସବୁର ସ୍ୱରୂପକୁ ବୁଝିବା ନିମନ୍ତେ ବିବିଧ ପାରିଭାଷିକ ଗ୍ରନ୍ଥ। ଯହିଁରେ କାବ୍ୟର ଆଲୋଚନା ସହ ଦୋଷଗୁଣ ମଧ୍ୟ ଆଲୋଚିତ ଓ ସମୀକ୍ଷିତ। କହିବା ଯଥାର୍ଥ ହେବ ଯେ, ସଂସ୍କୃତ ସାହିତ୍ୟକୁ ଲକ୍ଷ୍ୟ କଲେ ମନେହୁଏ- ପ୍ରଥମେ ସମାଲୋଚନା ତଦ୍‌ଉପରାନ୍ତ ସର୍ଜନା। ଫଳସ୍ୱରୂପ ଏକ ସମୃଦ୍ଧ ଓ ବହୁ ସମ୍ଭାବନାମୟ ସାହିତ୍ୟ ଅଦ୍ୟାବଧି କାଳଗର୍ଭରେ ଅମଳିନ ଭାବେ ଦଣ୍ଡାୟମାନ। ପ୍ରତିଟି ସର୍ଜନାର ପରୀକ୍ଷା ପୂର୍ବକ ଏହାର ବିବିଧ ସମ୍ଭାବନାକୁ ନିରୂପଣ କରି ଆଗାମୀ ପିଢି ପାଇଁ ନୂତନ ପଥ ପ୍ରସ୍ତୁତ କରିବା ଥିଲା ଏ ସାହିତ୍ୟର ପ୍ରମୁଖତା। ଆପଣମାନେ ଭାବୁଥିବେ ଏ ପ୍ରସଙ୍ଗର ଯୌକ୍ତିକତା କେଉଁଠି? ବନ୍ଧୁଗଣ, ଏ ପ୍ରସଙ୍ଗ ଅବତାରଣାର ଉଦ୍ଦେଶ୍ୟ ସଂକ୍ରାନ୍ତରେ କେବଳ ଏତିକି କହିବି - ସମାଲୋଚନା କେବଳ ବିଷୟବସ୍ତୁ ଭିତରେ ସୀମିତ ନ ରହି ସର୍ଜନାର ମୂଳପିଣ୍ଡକୁ ଆବିଷ୍କାର କରୁ। ଯାହା ଆଗାମୀ ପିଢିପାଇଁ ନୂତନ ଆଲୋକବର୍ତ୍ତିକା ଭାବେ କାମ କରିବ। କିନ୍ତୁ, ବିଡମ୍ବନା - ସମ୍ପ୍ରତି ଆମେ ଏ କ୍ଷେତ୍ରରେ ଦରିଦ୍ର।

ସୁଧୀଜନେ, ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି। ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ବବ୍ରୁବାହନ ମହାପାତ୍ର ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି।

ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ତୃତୀୟ ବର୍ଷ ତୃତୀୟ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଏଇ ସଂଖ୍ୟାରେ

@TABLE OF CONTENT



ପ୍ରଚ୍ଛଦ : ବିକେଶ ସାହୁ

[ପ୍ରଚ୍ଛଦରେ ସ୍ଥାନିତ ହୋଇଛି ଓଡ଼ିଶାରେ ପ୍ରଚଳିତ ଲୋକ କଳାମାନଙ୍କ ମଧ୍ୟରେ ବହୁ ପରିଚିତ ଓ ଅଗ୍ରଣୀ ପାରମ୍ପରିକ ଲୋକନାଟକ 'ଘୋଡ଼ା ନାଚ'ର ଏକ ଦୃଶ୍ୟ। ଯହିଁରେ ଗାୟକ ଗୀତ ବୋଲୁଛନ୍ତି।]

ଗବେଷଣା ନିବନ୍ଧ

୦୯ ॥ ବିଚିତ୍ର ରାମାୟଣ ବନାମ୍ କୃତ୍ତିବାସ ରାମାୟଣ: ଏକ ତୁଳନାତ୍ମକ ବିଚାର
:: ହିତେଶ ବେହେରା

୧୮ ॥ ଜାତୀୟ ଜୀବନରେ ଜଗନ୍ନାଥ ଚେତନାର ଅବାଧ ପ୍ରବେଶୀକରଣର ବିଭିନ୍ନ ଦିଗ: ସଦୃଷ୍ଟାନ୍ତ ବିମର୍ଶ :: ପ୍ରୀତମ୍ ରାଉତ

୨୨ ॥ ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଦାଦନ ଶ୍ରମିକର ସ୍ୱର
:: ଦମୟନ୍ତୀ ଜେନା

୨୭ ॥ ଓଡ଼ିଆ ସାହିତ୍ୟରେ 'ମାହାତ୍ମ୍ୟ'
:: ଅନୁରାଧା ପାତ୍ର

୩୫ ॥ ଓଡ଼ିଆ ଆତ୍ମଚରିତର ଦିଗ ବିଦିଗ
:: ଡ. ରବୀନ୍ଦ୍ର କୁମାର ପଣ୍ଡା

ସମାଲୋଚନା : ବିବିଧ ଚର୍ଚ୍ଚା

୪୦ ॥ ପଲ୍ଲୀ ଓ ପ୍ରେମର ଅନନ୍ୟ କାବ୍ୟ ପ୍ରତିଭା: ଦେବୀ ବିଦ୍ୟୁତ୍‌ପ୍ରଭା
:: ପ୍ରଫେସର ବବ୍ରୁବାହନ ମହାପାତ୍ର

ସମାଲୋଚନା : ନୂଆ ଫର୍ଦ୍ଦ

୪୨ ॥ ଭାରତୀୟ ଲୌକିକ ଜ୍ଞାନପରମ୍ପରା ପରିପ୍ରେକ୍ଷୀରେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବିତା: ଏକ ଦୃଷ୍ଟିପାତ :: ଡ. ରବୀନ୍ଦ୍ର କୁମାର ଦାସ

ସମାଲୋଚନା : ପ୍ରସଙ୍ଗ ନାରୀ

୪୮ ॥ ଆଶାର ନଦୀରେ ବେଦନାର ଭାର: ଓଡ଼ିଆ ଉପନ୍ୟାସର ପ୍ରମୁଖ ନାରୀ ଚରିତ୍ର
:: ବିଜୟଲକ୍ଷ୍ମୀ ଦାଶ

ବାଗୀଶ ବରେଣ୍ୟ

୫୨ ॥ ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର

ବହିକଥା

୫୫ ॥ ଡ. ଦିଲୀପ କୁମାର ସ୍ୱାଇଁଙ୍କ 'ଆଧୁନିକ ଓଡ଼ିଆ କବିତା'

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ବିଚିତ୍ର ରାମାୟଣ ବନାମ୍ କୃତ୍ତିବାସ ରାମାୟଣ: ଏକ ତୁଳନାତ୍ମକ ବିଚାର

ହିତେଶ ବେହେରା
ଗବେଷକ, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

RECEIVED : 10 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI: 10.70541/BAGEESHA/2025030301

Article No. BM2025/03-A001
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ସାରାଂଶ

ଭାରତ ତଥା ସମଗ୍ର ଏସିଆ ଭୂଖଣ୍ଡରେ ରାମାୟଣ ମହାକାବ୍ୟ ଏକ ଶ୍ରେଷ୍ଠତମ କାଳଜୟୀ ସୃଷ୍ଟି। ଏକ ମହତ୍ତର ମୂଲ୍ୟବୋଧଯୁକ୍ତ କାବ୍ୟ ଭାବରେ ଏହା ସବୁ ସମୟରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଆସିଛି। ଏହି ରାମାୟଣ ମହାକାବ୍ୟର ସ୍ରଷ୍ଟା ହେଉଛନ୍ତି ମହାମୁନି ବାଲ୍ମୀକି। ତାଙ୍କରି ଏଇ ମୂଳକାବ୍ୟ ଅନୁସାରୀ ଅଞ୍ଚଳ ଭେଦରେ କବି ଓ ଲେଖକମାନେ ସ୍ଥାନ, କାଳ ଓ ପାତ୍ରକୁ ଆଧାର କରି ରାମାୟଣ ରଚନା କରିଛନ୍ତି। ଏଇ ପରିପ୍ରେକ୍ଷୀରେ ବଙ୍ଗଳା କବି କୃତ୍ତିବାସଙ୍କ ରାମାୟଣ ଏବଂ ଓଡ଼ିଆରେ ରଚିତ ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ'ର ତୁଳନାତ୍ମକ ବିଚାର କରାଯାଇଛି। ଏଥିରେ ଉଭୟ ରାମାୟଣରେ ଦୁଇ କବିଙ୍କ ମୌଳିକତା ସଂପର୍କରେ ଚର୍ଚ୍ଚା କରାଯିବା ସହ ଦୁଇ ରାମାୟଣ ମଧ୍ୟରେ କ'ଣ କ'ଣ ବୈଷମ୍ୟ ରହିଛି, କିପରି ସାମାଜିକ ପ୍ରଭାବ ପଡିଛି ସେ ସଂପର୍କରେ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଦେଇ ବିଶ୍ଳେଷଣ କରାଯାଇଛି।

ମୂଳଶବ୍ଦ: ରାମାୟଣ, ବଙ୍ଗଳା, ଓଡ଼ିଆ, ସାହିତ୍ୟ, ସଂସ୍କୃତି, ଓଡିଶା ଓ ସମାଜ, ତୁଳନାତ୍ମକ ବିଚାର, ବିଚିତ୍ର ରାମାୟଣ, କୃତ୍ତିବାସ ରାମାୟଣ।

ଉପକ୍ରମ: ଭାରତୀୟ ସଂସ୍କୃତିର ଦୁଇ ମହାକାବ୍ୟ ମଧ୍ୟରୁ ରାମାୟଣ ହେଉଛି ଅନ୍ୟତମ। ଏଇ ରାମାୟଣ ହିଁ ଭାରତର ପ୍ରଥମ ମହାକାବ୍ୟ। ଭାରତୀୟ ସଂସ୍କୃତି, ମୂଲ୍ୟବୋଧ ଓ ଆଦର୍ଶକୁ ଧାରଣ କରୁଥିବା ରାମାୟଣ ହେଉଛି ସମଗ୍ର ଭାରତ ଭୂଖଣ୍ଡର ଜୀବନ ବେଦ। ରାମାୟଣ ବ୍ୟକ୍ତି ଚେତନାର କଥା କୁହେ ନାହିଁ ବରଂ ସମୂହ ଚେତନାର କଥା କହେ। ପ୍ରତିଟି ଭାରତୀୟଙ୍କ ଅନ୍ତର୍ମନର ଭାବନା ଓ ବିଚାରକୁ ବଖାଣି ବସେ ରାମାୟଣ। ଏଇ ପବିତ୍ର ମହାକାବ୍ୟ ହିଁ ଆମ ଚେତନାର ପ୍ରାଣ ସଞ୍ଚାରକ, ନବ ନବ ଭାବନାର ବାହକ ଏବଂ ପ୍ରେରଣା ତଥା ଉତ୍ସାହର ଶ୍ରେଷ୍ଠ କାରକ। ଏହା ଆମ ଗର୍ବ ଓ ଗୌରବର ପବିତ୍ର ସ୍ମାରକୀ। ରାମାୟଣ କେବଳ ଆମ ଭାରତ ଭୂଖଣ୍ଡରେ ସୀମିତ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରଚାରିତ ଓ ପ୍ରସାରିତ। ଏହାର ବ୍ୟାପ୍ତିର ତରଙ୍ଗ ବିଶ୍ୱ ଆଡକୁ ପ୍ରବାହିତ। ଏହା ଆମ ଆଶା, ବିଶ୍ୱାସ, ଭାବନା, ମୂଲ୍ୟବୋଧ ଓ ସଭ୍ୟତାର ଏକ ସମୁଜ୍ଜ୍ୱଳ ପ୍ରତୀକ। ରାମାୟଣ ପଠନ କିମ୍ବା ଶ୍ରବଣ ଦ୍ୱାରା ଆମ ଭାବନା ଓ ଚେତନା ଆଲୋକରୁ ଅନ୍ଧାରକୁ, ଭୋଗରୁ ତ୍ୟାଗକୁ, ଘୃଣାରୁ ପ୍ରେମକୁ, ପାପରୁ ପୂଣ୍ୟକୁ, ଶୂନ୍ୟରୁ ପୂର୍ଣ୍ଣ ଆଡକୁ ଗତିଶୀଳ ହୁଏ।[୧]

ବିଷୟର ଆଲୋଚନା: ଦୁଇଟି ସାହିତ୍ୟ ମଧ୍ୟରେ ତୁଳନା କରିବା କଥା ଯେତେବେଳେ ଆମ ବିଚାରକୁ ଆସେ, ସେତେବେଳେ ଆମେ ଦୁଇ ସାହିତ୍ୟର ଅନ୍ତଃସ୍ୱର ଓ ଅନ୍ତର୍ସତ୍ୟ ସହିତ ଯୋଡି ହେଉ। ଏଇ ତୁଳନା ସାଧାରଣତଃ ଦୁଇଟି ଭିନ୍ନ ସଂସ୍କୃତି, ଭିନ୍ନ ପ୍ରଦେଶ, ଭିନ୍ନ ଭାଷା, ଭିନ୍ନ ସମୟ ଓ ଭିନ୍ନ ଶୈଳୀ ସହ ତୁଳନା କରାଯାଇଥାଏ। ତୁଳନା କରିବା ଦ୍ୱାରା ଅନ୍ୟ ପ୍ରଦେଶର ଚାଲି ଚଳଣି ଓ ସଂସ୍କୃତି ସମ୍ବନ୍ଧରେ ପରିଚିତ ହେବା ସଙ୍ଗେ ସଙ୍ଗେ ନିଜ ଦେଶର ବା ପ୍ରଦେଶର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ସଂସ୍କୃତି ସହ ଯୋଡିଦେବା। ଏହି ତୁଳନାତ୍ମକ ଅଧ୍ୟୟନ ବିଭିନ୍ନତା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଏକତାର ଉପାଦାନମାନ ନିରୂପଣ କରିବା ହିଁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଏକ ମୌଳିକ ଉଦ୍ଦେଶ୍ୟ ଓ ଅଭିପ୍ରାୟ।[୨] ଏଇ ପରିପ୍ରେକ୍ଷୀରେ ବଙ୍ଗଳା ସାହିତ୍ୟରେ ପଞ୍ଚଦଶ ଶତାବ୍ଦୀର ବିଶିଷ୍ଟ ଲେଖକ କୃତ୍ତିବାସ ଓଝାଙ୍କ 'କୃତ୍ତିବାସ ରାମାୟଣ' ଏବଂ

BM2025/03-A001
ABSTRACT
VOL NO 03 ISSUE NO 03

ଓଡିଆ ସାହିତ୍ୟର ରୀତିଯୁଗୀୟ କବି ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ'ର ତୁଳନାତ୍ମକ ଅଧ୍ୟୟନ କରିବା ସମୀଚୀନ। ଏ ଦୁଇ କାବ୍ୟରେ ନିହିତ ଥିବା ଏକାତ୍ମବୋଧତା, ସାଦୃଶ୍ୟ, ବୈସାଦୃଶ୍ୟ ଓ ପ୍ରଭାବକୁ ଆକଳନ କରିବା ଏ ପ୍ରବନ୍ଧର ମୌଳିକ ଉଦ୍ଦେଶ୍ୟ। ଏ ଦୁଇଟି କାବ୍ୟ ସମ୍ପର୍କରେ ଚର୍ଚ୍ଚା କରିବା ପୂର୍ବରୁ ଦୁଇଜଣ ସ୍ରଷ୍ଟାଙ୍କ ସମ୍ବନ୍ଧରେ କିଞ୍ଚିତ ସୂଚନା ଦେବା ଉଚିତ୍ ମନେହୁଏ। ବିଚିତ୍ର ରାମାୟଣର ସ୍ରଷ୍ଟା ବିଶ୍ୱନାଥ ଖୁଣ୍ଟିଆ ଥିଲେ ରୀତି ଯୁଗର ବରେଣ୍ୟ ସ୍ରଷ୍ଟା ଉପେନ୍ଦ୍ର ଭଞ୍ଜ ତଥା ଦୀନକୃଷ୍ଣ ଦାସଙ୍କ ସମସାମୟିକ କାବ୍ୟକାର। ସେ ପୁରୀର ବାସିନ୍ଦା ଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସମୟରେ 'ବିଚିତ୍ର ରାମାୟଣ' ରଚନା କରିଥିଲେ। ଏଥିରେ ବିଶି ନାମରେ ଭଣିତା କରିଥିବା ହେତୁ ଏହା ବିଶି ରାମାୟଣ ନାମରେ ମଧ୍ୟ ପରିଚିତ। ଏଥିରେ କେତେକ ସ୍ଥଳରେ ବିକ୍ରମ ନରେନ୍ଦ୍ର, ଗୋପୀନାଥ ଓ ପଦ୍ମନାଭ ନାମରେ ଭଣିତା ହୋଇଛି।[୩] ସେହିପରି କୃତ୍ତିବାସ ଓଝା ମଧ୍ୟ ପଞ୍ଚଦଶ ଶତାବ୍ଦୀର ଜଣେ ଯଶସ୍ୱୀ ଲେଖକ ଥିଲେ। ୧୪୪୬ ମାଘ ପଞ୍ଚମୀରେ ପୂର୍ବ ବଙ୍ଗଳାର ଫୁଲିଆ ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଆବିର୍ଭାବ ହୋଇଥିଲେ। ତାଙ୍କ ପିତାଙ୍କ ନାମ ଥିଲା ବନମାଳୀ ଓଝା। ସେ ଗୌଡ ରାଜାଙ୍କ ପରାମର୍ଶ ଓ ଅନୁରୋଧ କ୍ରମେ ରାମାୟଣ ରଚନା କରିଥିବାର ପ୍ରମାଣ ମିଳେ। ପରବର୍ତ୍ତୀ ସମୟରେ କୃତ୍ତିବାସଙ୍କ ଦ୍ୱାରା ରଚିତ ରାମାୟଣକୁ ବଙ୍ଗୀୟ ସାହିତ୍ୟ ପରିଷଦ ପୁନରୁଦ୍ଧାର କରି ସମ୍ପାଦନା କରିଥିଲେ।[୪] ଉଭୟ ରାମାୟଣକୁ ତୁଳନା କଲେ ନିମ୍ନ ପ୍ରକାରରେ ବିଶ୍ଳେଷଣ କରାଯାଇପାରିବ –

୧) ସାଦୃଶ୍ୟ: ଉଭୟ ବଙ୍ଗଳା ଓ ଓଡ଼ିଆ ରାମାୟଣ ଯେହେତୁ ମୂଳ ବାଲ୍ମୀକି ରାମାୟଣର ଅନୁସୃଜନରେ ରଚିତ, ତେଣୁ ସାଦୃଶ୍ୟ ରହିବା କିଛି ଅସ୍ୱାଭାବିକ ଘଟଣା ନୁହଁ। ସେହି କାରଣରୁ ସାଦୃଶ୍ୟ ଉଲ୍ଲେଖ କରିବା ଅଯଥାର୍ଥ ମନେହୁଏ। ମୂଳ ରାମାୟଣ ଅନୁସାରେ ଉଭୟ ରାମାୟଣର ବିଷୟବସ୍ତୁ ସମାନ ରହିଛି। ପ୍ରତ୍ୟେକ ଅଧ୍ୟାୟ ଓ କାଣ୍ଡ ଶେଷରେ ଭଣିତାମାନ ମଧ୍ୟ ରହିଛି। ବିଷୟବସ୍ତୁରେ ସମାନତା ପରିଲକ୍ଷିତ ହେଲେ ହେଁ ଉଭୟ ରାମାୟଣର କିଛି ପରିମାଣରେ ଆଙ୍ଗିକ ଓ ଆତ୍ମିକ ଦିଗରେ ପରିବର୍ତ୍ତନ ଘଟିଛି।

୨) ବୈସାଦୃଶ୍ୟ: ବିଶ୍ୱନାଥ ଖୁଣ୍ଟିଆ ଓ କୃତ୍ତିବାସ ଓଝାକୃତ ରାମାୟଣରେ ଅନେକାଂଶରେ ବୈଷମ୍ୟ ପରିଲକ୍ଷିତ ହୁଏ, ତାହା ନିମ୍ନରେ ପ୍ରଦାନ କରାଗଲା ।

କ) ବିଷୟଗତ ବୈଷମ୍ୟ: ବଙ୍ଗଳାର କୃତ୍ତିବାସ ରାମାୟଣ ଓ ବିଚିତ୍ର ରାମାୟଣର ସାତଟିଯାକ କାଣ୍ଡରେ ଭିନ୍ନତା ପରିଲକ୍ଷିତ ହୁଏ। ପ୍ରଥମ କଥା ବଙ୍ଗଳା ରାମାୟଣର ରଚନା କାଳ ହେଉଛି ପଞ୍ଚଦଶ ଶତାବ୍ଦୀ; ମାତ୍ର ବିଚିତ୍ର ରାମାୟଣର ସର୍ଜନା ସମୟ ହେଉଛି ସପ୍ତଦଶ ଶତାବ୍ଦୀ। ତଳେ ବିଭିନ୍ନ କାଣ୍ଡମାନଙ୍କରେ ଉଭୟ ରାମାୟଣରେ ଯେଉଁ ଅସମାନତା ରହିଛି ତାହାକୁ ବିଶ୍ଳେଷଣ କରାଗଲା।

-**ଆଦିକାଣ୍ଡରେ**: ବିଶ୍ୱନାଥଙ୍କ ରାମାୟଣର ମଙ୍ଗଳାଚରଣରେ ଗଣେଶ, ସର୍ବଦେବଦେବୀ, ବିଷ୍ଣୁ, ସରସ୍ୱତୀ, କଟକଚଣ୍ଡୀ, ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଓ ବାଲ୍ମୀକି ଆଦିଙ୍କୁ ବନ୍ଦନା କରିଛନ୍ତି। କିନ୍ତୁ ବଙ୍ଗଳା ରାମାୟଣ ବାଲ୍ମୀକିଙ୍କ ବନ୍ଦନା ଓ ତାଙ୍କ ଚରିତର ବର୍ଣ୍ଣନା ରହିଛି। ସୀତା ଜନ୍ମ ରହସ୍ୟ ଓ ବେଦମତୀ ପ୍ରସଙ୍ଗ ମଧ୍ୟ ବଙ୍ଗଳା ରାମାୟଣରେ ଉପଲବ୍ଧ ନାହିଁ। ଯାହା ବିଚିତ୍ର ରାମାୟଣରେ ଉପଲବ୍ଧ। ବଙ୍ଗଳା ରାମାୟଣରେ ଶ୍ରବଣ କୁମାର ପ୍ରସଙ୍ଗ ରହିଛି; ମାତ୍ର ଶ୍ରବଣ କୁମାର ବୋଲି ନାମୋଲ୍ଲେଖ ନାହିଁ ତା' ସ୍ଥାନରେ ଅନ୍ଧମୁନିର ପୁଅଙ୍କ ନାମ ସିନ୍ଧୁ ବୋଲି ଉଲ୍ଲିଖିତ। ଏ ବିଷୟ ବିଚିତ୍ର ରାମାୟଣରେ ସମ୍ପୂର୍ଣ୍ଣ ଉତକ୍ଷିପ୍ତ ହୋଇଛି। ବିଶି ବା ବଙ୍ଗଳା ରାମାୟଣରେ କୃତ୍ତିବାସ ବାରଜଣ ବେଶ୍ୟାଙ୍କ ଦ୍ୱାରା ବିଭାଣ୍ଡକ ପୁତ୍ର ଋଷ୍ୟଶୃଙ୍ଗଙ୍କୁ ଅଙ୍ଗ ରାଜ୍ୟକୁ ନେଇଆସିଛନ୍ତି। ମାତ୍ର ବିଶ୍ୱନାଥ ଖୁଣ୍ଟିଆ ତାଙ୍କ ଜନ୍ମଚରିତ ବର୍ଣ୍ଣନା କରିଛନ୍ତି। ଏଠାରେ ଋଷ୍ୟଶୃଙ୍ଗଙ୍କୁ ଆଣିବା ବେଳେ ବାରଜଣ ବେଶ୍ୟାଙ୍କ ସମେତ ଜରତା ନାମ୍ନୀ ବେଶ୍ୟା ଯାଇ ଋଷିପୁତ୍ରଙ୍କୁ ଆଣିଛନ୍ତି। ମୁନି ଆସିବା ସଙ୍ଗେ ସଙ୍ଗେ ଅଙ୍ଗ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହୋଇଛି- "ମୁନି ଆସନ୍ତେଣ ବୃଷ୍ଟି କଲା ଆଖଣ୍ଡଳ/ ବୋଲେ ଗୋପୀ ଜନପ୍ରଜା ଆନନ୍ଦ ସକଳ।"[୫]

ସେହିପରି ଏଇ କାଣ୍ଡରେ ପର୍ଶୁରାମ ଓ ବିଶ୍ୱାମିତ୍ରଙ୍କ ଜନ୍ମ ଚରିତ ବର୍ଣ୍ଣନା କରିବାବେଳେ ରାଜପୁତ୍ର କିପରି ଋଷିପୁତ୍ର ଏବଂ ଋଷିପୁତ୍ର କିପରି ରାଜପୁତ୍ର ହେଲେ ତାହା ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଏ ଜନ୍ମ ପ୍ରସଙ୍ଗ ବଙ୍ଗଳା ରାମାୟଣରେ ମିଳେ ନାହିଁ। ସେପରି ସୀତା ସ୍ୱୟମ୍ବରରେ ଲଙ୍କାପତି ରାବଣ ବିଦ୍ୟମାନ ଥିବା କଥା ଉଭୟ ରାମାୟଣରେ ରହିଛି। କିନ୍ତୁ ବିଚିତ୍ର ରାମାୟଣରେ ରାବଣ କେବଳ ନୀରବ ଦର୍ଶକର ଭୂମିକା ଲିଭାଇଛନ୍ତି ଏବଂ ଧନୁଭଙ୍ଗ କରିବାକୁ ଯାଇନାହାନ୍ତି। ଅଥଚ ବଙ୍ଗଳା ରାମାୟଣରେ ରାବଣ ସ୍ୱୟମ୍ବର ସଭାକୁ ଯାଇ ଜନକଙ୍କୁ ଆହ୍ୱାନ କରି ଧନୁଭଙ୍ଗ କରିବାର ପ୍ରଚେଷ୍ଟା କରିଛି; କିନ୍ତୁ ବିଫଳ ହୋଇ ବାଳକାଦିଙ୍କ ଦ୍ୱାରା ଉପହାସର ପାତ୍ର ସାଜିଛନ୍ତି।[୬]

ଅରଣ୍ୟ କାଣ୍ଡର ବଙ୍ଗଳା ରାମାୟଣରେ ଜଟାୟୁର ମର ଶରୀରକୁ ଦାହ ସଂସ୍କାର କଲାପରେ ସମାପ୍ତି ଘଟିଛି। ମାତ୍ର ବିଶି ରାମାୟଣରେ କବନ୍ଧ ରାକ୍ଷସର ବଧ, ତା ପରେ ରାମ ଲକ୍ଷ୍ମଣଙ୍କ ଶବର ପଲ୍ଲୀ ଗମନ, ସେଠାରେ ପ୍ରତୀକ୍ଷାରତା ମାତଙ୍ଗ ମୁନିଙ୍କ ଶିଷ୍ୟା ଶବରୀ ତାଙ୍କୁ ସୁଗ୍ରୀବଙ୍କ ବାସସ୍ଥାନ ସମ୍ପର୍କରେ ସୂଚନା ପ୍ରଦାନ କରି ସ୍ୱର୍ଗକୁ ଯାତ୍ରା କରିବାରେ ସମାପ୍ତି ଘଟିଛି।[୭] ଶବର ପଲ୍ଲୀ ବର୍ଣ୍ଣନା କୃତ୍ତିବାସଙ୍କ କୃତିରେ ଦେଖାଯାଏ ନାହିଁ କାରଣ ଶବର ଜନଜାତିର ଲୋକେ କେବଳ ଓଡ଼ିଶା ବ୍ୟତୀତ ଅନ୍ୟ କେଉଁ ସ୍ଥାନରେ ବସବାସ କରୁଥିବାର ଏଯାବତ୍ ପ୍ରମାଣ ମିଳିନାହିଁ। ଏହି କାରଣରୁ କୃତ୍ତିବାସ ତାଙ୍କ ରାମାୟଣରେ ଶବରୀ ପ୍ରସଙ୍ଗ ଉଲ୍ଲେଖ କରି ନ ଥାଇପାରନ୍ତି । କିଷ୍କିନ୍ଧ୍ୟା କାଣ୍ଡରେ ଲକ୍ଷ୍ମଣଙ୍କ ପମ୍ପା ସରୋବରରେ ଚକ୍ରବାକ ଦମ୍ପତ୍ତିକୁ ଅଭିଶାପ ଦେବା, ତାଙ୍କୁ କ୍ଷୀର ଦେବାକୁ ମନା କରିଥିବା ଗୋପାଳଙ୍କୁ ରକ୍ତ ଦୁହଁ ବୋଲି କହିବା, ସୁଗ୍ରୀବ ରାଜା ହେବାପରେ ବର୍ଷା ସମୟ ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରିବା କଥା ବିଚିତ୍ର ରାମାୟଣରେ ରହିଛି, ଅଥଚ ବଙ୍ଗଳା ରାମାୟଣରେ ଏହା ଉପଲବ୍ଧ ନାହିଁ। ସୁନ୍ଦରାକାଣ୍ଡରେ ଦେବରାଜ ଇନ୍ଦ୍ରଙ୍କ ପୁତ୍ର

DOI: 10.70541/BAGEESHA/2025030301

VOL NO 03 ISSUE NO 03

ସୀତାଙ୍କ ଯୌବନରେ ମୋହିତ ହୋଇ କାକ ବେଶରେ ଆସି ତାଙ୍କୁ କ୍ଷତାକ୍ତ କରିବାରୁ ରାମଚନ୍ଦ୍ର କୁଶରେ ବ୍ରହ୍ମମନ୍ତ୍ର ପ୍ରୟୋଗ କରି ନିକ୍ଷେପ କଲେ। ଇନ୍ଦ୍ରପୁତ୍ର କୋଉଠି ମଧ୍ୟ ଆଶ୍ରୟ ପାଇଲେ ନାହିଁ, ଶେଷରେ ଆସି ରାମଙ୍କ ପାଦରେ ଶରଣ ପଶିଲେ। ଏ ବୃତ୍ତାନ୍ତ ବଙ୍ଗଳା ରାମାୟଣରେ ଦେଖିବାକୁ ମିଳେ ନାହିଁ। ଉତ୍ତରା କାଣ୍ଡରେ ରାବଣ ଜନ୍ମ କଥା, ହନୁମାନ ଜନ୍ମ ପ୍ରସଙ୍ଗ, ନୃଗ ନିମି ଉପାଖ୍ୟାନ, ଯଯାତି ଉପାଖ୍ୟାନ, ଚ୍ୟବନ ଋଷିଙ୍କ ସହ ରାମଙ୍କ କଥୋପକଥନ, ଲବଣାସୁର ବଧ ତଥା ରାମଙ୍କ ଦ୍ୱାରା ବ୍ରାହ୍ମଣ ପୁତ୍ରର ଜୀବଦାନ ଆଦି ପ୍ରସଙ୍ଗ ବିଚିତ୍ର ରାମାୟଣରେ ବର୍ଣ୍ଣିତ ହୋଇଛି, ମାତ୍ର କୃତ୍ତିବାସ ରାମାୟଣରେ ଏ ପ୍ରସଙ୍ଗ ସମ୍ପୂର୍ଣ୍ଣ ତିରୋହିତ।

ଖ) ଚରିତ୍ରଗତ ବୈସାଦୃଶ୍ୟ: ଉଭୟ ରାମାୟଣ ମଧ୍ୟରେ ବିଷୟଗତ ପାର୍ଥକ୍ୟ ଦେଖାଯିବା ସହ ଚରିତ୍ରଗତ ଅସାମଞ୍ଜସ୍ୟ ମଧ୍ୟ ପରିଲକ୍ଷିତ ହୋଇଛି। କେତେକ ଚରିତ୍ରକୁ ଛାଡିଦେଲେ ଅନ୍ୟସବୁ ଚରିତ୍ରରେ ପରିବର୍ତ୍ତନ ଘଟି ନାହିଁ। ସେଇ ପରିବର୍ତ୍ତିତ ଚରିତ୍ର ଅଥବା ଦୁଇ ରାମାୟଣରେ ବୈଷମ୍ୟ ଚରିତ୍ରମାନଙ୍କୁ ଆଲୋଚନା କରାଯାଇପାରେ।

ଦଶରଥ: ମୂଳ ରାମାୟଣ ଅନୁସାରେ ଅଯୋଧ୍ୟାର ରାଜା ଦଶରଥ ଜଣେ ପ୍ରଜାବତ୍ସଳ ଓ ପୁତ୍ରବତ୍ସଳ ରାଜା ଭାବରେ ବର୍ଣ୍ଣିତ। କିନ୍ତୁ ଆଲୋଚ୍ୟ ଉଭୟ ରାମାୟଣରେ ରାଜା ଦଶରଥ ସାମାନ୍ୟ ପରିବର୍ତ୍ତନ ହୋଇଛନ୍ତି। କୃତ୍ତିବାସ ରାମାୟଣରେ ରାଜା ଦଶରଥ ଜଣେ ଶକ୍ତିଶାଳୀ ବୀର ପୁରୁଷ। ତାଙ୍କ ବୀରତ୍ୱ ଆଗରେ ଦେବତା, ଗନ୍ଧର୍ବ ଓ ରାକ୍ଷସଗଣ ଥରହର ହୋଇଛନ୍ତି। ରାଜା ସାତଶହ ପଚାଶ ରାଣୀଙ୍କୁ ବିବାହ କରିଛନ୍ତି। ତାହାର କାରଣରେ ପୁତ୍ରପ୍ରାପ୍ତି ନିମିତ୍ତ ବହୁ ରାଣୀଙ୍କୁ ବିବାହ କରିଥିବା କଥା କହିଛନ୍ତି। କାରଣ କୁଳ ରକ୍ଷା କରିବା ରାଜା ବା ଜଣେ ପିତାର ପରମ କର୍ତ୍ତବ୍ୟ। କିନ୍ତୁ ବିଶ୍ୱନାଥ ଖୁଣ୍ଟିଆଙ୍କ ଦଶରଥ ତିନିଶହ ପଚାଶ ରାଣୀଙ୍କୁ ବିବାହ କରିଛନ୍ତି, କିନ୍ତୁ ଏହାର କାରଣ ସମ୍ପର୍କରେ ସେ ନୀରବ ରହିଛନ୍ତି।[୮] ବି. ରାମାୟଣର ରାଜା ଦଶରଥ ସନ୍ତାନ ପ୍ରାପ୍ତି ହେବା କଥା ମୁନିମାନଙ୍କ ନିକଟରୁ ଶୁଣିବା ପରେ ଋଷ୍ୟଶୃଙ୍ଗଙ୍କୁ ନିମନ୍ତ୍ରଣ କରି ଯଜ୍ଞର ଆୟୋଜନ କରିଛନ୍ତି। ମାତ୍ର ବଙ୍ଗଳା ରାମାୟଣର ଦଶରଥ ପୁତ୍ର ହେବାକଥା ଶୁଣିଛନ୍ତି ଅନ୍ଧମୁନିଙ୍କ ନିକଟରୁ ଅଭିଶାପ ପାଇବା ପରେ। ଏଥିରେ ବ୍ୟତିକ୍ରମ ଘଟିଛି। ସେ ଅନ୍ଧମୁନିଙ୍କ ପୁଅକୁ ମୃଗ ଜ୍ଞାନ କରି ବଧ କରିବା ପରେ ଶାପିତ ହୋଇଛନ୍ତି ଯେ, ସେ ମଧ୍ୟ ତାଙ୍କ ପରି ପୁତ୍ର ବିରହଜନିତ ଯନ୍ତ୍ରଣାରେ ଜର୍ଜରିତ ହୋଇ ମୃତ୍ୟୁକୁ ପ୍ରାପ୍ତ ହେବେ। ଆଶ୍ଚର୍ଯ୍ୟର କଥା ଯେ ରାଜା ଦଶରଥ ଅଭିଶାପ ପାଇ ଦୁଃଖୀ ହେବା ପରିବର୍ତ୍ତେ ଅଧିକ ଆନନ୍ଦିତ ହୋଇଛନ୍ତି।[୯] ସେ ସେତେବେଳେ ଅଭିଶପ୍ତ ଜୀବନକୁ ସମ୍ପୂର୍ଣ୍ଣ ଭୁଲିଯାଇ କେବଳ ପୁତ୍ର ପ୍ରାପ୍ତି ହେବାର ଯେଉଁ ସବୁଜ ସଙ୍କେତ ପାଇଛନ୍ତି ସେଥିରେ ସେ ବିଭୋର ହୋଇଉଠିଛନ୍ତି। ବହୁ ବର୍ଷରୁ ପୁତ୍ର ସ୍ନେହରୁ ବଞ୍ଚିତ ଥିବା ଜଣେ ପିତା ପୁତ୍ର ଲାଭ କରିବାର ସୂଚନା ମିଳିବା ପରେ ତାଙ୍କ ଭିତରେ ଯେଉଁ ମଧୁର ସ୍ପନ୍ଦନ ଶିହରିତ ହୋଇଛି ତାହା କମ୍ ଆନନ୍ଦଦାୟକର କଥା ନୁହେଁ। ମାତ୍ର ଓଡିଆ ରାମାୟଣର ଦଶରଥ କୃତ୍ତିବାସଙ୍କ ଦଶରଥ ପରି ସେତିକି ପରାକ୍ରମୀ ନୁହଁନ୍ତି କିମ୍ବା ପାଠକକୁ ପ୍ରଭାବିତ କଲା ଭଳି ସେତେ ପ୍ରଭାବଶାଳୀ ଚରିତ୍ର ହୋଇପାରି ନାହାନ୍ତି ।

ସୀତା: ରାମାୟଣରେ ସୀତା ହେଉଛନ୍ତି ଜଣେ ଧର୍ମପରାୟଣା ପତିବ୍ରତା ନାରୀ। ତାଙ୍କର ସବୁ ଧର୍ମ, କର୍ମ ପତି ସେବାରେ ନ୍ୟସ୍ତ ହୋଇଛି। ସୁକୁଳର କନ୍ୟା ଓ ସୁକୁଳର ପୁତ୍ରବଧୂ ତଥା ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ବନିତା ରୂପେ ସର୍ବବିଦିତ। ବଙ୍ଗଳା ରାମାୟଣରେ ମାତା ସୀତା ରାମଚନ୍ଦ୍ରଙ୍କ ଜନ୍ମର ସାତବର୍ଷ ଉତ୍ତାରେ ଜନ୍ମ ହୋଇଥିବା କଥା ଉଲ୍ଲିଖିତ। ଏ ସୀତା ହେଉଛନ୍ତି ମା ଲକ୍ଷ୍ମୀଙ୍କ ପରବର୍ତ୍ତୀ ଏକ ପ୍ରରୂପ, ଯଥା –"ସାତ୍ ବତ୍ସରେର୍ ରାମ୍ ଅୟୋଧ୍ୟା ନଗରେ / ଲକ୍ଷ୍ମୀ ହୋଥା ଜନ୍ମିଲେନ୍ ଜନକେର୍ ଘରେ।"[୧୦]

ଓଡ଼ିଆ ରାମାୟଣର ମା' ସୀତାଦେବୀ ଲକ୍ଷ୍ମୀ ନୁହଁନ୍ତି । ଦଶାନନ ରାବଣ କୁଶଧ୍ୱଜଙ୍କ କନ୍ୟା ବେଦମତୀକୁ ଧର୍ଷଣ କରିବାର ପ୍ରଚେଷ୍ଟା କରିବାରୁ, ବେଦମତୀ କ୍ରୋଧରେ ମୋ ଦ୍ୱାରା ହିଁ ତୋର ବିନାଶ ହେବ ବୋଲି ଅଭିଶାପ ଦେଇ ଆତ୍ମାହୁତି ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଏଇ ବେଦମତୀ ହିଁ ସୀତା ଭାବରେ ଅଧିଷ୍ଠିତା। ଏ ରାମାୟଣର ସୀତା ରାଜକନ୍ୟା କି ରାଜବଧୂ ନୁହେଁ, ସେ ଜଣେ ସାଧାରଣ ନାରୀ ରୂପରେ ଅବତୀର୍ଣ୍ଣା। ଯେତେବେଳେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି, ମାର୍ଗରେ ପର୍ଶୁରାମଙ୍କ ସହ ଦେଖାହୋଇଛି। ପର୍ଶୁରାମ ରାମଚନ୍ଦ୍ରଙ୍କୁ ବୈଷ୍ଣବ ଧନୁ ଭଙ୍ଗ କରିବା ଲାଗି ବଢାଇ ଦେଇଛନ୍ତି। ସୀତାଙ୍କ ମନରେ ସନ୍ଦେହ ଉତ୍ପନ୍ନ ହୋଇଛି ଯେ, ଏବେ ରାମଚନ୍ଦ୍ର ପୁଣିଥରେ ଧନୁଭାଙ୍ଗି ଆଉ ଏକ ନବତରୁଣୀଙ୍କୁ ବିବାହ କରିବେ କି? ଏହା ମନେକରି ସେ ଶୋକାଚ୍ଛନ୍ନ ହୋଇପଡିଛନ୍ତି।[୧୧] ଏପରି ଭାବନା ମନ ଭିତରେ ସଂଜାତ ହେବା କେବଳ ଜଣେ ସାଧାରଣ ନାରୀ ନିକଟରେ ହିଁ ଦେଖିବାକୁ ମିଳେ ।

ରାମଚନ୍ଦ୍ର: ସାରା ଭାରତ ବର୍ଷ କାହିଁକି ସାରା ବିଶ୍ୱରେ ରାମଚନ୍ଦ୍ର ହେଉଛନ୍ତି ଜଣେ ମର୍ଯ୍ୟାଦା ପୁରୁଷୋତ୍ତମ। ପ୍ରଚଣ୍ଡ ପିତୃଭକ୍ତ, ପିତାଙ୍କ ପ୍ରତି ଥିବା ସମ୍ମାନର ପଟାନ୍ତର ନାହିଁ। ପିତାଙ୍କ ବଚନକୁ ରକ୍ଷାକରିବା ନିମନ୍ତେ ବନବାସ ଭଳି କଠୋର ବାସ୍ତବତାକୁ ଆପଣାଇ ନେଇଛନ୍ତି, ଯେଉଁଠି ମଣିଷର ଅସଲ ସଂଘର୍ଷ ନିହିତ ହୋଇରହିଛି। ବିଚିତ୍ର ରାମାୟଣର ରାମଚନ୍ଦ୍ର ଯେତିକି ପିତୃଭକ୍ତ ଓ ପ୍ରଜାନୁରକ୍ତ, ସେତିକି ଧର୍ମପତ୍ନୀ ସୀତାଙ୍କ ପ୍ରତି ସ୍ନେହାନୁରାଗରେ ମଣ୍ଡିତ। ଯେତେବେଳେ ଲଙ୍କାପତି ରାବଣ ସୀତାଙ୍କୁ ଅପହରଣ କରି ନେଇଯାଇଛନ୍ତି, ସେତେବେଳେ ରାମଚନ୍ଦ୍ର ପ୍ରାଣପ୍ରିୟା ପତ୍ନୀଙ୍କୁ ହରାଇବା ପରେ ଅନୁକ୍ଷଣ ଶୋକସନ୍ତପ୍ତ ହୋଇ ବାହୁନିଛନ୍ତି। କିଷ୍କିନ୍ଧ୍ୟା କାଣ୍ଡରେ ବର୍ଷା କାଳରେ ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରୁଥିବା ସମୟରେ ସେଇ ଗିରିକୁ ସୀତା ପ୍ରାୟ ମଣି ବାହୁନିବାରେ ଲାଗିଛନ୍ତି।[୧୨] ଶ୍ରୀରାମଚନ୍ଦ୍ରଙ୍କ ବିରହଜନିତ ଯନ୍ତ୍ରଣା ଓ ମନେପକାଇ ଝୁରିହେବା ବର୍ଣ୍ଣନା କୃତ୍ତିବାସଙ୍କ ରାମାୟଣରେ ଦେଖାଯାଏ ନାହିଁ।

DOI: 10.70541/BAGEESHA/20250301

VOL NO 03 ISSUE NO 03

ରାବଣ: ବିଚିତ୍ର ରାମାୟଣରେ ଏ ଚରିତ୍ର ଅତ୍ୟାଚାରୀ, ଦୁରାଚାରୀ ରୂପେ ପ୍ରତିଷ୍ଠିତ। ଦଶାନନ ରାବଣ ଏଥିରେ କାମ ଲୋଲୁପତାର ପ୍ରତୀକ ରୂପେ ବର୍ଣ୍ଣିତ। ଏ ରାବଣ ହେଉଛନ୍ତି ରୀତିଯୁଗୀୟ ଜଣେ ନୈଷ୍ଠିକ ମୁସଲମାନ ଶାସକ। ଯିଏ କ୍ଷମତାନ୍ଧ ହୋଇ ରାଜ୍ୟ ପରେ ରାଜ୍ୟ ଜୟ କରି ତିନିଲୋକ ଅଧିକାର କରିଛନ୍ତି। ଏବଂ ସବୁଲୋକକୁ ଅକ୍ତିଆର କରିବା ପରେ ସମସ୍ତଙ୍କୁ ଗଭୀର ଅତ୍ୟାଚାର ଓ ପୀଡା ଦେଇଛନ୍ତି। ସେ ସମୟର ଶାସକଗଣ ସୁନ୍ଦରୀ ସ୍ତ୍ରୀ ଦେଖିଲା ମାତ୍ରକେ ଉପଭୋଗ କରିବାର ଯେଉଁ ଦୁର୍ବାର ଲାଳସା ଜାତ ହୁଏ, ତାହା ରାବଣ ନିକଟରେ ବିଦ୍ୟମାନ। ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ପୃଥିବୀ ବାସୀଙ୍କୁ ଥରହର କରିପକାଇବା ପରେ ସ୍ୱର୍ଗର ଅପସରା, ସୁନ୍ଦରୀ ସ୍ତ୍ରୀମାନଙ୍କୁ ଲଙ୍କାକୁ ନେଇଆସି ରକ୍ଷିତା କରିରଖିଛନ୍ତି। କୁଶଧ୍ୱଜ ରାଜାଙ୍କ କନ୍ୟା, ବେଦମତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ଧର୍ଷଣ କରିବାର ପ୍ରୟାସ କରିଛି। ସେ କନ୍ୟା ତାଙ୍କୁ ଶାପଦେଇ ଅଗ୍ନିରେ ଆତ୍ମାହୁତି ଦେଇଛନ୍ତି।[୧୩] ବେଦମତୀ ପ୍ରସଙ୍ଗ ଅଥବା ସୁନ୍ଦରୀ ସ୍ତ୍ରୀମାନଙ୍କ ଗହଣରେ ରହିବା କଥା କୃତ୍ତିବାସ ରାମାୟଣରେ ଉପଲବ୍ଧ ନାହିଁ।

ଏହିପରି ଅଳ୍ପ କିଛି ଚରିତ୍ର ଉଭୟ ବଙ୍ଗଳା ଓ ଓଡ଼ିଆ ରାମାୟଣରେ ଭିନ୍ନ ଭାବରେ ଅବତୀର୍ଣ୍ଣ। ଏହାର କାରଣ ଏହା ହୋଇପାରେ ଯେ, ଗୋଟିଏ ସୃଷ୍ଟି ତାହାର କାଳଖଣ୍ଡକୁ ବହନ କରିବାର କ୍ଷମତା ରଖେ ଏହା ସାର୍ବକାଳିକ ସତ୍ୟ। ଏଣୁ ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ ସ୍ଥାନ, କାଳ ଓ ପାତ୍ର ସୃଷ୍ଟି ମଧ୍ୟରେ ପରିବର୍ତ୍ତିତ ହେବା ସ୍ୱାଭାବିକ।

୩) ପ୍ରଭାବ: ପ୍ରତ୍ୟେକ ସୃଷ୍ଟି ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ହେଉ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରୁ ମୁକ୍ତ ହୋଇପାରେ ନାହିଁ। ବାହ୍ୟ ପ୍ରଭାବ ବିନା ସ୍ରଷ୍ଟା ସୃଷ୍ଟି କରିବା ଅସମ୍ଭବ। ଏ ପ୍ରଭାବ ପରିବେଶଗତ, ସଂସ୍କୃତିଗତ, ସାହିତ୍ୟର ଶୈଳୀଗତ ତଥା ଉପାଦାନଗତ ହୋଇପାରେ। ଏଇ ପ୍ରଭାବ ହିଁ ସାହିତ୍ୟ ସର୍ଜନା କରିବାକୁ ଲେଖକକୁ ପ୍ରେରିତ କରେ।

କ)ସଂସ୍କୃତିଗତ ପ୍ରଭାବ: କବି ବା ଲେଖକଟିଏ ସବୁବେଳେ ଆପଣା ସୃଷ୍ଟି ଭିତରେ ନିଜ ଅଞ୍ଚଳର ପ୍ରଚଳିତ ସଂସ୍କୃତି ଓ ସାଂସ୍କୃତିକ ପରମ୍ପରାକୁ ସନ୍ନିବେଶ କରିବାକୁ ଚେଷ୍ଟା କରେ। ଯେତେବେଳେ ସେ ସୁଯୋଗ ପାଏ ତାକୁ କଳାତ୍ମକ ରୂପ ଦେଇ ବ୍ୟଞ୍ଜିତ କରେ। ଆଲୋଚ୍ୟ ଉଭୟ ରାମାୟଣରେ ନିଜ ନିଜ ଅଞ୍ଚଳର ସଂସ୍କୃତି ସଫଳ ଭାବରେ ପ୍ରକାଶ ପାଇଛି। ମାତ୍ର ବିଶ୍ୱନାଥ ଖୁଣ୍ଟିଆ ଯେଉଁଭଳି ଭାବେ ବିଚିତ୍ର ରାମାୟଣରେ ଓଡିଶୀ ସଂସ୍କୃତିକୁ ଖଞ୍ଜିଦେଇଛନ୍ତି, ସେପରି କୃତ୍ତିବାସ ତାଙ୍କ ରାମାୟଣରେ ଦେଇପାରି ନାହାନ୍ତି। ବଙ୍ଗଳା ରାମାୟଣରେ ଚାରିଭାଇଙ୍କ ଜନ୍ମର ଛଅମାସ ହେଲାବେଳକୁ ଅନ୍ନପ୍ରାଶନ କରିଛନ୍ତି ଏବଂ ସେଇ ସମୟରେ ଋଷି ବଶିଷ୍ଠ ଚାରିଭାଇଙ୍କ ନାମକରଣ କରିଛନ୍ତି। ଚାରିଭାଇଙ୍କ ନାମକରଣ ବିଚିତ୍ର ରାମାୟଣରେ ଅନ୍ନପ୍ରାଶନ ସମୟରେ ହୋଇନାହିଁ। ଏଥିରେ ଜନ୍ମ ହେବାର ପାଞ୍ଚ ଦିନରେ ପଞ୍ଚୁଆତି, ଛଅ ଦିନରେ ଷଠୀଦେବୀଙ୍କ ପୂଜା, ଏକୋଇଶ ଦିନରେ ଏକୋଇଶା ପାଳନ କରିଛନ୍ତି। ଏବଂ ସେହି ଏକୋଇଶା ଦିନ ହିଁ ରାଜା ଦଶରଥ ପୁତ୍ରମାନଙ୍କ ନାମ ଦେଇଛନ୍ତି। "ପଞ୍ଚୁଆତି ଷଷ୍ଠୀଘର ଉତ୍ସବ କଲା/ ଏକବିଂଶ ଦିବସ ପ୍ରବେଶ ହୋଇଲା। ବଶିଷ୍ଠ ଆଦି ସକଳ ବ୍ରାହ୍ମଣଗଣ/ ଦଶରଥ କରାଇଲେ ନାମକରଣ। "(ବି. ରାମାୟଣ, ପୃ -୧୮)

ଭାରତୀୟ ଷୋଡ଼ଶ ସଂସ୍କାର ଅନୁସାରୀ ସାଧାରଣତଃ ଶିଶୁ ଜନ୍ମର ଏକୋଇଶା ଦିନରେ ତାର ନାମକରଣ ସଂସ୍କାର ସମ୍ପନ୍ନ ହୋଇଥାଏ; ମାତ୍ର କୃତ୍ତିବାସ ରାମାୟଣରେ ତାହା ଅନ୍ନପ୍ରାଶନ ସମୟରେ ସମ୍ପାଦିତ ହୋଇଛି। ଏଥିରୁ ଜଣାପଡ଼େ ସମ୍ଭବତଃ ପଞ୍ଚଦଶ ଶତାବ୍ଦୀ ବେଳକୁ ବଙ୍ଗଳାରେ ଶିଶୁ ନାମକରଣ ଅନ୍ନପ୍ରାଶନ ବେଳେ ହେଉଥିବ, ଯାହା କବିଙ୍କ ଲେଖନୀରେ ପ୍ରକାଶ ପାଇଛି। ଅବଶ୍ୟ ବର୍ତ୍ତମାନ ବଙ୍ଗଳାରେ ଏକୋଇଶା ବେଳେ ନାମକରଣ ସଂସ୍କାର କରାଯାଉଛି। ଶିଶୁ ଜନ୍ମ ହେବାର ପାଞ୍ଚ ଦିନରେ ପଞ୍ଚୁଆତି, ଛଅ ଦିନରେ ଷଠୀପୂଜା, ନଅ ଦିନରେ ନଳତା, ଏକୋଇଶରେ ଏକୋଇଶା ଛଅ ମାସରେ ଅନ୍ନପ୍ରାଶନ ଆଦି ସଂସ୍କାର ଓଡ଼ିଶାରେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଏ, ଯାହା ବିଶ୍ୱନାଥଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଛି । ଭାରତୀୟ ତଥା ଓଡିଶୀ ପରମ୍ପରାରେ ଏକୋଇଶା, ନାମକରଣ ପରି ବିବାହ ମଧ୍ୟ ଏକ ସଂସ୍କାର। ଏଇ ସଂସ୍କାର ଆଧାରରେ ବିବାହ ପୂର୍ବରୁ ଏବଂ ପରେ ବିଭିନ୍ନ ପ୍ରକାରର ମାଙ୍ଗଳିକ କାର୍ଯ୍ୟ ସବୁ ସଂପନ୍ନ ହୋଇଥାଏ। ବଙ୍ଗଳାରେ ଏହାକୁ ଅଧିବାସ ବୋଲି କୁହାଯାଏ।[୧୪] ବିଚିତ୍ର ରାମାୟଣରେ ରାମସୀତାଦିଙ୍କ ଯେଉଁ ବିବାହ କାର୍ଯ୍ୟ ସଂପନ୍ନ ହୋଇଛି, ତାହା ଓଡ଼ିଶାର ପୁରପଲ୍ଲୀର ବହୁ ଜନସମାଗମରେ ବିଧିବଦ୍ଧ ଭାବେ ପାଳିତ ହେଉଥିବା ପ୍ରଚଳିତ ଏକ ପାରମ୍ପାରିକ ଉତ୍ସବ। ଯେଉଁଠି ସମଗ୍ର ମାନବ ସମାଜ ଗୋଟିଏ ସ୍ଥାନରେ ଏକୀଭୂତ ହୋଇ ସଖ୍ୟ ବନ୍ଧନକୁ ଦୃଢ କରନ୍ତି। ଗାଁ ଭୂଇଁରେ ବିଭାଘର ପାଇଁ ତୋରଣ ବନ୍ଧା, ଦ୍ୱାରମାନଙ୍କରେ ପୂର୍ଣ୍ଣକୁମ୍ଭ ଓ କଦଳୀ ବୃକ୍ଷ ସ୍ଥାପନ, ବାଦ୍ୟନାଦ, ମଙ୍ଗଳ ଗୀତ, ଫୁଲ ଓ ଆମ୍ବ ଡାଳ ଦ୍ୱାରା ସଜ୍ଜୀକରଣ, ମଙ୍ଗଳ ବାଜଣା, ହୁଳହୁଳି, ବନ୍ଦାପନା ଆଦି କରାଯାଏ। ଏ ସବୁ ବିଧିବିଧାନ ପ୍ରଥାବଦ୍ଧ ଅନୁସାରୀ ହୋଇଆସୁଥିବା ବିବାହ ପରମ୍ପରାରେ ସମ୍ପନ୍ନ ହୋଇଥାଏ। ଏପରି ଉତ୍ସବ ରାମସୀତାଦିଙ୍କ ବିବାହରେ ସଂପାଦିତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପ୍ରତ୍ୟେକ ଓଡିଶୀ ତଥା ଭାରତୀୟଙ୍କ ମନ ଭିତରେ ଗୋଟିଏ ଲୋକ ମାନସିକତା ତିଆରି ହୋଇରହିଛି। ଏମାନେ ଯେକୌଣସି ଦୃଶ୍ୟ କିମ୍ବା ପ୍ରାଣୀ ବା ଜୀବଜନ୍ତୁଙ୍କୁ ଦେଖିଲେ ତାଙ୍କ ଅନ୍ତର୍ମନରେ ଶୁଭାଶୁଭର ଲୋକବିଶ୍ୱାସଟିଏ ଜନ୍ମ ନିଏ। ବିରାଡ଼ି, ବିଲୁଆ, ପେଚା, ଝଗଡ଼ା ଲାଗିବାର ଆଦି ଦୃଶ୍ୟକୁ ଅମଙ୍ଗଳ ସୂଚକ ଭାବରେ ଗ୍ରହଣ କରୁଥିବା ବେଳେ ସେପରି ଶଙ୍ଖଚିଲ, ଶବ, ଉଡୁଥିବା ଭଦଳଭଦଳିଆ ପକ୍ଷୀ, ଖାଦ୍ୟ ଗ୍ରହଣମଗ୍ନା ଗାଈ ଆମର ଦୃଷ୍ଟିଗୋଚର ହେଲେ ମଙ୍ଗଳ ବା ଶୁଭ ସମୟ ବୋଲି ସୂଚିତ କରେ। ବିଚିତ୍ର ରାମାୟଣରେ ଚରିତ୍ରମାନଙ୍କ ଭିତରେ ଏଇ ଲୋକ ବିଶ୍ୱାସ ସଫଳ ରୂପେ

DOI: 10.70541/BAGEESHA/2025030301

VOL NO 03 ISSUE NO 03

ପ୍ରକଟିତ। ରାମଚନ୍ଦ୍ର ବଣକୁ ଚାଲିଯିବା ପରେ ରାଜା ଦଶରଥ ପୁତ୍ରକୁ ଝୁରିଝୁରି ପ୍ରାଣତ୍ୟାଗ କଲେ। ଭରତଙ୍କୁ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବାର ସନ୍ଦେଶ ନେଇ ଦୂତ ପହଞ୍ଚିବା ପୂର୍ବରୁ ସ୍ୱପ୍ନରେ ଅମଙ୍ଗଳ ଦୃଶ୍ୟମାନ ଦେଖିଛନ୍ତି। ଯେତେବେଳେ ଦୂତ ପହଞ୍ଚିଛି ସେ ତୁରନ୍ତ ଚାଲିଆସିଛନ୍ତି। ଆସିବା ମାର୍ଗରେ ମଧ୍ୟ ଅଶୁଭ ସଙ୍କେତମାନ ଅବଲୋକିତ ହୋଇଛି। ମନ ଭିତରେ ଭୟ ଜାତହୋଇଛି। କାଳେ ମୋ ଅନୁପସ୍ଥିତରେ କିଛି ଅଘଟଣ ଘଟିନାହିଁ ତ? ଆଉ ଯେତେବେଳେ ସେ ଅଯୋଧ୍ୟାରେ ପହଞ୍ଚିଛନ୍ତି ତାଙ୍କ ଭାବନା ସତ ପ୍ରମାଣିତ ହୋଇଛି। ଏସବୁ ଦୃଶ୍ୟ ଦେଖିବା ପରେ ଭରତଙ୍କ ମନ ଭିତରେ ଯେଉଁ ବିଶ୍ୱାସଟି ଜନ୍ମ ନେଇଛି, ତାହା ଆଦୌ ଜଣେ ରାଜପୁତ୍ରର ମାନସିକତା ନୁହେଁ, ତାହା ପଲ୍ଲୀରେ ସାଧାରଣ ଜୀବନଯାପନ କରୁଥିବା ସାଧାରଣ ମଣିଷର ମାନସିକତା, ଯଥା – "ସେହିଦିନ ନିଶି ଭ୍ରତେ ସପନ ଦିଶି / ଅମଙ୍ଗଳ ଜାଣି ମନଶୁଖାଇ ବସି । ଏମନ୍ତ ଦୂତ ଦେଲେ ଲେଖା ତ୍ୱରିତେ/ ବେଗେ ଆସ କୁଶଳ ସର୍ବ ପୁରୋହିତେ।"(ବି.ରାମାୟଣ, ପୃ – ୫0)

ସେହିପରି କୁମ୍ଭକର୍ଣ୍ଣ ଯୁଦ୍ଧକୁ ଯିବା ସମୟରେ ଯେଉଁ ସବୁ ଦୃଶ୍ୟ ଦେଖାଦେଇଛି ତାହା ଅଶୁଭ ଲକ୍ଷଣର ସଂକେତ– "ଉତପାମାତନ ଜାତ ଅଦଭୂତେ ହେଲା/ ଆକାଶରୁ ସନ୍ତତ ରୁଧିର ବରଷିଲା। /ପୃଷ୍ଠରେ ଶୃଗାଳ ଧାଇଁ କରୁଛନ୍ତି ରଡି/ ଶିରୋପରେ ଗୃଧ୍ରପକ୍ଷୀ ମାଂସଘେନି ଉଡି।"(ବି.ରାମାୟଣ,ପୃ– ୧୫୪)

ଖ) ସମାଜଗତ ପ୍ରଭାବ: ଗୋଟିଏ ସୃଷ୍ଟି ସବୁବେଳେ ଉକ୍ତ କାଳଖଣ୍ଡର ସାମାଜିକ ଓ ରାଜନୈତିକ ଜୀବନକୁ ଧାରଣ କରିବାର କ୍ଷମତା ରଖେ। ଯାହା ଫଳରେ ଉକ୍ତ ସୃଷ୍ଟିକୁ ପଠନ କରିବା ଦ୍ୱାରା ବିଷୟଗତ ଜ୍ଞାନ ଆହରଣ କରିବା ସହିତ ତତ୍କାଳୀନ ସମୟର ସାମାଜିକ ଓ ସାଂସ୍କୃତିକ ଜୀବନ ସଂପର୍କରେ ମଧ୍ୟ ଜାଣିହେବ। କୃତ୍ତିବାସଙ୍କ ରାମାୟଣରେ ସାମାଜିକ ପ୍ରଭାବ ପୂର୍ଣ୍ଣ ମାତ୍ରାରେ ଲକ୍ଷ୍ୟ କରାଯାଏ ନାହିଁ, ଯେତିକି ବିଚିତ୍ର ରାମାୟଣରେ କରାଯାଏ।

ବିଶ୍ୱନାଥ ଖୁଣ୍ଟିଆଙ୍କ ସମୟ କାଳ ହେଉଛି ମୁସଲମାନମାନଙ୍କ ଶାସନର ସମୟ, ଯାହା ଓଡ଼ିଶା ପାଇଁ ଅନ୍ଧକାରର ସମୟ। ସେହି ସମୟ ଖଣ୍ଡରେ ଓଡ଼ିଶାର ସାମାଜିକ ଜୀବନ ଶୈଳୀ ସମ୍ପୂର୍ଣ୍ଣ ମୁସଲିମମାନଙ୍କ ପରି ଥିଲା। ଓଡ଼ିଶାର ଶାସକଗଣ ବି ବାଦଶାହଙ୍କ ଭଳି ଜୀବନ ବଂଚିବାକୁ ଚାହୁଁଥିଲେ ; ମାତ୍ର ସେପରି ଜୀବନ ଜୀଇଁପାରୁ ନଥିଲେ କାରଣ ସବୁ କ୍ଷମତାର ଅଧିକାରୀ ଥିଲେ ମୁସଲମାନ ଶାସକଗଣ। ଏ ସମୟଖଣ୍ଡ ଥିଲା ବିଳାସ ବ୍ୟସନ, ଶୃଙ୍ଗାରର ସମୟ ଏଣୁ ସାହିତ୍ୟ ମଧ୍ୟ ଶୃଙ୍ଗାର ସାହିତ୍ୟରେ ପରିଣତ ହୋଇଥିଲା। କବି ବିଶ୍ୱନାଥ ଖୁଣ୍ଟିଆ ଯେଉଁ ରାବଣ ଚରିତ୍ରର ଉପସ୍ଥାପନା ଏଠାରେ କରିଛନ୍ତି, ସେ ଦଶାନନ ରାବଣ ହେଉଛନ୍ତି ସେଇ କାଳର ନିର୍ମମ, ପ୍ରଜାପୀଡକ, ଦୁରାଚାରୀ ମୁସଲିମ୍ ଶାସକର ପ୍ରତୀକ। ଯେ ପ୍ରଜାମାନଙ୍କୁ ଅର୍ଥାତ୍ ପୃଥିବୀବାସୀଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଛନ୍ତି। ଆହୁରି ଶୟନ ବେଳେ ବହୁ ନାରୀ ଗହଣରେ ରତିମତ୍ତା ରହିଛନ୍ତି ଯେଭଳି ମୁସଲମାନ ଶାସକମାନେ ନିଜର ଅଦମ୍ୟ ଲାଳସାକୁ ଚରିତାର୍ଥ କରିବାକୁ ଯାଇ ଅସଂଖ୍ୟ ନାରୀ ଜୀବନକୁ ତଳିତଳାନ୍ତ କରିପକାଇଛନ୍ତି। ଏମାନଙ୍କ ପାଇଁ ନାରୀ ସମ୍ମାନର ପାତ୍ର ନୁହେଁ ନାରୀ ଉପଭୋଗର ସାମଗ୍ରୀ। ସିନ୍ଦୁରା କାଣ୍ଡରେ ହନୁମାନ ଯେତେବେଳେ ଲଙ୍କାରେ ସୀତାଙ୍କ ଅନ୍ୱେଷଣ କରିଛନ୍ତି, ସେତିକିବେଳେ ବହୁ ନାରୀ ପରିବେଷ୍ଟିତ ବିବସନାଯୁକ୍ତ ଶୟନରତ ରାବଣକୁ ଦେଖିଛନ୍ତି– "ଅନେକ ନାରୀ କରିଣ ସୁରତ/ ପଡିଅଛଇ ହୋଇ ଅଶକତ।/ବିବିଧ ମଦିରା ପାନେ ଯେ/ କେହି କେହି ନାରୀ ଦିବ୍ୟ ସୁକୁମାରୀ ଶୋଇଛନ୍ତି ବିବସନେ। XXX ମଧ୍ୟରେ ଶୋଇଅଛି ଦଶଶିର/ କରୀକର ପ୍ରାୟକ ବିଂଶକର।/ ବେଢି ଶୋଇଛନ୍ତି ସକଳ ବାଳୀ/ କଜ୍ଜଳ ମେଘେ ବେଢିକି ବିଜୁଳି ଯେ ।" (ବି. ରାମାୟଣ, ପୃ- ୧୦୧)

ଉତ୍ତରା କାଣ୍ଡରେ ନର୍ମଦା ନଦୀ ମଧ୍ୟରେ ବହୁ ବିବସନାଯୁକ୍ତା ଯୁବତୀ ସମେତ ସହସ୍ରାର୍ଜୁନ ସ୍ନାନ କରିବା ଘଟଣା ରୀତିଯୁଗୀୟ ଶାସକଙ୍କ ଜଳ ବିହାରକୁ ବୁଝାଏ। ସେହିପରି ରାବଣ ଓ ଦଶରଥ ବହୁ ରାଣୀ ବିବାହ କରିବା କଥା ମଧ୍ୟ ଏ କାଳଖଣ୍ଡର ଶାସକମାନେ ବିବାହ କରୁଥିବା ପରମ୍ପରାକୁ ବୁଝାଏ। ବାଲ୍ମୀକି ରାମାୟଣରେ ଦଶରଥ ବହୁ ବିବାହ କରିବା କଥା ନାହିଁ ; ମାତ୍ର କୃତ୍ତିବାସ ରାମାୟଣ ଏବଂ ବିଚିତ୍ର ରାମାୟଣରେ ଏ ପ୍ରସଙ୍ଗ ରହିଛି। ଏହା ବ୍ୟତୀତ ରୀତି ସମୟରେ ଯେଉଁପରି ଭାବରେ ଖାଦ୍ୟପେୟ, ପୋଷାକପତ୍ରର ବ୍ୟବହାର, ବିଳାସ ବ୍ୟସନରେ ମଜ୍ଜି ରହିବା ଘଟଣା ବିଚିତ୍ର ରାମାୟଣରେ ସଫଳ ଭାବରେ ଉତ୍କୀର୍ଣ୍ଣ ହୋଇଛି ।

ଗ) ସାହିତ୍ୟିକ ଶୈଳୀଗତ ପ୍ରଭାବ: ବିଶ୍ୱନାଥ ଖୁଣ୍ଟିଆଙ୍କ ରାମାୟଣରେ ପୂର୍ବସୁରୀ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ଭଳି ପ୍ରମୁଖ ଉଦୀୟମାନ ସ୍ରଷ୍ଟାଙ୍କ ସୃଷ୍ଟିର ଶୈଳୀ କିଛି କିଛି ପ୍ରଭାବ ପରିଲକ୍ଷିତ ହୁଏ। ରଚନା କରିବା ବେଳେ ଋଷ୍ୟଶୃଙ୍ଗଙ୍କୁ ବେଶ୍ୟାମାନେ ଆଣିବା ପ୍ରସଙ୍ଗ, ହନୁମାନ ସୀତାଙ୍କୁ ଲଙ୍କାରେ ଖୋଜିବା ସମୟରେ ଲଙ୍କାଗଡ଼ର ଯେଉଁ ବର୍ଣ୍ଣନା ଅଥବା ରାମଚନ୍ଦ୍ର ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କାଳରେ ସୀତାଙ୍କୁ ମନେପକାଇ ବାହୁନିବାର ବର୍ଣ୍ଣନା ପୂର୍ବସୂରୀଙ୍କ ବର୍ଣ୍ଣନା ଶୈଳୀ ସହ ସାମ୍ୟ ରକ୍ଷା କରେ। କବିଙ୍କ ଉପମା ବୈଚିତ୍ର୍ୟ, ରସ ଓ ଅଳଙ୍କାରର ପ୍ରୟୋଗ ଯୁଗୀୟ ବୈଶିଷ୍ଟ୍ୟକୁ ଧାରଣ କରେ ।

ଉପସଂହାର: ଉଭୟ ବଙ୍ଗଳା ରାମାୟଣ ଓ ଓଡ଼ିଆ ରାମାୟଣର ସ୍ରଷ୍ଟା ମୂଳ ରାମାୟଣର ଛାଞ୍ଚରେ ନିଜସ୍ୱ ମୌଳିକତାର ପୁଟଦେଇ କୃତିକୁ ନୂତନ ଭାବରେ ଜୀବନ୍ୟାସ ଦେଇଛନ୍ତି। ମୂଳ ରାମାୟଣକୁ ଦୃଷ୍ଟିରେ ରଖି ବିଚାର କଲେ ବିଚିତ୍ର ରାମାୟଣ ଅପେକ୍ଷା କୃତ୍ତିବାସଙ୍କ ରାମାୟଣ ମୂଳ ରାମାୟଣର ଅଧିକ ନିକଟତର। କିନ୍ତୁ ବିଚିତ୍ର ରାମାୟଣ ମୂଳ ରାମାୟଣ ଏବଂ ଜଗମୋହନ ରାମାୟଣ ଠାରୁ ଟିକିଏ ଭିନ୍ନ ଭାବେ ଉପସ୍ଥାପିତ। ସଂପୂର୍ଣ୍ଣ ଭାବରେ କାହାକୁ ଅନୁସରଣ କରିନାହାନ୍ତି ବରଂ ଅନୁସୃଜନରେ ନିଜର ମୌଳିକତାକୁ ପ୍ରସ୍ଫୁଟିତ କରିଛନ୍ତି। ଯଦି

DOI: 10.70541/BAGEESHA/2025030301

VOL NO 03 ISSUE NO 03

ସମୟ ଖଣ୍ଡ ଦୃଷ୍ଟିରୁ ଉଭୟ ରାମାୟଣକୁ ବିଚାର କରାଯାଏ, ତେବେ କାଳଖଣ୍ଡକୁ ବହନ କରିବାରେ ବିଚିତ୍ର ରାମାୟଣ ଅଧିକ ଦାବିରଖେ। ପ୍ରକାରାନ୍ତରେ କହିବାକୁ ଗଲେ କୃତ୍ତିବାସ ରାମାୟଣ ଅପେକ୍ଷା ବିଚିତ୍ର ରାମାୟଣ ଅଧକ ଜନାଦୃତ ଓ ସମୟ ସାପେକ୍ଷ। ଯେହେତୁ ଉଭୟ ସୃଷ୍ଟିର ସମୟ ଭିନ୍ନ ଭିନ୍ନ, ତେଣୁ ସେଇ ସମୟ ଅନୁସାରୀ ସାହିତ୍ୟ, ସମାଜ ଓ ସଂସ୍କୃତିଗତ ଦୃଷ୍ଟିକୋଣ ମଧ ଅଲଗା ଅଲଗା। ବର୍ତ୍ତମାନ ଆମ ସମ୍ମୁଖରେ ଏ ରାମାୟଣ ଏକ କାବ୍ୟ ନୁହେଁ, ରାମାୟଣ ଏକ ଚେତନା ରୂପେ ଦଣ୍ଡାୟମାନ। ସମୟ ଅନୁସାରେ ତାର ବିଷୟଗତ ଏବଂ ରୂପଗତ ପରିବର୍ତ୍ତନ ହେଲେ ହେଁ, ରାମାୟଣର ଯେଉଁ ମୂଲ୍ୟବୋଧ, ତାହାର ଯେଉଁ ମାନବିକ ଦୃଷ୍ଟିକୋଣ ଓ ଦର୍ଶନ ତାହା ଯୁଗଯୁଗ ଧରି ନିରବଚ୍ଛିନ୍ନ ଭାବରେ ଖ୍ୟାତି ଅବ୍ୟାହତ ହୋଇରହିବ। ଯୁଗରୁ ଯୁଗାନ୍ତରକୁ, କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ରାମାୟଣ ତା'ର ମହିମା ପ୍ରଚାର କରିଚାଲିଥିବ ।

ପ୍ରାନ୍ତଟୀକା:

୧) ସାହୁ, କେଶବ ଚନ୍ଦ୍ର। ୧୯୭୯। ରାମାୟଣ ଚେତନାର ଏକ ଝଲକ। ୨ୟ ମୁଦ୍ରଣ। କଟକ: ନବ ଜୀବନ ପ୍ରେସ୍। ପୃ – ୧୨୯।

୨) ଗାଁଣ, ଅନାଦି ଚରଣ। ୨୦୧୭। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ। ତୃତୀୟ ସଂସ୍କରଣ। କଟକ: ବିଦ୍ୟାପୁରୀ, ବାଲୁବଜାର। ପୃ – ୧୯୦।

୩) ଦାଶ, ସୂର୍ଯ୍ୟନାରାୟଣ। ୨୦୨୧। ଓଡ଼ିଆ ସାହିତ୍ୟର ଇତିହାସ (୩ୟ ଭାଗ)। ୫ମ ସଂସ୍କରଣ। କଟକ: ଗ୍ରନ୍ଥ ମନ୍ଦିର ବିନୋଦ ବିହାରୀ। ପୃ – ୨୨୦।

୪) ସେନ, ଦିନେଶ ଚନ୍ଦ୍ର। ୧୯୫୪। ହିଷ୍ଟ୍ରି ଅଫ୍ ବେଙ୍ଗଲୀ ଲାଙ୍ଗୁଏଜ୍ ଏଣ୍ଡ୍ ଲିଟରେଚର୍। ଦ୍ୱିତୀୟ ସଂସ୍କରଣ। କୋଲକାତା: ୟୁନିଭରସିଟି ପ୍ରେସ୍ । ପୃ – ୧୬୪।

୫) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ – ୧୬।

୬) କ) " ଆଁ କରି ଧାରିୟା ଯଦି ଧନୁଖାନ୍ ଟାନେ/ ତୁଲିତେ ନା ପାରେ ଚାୟ୍ ଚାରି ଦିକ୍ ପାନେ ।

ପଲାଇୟା ଚଲେ ତବେ ଲଙ୍କା ଅଧିକାରୀ/ ସକଲ୍ ବାଲକ୍ ତାରେ ଦେଇ ଟିଟିକାରୀ। " (ପୃ- ୧୬)

ଖ) "ରାବଣ ସହସ୍ରାର୍ଜୁନ ବାଣାସୁର ଆଉ ବୀରଛନ୍ତି ଯେତେ/ ଧନୁ ନଭାଙ୍ଗି କନ୍ୟାକୁ ନେବ ବୋଲି ବିଚାରୁ ଅଛ କି ଚିତ୍ତେ। (ବି) ରାମାୟଣ, ପୃ – ୨୫)

୭) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ –୭୫/୭୬।

୮) "ପୁତ୍ରହୀନ୍ ମହାରାଜା ମନେଦୁଃଖ୍ ଦାହ୍/ କରିଲେନ୍ ସାତଶହ୍ ପଚାଶ୍ ବିବାହ। "(ପୃ- ୭)

୯) ଓଝା, କୃତ୍ତିବାସ (ସଂ) ଶିଶିର କୁମାର ନିୟୋଗୀ)। ୧୯୫୭। ସହଜ କୃତ୍ତିବାସ ରାମାୟଣ। ପ୍ରଥମ ପ୍ରକାଶ। କୋଲକାତା: ଉଦୟନ ପ୍ରେସ୍। ପୃ – ୯।

୧୦) ତତ୍ତ୍ରୈବ, ପୃ – ୧୫।

୧୧) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ – ୩୮/୩୯ ।

୧୨) ତତ୍ତ୍ରୈବ, ପୃ –୮୮/୮୯।

୧୩) ତତ୍ତ୍ରୈବ, ପୃ –୧୦।

୧୪) " ବଶିଷ୍ଠ କହେନ୍ ଦଶରଥ୍ ମନ୍ଦ୍ୱୋଧ୍ୟା/ ଚାରି ତନୟେର୍ କରୋ ଅଧିବାସ କ୍ରିୟା।" (କୃ) ରାମାୟଣ ପୃ- ୨୩)

Funding
No funding was received for conducting this study.

Does this Article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this Article.

About the licenses
© **Hitesa Behera 2025**. The text of this Article is open access and licensed under a Creative Commons Attribution 4.0 International license.

DOI: 10.70541/BAGEESHA/2025030301

VOL NO 03 ISSUE NO 03

Cite this Article :
Behera, Hitesa, "Bichitra Ramayana Banam Krutti-basa Ramayana: Eka Tulanatmaka Bichara", Bageesha, Vol. No. 03, Issue No. 03, May-June 2025, Article No: BM2025/03-A001| Page- 09-15| DOI: https://doi.org/10.70541/BAGEESHA/2025030301

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଜାତୀୟ ଜୀବନରେ ଜଗନ୍ନାଥ ଚେତନାର ଅବାଧ ପ୍ରବେଶୀକରଣର ବିଭିନ୍ନ ଦିଗ: ସଦୃଷ୍ଟାନ୍ତ ବିମର୍ଶ

ପ୍ରୀତମ୍ ରାଉତ
ଗବେଷକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,ବାଣୀବିହାର, ଭୁବନେଶ୍ୱର

RECEIVED : 26 APR 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI: 10.70541/BAGEESHA/2025030302

Article No. BM2025/03-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ସାରାଂଶ

ଓଡ଼ିଆ ଜାତିର ମଉଡ଼ମଣି କୋଟିକୈବଲ୍ୟନାଥ ଜଗନ୍ନାଥ କେଉଁ ପ୍ରାଗ୍ଐତିହାସିକ ସମୟରୁ ଓଡିଶାର ଜନଜୀବନ ସହିତ ନିରବଚ୍ଛିନ୍ନ ଭାବରେ ସଂପୃକ୍ତ ତାହାର ମୂଳକୁ ଯାଇ ସେ ସବୁକୁ ପରଖିବା ବର୍ତ୍ତମାନ ସମୟପକ୍ଷେ ଏକ ଦୂରୁହ କଥା ହୋଇପଡିଛି। ସମୟର ଅସରନ୍ତି ପ୍ରବାହରେ କେତେ ଯେ ଧର୍ମ ଧାରଣା ସୃଷ୍ଟି ହୋଇ ଜଗନ୍ନାଥରୂପୀ ମହାକାଳରେ ଲୀନ ହୋଇପଡିଛନ୍ତି, ତାହାର କଳନା ନାହିଁ। ଓଡ଼ିଶାର ଜାତୀୟ-ଜୀବନ ଓ ଲୋକ-ଜୀବନରେ ଜଗନ୍ନାଥଙ୍କ ସ୍ଥାନ କେଉଁଠି? ଏହି ଅନୁସନ୍ଧିତ୍ସା ଭାବକୁ ନେଇ ନିମ୍ନୋକ୍ତ ଆଲେଖ୍ୟ ପରିପୁଷ୍ଟଲାଭ କରିଛି। ଆଲୋଚନାର ପ୍ରସଙ୍ଗ ଅନୁଯାୟୀ ସ୍ଥାନେ ସ୍ଥାନେ ବିବିଧ ଗ୍ରନ୍ଥରୁ ଦୃଷ୍ଟାନ୍ତମାନ ସଂଯୋଜିତ କରିବା ପୂର୍ବକ ଅଲୋଚନାକୁ ବଳିଷ୍ଠ କରିବାର ପ୍ରୟାସ ମଧ୍ୟ କରାଯାଇଅଛି।

ମୂଳଶବ୍ଦ: ଜାତୀୟ ଜୀବନ, ପୁରୁଷୋତ୍ତମ, ମାଧବ ଉପାସନା, ମହାଭାରତୀକରଣ, ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ, ବିଶୁଦ୍ଧ-ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦ, ଅଚିନ୍ତ୍ୟ-ଭେଦାଭେଦବାଦ, ଲୀଳାକ୍ଷେତ୍ର

ଉପକ୍ରମ: ପୁଣ୍ୟଭୂମି ଓଡ଼ିଶା ନିଜର ଅଭିନବ ଧର୍ମ-ଧାରଣା ପାଇଁ ପୃଥିବୀ ବିଖ୍ୟାତ। ସମୟର ନିରବଚ୍ଛିନ୍ନ ପ୍ରବାହରେ ସୃଷ୍ଟ ଯେତେକ ଧର୍ମୀୟ ଭାବଧାରା ସେ ସବୁକୁ ବିନା ଦ୍ୱିଧାରେ ଏ ଭୂଭାଗ ଗ୍ରହଣ କରିବା ସହ ପୃଷ୍ଟପୋଷକତାର ଭାର ମଧ୍ୟ ନିଜ ଉପରକୁ ନେଇଛି। ଜଗନ୍ନାଥ ଏ ଜାତିର ଇଷ୍ଟ ତଥା ପ୍ରତିଭୂ। ତାଙ୍କୁ କେନ୍ଦ୍ରକରି ଏ ଜାତିର ଜୀବନୀଗାଥା କୀର୍ତିତ। ଯିଏ ଯେପରି ଭାବରେ ତାଙ୍କୁ ଦେଖିଛି, ସିଏ ସେପରି ରୂପରେ ଦେଖା ଦେଇଛନ୍ତି। ଜଗନ୍ନାଥଙ୍କ ମାନରକ୍ଷା ପାଇଁ ଏ ଜାତି ଯୁଦ୍ଧ କରିଛି, ଯେତେବେଳେ ନିଜକୁ ଅନନ୍ୟୋପାୟ ମଣିଛି ତା' ଠାକୁରଙ୍କୁ ନେଇ ଚିଲିକା ଗର୍ଭସ୍ଥ ଅଜ୍ଞାତ ଟାପୁରେ ଲୁଚାଇ ରଖିଛି। ଚକାଆଖିର ଉଦ୍ଭାସିତ ଜ୍ୟୋତିର୍ପୁଞ୍ଜକୁ ଚାହିଁ ସେ କେବଳ ଭାବ-ବିହ୍ୱଳ ହୋଇନି ବରଂ କି ଜାତି, କି ଧର୍ମ, କି ବର୍ଣ୍ଣ ସେ ସବୁକୁ ଭୁଲି ଜଗନ୍ନାଥ-ଚେତନାରେ ଏକାକାର ହୋଇଉଠିଛି। ଯେ କେହି ଧର୍ମ ପ୍ରବର୍ତକ ଆତ୍ମାଭିମାନରେ ନିଜ ଇଷ୍ଟର ବଢ଼ିମାକୁ ଏ କ୍ଷେତ୍ରରେ ନିର୍ଜିତ କରିବାକୁ ଚେଷ୍ଟା କରିଛି, ସେ ଜଗନ୍ନାଥରୂପୀ ଅଗାଧ ସମୁଦ୍ର ମଧ୍ୟରେ ନଦୀବତ୍ ବିଲୀନ ହୋଇଛି। ସେ ଶବରର ଦାରୁ ଦେବତା , ଜୈନଙ୍କ କୋଟି କବଲ୍ୟଦାତା (ଜୈନ ଧର୍ମର ଶରୀର ସାଧନାରେ 'ଜୀବ'କୁ 'ଅଜୀବ'ରୁ ଅଲଗା କରି କେବଳ 'ଜୀବ' ହେବାକୁ ହୁଏ। 'ଏଇ କେବଳ ଜୀବ ହେଉଛି', 'କେବଳୀ'। ଏଇ 'କେବଳୀ'ର ଅବସ୍ଥା ହେଉଛି 'କୈବଲ୍ୟ'। ଏଇ କୈବଲ୍ୟ ପ୍ରାପ୍ତି ହେଲେ ଜୀବ ହୁଏ ସିଦ୍ଧ। ଏଇ ସିଦ୍ଧାବସ୍ଥା ବା ସିଦ୍ଧି ହେଉଛି ନିର୍ବାଣ ବା ମୁକ୍ତି: ଓଡ଼ିଆ ସାହିତ୍ୟର କ୍ରମପରିଣାମ; ନୀଳକଣ୍ଠ ଦାସ, ପୃଷ୍ଠା ସଂଖ୍ୟା:୪୨୬), ବୌଦ୍ଧଙ୍କ ସର୍ବଜୀନବରାର୍ଚିତ ତିବିକ୍ରମରୂପୀ ଅନ୍ତରୀକ୍ଷ ପରିବ୍ୟାପୀ ଜଗତ୍‌ନାଥ, ବୈଷ୍ଣବଙ୍କ ଅନନ୍ତ ଶଯ୍ୟାଶାୟୀ ଗୋଲୋକ-ଲୋକର ଅବତାରୀ ଲକ୍ଷ୍ମୀପତି ମହାବିଷ୍ଣୁ ଅଥବା କଳାକୁ ଷୋଳକଳାରେ ପରିଣତ କରି ବୃନ୍ଦାବନରେ ମାଧୁର୍ଯ୍ୟ-ଲୀଳା ଭିଆଇ ଥିବା ରାସରାସେଶ୍ୱର ଗୋପୀନାଥ ଓ ଦ୍ୱାରକାର ଐଶ୍ୱର୍ଯ୍ୟ-ଲୀଳାଧିକାରୀ ଯୋଗେଶ୍ୱର କୃଷ୍ଣ। ଶାକ୍ତଙ୍କ ମତରେ ସେ ସାକ୍ଷାତ ଦକ୍ଷିଣ କାଳିକା। ଗାଣପତ୍ୟଙ୍କ ମନ ରଖିବାପାଇଁ ସେ ପ୍ରତିବର୍ଷ ମହାସ୍ନାନ ସାରି ଗଜାନନ ବେଶରେ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ଶୈବମାନଙ୍କର ସେ ଏକପାଦ ଭୈରବ। ବେଦାନ୍ତୀଙ୍କର ପରମବ୍ରହ୍ମ ସନାତନ

ନିର୍ଗୁଣ ତତ୍ତ୍ୱ। (*ଯଂ ଶୈବାଃ ସମୁପାସ୍ୟତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ ।/ ବୋଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତେତି ନୈୟାୟିକାଃ ।।/ ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ ।/ ସୋୟଂନୋ ବିଦଧାତୁ ବାଂଛିତ ଫଳଂ ତ୍ରୈଲୋକନାଥୋ ହରିଃ ।।*)

ବିଷୟର ଆଲୋଚନା: ଜଗନ୍ନାଥ ଧର୍ମ ଓ ଚେତନାର ଜନ୍ମ-ପର୍ଯ୍ୟାୟକୁ ଇତିହାସର ଗୋପ୍ୟ ଅତଳଗର୍ଭରୁ ଆବିଷ୍କାର କରିବାର 'ଅଣଚାଶ-ଚେଷ୍ଟା ' କରାଯାଇ ଥିଲେ ହେଁ, ଏକ ନିର୍ଭରଯୋଗ୍ୟ ସର୍ବମାନ୍ୟ ବିଶେଷକରି ସତ୍ୟାଶ୍ରିତ ନିଷ୍କର୍ଷରେ ପହଞ୍ଚିବା ଅଦ୍ୟାବଧି ମଧ୍ୟ ଏକ ଦୂରୁହ ବ୍ୟାପାର ହୋଇ ରହିଛି। ମାନବ ସଭ୍ୟତାର କେଉଁ ଅନନ୍ତକାଳରୁ ଏ ଧର୍ମ ଓ ଚେତନା; ନିଜ ଅଖଣ୍ଡ ଆଧିପତ୍ୟରେ ପ୍ରତିଟି ପ୍ରାଣକୁ ଝଙ୍କୃତ ଓ ପୁଲକିତ କରି ଆସିଅଛି, ସେ କଥା କଳ୍ପନାର ବାହାରେ। ବୈଦିକ ସଭ୍ୟତା କାଳୀନ ସମୁଦ୍ରକୂଳସ୍ଥ ଅପୁରୁଷ-ବ୍ରହ୍ମ-ଦାରୁ ଉପାସନା (*ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋଃପାରେ ଅପୁରୁଷମ୍। ତଦାରଭସ୍ୟ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ॥ ଋଗ୍‌ବେଦ, ୧୦ମ ମଣ୍ଡଳ, ୧୫୫ସୂକ୍ତ,୩ୟ ମନ୍ତ୍ର*) ବୃତ୍ତାନ୍ତକୁ ଜଗନ୍ନାଥଙ୍କଠାରେ ଆରୋପୀକରଣ କଥା ହେଉ, ଅଥବା ଶ୍ରୀମଦ୍ଭଗବତ୍ ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦରୁ ନଃସୃତ ଆତ୍ମସ୍ୱୀକୃତି – "*କ୍ଷରାକ୍ଷର ଏହି ଦୁଇ ପ୍ରକାର ପୁରୁଷ/ ତହୁଁ ଶ୍ରେଷ୍ଠ ହୋଇ ଆନ୍ୟେ ହୋଇଛୁ ପ୍ରକାଶ/ ଏଥକୁ କରନ୍ତି ବେଦେ (ଏବଂ ସଂସାରରେ) ଆତ୍ମଙ୍କୁ କୀର୍ତ୍ତନ/ ଅବ୍ୟୟ ପୁରୁଷୋତ୍ତମ ଆହେ ଫାଲ୍ଗୁନ*" (*ଫକୀରମୋହନ ସେନାପତି କୃତ ଗୀତାନୁବାଦ*) *ମୂଳ- ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।/ ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥ (ଶ୍ରୀମଦ୍ଭଗବତ୍ ଗୀତା, ୧୫ତମ ଅଧ୍ୟାୟ, ୧୮ତମ ଶ୍ଲୋକ)*

ଗୀତାରେ ଶ୍ରୀକୃଷ୍ଣଙ୍କ ଏହି ଆତ୍ମସ୍ୱୀକୃତି ତାଙ୍କୁ ପୁରୁଷୋତ୍ତମ ରୂପରେ ପୌରୁଷର ଶ୍ରେଷ୍ଠତମ ସୋପାନରେ ସଂସ୍ଥାପିତ କରିଛି। ଯଦି ଗୀତାର ପୁରୁଷୋତ୍ତମଙ୍କୁ ଜଗନ୍ନାଥଙ୍କ ସହ ସଂପୃକ୍ତ କରାଯାଏ ତାହେଲେ କୃଷ୍ଣଙ୍କୁ ଜଗନ୍ନାଥୀକରଣର ଅଭିନବତ୍ୱ ପ୍ରଚେଷ୍ଟା ବହୁ ପୂର୍ବକାଳରୁ ଅର୍ଥାତ୍ ଗୀତା ରଚନାର ସମୟରୁ ହିଁ ଆରମ୍ଭ ହୋଇଛି ବୋଲି ଧରିନେବାକୁ ହେବ। କୃଷ୍ଣଙ୍କୁ ଜଗନ୍ନାଥୀ କରଣର ଏଇ ପ୍ରଚେଷ୍ଟା ଯେ କେବଳ ଗୀତାରେ ହୋଇଛି ସେ କଥା ନୁହେଁ ଅପିତୁ ସ୍କନ୍ଦ ପୁରାଣ, କପିଳ ସଂହିତା, ଦାରୁବ୍ରହ୍ମ ଗୀତା, କ୍ଷେତ୍ର ମାହାତ୍ମ୍ୟ, ସାରୋଳା ମହାଭାରତ ଆଦିରେ ଏ ସବୁର ପ୍ରାବଲ୍ୟତା ମଧ୍ୟ ଲକ୍ଷ୍ୟ କରିବାର କଥା। ଏସବୁ ସତ୍ତ୍ୱେ ଉତ୍କଳୀୟ ଜ୍ଞାନମାର୍ଗୀ ବୈଷ୍ଣବମାନେ କୃଷ୍ଣଙ୍କ ପରିବର୍ତ୍ତେ ଜଗନ୍ନାଥଙ୍କୁ ହିଁ ସେମାନଙ୍କର ଇଷ୍ଟ ରୂପେ ଆରାଧନା କରୁଥିଲେ। ଚୈତନ୍ୟଙ୍କ ଆଗମନରେ ଭକ୍ତି ଧର୍ମର ଯେଉଁ ମହାପ୍ଲାବନ ଉତ୍କଳୀୟ ଚେତନା ମଧ୍ୟରେ ପରିବ୍ୟାପ୍ତ ହେବାକୁ ଲାଗିଲା ତହିଁରୁ ଉତ୍କଳୀୟ ଓ ଗୌଡୀୟ ବୈଷ୍ଣବଙ୍କ ମଧ୍ୟରେ ଜଗନ୍ନାଥ – କୃଷ୍ଣଙ୍କୁ ନେଇ ଉପୁଜି ଥିବା ବାଦ-ବିସମ୍ବାଦ କେତେକାଂଶରେ ପ୍ରଶମିତ ହେଲା। ଯେଉଁ କୃଷ୍ଣ ଉତ୍କଳୀୟ ବୈଷ୍ଣବ ଉପାସନାରେ ଅବତାରୀ -ଜଗନ୍ନାଥଙ୍କର ଏକ ଅବତାର ରୂପେ ପ୍ରତିଭାତ ହେଉଥିଲେ, ସେହି କୃଷ୍ଣ ଚୈତନ୍ୟଙ୍କ "ଅଚିନ୍ତ୍ୟ-ଭେଦାଭେଦ"(ଭାରତୀୟ ଦର୍ଶନ ମୁଖ୍ୟତଃ ଦୁଇ ଶ୍ରେଣୀୟ: ଆସ୍ତିକ-ଦର୍ଶନ; ଯାହା ବେଦକୁ ମାନ୍ୟତା ଦେଇଥାଏ ଯଥା – ମୀମାଂସା, ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ବେଦାନ୍ତ ଏବଂ ଅପରଟି ନାସ୍ତିକ-ଦର୍ଶନ; ଯାହା ବେଦକୁ ଗ୍ରହଣ କରେନାହିଁ ଯଥା – ବୌଦ୍ଧ, ଜୈନ, ଚାର୍ବାକ୍, ଆଜିବକ ଇତ୍ୟାଦି। ଏହି ଆସ୍ତିକ ଦର୍ଶନରେ ମଧ୍ୟ ଅନେକ ଶାଖା-ଉପଶାଖା ତଥା ମତବାଦ ରହିଅଛି। ବିଶେଷତଃ ବେଦାନ୍ତ-ଦର୍ଶନରେ ଛଅଟି ଭିନ୍ନ ମତବାଦ ରହିଅଛି ତାହା – ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ, ବିଶୁଦ୍ଧ-ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦ, ଅଚିନ୍ତ୍ୟ-ଭେଦାଭେଦବାଦ। ଅଚିନ୍ତ୍ୟ-ଭେଦାଭେଦର ଅର୍ଥ ହେଉଛି ଜୀବ ଜଗତ ସହ ବ୍ରହ୍ମଙ୍କ ସମ୍ପର୍କ ଅଚ୍ଛେଦ୍ୟ – ଭେଦ) ସରଣୀରେ ସାକ୍ଷାତ ଜଗନ୍ନାଥ ରୂପେ ପ୍ରତିଷ୍ଠିତ ହେଲେ। ଯଦିଓ ଏଥି ପୂର୍ବରୁ ଜଗନ୍ନାଥ କୃଷ୍ଣ ହୋଇ ସାରିଛନ୍ତି। ବଳଭଦ୍ର ଓ ସୁଭଦ୍ରାଙ୍କୁ ଘେନି ନୀଳକନ୍ଦରରେ ବିଜେ କରି ଜଗଜ୍ଜୀବନ କେତେ ଯେ ଲୀଳା ବିହାଣ କରିଛନ୍ତି ତାହାର କଳନା ନାହିଁ ।

ଜଗନ୍ନାଥ ଏବଂ କୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା କେବଳ ଯେ ପୁରାଣ-ଶାସ୍ତ୍ର ତଥା ବିଭିନ୍ନ ମତବାଦ ମଧ୍ୟରେ ଆଗୋଳି ହୋଇ ରହିଅଛି ତାହା ନୁହେଁ। ଓଡ଼ିଆଣା ଲୋକାଚାରରେ ମଧ୍ୟ ଏହି ଭାବ ମହକିତ ହୋଇ ଉଠିଛି। ସରଳ ଗ୍ରାମ୍ୟ ଜନତା ଶାସ୍ତ୍ରର ଭେଦକୁ ବୁଝେନି ସେ ବୁଝେ ପ୍ରତିପ୍ରାଣ-ପୁଲକିତ ଭାବ-ପ୍ରଖରତାକୁ। ଜଗନ୍ନାଥ ତା'ର ଇଷ୍ଟ। ସୁଖଦୁଃଖର ସାଥୀ ଓ ସମଭାଗୀ। ତାକୁ ନେଇ ସେ କେତେ ଗୀତ ଗାଇ ଉଠିଛି। "*ମଦନମୋହନ/ କରୀନ୍ଦ୍ର ଦନ୍ତପଲଙ୍କ ତେଜି ପ୍ରଭୁ ନରେନ୍ଦ୍ର ଗମନ/ ବୈଶାଖ ଶୁକଳ ତୃତୀୟାରେ ପ୍ରଭୁ ଚଢ଼ି ଅପୂର୍ବ ବିମାନ/ ଶ୍ରୀବଡ଼ଦେଉଳୁଂ ବଡ଼ଦାଣ୍ଡେ ବିଜେ ସଙ୍ଗେ ଘେନି ତ୍ରିଲୋଚନ/ ଛତ୍ରତ୍ରାସ ପଖା ଆଲଟ ଚାମର ମେଘଡ଼ମ୍ବର ଶୋଭନ/ ଘଣ୍ଟ କାହାଳ ମର୍ଦଳ ବୀଣା ବାଜେ ଚମକେ ଇନ୍ଦ୍ରଦ୍ୟୁମନ/ ବିମାନୁ ଉତୁରି 'ବଂଶୀଧାରୀ' ଚାପେ କଲେ ବେହରଣ/ କାତ କେଳୁଆର ଧରି କଇବ୍ରତ ଚାପ ବାହେ ଘନଘନ।"/ "ଏ ଆଷାଢ଼ ମାସେ ସଖି ମେଘ ଘଡଘଡି/ ବାହାରିଲେ ପ୍ରଭୁ ଯେ ନନ୍ଦିଘୋଷ ଚଢ଼ି/ ନନ୍ଦିଘୋଷ ରଥେ ଯେ 'ନନ୍ଦେରି ନନ୍ଦନ'/ ତାଳଧ୍ୱଜ ରଥେ ଭାଇ ତ ବଳରାମ/ ଦେବୀ ରଥେ ଚଢ଼ିଣ ସୁଭଦ୍ରା ଗୁଣ୍ଡିଚା ଗମନ ଲୋ"/ "ସପତଣୀ ନୁହେଁ ମୁଁ ଗୋ ଜନକ ଦୁଲଣୀ/ ଗୋପପୁରେ ଅଛି ଯେ ଚନ୍ଦ୍ର ସପତଣୀ/ ରାଧିକା ମାନଭଞ୍ଜ କଲେଜ ' ଶିରୀପତି'/ 'ବଡ଼ଦେଉଳେ ' ପଶିଲେ ଯେ ବରଷାରେ ତିନ୍ତି।*'

ମହାକବି ସାରୋଳାଦାସ ତଦୀୟ ମହାଭାରତର ହରିପର୍ବରେ (ମୁଷଳୀପର୍ବ) ସଂଘଟିତ ହୋଇଥିବା କୃଷ୍ଣଙ୍କ ତିରୋଭାବ ପ୍ରସଙ୍ଗ ସହ ଜଗନ୍ନାଥ-ଉପାଖ୍ୟାନକୁ ସଂପୃକ୍ତ କରିଛନ୍ତି। ନୀଳମାଧବ, ଇନ୍ଦ୍ରଦ୍ୟୁମ୍ନ, ବସୁଶବର,ଗାଲମାଧବ ଆଧାରିତ କିମ୍ବଦନ୍ତୀକୁ ମହଭାରତୀକରଣ କରି ଲୌକିକ ମର୍ଯ୍ୟାଦାକୁ ଶାସ୍ତ୍ରୀୟ ଗୌରବ ପ୍ରଦାନ କରିବାରେ ତାଙ୍କ ସଦ୍ୟୁଦମ ପ୍ରଣିଧାନ ଯୋଗ୍ୟ। *ନ ପୋଡ଼ି ଅର୍ଜୁନ ବୋଲି ଶୁଭିଲା ସ୍ୱର୍ଗବାଣୀ/ କୋଳକରି ନେଇ ପକାଇଲା ସିନ୍ଧୁପାଣି/ ସେ ପିଣ୍ଡ*

DOI: 10.70541/BAGEESHA/2025030302

VOL NO 03 ISSUE NO 03

କଳିଯୁଗରେ ହୋଇବ ହଦେ ପୂଜା/ ଶୁଣି ବିସରିଲା ଇନ୍ଦ୍ରଦ୍ୟୁମନ ମହାରାଜା XXX ବ୍ୟାସଙ୍କର ଅଗ୍ରତେ ଯେ ଜୁଝେଷ୍ଟି କହିଲେ/ ଶ୍ରୀକୃଷ୍ଣଙ୍କ ପିଣ୍ଡ ଯେ ଅର୍ଜୁନ ଦହିଲେ/ ଆକାଶର ବାଣୀ ଶୁଣି ପକାଇଲା ଜଳେ/ ସେ କେମନ୍ତ ହୋଇବ ହେ କହତ ସର୍ବକାଳେ/ ବ୍ୟାସ ବୋଇଲେ ତୁମ୍ଭେ ଶୁଣ ହୋ ଧର୍ମରାୟେ/ ସେ କୃଷ୍ଣର ଶରୀର ଅଟଇଟି ଅକ୍ଷୟେ/ ଯେବଣ ଜାରାଶବର କଲା ଶସ୍ତ୍ରଘାତ/ ତାହାକାଇଁ ଅନୁଗ୍ରହ କଲେକ ଜଗନ୍ନାଥ/ ପ୍ରସନ୍ନ ହୋଇଣ ଯେ ବୋଇଲେ ଦେବରାଜା/ ଯେ ପିଣ୍ଡ ନେଇଣ ତୁ କରସି ଆମ୍ଭନ୍ତ ପୂଜା/ ସ୍ୱପନ ଚେତିଣ ଯେ ଉଠଇ ଶବର/ ଦେଖଇ ମାଧବରୂପ ସ୍ୱାମୀ ଶଙ୍ଖ ଚକ୍ରଧର XXX/ ଏ ସମୟେ ପ୍ରବେଶିଲେ ପ୍ରଭୁ ଚକ୍ରଧର/ ଦେବଗଣଙ୍କ ମଧ୍ୟରେ ଯାଇଣ ବସିଲେ/ ସମସ୍ତଙ୍କୁ ଚାହିଁ ପ୍ରଭୁ ଏମନ୍ତ କହିଲେ/ ଯାଉଅଛୁ ଆଜି ଆମ୍ଭେ ଶ୍ରୀନୀଳକନ୍ଦରେ/ ପୂଜା ଘେନିବୁ ସେଠାରେ କଳିଯୁଗରେ।

ତେଣୁ ଜଗନ୍ନାଥ-ଧର୍ମର ଉଦ୍ଭବ ବିକାଶକୁ ଲକ୍ଷ୍ୟକଲେ ଜ୍ଞାତ ହେବ ଯେ ଜଗନ୍ନାଥ; ମାଧବ ଉପାସନା ସୃଷ୍ଟ ନିରାକାର ଚେତନା-ଦୀପ୍ତ, ହସ୍ତ-ପଦ-କର୍ଣ ଶୂନ୍ୟ ବ୍ରହ୍ମ ମୂରତି। ତାଙ୍କଠାରେ ଯେତେ ଧର୍ମ ଧାରଣା ଆରୋପିତ ହେଇଥାଉନା କାହିଁକି ବିଷ୍ଣୁତ୍ୱ ହିଁ ଏହାର ମଞ୍ଜିରିତ ଆଧାର ବୀଜ। ଓଡ଼ିଆ କବିମାନଙ୍କ କୃଷ୍ଣାଧାରିତ କାବ୍ୟର ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେହେତୁ ସେହି ସମୟ ବେଳକୁ କୃଷ୍ଣଙ୍କୁ ସାକ୍ଷାତ ବିଷ୍ଣୁ (*ଏତେଚାଂଶଃ କଳାପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ। ଇନ୍ଦ୍ରାରି ବ୍ୟାକୁଳମ୍ ଲୋକଂ ମୃଡୟନ୍ତି ଯୁଗେଯୁଗେ।। ସଂ.ଭାଗବତଃ ୧/୩/୨୮*) ଭାବେ ସଂସ୍କୃତ ଭାଗବତ ପ୍ରତିଷ୍ଠା ଦେଇ ସାରିଥିଲା ଏବଂ କୃଷ୍ଣ; ମହାବିଷ୍ଣୁ-ଶ୍ରୀଜଗନ୍ନାଥଙ୍କ ଷୋଳକଳାରୁ ଏକକଳାର ଅଧିକାରୀ ହୋଇଥିଲେ ହେଁ ସେହି ଗୋଟିଏ କଳାକୁ ନିଜର ଦିବ୍ୟ ଅଂଶାବତାର ଲୀଳା ମାଧ୍ୟମରେ ଷୋଳକଳାରେ ପରିଣତ କରିପାରି ଥିଲେ (*ଜଗନ୍ନାଥ ଯେ ଷୋଳକଳା।। ତହୁଁ କଳାଏ ନନ୍ଦ ବଳା।। କଳାକୁ ଷୋଳକଳା କରି। ଗୋପେ ବିହରେ ନରହରି।। ରହସ୍ୟ ମଞ୍ଜରୀ: ଦେବଦୁର୍ଲଭ ଦାସ*) ବୋଲି କଥିତ ଅଛି। ତେଣୁ କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା ସ୍ୱାଭାବିକର ବିଷୟ। ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରେ ଦ୍ୱୈତବାଦ ଓ ଭକ୍ତିଯୋଗର ବିଶିଷ୍ଟ ତତ୍ତ୍ୱାବଧାରକ ଗୋସ୍ୱାମୀ ନିମ୍ବାର୍କ ଓଡ଼ିଶା ଆଗମନ କରି ଭକ୍ତିଧର୍ମର ପ୍ରଚାର ପ୍ରସାର କରିବା ସହ ରାଧାକୃଷ୍ଣ ଉପାସନାକୁ ଗୁରୁତ୍ୱାରୋପ କଲେ। ଓଡ଼ିଶାରେ ପୂଜିତ ମୁରଲୀ ମନୋହର ଗୋପୀବଲ୍ଲଭ କୃଷ୍ଣ , ରାଧାବଲ୍ଲଭ ଭାବେ ଆରାଧିତ ହେବାକୁ ଲାଗିଲେ। ଜଗନ୍ନାଥଙ୍କୁ କୃଷ୍ଣାୟିତ କରିବାରେ ଅଧିକ ପ୍ରାଧାନ୍ୟ ଦିଆଗଲା। ନିମ୍ବାର୍କ-ପଛାବଲମ୍ବୀ ମହାକବି ଜୟଦେବ ରାଧାକୃଷ୍ଣ ପ୍ରଣୟ ମୂଳକ ଶୃଙ୍ଗାରୀ-କାବ୍ୟ 'ଗୀତଗୋବିନ୍ଦ' ରଚନା କରି ପ୍ରେମଭକ୍ତିର ସୁଧାମୟ ଧାରାକୁ ସାରା ଭାରତବର୍ଷରେ ବିସ୍ତାରିତ କରାଇଲେ। ଗୀତଗୋବିନ୍ଦର ନାୟକ ଶିରୋମଣି ଶ୍ରୀଜଗନ୍ନାଥ। ଏହାର କାନ୍ତା-ସମ୍ମିତ ଲଳିତ-ପଦାବଳୀର ମଧୁର ମୂର୍ଚ୍ଛନାକୁ ନ ଶୁଣିଲେ ଜଗନ୍ନାଥଙ୍କୁ ନିଦ୍ରା ଆସେନି। ସେ ଗୋପୀ ବଦନାମ୍ବୁଜ ନିସୃତ ସୁଧା ପିପାସୁ ଲୋଲୁପ ମଧୁପାୟୀ (*ମୁଦାଭିରୀନାରୀ ବଦନ କମଳାସ୍ୱାଦ ମଧୁପ; ଶଙ୍କରାଚାର୍ଯ୍ୟ / ଶ୍ରୀଚୈତନ୍ୟ(?)କୃତ ଜଗନ୍ନାଥାଷ୍ଟକମ୍*) ତ ପୁଣି ସ୍ମରର କାମ ଗରଳରୁ ତ୍ରାଣ ପାଇବା ପାଇଁ ରାଧାଙ୍କ ପଦପଲ୍ଲବକୁ ନିଜ ମସ୍ତକରେ ଧାରଣ କରିବାକୁ ବ୍ୟାକୁଳ ପ୍ରେମିକଶ୍ରେଷ୍ଠ ରସରାଜ (ସ୍ମରଗରଳ ଖଣ୍ଡନମ୍ ମମ ଶିରସି ମଣ୍ଡନମ୍ ଦେହୀ ପଦପଲ୍ଲବମୁଦାରମ୍; ଜୟଦେବକୃତ ଗୀତଗୋବିନ୍ଦ)।

ଉତ୍କଳୀୟ ଜ୍ଞାନମାର୍ଗୀ ବୈଷ୍ଣବଙ୍କ କ୍ଷେତ୍ରରେ ଗୌଡୀୟ ଭାବଧାରାର ରାଧାକୃଷ୍ଣଙ୍କ ପରକୀୟା ଅପ୍ରାକୃତ ପ୍ରେମଲୀଳାର୍ଚ୍ଚନା ଅସହ୍ୟ ହୋଇପଡିଥିଲେ ହେଁ, ଚୈତନ୍ୟଙ୍କ ସମ୍ମୋହନରେ ସଭିଏଁ ପ୍ରେମଭକ୍ତିର ମହାମ୍ରୋଧ୍‌ରେ ଅବଗାହନ କଲେ। ପାରମ୍ପରିକ ଉତ୍କଳୀୟ ବୈଷ୍ଣବ ସାଧକଗଣ ଯନ୍ତ୍ର-ତନ୍ତ୍ର-ମନ୍ତ୍ର ଓ ପିଣ୍ଡ ବ୍ରହ୍ମାଣ୍ଡ ଆଦି ଯୋଗାଚାରଣ (*ଯନ୍ତ୍ରତନ୍ତ୍ରମନ୍ତ୍ରଚୈବ ଛାୟା ଜ୍ୟୋତିଅବାଡକମ୍, ହଜ ସମାଧ୍ ରସଗୁଣଂ ଚ ଯଃ ଜାନାତି ସଃ ବୈଷ୍ଣବଃ*) ସହିତ ଜଗନ୍ନାଥଙ୍କୁ କୃଷ୍ଣକରି ନବଧା ଭକ୍ତିର (*ଶ୍ରବଣକୀର୍ତନଂ ବିଷ୍ଣୁଂ ସ୍ମରଣଂପାଦସେବନମ୍ , ଅର୍ଚନବନ୍ଦନଂ ଦାସ୍ୟଃ ସଖାମ୍ୟନଃ ନିବେଦନମ୍*) ଦିବ୍ୟସୁଧା ପାନ କରିବାକୁ ଲାଗିଲେ। ଜଗନ୍ନାଥ ଦାସଙ୍କ ଭାଗବତରେ ଉତ୍କଳୀୟ-ବୈଷ୍ଣବ-ଭାବାଦର୍ଶ ପ୍ରଖ୍ୟାପନର ସୁପ୍ରତୁଳ ଅବସର ରହିଥିଲେ ମଧ୍ୟ ପ୍ରେମ ଓ ଭକ୍ତିର ବଢ଼ିମା ଭାଗବତରେ ଯେ ଯଥା ସମ୍ଭବ ନିର୍ଦ୍ଦିତ ହୋଇଅଛି ଏହା ସୁଦୃଶ୍ୟ। ଭାଗବତର ଏକାଦଶ ସ୍କନ୍ଧ ଶେଷରେ ଭକ୍ତିକୁ ବିଶେଷ ପ୍ରାଧାନ୍ୟ (*ଭକତି କୃଷ୍ଣ ପାଦେ ଲଭ। ମନୁଷ୍ୟ ଜନ୍ମର ଏ ଲାଭ।।*) ଦେଇ ଭକ୍ତକବି ବ୍ରହ୍ମଲୀନ ହୋଇ ଯାଇଛନ୍ତି। ଓଡ଼ିଆ ଭକ୍ତି ସାହିତ୍ୟରେ କୃଷ୍ଣଙ୍କୁ ଜଗନ୍ନାଥୀ କରଣର ଯେଉଁ ପ୍ରଯତ୍ନ ସାରୋଳଦାସଙ୍କ ଦ୍ୱାରା (*ଶ୍ରୀଯମେଶ୍ୱର ମହାଲିଙ୍ଗ ମଉଦଧିର ଉତ୍ତର ତଟେ/ ନୀଳସୁନ୍ଦର ପର୍ବତ ନୀଳ କଳ୍ପବଟ// ବିଜୟେ ରାମକୃଷ୍ଣ ସୁଭଦ୍ରା ନାମେ ବ୍ରହ୍ମା / ଚରିଶତ ବତିଶ ସହସ୍ର ବରଷକୁ ଯୋଗ ଲୟେ ମହାତମା // ଆଦିପର୍ବ: ସାରୋଳ ମହାଭାରତ*) ଆରମ୍ଭ ହୋଇ ଭକ୍ତିଧର୍ମର କ୍ଷୁଦ୍ର ବୀଜ-ବପନ ହୋଇଥିଲା ପଞ୍ଚସଖା କାଳରେ (*ଶ୍ରୀହରିବଂଶ ପୁରାଣ ମୋତେ ସେହୁ ଦେଲେ/ ଆପଣେ ଶ୍ରୀଜଗନ୍ନାଥ ମୁଖେ ଆଜ୍ଞା କଲେ// ହରିବଂଶ ପୁରାଣ: ଅଚ୍ୟୁତାନନ୍ଦ ଦାସ*) ତାହା ପଲ୍ଲବିତ ହୋଇ ପରବର୍ତୀ ସମୟକୁ ଏହା ମହାଦ୍ରୁମରେ ପରିଣତ ହେଲା। ଷୋଡ଼ଶ ଶତକରେ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ ଯେଉଁ ଅଭେଦତ୍ୱ କଳ୍ପିତ ହୋଇଥିଲା ତାହାର ବର୍ଣନା ଶ୍ରୀଚୈତନ୍ୟ-ପଞ୍ଚସଖା-କାଳୀନ କବି କହ୍ନାଇ ଖୁଣ୍ଟିଆଙ୍କ ରଚନାରେ ମଧ୍ୟ ଦେଖିବାକୁ ମିଳିଥାଏ। କେବଣ ଦେବତା ସେହୁ ଦେବ ଜଗନ୍ନାଥ/ କେବଣ ଭାବେ ଶ୍ରୀକୃଷ୍ଣ ଅଙ୍ଗକୁ ପ୍ରାପତ/ ନାହିଁ ଯେଣୁ ତ୍ରିଭଙ୍ଗିମା ଅଧରେ ମୁରଲୀ/ ନାହିଁ ବୃନ୍ଦାବନ ଧାମ ରାଧାନାଥ ବୋଲି/ କେବଣ ଭାବରେ ପ୍ରଭୁ ହେଲ ଜଗନ୍ନାଥ/ ଏଥିକୁ ସଂଶୟ ଅଛି ମୋରଟି ବହୁତ। (*ଶ୍ରୀମହାଭାବପ୍ରକାଶ: କହ୍ନାଇ ଖୁଣ୍ଟିଆ*)

ପଞ୍ଚସଖା ପରବର୍ତୀ କାଳୀନ ରୀତି ଯୁଗୀୟ କବିଗଣ ସଂସ୍କୃତ ସାହିତ୍ୟକୁ ଆଦର୍ଶ (*ଘେନ ନୈଷଧ ପରାଏ/ ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ।। କୋଟିବ୍ରହ୍ମାଣ୍ଡ ସୁନ୍ଦରୀ:*

DOI: 10.70541/BAGEESHA/20250302

VOL NO 03 ISSUE NO 03

ଉପେନ୍ଦ୍ର ଭଞ୍ଜ) କରି ସ୍ୱ ସ୍ୱ କାବ୍ୟାଭିପ୍ରାୟ ପ୍ରକଟ କଲେ। ପୁରାଣ ରଚନାର ପର୍ବ ପ୍ରାୟଶଃ ସଙ୍କୁଚିତ ହେବାକୁ ଲାଗିଲା। ଉତ୍କଳର ଅନାଳଙ୍କାରିକ ସରଳ ସୁବୋଧ ତଥା ସ୍ୱଚ୍ଛନ୍ଦ ଗତିରେ ପ୍ରବହମାନ ବିମୁକ୍ତ ଭାଷା-ସ୍ରୋତସ୍ୱିନୀ, ସଂସ୍କୃତର ଶୁଷ୍କ ବନ୍ଧୁର କଙ୍କରିଳ ଗଡଖାଇରେ ନିଜ ଆଙ୍ଗିକ କଳେବରକୁ ସସୀମିତ କଲା। ବିଶେଷତଃ ପୁରାଣର କୌଣସି ଆଖ୍ୟାନ ତଥା ନିର୍ଦ୍ଦିଷ୍ଟ କଥାବସ୍ତୁକୁ ଆଧେୟ କରି (ସୁଭଦ୍ରା ପରିଣୟ: ଉପେନ୍ଦ୍ର ଭଞ୍ଜ, ସୁଲକ୍ଷଣା: ଅଭିମନ୍ୟୁ ସାମନ୍ତ ସିଂହାର, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର: ଯଦୁମଣି ମହାପାତ୍ର, ପଦ୍ମାବତୀ ପରିଣୟ: ନିଶଙ୍କରାୟ ରାଣୀ ଇତ୍ୟାଦି) ରୀତିକାଳ କବି କାବ୍ୟ ରଚନାରେ ବ୍ରତତୀ ହେଲେ। ରାମ-କୃଷ୍ଣ ଜୀବନାୟନକୁ ନେଇ ଅନୁପମ ଆଳଙ୍କାରିକ ଛନ୍ଦୋବଦ୍ଧ କାବ୍ୟ ରଚିତ ହେବାକୁ ଲାଗିଲା। ମାତ୍ର ଜଗନ୍ନାଥ ସବୁଠି ପ୍ରକଟିତ ହୋଇଛନ୍ତି। ବୈଷ୍ଣବ କାବ୍ୟ-ଭାଷାର ପ୍ରଚ୍ଛନ୍ନ ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ (*କର ସାଧୁଜନ ମନକୁ ଏକ/ କର ଧୀରେ ଧୀର ନୀଳାଚଳ ନାୟକ XXX କଳାପର୍ବତରେ ଲୀଳା କରି ଅନେକ/ କଲେ ଇଚ୍ଛା ମନେ ହେବା କଂସ ଅନ୍ତକ॥ XXX କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ / କରନ୍ତି ପୂର୍ଣ୍ଣ ଜନ ମନୋରଥ ॥ କଲି ମୁଁ ଏହି ଘେନି ଅଭିମତ / କରିବାକୁ ରସକଲ୍ଲୋଳ ଗୀତ ॥ କହିଲେ ସେ ଯେଣୁ / କରରେ ମାତ୍ର ଲେଖିଲି ମୁଁ ତେଣୁ॥ ରସକଲ୍ଲୋଳ: ଦୀନକୃଷ୍ଣ ଦାସ*) କେବଳ ପୌରାଣିକ କାବ୍ୟୋପାଖ୍ୟାନରେ କାହିଁକି ଅପିତୁ କାଳ୍ପନିକ କାବ୍ୟରେ ମଧ୍ୟ ଜଗନ୍ନାଥ ପ୍ରବେଶ କରିଛନ୍ତି। ଉପେନ୍ଦ୍ରଙ୍କ 'ରସିକ ହାରାବାଳୀ ' କାବ୍ୟ ଏହାର ପ୍ରକୃଷ୍ଟ ଉଦାହରଣ। ଏହାର କାହାଣୀ ସଂଯୋଜନା ଏହିପରି: "ମଳୟ ପର୍ବତରେ ଇନ୍ଦ୍ର ସ୍ୱର୍ଗ ଅପସରୀଗଣଙ୍କ ମଧ୍ୟରେ ବିଜେ କରି ନାରଦଙ୍କ ବୀଣା ଝଙ୍କାର ଓ ଉର୍ବଶୀଙ୍କ ଦ୍ୱାରା କେଦାର ରାଗରେ ଗାନ କରାଯାଉଥିବା ସଙ୍ଗୀତକୁ ମନଃଯୋଗ ପୂର୍ବକ ଶୁଣୁଥିବା ବେଳେ, ଇନ୍ଦ୍ରଙ୍କ ଚାମର ସେବାରେ ନିୟୋଜିତ ଥିବା ଏକ ବିଦ୍ୟାଧର ଉର୍ବଶୀଙ୍କୁ ଦେଖି କାମ ବାସନାରେ ମୋହାବିଷ୍ଟ ହୋଇପଡ଼ିଲା। ଇନ୍ଦ୍ର ଏହା ଜାଣିପାରି କ୍ରୋଧରେ ପୃଥିବୀରେ ଜନ୍ମିବା ପାଇଁ ବିଦ୍ୟାଧରକୁ ଶାପ ପ୍ରଦାନ କଲେ। ଅଭିଶାପରୁ ମୁକ୍ତି ପାଇବା ନିମନ୍ତେ ପ୍ରାର୍ଥନା କରିବାରୁ ଇନ୍ଦ୍ର ଅଭିଶାପକୁ କେତେକାଂଶରେ କୋହଳ କରି ନିର୍ଦ୍ଦେଶ କଲେ ଯେ ଉତ୍କଳରେ ଜନ୍ମଲାଭ କରି ପୁରୁଷୋତ୍ତମସ୍ଥ ବିଷ୍ଣୁଙ୍କୁ ଉପାସନା କରିବା ସହ ପୃଥିବୀରେ ନିଜ ବଂଶ ରଖିଲା ଉତ୍ତାରେ ସ୍ୱର୍ଗକୁ ଫେରିଆସିବ। ଏହାପରେ ବିଦ୍ୟାଧର ଓ ତାହାର ପତ୍ନୀ ପୁରୁଷୋତ୍ତମରେ ବାସକଲେ ଏବଂ ବିମଳାଙ୍କ ବର ଲାଭରେ କନ୍ୟା ସନ୍ତାନ ଲାଭକଲେ। ଯେଉଁ କନ୍ୟା ରସିକ ହାରାବଳୀ ଭାବେ ରୂପ-ଯୌବନ, ଗୁଣ-ଗରିମାରେ ବିଖ୍ୟାତ ହେଲା। କୋଶଳ ରାଜକୁମାର ତାହା ପ୍ରତି ଆକୃଷ୍ଟ ହେଲେ। ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରାରେ ଦୁହେଁ ପରସ୍ପରର ସାକ୍ଷାତ ହେବା ଏବଂ ବିବାହ ବନ୍ଧନରେ ବାନ୍ଧି ହେବା ବିଷୟ ଆଦି ଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢି ଉଠିଛି। (*କୃପାବଶେ ବୋଇଲେ ଉତ୍କଳେ ଜନ୍ମ ହୋଇ ।/ କ୍ଷେତ୍ରରାଜେ ବହୁକାଳ ବିଷ୍ଣୁ ସେବ ତୁହି ।। XXX ବ୍ରାହ୍ମଣୀ କହେ ମାଧବ-ମାସେ ହୋଏ ମାଧବ ଚନ୍ଦନ ଉତ୍ସବ।/ ମଣୁଛି ସେ ଯାତ୍ରା ପ୍ରାବୃଟ ତୁମ୍ଭର ଆଶା ଚାତକକୁ ତୋଷିବ XXX ଯେଉଁ କ୍ଷେତ୍ରରାଜ ବିରାଜମାନ ଗରୁଡ଼ ଧ୍ୱଜେ।/ ଶ୍ରବଣେ ଚରିତ ତୁରିତ ଜନ ଦୂରିତ ଗଞ୍ଜେ।। (ରସିକ ହାରାବଳୀ: ଉପେନ୍ଦ୍ର ଭଞ୍ଜ*)

ନିରବଧି କାଳରୁ ପୁରୁଷୋତ୍ତମ ଜଗନ୍ନାଥ ପ୍ରତିଟି ଓଡ଼ିଆଙ୍କ ଜଗତ୍ ଓ ଜୀବନ ସହିତ ନିର୍ବିକଳ୍ପ ଭାବେ ନିର୍ଲିପ୍ତ। କି ଧନୀ କି ନିର୍ଧନ ସେ ସଭିଙ୍କ ଆତ୍ମୀୟ ଆପଣାର, ସୁଖଦୁଃଖ, ଭଲମନ୍ଦର ସାଥି। ସେ ଶାସ୍ତ୍ରରେ ସେ ସ୍ମୃତିରେ, ସେ ସଂସ୍କୃତିରେ ସେ ସୃଜନୀରେ, ସେ ଚିନ୍ତାରେ ସେ ଚେତନାରେ, ସେ ସୃଷ୍ଟିରେ ସେ ସାଧନାରେ, ସେ ଭାବରେ ସେ ଭକ୍ତିରେ, ସବୁଠାରେ ତାଙ୍କ ଉପସ୍ଥିତିର ପ୍ରଗାଢ ମହିମା ପ୍ରତିଟି ଓଡ଼ିଆ ଛତ୍ରେଛତ୍ରେ ଅନୁଭବ କରେ। ସଚେତ ଭାବରେ ଯେତେ ଚେଷ୍ଟା କରାଯାଉ ନା କାହିଁକି ଜଗନ୍ନାଥ ରୂପୀ ଦିବ୍ୟ-ଚେତନାର ଏରୁଣ୍ଡି ଏଡିଯିବା ଅସାଧ୍ୟ ଅଟେ।

ଉପସଂହାର: ନିରବଧି କାଳରୁ ପୁରୁଷୋତ୍ତମ ଜଗନ୍ନାଥ ପ୍ରତିଟି ଓଡ଼ିଆଙ୍କ ଜଗତ୍ ଓ ଜୀବନ ସହିତ ନିର୍ବିକଳ୍ପ ଭାବେ ନିର୍ଲିପ୍ତ। କି ଧନୀ କି ନିର୍ଧନ ସେ ସଭିଙ୍କ ଆତ୍ମୀୟ ଆପଣାର, ସୁଖଦୁଃଖ, ଭଲମନ୍ଦର ସାଥି। ସେ ଶାସ୍ତ୍ରରେ ସେ ସ୍ମୃତିରେ, ସେ ସଂସ୍କୃତିରେ ସେ ସୃଜନୀରେ, ସେ ଚିନ୍ତାରେ ସେ ଚେତନାରେ, ସେ ସୃଷ୍ଟିରେ ସେ ସାଧନାରେ, ସେ ଭାବରେ ସେ ଭକ୍ତିରେ, ସବୁଠାରେ ତାଙ୍କ ଉପସ୍ଥିତିର ପ୍ରଗାଢ ମହିମା ପ୍ରତିଟି ଓଡ଼ିଆ ଛତ୍ରେଛତ୍ରେ ଅନୁଭବ କରେ। ସଚେତ ଭାବରେ ଯେତେ ଚେଷ୍ଟା କରାଯାଉ ନା କାହିଁକି ଜଗନ୍ନାଥ ରୂପୀ ଦିବ୍ୟ-ଚେତନାର ଏରୁଣ୍ଡି ଏଡିଯିବା ଅସାଧ୍ୟ ଅଟେ।

ସହାୟକ ଗ୍ରନ୍ଥସୂଚୀ:

୧) ଦାସ, ନୀଳକଣ୍ଠ। ୨୦୧୧। ଓଡ଼ିଆ ସାହିତ୍ୟର କ୍ରମପରିଣାମ। କଟକ: ଗ୍ରନ୍ଥ ମନ୍ଦିର।

୨) ସେନାପତି, ଫକୀରମୋହନ(ଅ)। ୧୮୮୨। ଶ୍ରୀମଦ୍ଭାଗବତ ଗୀତା। ବାଲେଶ୍ୱର ।

୩) ଶ୍ରୀମଦ୍ଭାଗବତ ଗୀତା। ୨୦୦୭। ଗୁରୁଧାମ: ହିନ୍ଦୀ ପ୍ରକାଶନୀ ସମିତି।

୪) ପଟ୍ଟନାୟକ, ଅରବିନ୍ଦ। ୨୦୦୬। ଲୋକ ସାହିତ୍ୟ। ଭୁବନେଶ୍ୱର: ସରସ୍ୱତୀ ପ୍ରକାଶନୀ।

୫) ମହାପାତ୍ର, ଚକ୍ରଧର। ୧୯୭୧। ଉତ୍କଳ ଗାଉଁଲି ଗୀତ। କଟକ: ସରସ୍ୱତୀ ମହାନ୍ତି।

୬) ମହାନ୍ତି ଆର୍ତ୍ତବଲ୍ଲଭ(ସଂ)। ସାରଳା ମହାଭାରତ ଭାଗ-୧୫। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର।

୭) ମହାନ୍ତି, ଆର୍ତ୍ତବଲ୍ଲଭ(ସଂ)। ୧୯୬୫। ରହସ୍ୟ ମଞ୍ଜରୀ। କଟକ: ପ୍ରାଚୀ ପ୍ରକାଶିନୀ।

୮) ମିଶ୍ର, ନୀଳମଣି(ସଂ)। ୨୦୧୦। ଶ୍ରୀଗୀତଗୋବିନ୍ଦ।

DOI: 10.70541/BAGEESHA/2025030302

VOL NO 03 ISSUE NO 03

କଟକ: ଗ୍ରନ୍ଥ ମନ୍ଦିର।

୯) ମହାନ୍ତି ଆର୍ତ୍ତବଲ୍ଲଭ(ସଂ)। ୧୯୫୭ । ସାରଳା ମହାଭାରତ (ଭାଗ-୧୫)। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର।

୧୦) ସପ୍ତଖଣ୍ଡ ହରିବଂଶ(ପ୍ରଥମ ଖଣ୍ଡ)। ୧୯୮୪। କଟକ: ଧର୍ମଗ୍ରନ୍ଥ ଷ୍ଟୋର।

୧୧) ମହାଭାବ ପ୍ରକାଶ। ୧୯୭୫। କଟକ: ନିତ୍ୟାନନ୍ଦ ପୁସ୍ତକାଳୟ।

୧୨) ମହାନ୍ତି, ଆର୍ତ୍ତବଲ୍ଲଭ (ସଂ)। ୧୯୫୩। ରସକଲ୍ଲୋଳ। କଟକ: ପ୍ରାଚୀ ସମିତି।

୧୩) ସାମନ୍ତ, କମ୍ବୁପାଣି(ସଂ)। ୨୦୨୦। ରସିକ ହାରାବଳୀ। କଟକ: ଓଡ଼ିଶା ଗବେଷଣା ପରିଷଦ।

Funding
No funding was received for conducting this study.

Does this Article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this Article.

About the licenses
© **Pritam Rout** 2025. The text of this Article is open access and licensed under a Creative Commons Attribution 4.0 International license

Cite this Article :
Rout, Pritam, "Jatiya Jibanare Jaganatha Chetanara Abadha Prabesikaranara Bibhirna Diga: Sadrustaanta Bimarsa", Bageesha, Vol. No. 03, Issue No. 03, May-June 2025, Article No: BM2025/03-A002| Page- 16-20| DOI: https://doi.org/10.70541/BAGEESHA/2025030302

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଦାଦନ ଶ୍ରମିକର ସ୍ୱର

ଦମୟନ୍ତୀ ଜେନା
ଗବେଷିକା, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

RECEIVED : 11 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI: 10.70541/BAGEESHA/2025030303

Article No. BM2025/03-A003
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ସାରାଂଶ

ନିଜେ ତଥା ନିଜ ପରିବାର ସହ କର୍ମ ଅନ୍ୱେଷଣରେ ନିଜ ରାଜ୍ୟର ବାହାରକୁ ଯାଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ। ଠିକାଦାରମାନଙ୍କ ଦ୍ୱାରା ଅନ୍ୟରାଜ୍ୟକୁ ଯାଇ ଅନେକ ମାରାତ୍ମକ କର୍ମରେ ଏମାନେ ନିଜକୁ ସାମିଲ କରିଥାନ୍ତି। ନିଯୁକ୍ତ ହୋଇଥିବା କର୍ମସ୍ଥଳୀରେ ଅନେକ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି। ଏତେସବୁ ଅସୁବିଧା ସତ୍ତ୍ୱେ ଦାଦନ ଖଟି ଯାଇଥିବା ଶ୍ରମିକ କାମଅଧାରୁ ଛାଡି ଆସିପାରେ ନାହିଁ। ଓଡ଼ିଶାର ସ୍ଥିତିକୁ ଆକଳନ କଲେ ଜଣାଯାଏ ଯେ, ଆମ ରାଜ୍ୟରେ ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡିଶାରୁ ବହୁଲୋକ କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଏହି ଶ୍ରମିକମାନଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ତେଣୁ ଦାଦନମାନଙ୍କ ପାଇଁ ନିଜ ରାଜ୍ୟରେ କର୍ମଭିତ୍ତିକ ସୁବିଧା ସୁଯୋଗର ବ୍ୟବସ୍ଥା କରିବା ବିଭିନ୍ନ ମହଲରେ ସରକାରଙ୍କୁ ଦାବି କରାଯାଉଛି। ଏ କ୍ଷେତ୍ରରେ ସାହିତ୍ୟିକ ତଥା ଗାଳ୍ପିକମାନଙ୍କର ଭୂମିକା କିଛି କମ ନୁହେଁ। ଏକବିଂଶ ଶତାବ୍ଦୀର ଗଳ୍ପ ପୁସ୍ତକରେ ଗାଳ୍ପିକମାନେ ନିଜ ନିଜର ଲେଖନୀ ମାଧ୍ୟମରେ ଦାଦନମାନଙ୍କ ସ୍ଥିତି ଓ ସମସ୍ୟାକୁ ତୋଳିଧରି ଉଭୟ ପାଠକ ଓ ସମାଜର ଦୃଷ୍ଟି ଆକର୍ଷଣ କରାଇ ସେଭଳି ଦୁଃସ୍ଥିତିର ସୁଧାର ଆଣିବା ପାଇଁ ଆପ୍ରାଣ ଚେଷ୍ଟା ଚଲାଇଛନ୍ତି ।

ମୂଳଶବ୍ଦ: କର୍ମ ଅନ୍ୱେଷଣ, ଦାଦନ ଶ୍ରମିକ, ଠିକାଦାରମାନଙ୍କ ଚୁକ୍ତି, ଅକଥନୀୟ ଯନ୍ତ୍ରଣା, ଏକବିଂଶ ଶତାବ୍ଦୀର ଗଳ୍ପ।

ଉପକ୍ରମ: ଆମ ରାଜ୍ୟରେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଅନେକ ପରିବାର ନିଜର ଭରଣ ପୋଷଣ କରନ୍ତି। କିନ୍ତୁ ବିଭିନ୍ନ ସମୟରେ ବିଭିନ୍ନ କାରଣ (ମରୁଡ଼ି-ଦୁର୍ଭିକ୍ଷ-ବନ୍ୟା-ବାତ୍ୟା-ଚକଡ଼ା) ହେତୁ କୃଷି କାର୍ଯ୍ୟରେ ନାନା ଅସୁବିଧା ଲାଗିରହେ। ଯଦ୍ଦ୍ୱାରା ସାଧାରଣ ଗରିବ ମଣିଷମାନେ ନିଜର ପ୍ରାତ୍ୟହିକ ଜୀବନଧାରାକୁ ଅତିବାହିତ କରିବାପାଇଁ ଆର୍ଥିକ ଅନଟନର ସମ୍ମୁଖୀନ ହୁଅନ୍ତି। ଆର୍ଥିକ ଦୁଃସ୍ଥିତିକୁ ସୁଧାରିବାପାଇଁ ସେମାନେ ଅନ୍ୟାନ୍ୟ କର୍ମର ଅନ୍ୱେଷଣ କରି ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଆନ୍ତି। ଅନୁରୂପ ଭାବରେ ଦାଦନ ଶ୍ରମିକ ସୃଷ୍ଟି ହେବାର ଅନ୍ୟଏକ କାରଣ ହେଉଛି ଦାରିଦ୍ର୍ୟ। ଅନେକ ବ୍ୟକ୍ତିବିଶେଷ ଅଛନ୍ତି ଯେଉଁମାନେ କି ଭୂମିହୀନ କିମ୍ବା ଆବଶ୍ୟକ ମୁତାବକ ଚାଷଜମି ସେମାନଙ୍କ ପାଖରେ ନଥାଏ। ସରକାରଙ୍କ ଦ୍ୱାରା ଭୂମିବଣ୍ଟନର ଆଶାରଖି କିମ୍ବା ସହାୟତାର ଅପେକ୍ଷା କରି ଶେଷରେ ନିରାଶ ହୋଇ ଅନ୍ୟତ୍ର ଦାଦନ ଖଟିବାକୁ ଯାଆନ୍ତି। ଆଉ ଏକ ପ୍ରମୁଖ କାରଣ ହେଉଛି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାନୁଷ୍ଠାନ, ପ୍ରକଳ୍ପ ନିର୍ମାଣ ନିମନ୍ତେ ସାଧାରଣ ଗରିବ, ଗାଉଁଲି ଲୋକମାନଙ୍କୁ ସେମାନଙ୍କର ବାସସ୍ଥାନ ଏବଂ ଚାଷଜମିରୁ ଉଚ୍ଛେଦ କରିବା। ସାଧାରଣତଃ ଅରଣ୍ୟ ପରିବେଷ୍ଟିତ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଏହି ସମସ୍ୟା ଅଧିକ ମାତ୍ରାରେ ଦେଖାଯାଏ। ସହରର ବହୁ ଦୂରରେ ନିର୍ମଳ ପରିବେଶରେ ନାନା ପ୍ରକାର ଯୋଜନାମୂଳକ ଶିଳ୍ପ କଳକାରଖାନା ପ୍ରତିଷ୍ଠା ନିମନ୍ତେ ନିରୀହ ଲୋକମାନଙ୍କୁ ସେମାନଙ୍କ ବାସସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଏ। ଏହାକୁ ବିସ୍ଥାପନ (Displacement) କୁହାଯାଏ। ପ୍ରତିବଦଳରେ ପ୍ରାପ୍ୟ ଅନୁସାରେ ଅର୍ଥ କିମ୍ବା ଭୂମି ଦେବାପାଇଁ ପ୍ରତିଶ୍ରୁତି ମଧ୍ୟ ଦିଆଯାଏ। ସମୟ କ୍ରମରେ ସେ ପ୍ରତିଶ୍ରୁତି ପୂରୁଣା ହୋଇଯାଏ ଏବଂ ସାଧାରଣ ଗରିବ ଲୋକଟି ଅପେକ୍ଷା କରିକରି ଶେଷରେ ଦାଦନ ଖଟିଯାଏ। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ନଦୀବନ୍ଧ ଯୋଜନାକୁ ଭିତ୍ତିକରି ସରକାର ଉପକୂଳବର୍ତ୍ତୀ ଲୋକମାନଙ୍କ ଠାରୁ ସେମାନଙ୍କର ଜମି କରାୟତ କରନ୍ତି। ଉକ୍ତ ଜମି ବାବଦରେ ଅର୍ଥରାଶି ପ୍ରଦାନ କରିବାକୁ ପ୍ରଚାର କରନ୍ତି। ପ୍ରଚାରର ପରିଣତି ସ୍ୱରୂପ ସରକାର ସ୍ୱଳ୍ପ ଅର୍ଥ ଦିଅନ୍ତି କିମ୍ବା କୌଣସି ଅର୍ଥରାଶି

BM2025/03-A003
ABSTRACT
VOL NO 03 ISSUE NO 03

ନ ଦେଇ ଫାଙ୍କିଦିଅନ୍ତି। ଫଳରେ ନିଜନିଜ ଜମି ହରାଇଥିବା ବ୍ୟକ୍ତିବିଶେଷ ଦାଦନ ଖଟିଯାଆନ୍ତି। ଏହିପରି ଆହୁରି ଅନେକ କାରଣ ମଧ୍ୟ ରହିଛି। ଯାହାକୁ କେନ୍ଦ୍ରକରି ଦାଦନ ଶ୍ରମିକ (Migrant Worker) ଏବଂ ଦାଦନ ସମସ୍ୟା (Migrant Issue) ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଏହି ଦାଦନ ସମସ୍ୟାକୁ କେନ୍ଦ୍ରକରି ଏଥିପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣମୂଳକ ସକାରାତ୍ମକ ସଚେତନ ଓ ପରିବର୍ତ୍ତନ ଆଣିବାପାଇଁ ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ବିଭିନ୍ନ ଦିଗରୁ ଦାଦନ ପ୍ରସଙ୍ଗର ଉପସ୍ଥାପନ କରିଛି ।

ବିଷୟର ଆଲୋଚନା: ଚଷାର ଜୀବନ ଚାଷ ଉପରେ ନିର୍ଭରଶୀଳ। ଚାଷରୁ ଭଲକରି ମୁଠାଏ ଅମଳ ହେଲେ ସେ ବର୍ଷକ ପାଇଁ ସଞ୍ଚୟ କରିରଖେ। ଯଦି ସେଥିରେ ଅନିୟମିତତା ଦେଖାଦିଏ ତେବେ ବର୍ଷସାରା କାନ୍ଦେ। ନିଜ ଅଭାବ, ଅନଟନର ଜୀବନକୁ ଦୁଃଖର ଦାଉରୁ ରକ୍ଷାକରିବା ପାଇଁ ଦାଦନ ଖଟି ଯିବାକୁ ନିଷ୍ପତ୍ତି ନିଏ। କିଏ ଆନ୍ଧ୍ରପ୍ରଦେଶ ଯାଏ ତ କିଏ ଗୁଜୁରାଟ, ପୁଣି କିଏ ହାଇଦ୍ରାବାଦ ଯାଏ। କିନ୍ତୁ ସେଠାରେ ଠିକାଦାର, ମାଲିକମାନଙ୍କର ପ୍ରାଦୁର୍ଭାବ ସେମାନଙ୍କ ଜୀବନକୁ ଧ୍ୱଂସ କରିଦିଏ। ଏପରି ଏକ ପ୍ରସଙ୍ଗମୂଳକ ଦୃଷ୍ଟାନ୍ତ ହେଉଛି ଗାଳ୍ପିକ କ୍ଷେତ୍ରବାସୀ ନାଏକଙ୍କ 'ଦାଦନ' ଗଳ୍ପ। ଲଗାତର ତିନିବର୍ଷ ଧରି ମରୁଡ଼ି, ଅନାଟନ, ବାତ୍ୟା ହେବା ଦ୍ୱାରା ଗଳ୍ପର ମୁଖ୍ୟ ଚରିତ୍ର ମାଗୁଣି ବରିହାର ଚାଷ ଉଜୁଡି ଯାଇଛି। ନିଜ ଗ୍ରାମରେ ଅନ୍ୟ କାମ କରି ପେଟ ପୋଷିବାପାଇଁ ଚିନ୍ତା କରିଥିଲେ ମଧ୍ୟ କାମର ଅଭାବ କିମ୍ବା କାମ ଥିଲେ ପଇସାର ଅଭାବ ହେତୁ ଅନ୍ୟମାନଙ୍କ ପରି ମାଗୁଣି ବରିହା ନିଜ ସ୍ତ୍ରୀ ଏବଂ ଦୁଇ ପୁଅଙ୍କ ସହ ହାଇଦ୍ରାବାଦ ପଳେଇଛି। ସେଠାରେ ଖରା, ବର୍ଷା ସାଙ୍ଗକୁ ଅଖିଆ, ଅପିଆ କାମ କରିଛି। ନିଜ ସାନ ଛୁଆକୁ ଜ୍ୱର ହେବା ହେତୁ ଡାକ୍ତର ଦେଖାଇବାକୁ ଇଚ୍ଛା ଥିଲେ ମଧ୍ୟ ହାତରେ ପଇସା ନ ଥିବା ଯୋଗୁଁ ଏବଂ ମାଲିକ, ମ୍ୟାନେଜର କଥା ନ ଶୁଣିବା କାରଣରୁ ନିଜ ସନ୍ତାନକୁ ହରାଇଛି। ମୃତ ସନ୍ତାନକୁ ନେଇ ନିଜର ଭିଟାମାଟିକୁ ଫେରିଯିବା ପାଇଁ ଚେଷ୍ଟାକରି ମଧ୍ୟ ବିଫଳ ହୋଇଛି– "ସକାଳର ସୁନେଲି ଆଲୁଅ ତାଙ୍କ ଅନ୍ଧାର ଇଲାକାରେ ପଡିବା ଆଗରୁ ଗଣ୍ଠିଲି ବାନ୍ଧି ବାହାରିଗଲେ। ହେଲେ ମୁନିସ ହାତରୁ ଖସିପାରିଲେନି, ଆଉ ଛଅମାସ ରହିଲେ ଯାଇ ପରା ତା ବଇନା ପଇସା ସରିବ। ଜୋର ଜବରଦସ୍ତି ଠିକାଦାରମାନେ ଲେଉଟାଇଦେଲେ, ଛୋଟିଆ ଶିଶୁର ଶବ ସତ୍କାର ଅନାବଶ୍ୟକ ବୋଲି ମନ୍ତବ୍ୟ ଦେଲେ। ମଦ୍ୟପ ମୁନିସ ଜଳନ୍ତା ଭାଟିକୁ ଫିଙ୍ଗି ଦଉଥିବାବେଳେ ଛଡେଇ ଆଣିଲା ମାଗୁଣି। ଗାତଟିଏ ଖୋଳିଲା। ଏକ ଅଫୁଟା ଫୁଲର ମଉଳି ଯାଇଥିବା ଶରୀରକୁ ପୋତିଦେଲା।"(ଦାଦନ – କ୍ଷେତ୍ରବାସୀ ନାଏକ, ପୃ- ୨୨) କିଛିଦିନ ପରେ ବଡ ପୁଅକୁ ମଧ୍ୟ ଜ୍ୱର ହେଲା। ମାଗୁଣି ମାଲିକ ନିକଟରେ ଯେତେ କାକୁତି ମିନତି ହେଲେ ମଧ୍ୟ ଶୁଣିଲାନି। ପ୍ରତିବଦଳରେ ମାଗୁଣିର ସ୍ତ୍ରୀ କାଇଁଚକୁ ଉପଭୋଗ କରିବାର ସର୍ତ୍ତ ରଖିଲା। ଯାହାର ପରିଣାମ ସ୍ୱରୂପ ମାଗୁଣିର ପରିବାର ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଗଲା।

ପୁଞ୍ଜିପତି ଗୋଷ୍ଠୀର ଶୋଷଣ ଓ ସର୍ବହରା ଗୋଷ୍ଠୀର ପ୍ରତିକ୍ରିୟା ଫଳସ୍ୱରୂପ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୃଷ୍ଟି ହୋଇଥିଲା। ଏ ଯୁଦ୍ଧ, ସଂଗ୍ରାମର ମୂଳ କାରଣ ଥିଲା ସାମାଜିକ ବୈଷମ୍ୟଗତ ତାରତମ୍ୟ। ଏହାକୁ ପ୍ରତିବାଦ କରି ବିଶ୍ୱ ଦରବାରରେ ଜଗତୀକରଣ(Globalization) ମୁଣ୍ଡ ଟେକିଲା। ସାମାଜିକ, ରାଜନୀତିକ, ଆର୍ଥନୀତିକ, ଶିଳ୍ପ ଓ ବାଣିଜ୍ୟଭିତ୍ତିକ ଉନ୍ନତି, ପ୍ରଗତି ଓ ବିକାଶ ନିମନ୍ତେ ଜଗତୀକରଣ ପ୍ରତିକ୍ରିୟା ପ୍ରକାଶ କଲା। ଗ୍ରାମ୍ୟ ସମାଜଠୁ ଆରମ୍ଭ କରି ଉଚ୍ଚ ଶିକ୍ଷିତ ସହରୀ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଅଧିକାର ଦେବାପାଇଁ ଜଗତୀକରଣ ପଥ ପ୍ରସ୍ତୁତ କଲା। କିନ୍ତୁ ସାମ୍ପ୍ରତିକ ସମୟରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ବ୍ୟକ୍ତିବିଶେଷ, ଦୁର୍ନୀତିଗ୍ରସ୍ତ ରାଜନୀତିକ ନେତା, ସ୍ୱାର୍ଥନ୍ୱେଷୀ ଜନସମାଜ ଆଦିମାନଙ୍କ ପାଇଁ ଏହି ଆଭିମୁଖ୍ୟରେ ବାଧା ସୃଷ୍ଟିହେଉଛି। ଫଳସ୍ୱରୂପ ଗରିବ, ସରଳ ଗ୍ରାମ୍ୟ ଜନଜୀବନ ବିକାଶ ପଥରୁ ବଞ୍ଚିତ ହୋଇ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ଦାଦନ ଦହନ, ଦଲାଲ ଶୋଷଣ, ଶ୍ରମିକର ହାତ କାଟିଦେବା ପ୍ରସଙ୍ଗ, ଶିଶୁ ବିକ୍ରି ଆଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପ୍ରକାର ଦୃଷ୍ଟାନ୍ତକୁ ନେଇ ଗାଳ୍ପିକା ଗାୟତ୍ରୀ ସରାଫ 'ଦାଦନ ଲହଡ଼ା' ଗଳ୍ପର ପରିକଳ୍ପନା କରିଛନ୍ତି। ଉକ୍ତ ଗଳ୍ପରେ ଦାଦନ ଖଟି ଯାଇଥିବା ଦୁଇଜଣ ଶ୍ରମିକଙ୍କର ହାତକୁ ଦଲାଲ କାଟିଦେଇଛି। ଏ ପ୍ରସଙ୍ଗକୁ ନେଇ ଗାଳ୍ପିକା ଗୀତା 'ଦାଦନ' ଉପନ୍ୟାସ ରଚନା କରିଛନ୍ତି। ଉପନ୍ୟାସଟିର ପ୍ରକାଶ ପରେ ସବୁଠି ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସରକାରଙ୍କ ଉପରେ ବିବିଧ ଚାପ ପଡ଼ିବା ହେତୁ କେବଳ ଏକ ସଭାର ଆୟୋଜନ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ସାଧାରଣ ଜନତାଙ୍କୁ ଠକି ଦିଆଯାଇଛି – " XXX, ଶ୍ରମିକଙ୍କ ମଜୁରୀ ବୃଦ୍ଧି, ଦଲାଲଙ୍କ ପଞ୍ଜିକରଣ, ହାତ କଟିଥିବା ଦୁଇ ଯୁବକଙ୍କୁ କ୍ଷତି ପୂରଣ ଓ ଥଇଥାନ ଆଦି ... ଆଦି ଶେଷରେ ଦୃଢ ସ୍ୱରରେ ପ୍ରତିଶ୍ରୁତି – ସମସ୍ତଙ୍କୁ କାମ ମିଳିବ, ଖାଦ୍ୟ ମିଳିବ, କେହି ବାହାରକୁ ଯିବେ ନାହିଁ। ନିର୍ଯ୍ୟାତିତ ହେବେ ନାଇଁ। XXX। ସଭା ସରିଲା। XXX। ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଧାୟକ ଫେରି ଗଲେ ରାଜଧାନୀ, ଯୋଉଠି ସଦା ଆଲୁଅ। ଦାଦନ ନାରୀ ଓ ଲୋକମାନେ ଫେରିଲେ ନିଜ ନିଜର ଜାଗାକୁ, ଯୋଉଠି ସଦା ଅନ୍ଧାର। XXX । ଦାଦନ ଲହଡ଼ାକୁ ଖେଦି ନେଇଗଲା ରାଜନୀତି, ତା ମହାସମୁଦ୍ର ଭିତରକୁ।" (ଇଟାଭାଟିର ଶିଳ୍ପୀ – ଗାୟତ୍ରୀ ସରାଫ, ପୃ -୧୦/୧୧) ଜଗତୀକରଣର ପଥରେ ପ୍ରତିବନ୍ଧକ ସାଜୁଥିବା, ଅନ୍ତରାୟ ସୃଷ୍ଟି କରୁଥିବା ଦୁର୍ନୀତିଗ୍ରସ୍ତ ରାଜନେତା, କୂଟନୀତି ସମ୍ପନ୍ନ ସରକାର ଏବଂ ଭୋଗ ସର୍ବସ୍ୱ ବସ୍ତୁବାଦୀ ମନୁଷ୍ୟ ସମାଜ ହିଁ ବର୍ତ୍ତମାନ ସମୟରେ ଦାଦନ ସମସ୍ୟା ବୃଦ୍ଧିହେବା ପଛରେ ମୁଖ୍ୟତଃ ଦାୟୀ ।

ଅନୁରୂପ ଭାବଧାରା ସମ୍ପନ୍ନ ଅନ୍ୟ ଏକ ଗଳ୍ପ ହେଉଛି ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ 'ଗୋଟେ କୁଅର କାହାଣୀ'। ଇଲେକ୍ସନ ନିକଟତର ହୋଇ ଆସିଲେ ରାଜନେତା, ଏମ.ଏଲ.ଏ, ଏମ୍. ପି ମାନେ ସାଧାରଣ ଗରିବ ଲୋକମାନଙ୍କ ନିକଟକୁ ଯାଇ ଅନେକ ମିଠା ମିଠା କଥା କହି ଭୋଟ ହାତେଇବା ପାଇଁ ଲାଳାୟିତ ହୁଅନ୍ତି। ଥରେ ଇଲେକ୍ସନ ସରିଗଲା ପରେ ସେମାନେ ନିଜ

DOI: 10.70541/BAGEESHA/2025030303

VOL NO 03 ISSUE NO 03

ନିଜ ରାସ୍ତାରେ ଚାଲିଯାଆନ୍ତି। ଗରିବର ସମସ୍ୟା, ସମସ୍ୟା ହୋଇ ରହିଯାଏ। ସବୁଆଡୁ ନିରାଶ ହେଲାପରେ ଶେଷରେ ଗରିବ ଲୋକଟିଏ ଅର୍ଥ ଉପାର୍ଜନ ପାଇଁ ଘର, ଦ୍ୱାର, ଆତ୍ମୀୟ ସ୍ୱଜନଙ୍କୁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଏ। ନିଜ ରାଜ୍ୟରେ ନିଯୁକ୍ତି ଭିତ୍ତିକ କର୍ମର ଅଭାବ, ଅର୍ଥର ଅଭାବ ତାକୁ ଦାଦନ ହେବାପାଇଁ ବାଧ କରାଏ। ନିଜର କୌଳିକ ବୃତ୍ତି ଏବଂ କର୍ମର ମୁଖ୍ୟ ମାଧ୍ୟମ କୃଷିକୁ ଛାଡି ଅନ୍ୟକାମ କରି ପେଟ ପୋଷେ। ଫଳରେ ସମାଜରେ ଥିବା ବଡ଼ ବଡୁଆଙ୍କ ଚାଷ ଜମିରେ କାମପାଇଁ ଲୋକଙ୍କ ଅଭାବ ଦେଖାଦିଏ– "ଲୋକ ମିଳୁନାହାନ୍ତି ଚାଷ ପାଇଁ। କେଇ କେଇ ଜମି ପଡ଼ିଆ ପଡ଼ିଲା। କୌଣସି ଜିନିଷ ଉପରେ ଆଉ ହାତ ମାରି ହେଉନାଇଁ ଅପହଞ୍ଚ ଦରଦାମ ଯୋଗୁ। ସରିଗଲା ଇଲେକ୍ସନ; ଗାଏବ ହେଲେ ଏମ୍. ଏଲ୍.ଏ, ଏମ୍.ପି। ନିଷ୍ଠୁରତା ଚାରିଆଡ଼େ। ଏ ଦେଶ ଖତମ ହେବ। ଆଉ ଧରି ରଖିପାରିବ ନାଇଁ ଏତେ ଅସନ୍ତୋଷ ଓ କ୍ରୋଧ।" ('ସବୁଜ ଛଦ୍ମବେଶ'– ରାମଚନ୍ଦ୍ର ବେହେରା, ପୃ- ୩୦୫) ଯଦି ନିଜ ରାଜ୍ୟରେ ଲୋକମାନଙ୍କ ରୋଜଗାର ପାଇଁ ଉପଯୁକ୍ତ କାର୍ଯ୍ୟପନ୍ଥା ଅବଲମ୍ବନ କରାଯାଆନ୍ତା, ଚାଷ କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ଉପଯୁକ୍ତ ସାହାଯ୍ୟ ଓ ସହଯୋଗ କରନ୍ତେ; ତେବେ ଦାଦନ ଶ୍ରମିକମାନଙ୍କର ସଂଖ୍ୟା ହ୍ରାସ ହୋଇପାରନ୍ତା ଏବଂ ଆମ ଦେଶ ଧ୍ୱଂସ ହେବାରୁ ବର୍ତ୍ତିପାରନ୍ତା। ଏକ ସମ୍ଭାବନାପୂର୍ଣ୍ଣ ସ୍ଥିତିକୁ ଆକଳନ କରି ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗାଳ୍ପିକ ରାମଚନ୍ଦ୍ର ବେହେରା ପରୋକ୍ଷ ଭାବରେ ଏହି ସଚେତନାତ୍ମକ ବାର୍ତ୍ତାକୁ ସମାଜ ଜୀବନ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

କିଶୋର ବୟସର ପିଲା ହାତରେ କାଗଜ, କଲମ, ବହି ଛାଡ଼ି, ଗାଁ ଛାଡ଼ି ସହରକୁ ଯାଆନ୍ତି। ଦୁଇ ପଇସା ରୋଜଗାର କରି ନିଜେ ଚଳନ୍ତି ଏବଂ ନିଜ ଗରିବ ଘରକୁ ପୋଷନ୍ତି। କିନ୍ତୁ ସହରୀ ମଣିଷମାନଙ୍କ କୁ-ଦୃଷ୍ଟିର ଶିକାର ହୋଇ କେତେକ ପିଲା ପ୍ରାଣ ହରାନ୍ତି। ଏପରି ଏକ ପ୍ରସଙ୍ଗ ରହିଛି ଗାଳ୍ପିକ ଅଜୟ ସ୍ୱାଇଁଙ୍କ 'ମେରିଆ' ଗଳ୍ପରେ। ଗଳ୍ପରେ ପଶ୍ଚିମ ଓଡ଼ିଶାର ଗୋଟେ ଅଖ୍ୟାତ ପଲ୍ଲୀରେ ରହୁଥିବା କିଶୋର ଯୁବକ ମକ୍ରା (ଦଶ ବର୍ଷ) ସହରକୁ କାମ ଖୋଜିଯାଇଛି। ସେଠାରେ ସ୍ୱାର୍ଥନ୍ୱେଷୀ, ନୃଶଂସ କାନତରାଟି ବାବୁ ଏବଂ କୁଲି ସର୍ଦ୍ଦାରର ହାବୁଡ଼ରେ ପଡ଼ି ଏକ ପୋଲ ନିର୍ମାଣ ନିମିତ୍ତ ତା'ର (ମକ୍ରା) ଜୀବନକୁ ମେରିଆ ଦିଆଯାଇଛି– "ସେ ମୋତେ ଚାହିଁଲା। ଭାରି ଅନ୍ତରଙ୍ଗ ଭାବେ କହିଲା : ବାବୁ ! ଆମ ସିଆଡ଼େ ହଳଦୀ କିଆରୀରେ ଆମେ ମଣିଷ ରକତ ସିଞ୍ଚୁ, ହଳଦୀ ଭଲ ଫଳିବ ବୋଲି। ଧରଣୀ ପେନୁ ଉପରେ ମଣିଷ ରକତ ସିଞ୍ଚୁ ସଭିଏଁ ଖୁସିରେ ରହନ୍ତୁ। ବରଷା ଭଲ ହେଉ। XXX। ଆଉ ତମେ ସବୁ ନେତା ହେବାପାଇଁ ନିଜର ମଙ୍ଗଳ ପାଇଁ, ମଣିଷ ରକତରେ ହୋଲି ଖେଳ। ନିଜକୁ ବଞ୍ଚାଇବା ପାଇଁ, ନିଜର ସମ୍ପତ୍ତି ବଢେଇବା ପାଇଁ ମଣିଷକୁ ବଳି ପକାଅ।" (ଅଜୟ ଅଜସ୍ର -୧ –ଅଜୟ ସ୍ୱାଇଁ, ପୃ – ୧୯୩) ଅର୍ଥର ମୋହ ସହରୀ ମଣିଷକୁ ଆଜି ଅମାନବୀୟ, ଅବିବେକୀ, ନରହନ୍ତା କରିଦେଇଛି; ଯେଉଁମାନଙ୍କ ଶିକାର ହେଉଛନ୍ତି ଶହ ଶହ ଦାଦନ ଶ୍ରମିକ।

ସରକାରଙ୍କର ବିବିଧ ନଦୀବନ୍ଧ ଯୋଜନାକୁ କେନ୍ଦ୍ରକରି ବିଭିନ୍ନ ଅଞ୍ଚଳର ଲୋକମାନେ ବିସ୍ଥାପିତ ହୋଇ ଶେଷରେ ଦାଦନ ଖଟି ଯାଆନ୍ତି। ଏହାର ଏକ ବାସ୍ତବ ଏବଂ ବହୁ ପରିଚିତ ଦୃଷ୍ଟାନ୍ତ ହେଉଛି ବୁଢ଼ି ଅଞ୍ଚଳର ଡ୍ୟାମ ନିର୍ମାଣ ପ୍ରସଙ୍ଗ। ଗାଳ୍ପିକ ଶୁଭ୍ରାଂଶୁ ପଣ୍ଡା 'ବୁଢାରଜା' ଗଳ୍ପରେ ଏହି ବିଷୟଟିକୁ ଉପସ୍ଥାପନ କରିଛନ୍ତି। ଡ୍ୟାମ ନିମିତ୍ତ ବିସ୍ଥାପିତ ହେଲେ ଟଙ୍କା ମିଳିବ ଶୁଣି ବୁଢ଼ି ଅଞ୍ଚଳର ଲୋକମାନେ ନିଜ ନିଜ ବାସସ୍ଥାନ ଛାଡ଼ି ସରକାରଙ୍କ ଦ୍ୱାରା ମାଟି ଝାଟିରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଘରକୁ ସ୍ଥାନାନ୍ତରିତ ହେଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ, ସୁତାରୁ ରୁପେ ଡ୍ୟାମ କାର୍ଯ୍ୟ ଆରମ୍ଭ, ସମାପ୍ତ ଏବଂ କାର୍ଯ୍ୟକ୍ଷମ ହେଲା। କିନ୍ତୁ ବୁଢ଼ି ଅଞ୍ଚଳର ଲୋକମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ମିଳିପାରିଲା ନାହିଁ। ଏଣୁ କାମଧନ୍ଦା ପାଇଁ କିଛି ଲୋକ ଆନ୍ଧ୍ର ଯାଇ ଇଟାଭାଟିରେ ନିଯୁକ୍ତ ହେଲେ। ଆଉକିଛି ଲୋକ ଛତିଶଗଡ଼ ପଳାଇବା ପାଇଁ ନିଷ୍ପତ୍ତି ନେଲେ– "ପ୍ରଥମେ ଘରଗଲା, ତା'ପରେ ଜମି। ସରକାର ଆମର ଜାତି ନେଇଗଲେ। ଆମର ବେଉସା ଗଲା, ଆଉ ଏବେ ଆମର ବୁଢାରଜା ବି ଚାଲିଗଲା। ଆମ ପୂର୍ବପୁରୁଷଙ୍କ ଆବାସ, ଶାଳଗଛ ବି ଆଗକୁ ବୁଡ଼ିଯିବ। ଆଉ ଏଠି ରହିବା କାହିଁକି? ଚାଲ ଛତିଶଗଡ଼ ପଳେଇବା।" (ବିସର୍ଜନ – ଶୁଭ୍ରାଂଶୁ ପଣ୍ଡା, ପୃ- ୧୩୭) ସାଧାରଣ ଜନତାଙ୍କ ପ୍ରତି ସରକାରଙ୍କର ପ୍ରତାରଣା ସେମାନଙ୍କୁ ଦାଦନ ହେବା ପାଇଁ ବାଧ କରିଛି ।

ଏତଦଭିନ୍ନ ଆହୁରି ଅନେକ ଗଳ୍ପ ରହିଛି, ଯେଉଁଥିରେ କି ଦାଦନ ଜୀବନର ଯନ୍ତ୍ରଣାସିକ୍ତ ଚିତ୍ର ପ୍ରତିଫଳିତ ହୋଇଛି। ସେଗୁଡ଼ିକ ମଧ୍ୟରେ ହେଉଛି – 'ଶୁକ୍ଳ ପକ୍ଷ' – ବିପ୍ଳବ (ଆର୍ଥିକ ଅଭାବ ହେତୁ ଦାଦନ), 'ଦାଦନାୟଣ' – ବିଶ୍ୱନାଥ ସାହୁ (ଅଧିକ ଅର୍ଥ ଉପାର୍ଜନ ନିମିତ୍ତ ଦାଦନ), 'ଚକଡ଼ା' – କ୍ଷେତ୍ରବାସୀ ନାଏକ (ବିସ୍ଥାପନ – କୃଷି ସମସ୍ୟା ହେତୁ ଦାଦନ), 'ଇଟାଭାଟିର ଶିଳ୍ପୀ' – ଗାୟତ୍ରୀ ସରାଫ (ମରୁଡ଼ି ଯୋଗୁଁ ଚାଷ ଉଜୁଡ଼ିଯିବା ହେତୁ ଦାଦନ), 'ଦାଦନ -୨' – କ୍ଷେତ୍ରବାସୀ ନାଏକ (ଗରିବୀ ହେତୁ ଦାଦନ), 'ଓ ସେଇ ଆହତ ମୁହୂର୍ତ୍ତ' – ଗାୟତ୍ରୀ ସରାଫ (ଚାଷରେ ମରୁଡ଼ି ଓ ଦୁର୍ଭିକ୍ଷ ହେତୁ ଦାଦନ), 'ଜଳି ଜଳି ଯାଉଥିବା ପାହାଡ଼' – ଗାୟତ୍ରୀ ସରାଫ (ପ୍ରାକୃତିକ ପରିବେଶକୁ ଧ୍ୱଂସ କରିବା ଦ୍ୱାରା ଜଳବାୟୁର ପରିବର୍ତ୍ତନ ଯୋଗୁଁ ନିଜ ବୃତ୍ତିରୁ ଉଚ୍ଛେଦ ହେତୁ ଦାଦନ), 'କୋକୁଆ' – ବିଭୂତି ପଣ୍ଡା (ଜଳବାୟୁ ବିଷାକ୍ତ ହେବା ଦ୍ୱାରା ଅନାବୃଷ୍ଟି, ଦୁର୍ଭିକ୍ଷ, ମରୁଡ଼ି ହେତୁ ଦାଦନ), 'ଦାନବ' – ସ୍ୱପ୍ନା ମିଶ୍ର (ମୂଳ ଅଧିବାସୀମାନଙ୍କ ବାସସ୍ଥାନକୁ ଶିଳ୍ପପତିମାନେ ଆସି ସହରୀକରଣ କରିବା ଦ୍ୱାରା କଳୁଷିତ ପରିବେଶରେ ମୃତ୍ୟୁ ହେଉଥିବା ହେତୁ ଦାଦନ), 'ଉଜୁଡ଼ା କ୍ଷେତର ଦୁଃଖ '- ଭାସ୍କର ଜେନା (କର୍ମ ନିଯୁକ୍ତିର ଅଭାବ ହେତୁ ଦାଦନ ହେବାର ନିଷ୍ପତ୍ତି), 'ଦାଦନ ବାପା' – ସୁନୀତି ଦେବୀ (ପରିବାର ପ୍ରତିପୋଷଣ ପାଇଁ ଦାଦନ) ଇତ୍ୟାଦି ଗଳ୍ପ। ଏହି ଗଳ୍ପଗୁଡ଼ିକରେ ଦାଦନ ଶ୍ରମିକ ହେବାର ମୂଳ କାରଣ ଏବଂ ଦାଦନ ଶ୍ରମିକ ଜୀବନର ଅନେକ ସମସ୍ୟା ସମ୍ପର୍କରେ ବର୍ଣ୍ଣନା ପରିଲକ୍ଷିତ। ଏଥିସହ ବିବିଧ ପ୍ରସଙ୍ଗ ଆଳରେ ସେହି

DOI: 10.70541/BAGEESHA/2025030303

VOL NO 03 ISSUE NO 03

ସମସ୍ତ କାରଣ ଓ ସମସ୍ୟାକୁ ସମାଜ ଜୀବନରୁ ହଟାଇ ଦାଦନ ସମସ୍ୟା ଦୂରୀଭୂତ କରିବା ପାଇଁ ଏକବିଂଶ ଶତାବ୍ଦୀର ଗଳ୍ପ ଓ ଗାଳ୍ପିକମାନେ ମଧ୍ୟ ପ୍ରୟାସରତ।

ଉପସଂହାର: ଦାଦନ ଚାଲାଣ ବର୍ତ୍ତମାନ ସମୟରେ ସବୁଠି ଏକ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଅନେକଙ୍କର କୁହୀର କାନ୍ଦଣା ହେତୁ ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଏଥିପ୍ରତି ଅନେକ ଲୋକଙ୍କର ସଚେତନମୂଳକ ଦୃଷ୍ଟିଭଙ୍ଗୀ ରହିଛି ସତ; କିନ୍ତୁ ଯେ ପର୍ଯ୍ୟନ୍ତ ଦାଦନ ଶ୍ରମିକ ସୃଷ୍ଟି ହେବାର ମୂଳ କାରଣ (କୃଷିରେ ବିଫଳତା, ଦରିଦ୍ରତା, ଚାଷ ଜମିରୁ ଉଚ୍ଛେଦ, ନିଜ ରାଜ୍ୟରେ ବୃତ୍ତିର ଅଭାବ ଇତ୍ୟାଦି) ଗୁଡ଼ିକର ସମାଧାନ କରାନଯିବ; ସେପର୍ଯ୍ୟନ୍ତ ଏ ପ୍ରସଙ୍ଗ, ଏ ସମସ୍ୟା ଖାଲି ଲୋକ ଦେଖାଣିଆ ହୋଇ ରହିଥିବ ଟି.ଭି, ସମ୍ବାଦପତ୍ର, ପୁସ୍ତକ ଏବଂ ରେଡ଼ିଓରେ। ଏଣୁ ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପଗୁଡ଼ିକ ଦାଦନ ସମସ୍ୟା ବିରୋଧରେ ସ୍ୱର ଉଠାଇବା ପାଇଁ ଯେଉଁ ପ୍ରେରଣା ଦେଉଛନ୍ତି, ତାହାକୁ ଉତ୍ତର ପିଢି ଭାବରେ ଆମ୍ଭେମାନେ ଆଗକୁ ଆଗେଇନେବା ଏକାନ୍ତ ଆବଶ୍ୟକ ।

ସହାୟକ ଗ୍ରନ୍ଥସୂଚୀ:

୧) ନାଏକ, କ୍ଷେତ୍ରବାସୀ। ୨୦୧୩। ଦାଦନ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର।

୨) ନାଏକ, କ୍ଷେତ୍ରବାସୀ।୨୦୨୩ ।ମାୟା ଓ ଅନ୍ୟାନ୍ୟ ଗଳ୍ପ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୩) ପଣ୍ଡା, ଶୁଭ୍ରାଂଶୁ। ୨୦୨୩। ବିସର୍ଜନ। ଭୁବନେଶ୍ୱର: ପେନ୍ ଇନ୍ ବୁକ୍ସ୍।

୪) ବିପ୍ଳବ। ୨୦୨୪। ବାପାଙ୍କ ସହ ଶେଷ ଜହ୍ନରାତି। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୫) ବେହେରା, ରାମଚନ୍ଦ୍ର। ୨୦୨୧। ସବୁଜ ଛଦ୍ମବେଶ। ଭୁବନେଶ୍ୱର: ପକ୍ଷୀକ୍ଷର ପ୍ରକାଶନୀ।

୬) ବେହେରା, ହରିଶ୍ଚନ୍ଦ୍ର।୨୦୨୧। ଅକ୍ଷାଂଶ(ପତ୍ରିକା), ମହାପୂଜା ବିଶେଷାଙ୍କ।

୭) ମହତାବ, ଭର୍ତ୍ତୃହରି।୨୦୨୧। ଝଙ୍କାର(ପତ୍ରିକା), ଶାରଦୀୟ ବିଶେଷାଙ୍କ।

୮) ମହାନ୍ତି, ଅଶୋକ। ୨୦୨୧। ପଶ୍ଚିମା(ପତ୍ରିକା), ମହାପୂଜା ବିଶେଷାଙ୍କ।

୯) ସରାଫ୍, ଗାୟତ୍ରୀ।୨୦୧୭। ଇଟାଭାଟିର ଶିଳ୍ପୀ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୦) ସରାଫ୍, ଗାୟତ୍ରୀ।୨୦୨୧। କଥାୟନ-୧। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୧. ସରାଫ୍, ଗାୟତ୍ରୀ ।୨୦୨୧। କଥାୟନ-୨। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୨. ସାହୁ, ବିଶ୍ୱନାଥ। ୨୦୨୪। ମୂର୍ତ୍ତି ପ୍ରବେଶ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୩. ସ୍ୱାଇଁ, ଅଜୟ। ୨୦୧୯। ଅଜୟ ଅଜସ୍ର-୧। ଭୁବନେଶ୍ୱର: ପକ୍ଷୀଘର ପ୍ରକାଶନୀ।

Funding
No funding was received for conducting this study.

Does this Article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this Article.

About the licenses
© **Damayanti Jena 2025**. The text of this Article is open access and licensed under a Creative Commons Attribution 4.0 International license

DOI: 10.70541/BAGEESHA/2025030303

VOL NO 03 ISSUE NO 03

Cite this Article :

Jena, Damayanti, "Ekabinsha Satadira Odia Galpare Dadana Sramikara Swara", Bageesha, Vol. No. 03, Issue No. 03, May-June 2025, Article No: BM2025/03-A003| Page- 21-25| DOI: https://doi.org/10.70541/BAGEESHA/2025030303

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଓଡ଼ିଆ ସାହିତ୍ୟରେ 'ମାହାତ୍ମ୍ୟ'

ଅନୁରାଧା ପାତ୍ର
ଗବେଷିକା, ସଂସ୍କୃତି ଅଧ୍ୟୟନ ବିଭାଗ, ପ୍ରାଚୀନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

RECEIVED : 19 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI:10.70541/BAGEESHA/2025030304

Article No. BM2025/03-A004
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ସାରାଂଶ

'ମାହାତ୍ମ୍ୟ' ଶବ୍ଦଟି ଆମ ସମାଜରେ ପ୍ରଚଳିତ ଅନ୍ୟାନ୍ୟ ଧର୍ମ ସଂକ୍ରାନ୍ତୀୟ ଶବ୍ଦଗୁଡ଼ିକ ମଧ୍ୟରେ ବହୁ ଆଗରୁ ସ୍ଥାନ ପାଇଛି। ଏକ ନିର୍ଦ୍ଦିଷ୍ଟ ବିଷୟ କୈନ୍ଦ୍ରିକ ଛନ୍ଦୋବଦ୍ଧ ପଦ୍ୟାତ୍ମକ ରଚନା, କ୍ଷୁଦ୍ର କଳେବର ବିଶିଷ୍ଟ ଏବଂ ଅଧ୍ୟାୟ ଯୁକ୍ତ। ପ୍ରଥମ ଅଧ୍ୟାୟ ଆରମ୍ଭରେ ଇଷ୍ଟସ୍ତୁତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ଭଣିତା ରହିଥାଏ। ଉକ୍ତ ଅଧ୍ୟାୟର ଆଲୋଚ୍ୟ ପ୍ରସଙ୍ଗ, ଅନୁକୃତ ମାହାତ୍ମ୍ୟର ମୂଳ ପୁରାଣ ନାମ, ଏବଂ ଅଧ୍ୟାୟ ସଂଖ୍ୟା ଏଥିରେ ସ୍ଥାନିତ। ମାହାତ୍ମ୍ୟର କଳେବର ପୁରାଣପରି କାହାଣୀ ଧର୍ମୀ। ଏହା ପୁରାଣର ପରିଶିଷ୍ଟ, ବସ୍ତୁତଃ ପୁରାଣର ଅଂଶ ବିଶେଷ। କାହାଣୀ ଗୁଡ଼ିକ ନିରାଡ଼ମ୍ବର ବର୍ଣ୍ଣନାଯୁକ୍ତ ଉପଦେଶମୂଳକ କ୍ଷୁଦ୍ର କଥାବସ୍ତୁ, ଯାହା ବୈଚିତ୍ର୍ୟମୟ ନହୋଇ ଏକ ନିର୍ଦ୍ଦିଷ୍ଟ ପରିଣାମ ଆଡ଼କୁ ଗତିଶୀଳ। ମାନବ ସମାଜର ଆଧ୍ୟାତ୍ମିକ ଚେତନା ବୃଦ୍ଧିରେ ମାହାତ୍ମ୍ୟ ଗ୍ରନ୍ଥ ଯଥେଷ୍ଟ ସହାୟକ ମଧ୍ୟ। ଛୋଟ ଆକାର ବିଶିଷ୍ଟ ପଦ୍ୟାତ୍ମକ ରଚନା ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏହାର ଭୂମିକା କ'ଣ ରହିଛି, ତାହା ଉକ୍ତ ପ୍ରବନ୍ଧରେ ବିସ୍ତୃତଭାବେ ଆଲୋଚନା କରାଯାଇଛି।

ମୂଳଶବ୍ଦ: ମାହାତ୍ମ୍ୟ, ଓଡ଼ିଆ ସାହିତ୍ୟ, ଆଧ୍ୟାତ୍ମିକ ଚେତନା, ପୁରାଣ, ସଂସ୍କୃତ ମାହାତ୍ମ୍ୟ, ମହିମା, କ୍ଷେତ୍ର ମାହାତ୍ମ୍ୟ, ମାସ ମାହାତ୍ମ୍ୟ, ଦେବଦେବୀ ମାହାତ୍ମ୍ୟ, ବୃକ୍ଷ ମାହାତ୍ମ୍ୟ।

ଉପକ୍ରମ: ଆମ ସାହିତ୍ୟରେ 'ମାହାତ୍ମ୍ୟ' ଶବ୍ଦର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଛି; ଯେଉଁଟି ଗୌରବ, ମହତ୍ତ୍ୱ ତଥା ମହିମାର ଅର୍ଥ ବହନ କରେ। 'ମହାମନ୍'(ସଂ)(ପ୍ରହରାଜ। ୨୦୧୭। ପୃ୬୫୩୦) ଶବ୍ଦରୁ ଏହାର ଉତ୍ପତ୍ତି। ସାହିତ୍ୟିକ ସଂଜ୍ଞାନୁସାରେ ମାହାତ୍ମ୍ୟର ଅର୍ଥ କୌଣସି ପବିତ୍ର ସ୍ଥାନ, ସମୟ, ବିଶେଷ ପ୍ରାକୃତିକ ପଦାର୍ଥର ମହାନତା ବର୍ଣ୍ଣନ, ଦାନ ଧର୍ମର ଶୁଭଫଳ, ଦେବଦେବୀଙ୍କର ଗୁଣକୀର୍ତ୍ତନ ଆଦିକୁ ବୁଝାଏ। ଏପିଗ୍ରାଫିଷ୍ଟ D.C Sircarଙ୍କ ମତରେ, "Eulogistic work on deities or holy places, rivers etc." (Sircar। 1966। 190) ଅର୍ଥାତ୍ ଦେବତାଙ୍କ ମହିମା ଏବଂ ପବିତ୍ର ସ୍ଥାନ, ନଦୀ ଆଦିର ଗୁଣଗାନ କରିବା ହେଉଛି ମାହାତ୍ମ୍ୟ। ଦେବଭାଷା ସଂସ୍କୃତ ସମେତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ତଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ମାହାତ୍ମ୍ୟର ପ୍ରଚଳନ ରହିଛି। ସଂସ୍କୃତରେ 'ମାହାତ୍ମ୍ୟମ୍', ହିନ୍ଦି ଏବଂ ଓଡ଼ିଆରେ 'ମାହାତ୍ମ୍ୟ', ବଙ୍ଗଳାରେ 'ମାହାତ୍ତ୍ୱ', ତେଲୁଗୁରେ 'ଗୋପତେନମ୍', ତାମିଲ୍‌ରେ 'ମାଗାତୁବମ୍' ଇତ୍ୟାଦି ଭଳି ଭିନ୍ନଭିନ୍ନ ନାମ ଧାରଣ କରୁଥିଲେ ମଧ୍ୟ ମାହାତ୍ମ୍ୟର ଅର୍ଥ ପ୍ରତ୍ୟେକ ସ୍ଥାନରେ ସମାନ; ଯାହା ବୀରତ୍ୱ, ମହାନତା ଆଦିକୁ ବୁଝାଏ। ମରାଠିରେ ମାହାତ୍ମ୍ୟ ଏକ ବୈଭବପୂର୍ଣ୍ଣ ଆଖ୍ୟାୟିକା କିମ୍ବା ମହାକାବ୍ୟ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଦେବ ପୂଜନ ଏବଂ ପୂଣ୍ୟଫଳ ପ୍ରାପ୍ତି। ଏଥିରୁ ସ୍ପଷ୍ଟ ହୁଏ ଯେ, ମାହାତ୍ମ୍ୟ ଏକ ଦେଶବ୍ୟାପି ତଥା ବୃହତ୍ ପରିସର ବିଶିଷ୍ଟ ବିଷୟବସ୍ତୁ ଯାହା ଭାରତର ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ। ପୁରାଣରୁ ଏହି ବୀଜର ଉନ୍ମେଷ ହୋଇଥିଲେ ହେଁ ସମୟକ୍ରମେ ବିକାଶ ଘଟି ବର୍ତ୍ତମାନ ଏକ ବୃହତ୍ ମାହାତ୍ମ୍ୟ ସାହିତ୍ୟ ବୃକ୍ଷରେ ପରିଣତ ହୋଇ ଲୋକପ୍ରିୟ ହୋଇପାରିଛି। ସମ୍ପୃକ୍ତ ଉପସ୍ଥାପନାରେ ମାହାତ୍ମ୍ୟ ସାହିତ୍ୟର କ୍ରମବିକାଶ(ସଂସ୍କୃତ ଏବଂ ଓଡ଼ିଆ), ପ୍ରକରିକରଣ, ପୁରାଣଠାରୁ ଭିନ୍ନତା, ଏବଂ ଅନ୍ୟ କେତେକ ପ୍ରସଙ୍ଗ ତଥା ସାମାଜିକ, ସାଂସ୍କୃତିକ(ମୁଖ୍ୟତଃ ଓଷାବ୍ରତ ଓ ପର୍ବପର୍ବାଣି), ପରିବେଶ ସଚେତନତା ଏବଂ ଦାନଧର୍ମ ସଂପର୍କରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଛି।

ବିଷୟର ଆଲୋଚନା: ମନସ୍ତାତ୍ତ୍ୱିକ ଭାରତୀୟ ଧର୍ମ

BM2025/03-A004
ABSTRACT
VOL NO 03 ISSUE NO 03

ପରମ୍ପରାରେ ସନାତନ ଧର୍ମ ବହୁ ପ୍ରାଚୀନ। ବେଦ, ଉପନିଷଦ, ଗୀତା ସମେତ ଅଷ୍ଟାଦଶ ପୁରାଣ, ଉପପୁରାଣ, ସ୍ଥଳପୁରାଣ ଆଦି ଧର୍ମଗ୍ରନ୍ଥ ଏହାର ପଥ ପ୍ରଦର୍ଶକ। ପ୍ରାଚୀନ ସମୟରେ ବେଦ, ଉପନିଷଦ ଉଚ୍ଚବର୍ଗ(ବ୍ରାହ୍ମଣ) ବ୍ୟକ୍ତିଙ୍କ ଆଦୃତିଲାଭ କରିଥିଲା ବେଳେ ସମାଜର ନିମ୍ନବର୍ଗ(ଶୂଦ୍ର) ଏବଂ ସ୍ତ୍ରୀ ଜାତିଙ୍କ ପାଇଁ ଏହାର ଶ୍ରବଣ ମଧ୍ୟ ଥିଲା ଏକ ଦଣ୍ଡନୀୟ ଅପରାଧ। ପରବର୍ତ୍ତୀ ସମୟରେ ବେଦର ଶ୍ଲୋକ, ଉପନିଷଦର ବ୍ୟାଖ୍ୟାର କ୍ଲୀଷ୍ଟତା ଖଣ୍ଡନ କରି ରଚିତ ହେଲା ଅଷ୍ଟାଦଶ ପୁରାଣ ଯାହା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। କ୍ରମଶଃ ଉପପୁରାଣ, ସ୍ଥଳପୁରାଣ ଆଦିର ସୃଷ୍ଟି। ଅନ୍ୟ ଧର୍ମଗ୍ରନ୍ଥ ଅପେକ୍ଷା ପୁରାଣର ସଂଖ୍ୟା ଅଧିକ ହୋଇଥିବାରୁ ଏଥିରେ ଆଲୋଚନାର ପରିସର ବ୍ୟାପକ। ବେଦର ସଂହିତା ଭାବରେ ଭାରତୀୟ ଧର୍ମଧାରଣା, ସମାଜତତ୍ତ୍ୱ, ଦର୍ଶନ, ସଂସ୍କୃତି, ଭୌଗୋଳିକ ଅବସ୍ଥିତି, ତତ୍‌ସମେତ ସୃଷ୍ଟି ବିବରଣ, ଆତ୍ମତତ୍ତ୍ୱ ନିର୍ଣ୍ଣୟ, କ୍ରିୟାଯୋଗ, ଜ୍ୟୋତିର୍ବିଜ୍ଞାନ, ବ୍ରହ୍ମର ସାକାରତା ଇତ୍ୟାଦି ଜ୍ଞାନ ପୁରାଣ ଗର୍ଭସ୍ଥ। ସ୍ଥାବର, ଜଙ୍ଗମ, ଦେବତା, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ମନୁଷ୍ୟାଦିଙ୍କ ଜନ୍ମ ବୃତ୍ତାନ୍ତ ମଧ୍ୟ ସବିଶେଷ ବର୍ଣ୍ଣିତ। ପୁରାଣ ଗ୍ରନ୍ଥ ପଦ୍ୟାତ୍ମକ ରଚନା ହୋଇଥିବାରୁ ଏ ସମସ୍ତ ବିଷୟର ଅଧ୍ୟାୟ ଦ୍ୱାରା ବିଭକ୍ତିକରଣ ହୋଇଛି। ତହିଁରୁ କେତେକ ଅଧ୍ୟାୟ କେବଳ ମାହାତ୍ମ୍ୟରେ ମଣ୍ଡିତ। ଉପପୁରାଣ ଏବଂ ସ୍ଥଳପୁରାଣ ଗୁଡ଼ିକରେ ଅଳ୍ପକିଛି ମାହାତ୍ମ୍ୟ ରହିଥିବା ବେଳେ ପଦ୍ମପୁରାଣ ଓ ସ୍କନ୍ଦପୁରାଣ ଭଳି ବୃହତ୍ ଗ୍ରନ୍ଥରେ ଏହାର ସଂଖ୍ୟା ଅଧିକ। ସାରୋଳ ଦାସଙ୍କ ମୌଳିକ କୃତି ଓଡ଼ିଆ ମହାଭାରତର ବନପର୍ବରେ କେତୋଟି ତୀର୍ଥ ମାହାତ୍ମ୍ୟ ଓ ମାଘ ମାହାତ୍ମ୍ୟ ଏବଂ ଆଦିପର୍ବରେ ସାହାଡ଼ା ବୃକ୍ଷ ମାହାତ୍ମ୍ୟର ଦୃଷ୍ଟାନ୍ତ ମଧ୍ୟ ରହିଛି। ତେଣୁ ପୁରାଣ ମାଧ୍ୟମରେ ମାହାତ୍ମ୍ୟର ସିଧାସଳଖ ପ୍ରଚଳନ ହୋଇଥିବା ଏଥିରୁ ନିଶ୍ଚିତ ହେଉଛି। ସମୟକ୍ରମେ ଲୋକପ୍ରିୟତା ବୃଦ୍ଧି ପାଇବା ଦ୍ୱାରା ମାହାତ୍ମ୍ୟକାରମାନେ ପୁରାଣରୁ ସଂଗ୍ରହ କରିଥିବା ଅଂଶ(ମାହାତ୍ମ୍ୟ ଓ ତତ୍ ସମ୍ବନ୍ଧୀୟ) ସହିତ ନିଜସ୍ୱ କେତେକ ଉପଦେଶମୂଳକ ପ୍ରସଙ୍ଗ ଏବଂ ନୂତନ ତଥ୍ୟ ଓ ତତ୍ତ୍ୱ ସଂଯୋଗ କରି ସ୍ୱତନ୍ତ୍ର ଭାବରେ ଅନେକ ମାହାତ୍ମ୍ୟ ଗ୍ରନ୍ଥ ରଚନା କଲେ। ଏଥିରୁ ସ୍ପଷ୍ଟ ହୁଏଯେ, ପୁରାଣରୁ ବିକାଶିତ ହୋଇ ନିଜର ସ୍ୱାତନ୍ତ୍ର୍ୟ ଦର୍ଶାଇବାରେ ମାହାତ୍ମ୍ୟ ସାହିତ୍ୟ ସଫଳ ହୋଇପାରିଛି।

ବେଦର ସଂହିତା ଭାବରେ ପୁରାଣ ପ୍ରଥମେ ସଂସ୍କୃତ ଭାଷାରେ ରଚିତ ହୋଇଥିଲେହେଁ, ଓଡ଼ିଆରେ ରଚନା କରାଯାଇଥିବା ପୁରାଣଗୁଡ଼ିକ ଏହାର ଆକ୍ଷରିକ ଅନୁବାଦ ନୁହଁନ୍ତି। ଅନୁସରଣରେ ଲେଖାଯାଇଛି କହିବା ଅଧିକ ଯୁକ୍ତି ସଙ୍ଗତ। ମାହାତ୍ମ୍ୟ କ୍ଷେତ୍ରରେ ମଧ୍ୟ ଏହାର ସମଦୃଷ୍ଟାନ୍ତ ରହିଛି। ଅନୁବାଦ କରିବା ପରିବର୍ତ୍ତେ ମୂଳ ସଂସ୍କୃତ ମାହାତ୍ମ୍ୟକୁ ଅବଲମ୍ବନ କରି ପରବର୍ତ୍ତୀ ସମୟରେ ଓଡ଼ିଆ ମାହାତ୍ମ୍ୟ ରଚନା କରାଯାଇଛି। ଅଧ୍ୟାୟ ଗତ ପାର୍ଥକ୍ୟ, କାହାଣୀରେ ଭିନ୍ନତା ଆଦି ଏହାର ପ୍ରମାଣ ଦିଏ। ବେଳେବେଳେ ସଂସ୍କୃତ ମାହାତ୍ମ୍ୟଠାରୁ ଓଡ଼ିଆ ମାହାତ୍ମ୍ୟରେ ଅଧିକ ବା କମ୍ ତଥ୍ୟ ରହିଥାଏ। କେତେକ ମୌଳିକ କଥାବସ୍ତୁ ଯୋଡ଼ାଯାଇଥାଏ କିମ୍ବା ମୂଳ ମାହାତ୍ମ୍ୟର କିଛି ଅଂଶକୁ ବାଦ୍ ଦିଆଯାଇଥାଏ। ପରବର୍ତ୍ତୀ ସମୟରେ ମୁଦ୍ରଣଯନ୍ତ୍ରର ପ୍ରଭାବ ଯୋଗୁଁ ଏହି ପ୍ରକ୍ରିୟା ଅଧିକ ସକ୍ରିୟ ହୋଇଉଠିଛି। ପୁରାଣରୁ ମାହାତ୍ମ୍ୟର ଗତି କ୍ରମଶଃ ତାଳପତ୍ରରୁ ମୁଦ୍ରଣଯନ୍ତ୍ର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କାଳକ୍ରମେ ମାହାତ୍ମ୍ୟ ସାହିତ୍ୟର ପ୍ରସାରପ୍ରଚାର ଘଟି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗୋଟିଏ ନିର୍ଦ୍ଦିଷ୍ଟ ମାହାତ୍ମ୍ୟର ଏକାଧିକ ଲେଖକ ଏବଂ ଭିନ୍ନ ପୁରାଣର ଭଣିତା ଦେଶବ୍ୟାପି ଜନସାଧାରଣଙ୍କର ମାହାତ୍ମ୍ୟ ପ୍ରୀତି ଓ ଶ୍ରଦ୍ଧା ସୂଚାଇ ଥାଏ। ଏହାର କାହାଣୀଧର୍ମୀ ରଚନା ଶୈଳୀ ଲୋକପ୍ରିୟତାର କାରଣ।

ମାହାତ୍ମ୍ୟ; ଏକ ନିର୍ଦ୍ଦିଷ୍ଟ ବିଷୟ କୈନ୍ଦ୍ରିକ ଛନ୍ଦୋବଦ୍ଧ ପଦ୍ୟାତ୍ମକ ରଚନା, କ୍ଷୁଦ୍ର କଳେବର ବିଶିଷ୍ଟ ଏବଂ ଅଧ୍ୟାୟ ଯୁକ୍ତ। ପ୍ରଥମ ଅଧ୍ୟାୟ ଆରମ୍ଭରେ ଇଷ୍ଟସ୍ତୁତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ଭଣିତା ରହିଥାଏ। ଉକ୍ତ ଅଧ୍ୟାୟର ଆଲୋଚ୍ୟ ପ୍ରସଙ୍ଗ, ଅନୁକୃତ ମାହାତ୍ମ୍ୟର ମୂଳ ପୁରାଣ ନାମ, ଏବଂ ଅଧ୍ୟାୟ ସଂଖ୍ୟା ଏଥିରେ ସ୍ଥାନିତ। ମାହାତ୍ମ୍ୟର କଳେବର ପୁରାଣପରି କାହାଣୀ ଧର୍ମୀ। କାହାଣୀ ଗୁଡ଼ିକ ନିରାଡ଼ମ୍ବର ବର୍ଣ୍ଣନାଯୁକ୍ତ ଉପଦେଶମୂଳକ କ୍ଷୁଦ୍ର କଥାବସ୍ତୁ, ଯାହା ବୈଚିତ୍ର୍ୟମୟ ନହୋଇ ଏକ ନିର୍ଦ୍ଦିଷ୍ଟ ପରିଣାମ ଆଡ଼କୁ ଗତିଶୀଳ। ସଂପୃକ୍ତ ଚରିତ୍ରମାନଙ୍କର ମଧ୍ୟ ଅତି ବର୍ଣ୍ଣନା ପରିଲକ୍ଷିତ ହୁଏନାହିଁ। ଚରିତ୍ରମାନଙ୍କ ମଧ୍ୟରେ ରହିଥା'ନ୍ତି, ଅଭିଶପ୍ତ ଗନ୍ଧର୍ବ, ମୁନିଋଷି, ଦେବତା, କିନ୍ନର, ରାକ୍ଷସ, ପିଶାଚ, ଦେବଦେବୀ, ଅପ୍ସରାଗଣ ପ୍ରଭୃତି। ବ୍ରାହ୍ମଣ ଓ ରାଜବଂଶୀୟ ଚରିତ୍ର ମଧ୍ୟ କେତେକ ସ୍ଥାନରେ ଦୃଷ୍ଟିଗୋଚର ହୁଅନ୍ତି। ମାହାତ୍ମ୍ୟର ପ୍ରତ୍ୟେକ କାହାଣୀ କଥୋପକଥନ ଶୈଳୀରେ ରଚିତ। ଏଥିରେ ଜଣେ ବକ୍ତା ଏବଂ ଏକ ବା ଏକାଧିକ ଶ୍ରୋତା ଅଂଶ ଗ୍ରହଣ କରନ୍ତି। ପ୍ରଶ୍ନୋତ୍ତର ମାଧ୍ୟମରେ ଅନେକ ଦାର୍ଶନିକ ତତ୍ତ୍ୱର ବ୍ୟାଖ୍ୟା ଓ ଜ୍ଞାନ ଚର୍ଚ୍ଚା କରାଯାଇଥାଏ। ତତ୍‌ସମେତ ପ୍ରାଚୀନ ପରମ୍ପରା, ଧର୍ମଚେତନା, ଇତିହାସ, ରାଜବଂଶାବଳୀ, ଭୌଗୋଳିକ ଅବସ୍ଥିତି ଇତ୍ୟାଦିର ସରଳ ବର୍ଣ୍ଣନା ମାହାତ୍ମ୍ୟ ସାହିତ୍ୟରେ ଅନ୍ତର୍ନିହିତ।

ସ୍ଥାନ, କାଳ, ଦେବଦେବୀ, ପ୍ରକୃତିଗତ ଉପାଦାନ ଏବଂ ଦାନଧର୍ମ ଦୃଷ୍ଟିରୁ ମାହାତ୍ମ୍ୟ ପାଞ୍ଚ ପ୍ରକାରର, ଯଥା କ୍ଷେତ୍ର ମାହାତ୍ମ୍ୟ, ମାସ ମାହାତ୍ମ୍ୟ, ଦେବଦେବୀ ମାହାତ୍ମ୍ୟ, ବୃକ୍ଷ ମାହାତ୍ମ୍ୟ, ନଦୀ ମାହାତ୍ମ୍ୟ ଏବଂ ଦାନ ମାହାତ୍ମ୍ୟ। କ୍ଷେତ୍ର ମାହାତ୍ମ୍ୟ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡକୁ କେନ୍ଦ୍ର କରି ରଚନା କରାଯାଏ। ତା'ର ଭୌଗୋଳିକ ଅବସ୍ଥିତି, ତୀର୍ଥର ରହସ୍ୟ, ପୂଜା ପାଉଥିବା ଇଷ୍ଟ ଦେବଦେବୀଙ୍କ ମହିମା, ଶାସକ ରାଜବଂଶର ସେହି କ୍ଷେତ୍ର ପାଇଁ ଅବଦାନ ଇତ୍ୟାଦି ବିଷୟ ଏଥିରେ ବର୍ଣ୍ଣିତ। ପ୍ରବାହିତ ନଦୀ ଏବଂ ସେଠାରେ ପିଣ୍ଡଦାନର ପୁଣ୍ୟଫଳ ଏକ ମୁଖ୍ୟ ପ୍ରସଙ୍ଗ ମଧ୍ୟ। ବିଶ୍ୱାସ ଯେ ଏହା କରିବା ଦ୍ୱାରା ପୂର୍ବପୁରୁଷଙ୍କୁ ମୋକ୍ଷ ତଥା ସ୍ୱର୍ଗଲାଭ ହୁଏ। ପୁରାଣରେ ବର୍ଣ୍ଣିତ ମୁନିଋଷିଙ୍କ ତପସ୍ୟାସ୍ଥଳି, ଆଶ୍ରମ ସଂପର୍କରେ ବର୍ଣ୍ଣନା କେତେକ କ୍ଷେତ୍ରର ଦୃଷ୍ଟି ଆକର୍ଷଣ କରେ। 'ଏକାମ୍ର କ୍ଷେତ୍ରମାହାତ୍ମ୍ୟ', 'ପୁରୁଷୋତ୍ତମ କ୍ଷେତ୍ରମାହାତ୍ମ୍ୟ', 'ବିରଜା କ୍ଷେତ୍ରମାହାତ୍ମ୍ୟ' ଇତ୍ୟାଦି ମାହାତ୍ମ୍ୟ ସାହିତ୍ୟର କ୍ଷେତ୍ରମାହାତ୍ମ୍ୟ ବିଭାଗକୁ ମଣ୍ଡନ କରୁଛି। ସେହିପରି

DOI: 10.70541/BAGEESHA/2025030304

VOL NO 03 ISSUE NO 03

ଏକ ନିର୍ଦ୍ଦିଷ୍ଟ ସମୟ ତଥା ଭାରତରେ ପୁଣ୍ୟକାଳ ବୋଲି ମାନୁଥିବା ମାସ(ଆ,କା,ମା,ବୈ) ଏବଂ ତିଥି(ଏକାଦଶୀ) ର ମହତ୍ତ୍ୱ ଦର୍ଶାଇ ଏହାର ନାମାନୁସାରେ ମାହାତ୍ମ୍ୟ ରଚନା କରାଯାଇଛି। ଈଶ୍ୱର ଭକ୍ତି, ଦେବପୂଜନ, ପିଣ୍ଡଦାନ, ହବିଷ୍ୟ, ଶରୀର ଶୁଦ୍ଧତା, ମାନସିକ ପବିତ୍ରତା, ଅନ୍ନ ଜଳ ଦାନ ପ୍ରଭୃତିର ବର୍ଣ୍ଣନା ଏଥିରେ ରହିଛି। 'କାର୍ତ୍ତିକ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ', 'ମାଘ ମାହାତ୍ମ୍ୟ', 'ମାର୍ଗଶୀର ମାହାତ୍ମ୍ୟ', 'ବୈଶାଖ ମାହାତ୍ମ୍ୟ' ଏବଂ 'ଏକାଦଶୀ ମାହାତ୍ମ୍ୟ' ଏହାର କେତେକ ଦୃଷ୍ଟାନ୍ତ। ଅନ୍ୟ ଏକ ବିଭାଗ; ଯେଉଁଟି ଦେବଦେବୀଙ୍କ ମହିମା, ଗୁଣ କୀର୍ତ୍ତନ ଓ ନାମ ସ୍ମରଣରେ ପରିପୂର୍ଣ୍ଣ। 'ଲକ୍ଷ୍ମୀ ମାହାତ୍ମ୍ୟ', 'ଦୁର୍ଗା ମାହାତ୍ମ୍ୟ', 'ଶିବ ମାହାତ୍ମ୍ୟ' ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ସନ୍ତାନ ଲାଭ, ମନସ୍କାମନା ପୂରଣ, ରୋଗବ୍ୟାଧିରୁ ମୁକ୍ତିଲାଭ ଆଦି ଲୋକବିଶ୍ୱାସ କାହାଣୀ ମାଧ୍ୟମରେ ବର୍ଣ୍ଣିତ। ପ୍ରକୃତିଗତ ଉପାଦାନ ତଥା ନଦୀ, ପର୍ବତ, ବୃକ୍ଷ ଆଦିକୁ କେନ୍ଦ୍ରକରି କେତେକ ମାହାତ୍ମ୍ୟ ମଧ୍ୟ ରଚନା କରାଯାଇଛି। 'ଗଙ୍ଗା ମାହାତ୍ମ୍ୟ', 'ପ୍ରାଚୀ ମାହାତ୍ମ୍ୟ', 'ହିମାଳୟ ମାହାତ୍ମ୍ୟ', 'ତୁଳସୀ ମାହାତ୍ମ୍ୟ', 'ଅଶ୍ୱତଥ୍ ମାହାତ୍ମ୍ୟ' ଇତ୍ୟାଦି ଏହାର ଉଦାହରଣ। ପ୍ରକୃତିର ସମାଜ ପାଇଁ ଦାନ, ମାନବ ଜାତିର କୃତଜ୍ଞତା, ପ୍ରକୃତି ପୂଜନ ଆଦିର ବର୍ଣ୍ଣନା ଏଥିରେ ରହିଛି। ପ୍ରୋକ୍ତ ସମସ୍ତ ମାହାତ୍ମ୍ୟରେ ଦାନର ଶୁଭଫଳ ସଂପର୍କରେ ଅଳ୍ପେ ବହୁତେ ଆଲୋଚନା କରାଯାଇଥିଲେହେଁ, 'ଜଳଦାନ ମାହାତ୍ମ୍ୟ', 'ଅନ୍ନଦାନ ମାହାତ୍ମ୍ୟ' ଭଳି କେତେକ ଦାନ ମାହାତ୍ମ୍ୟକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଏହା ପୁଣ୍ୟପ୍ରାପ୍ତିର ଏକ ମାର୍ଗ ଭାବରେ ଭାରତୀୟ ଧର୍ମ ପରମ୍ପରାରେ ଗୃହୀତ। ସୁଦୃଢ ବିଶ୍ୱାସରେ ଅନ୍ତର୍ନିହିତ। ତେବେ ସମୁଚିତ ଭାବରେ ମାହାତ୍ମ୍ୟ ସାହିତ୍ୟର ସୃଷ୍ଟି ଜନ ସମାଜ ପାଇଁ ଯାହା ମୁଖ୍ୟତଃ ଈଶ୍ୱର ଭକ୍ତି ଏବଂ ଧର୍ମ ପ୍ରଚାରକୁ ଆଧାର କରି ରଚିତ ହୋଇଛି।

ସମାଜ ମନୁଷ୍ୟକୃତ। ସମୁହ ଭାବରେ ସୁଖ ସୁବିଧା ଭୋଗ କରି ବଞ୍ଚିବା ପାଇଁ ଏହାର ସୃଷ୍ଟି। ତେଣୁ ଏକ ଶୃଙ୍ଖଳିତ ସମାଜ ଗଠନର ପରିକଳ୍ପନା କରି କେତେକ ନିର୍ଦ୍ଦିଷ୍ଟ ନୀତିନିୟମର ପ୍ରଚଳନ ବହୁ ଆଗରୁ ଧାର୍ଯ୍ୟ କରାଯାଇଛି। ବେଦ ଠାରୁ ଆରମ୍ଭ କରି ପ୍ରତ୍ୟେକ ଧର୍ମଗ୍ରନ୍ଥରେ ବିଭିନ୍ନ ରୀତିନୀତି ସଂମ୍ପର୍କରେ ଚର୍ଚ୍ଚା ରହିଛି। ମାହାତ୍ମ୍ୟ ସାହିତ୍ୟ ଏହି ଦିଗ ପ୍ରତି ଯଥେଷ୍ଟ ସଚେତନ ମଧ୍ୟ। ଭଲ ଖରାପ, ପାପପୁଣ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ମଣିଷ ଜୀବନକୁ ନିର୍ଦ୍ଦିଷ୍ଟ ନିୟମାନୁସାରେ ସଜାଡ଼ିଦେବାର ପ୍ରୟାସ ଏଥିରେ କରାଯାଇଛି। ମିଥ୍ୟା, ଛଳ କପଟ, କ୍ରୋଧ, ହିଂସା, ଈର୍ଷା ଆଦି ନକରାତ୍ମକ ଭାବକୁ ପରିତ୍ୟାଗ କରି ସତ୍ୟତା, ପବିତ୍ରତା, ନୈତିକ ଆଚରଣ ପ୍ରଭୃତିକୁ ଆପଣେଇ ନେବାପାଇଁ ନୀତିଶିକ୍ଷା ମାଧ୍ୟମରେ ଜନ ସମାଜକୁ ପ୍ରେରଣା ପ୍ରଦାନ କରିବାରେ ମାହାତ୍ମ୍ୟକାର ମାନେ କୁଣ୍ଠାବୋଧ ପ୍ରକାଶ କରିନାହାନ୍ତି[୧]। ଏହାଛଡ଼ା ଜନଜୀବନକୁ ନୀତିନିୟମରେ ବାନ୍ଧି ସୁପଥରେ ଅଗ୍ରସର ହେବାପାଇଁ ଉପଦେଶ ଦେବା ସଙ୍ଗେସଙ୍ଗେ ସମାଜର ବଳିଷ୍ଠ ଅଙ୍ଗ, ନାରୀର ସମ୍ମାନ ପ୍ରତି ମାହାତ୍ମ୍ୟକାରମାନେ ଯଥେଷ୍ଟ ସଚେତନଶୀଳ। ପତିବ୍ରତା ନାରୀର ଚରିତ୍ରରେ ଦାଗ ଲଗାଇବା ଦ୍ୱାରା ସ୍ୱୟଂ ଈଶ୍ୱର ମଧ୍ୟ ଅଭିଶାପ ଗ୍ରସ୍ତ ହୋଇ ପାରନ୍ତି, ଏହିପରି ଦୃଢ ଚିନ୍ତାଧାରା ମାହାତ୍ମ୍ୟ ସାହିତ୍ୟରେ ପ୍ରତିଫଳିତ[୨]। ଏହି ପ୍ରତିଫଳନ ସମାଜକୁ ବାଟ କଡ଼େଇ ନେଇଛି। ଯଦ୍ୱାରା ରାମଙ୍କ ପରି ପୁତ୍ର, ସୀତାଙ୍କ ପରି ଆଦର୍ଶ ନାରୀ, ଲକ୍ଷ୍ମଣ ଓ ଭରତଙ୍କ ପରି ଭାଇ, ସତ୍ୟନିଷ୍ଠ ଯୁଧିଷ୍ଠିର ପ୍ରଭୃତି ଆଜି ଘରେଘରେ ପରିଚିତ। ନୀତିନିଷ୍ଠ ଜୀବନଯାପନ ଏବଂ ସାମାଜିକ ମୂଲ୍ୟବୋଧ ରକ୍ଷା ପ୍ରତି ସଚେତନ ହେବା ସହ ଅସଚେତନ ହେଲେ କେଉଁ ପ୍ରକାର କ୍ଷତି ଘଟେ ତାହାର ଅନେକ ଉଦାହରଣ ମାହାତ୍ମ୍ୟ ସାହିତ୍ୟରେ କାହାଣୀ ମାଧ୍ୟମରେ ସୂଚାଇ ଦିଆଯାଇଛି।

ସେହିପରି ସାମାଜିକ ନୀତିନିୟମର ଧାରାବାହିକ ଅନୁଶୀଳନ ମାଧ୍ୟମରେ ସଂସ୍କୃତି ଓ ସମାଜର ନିରବଚ୍ଛିନ୍ନ ସହବନ୍ଧନ ସୁଦୃଢ ହୋଇପାରିଛି। ତହିଁରୁ ପିଣ୍ଡଦାନ ପରମ୍ପରା ଗୋଟିଏ; ଯେଉଁଟି ପିତୃପୁରୁଷଙ୍କ ଆତ୍ମାର ସଦ୍‌ଗତି ଏବଂ ଦେବତାଙ୍କ ନିମନ୍ତେ ଉତ୍ସର୍ଗ। ବିଶ୍ୱାସଯେ, ଏକ ନିର୍ଦ୍ଦିଷ୍ଟ ସମୟରେ ପବିତ୍ର ସ୍ଥାନରେ ପିଣ୍ଡଦାନ କରିବା ଦ୍ୱାରା ପିତୃଲୋକଙ୍କୁ ବୈକୁଣ୍ଠଲାଭ ଏବଂ ମୋକ୍ଷପ୍ରାପ୍ତି ହୁଏ। ତେଣୁ ଭାରତୀୟ ଜନସାଧାରଣ ଦେଶର ବିଭିନ୍ନ ତୀର୍ଥ ସ୍ଥାନରେ ଶୁଦ୍ଧ ଚିତ୍ତରେ ପିଣ୍ଡଦାନ କରନ୍ତି। ଏହି କାର୍ଯ୍ୟ ପାଇଁ ମାହାତ୍ମ୍ୟ ସାହିତ୍ୟ ଶ୍ରଦ୍ଧା, ନିଷ୍ଠା ଏବଂ ଭକ୍ତି ଭାବନା ପ୍ରତି ଅଧିକ ଦୃଷ୍ଟି ଦେଇଛି।

ଆମେ ଯାହା ଖାଉ ବା ଯେତେକ ଭକ୍ଷ ଦ୍ରବ୍ୟ; ତାହା ହେଉଛି ଅନ୍ନ। ଏହା ଶାସ୍ତ୍ରରେ ଅଛି। ତେଣୁ ପିଣ୍ଡଦାନ କହିଲେ ଯେ କେବଳ ତଣ୍ଡୁଳକୁ ବୁଝାଏ ତାହା ନୁହେଁ, ବରଂ ଶ୍ରଦ୍ଧା ପୂର୍ବକ ଫଳମୂଳ ପ୍ରଦାନ କଲେ ମଧ୍ୟ ଏହା ପିଣ୍ଡ ଭାବରେ ଗ୍ରହଣୀୟ[୩]। ମାତ୍ର ଶୁଦ୍ଧ ଚିତ୍ତ ନ ରଖି ଗଙ୍ଗା କିମ୍ବା ଗୟା ଭଳି ପବିତ୍ର ତୀର୍ଥସ୍ଥାନ ମାନଙ୍କରେ ପିଣ୍ଡଦାନ କଲେ ଗ୍ରହଣୀୟ ନୁହେଁ। ଭକ୍ତି ଭାବ ଅଭାବରେ ଅମୃତ ମଧ୍ୟ ଦେବତା କିମ୍ବା ପିତୃଲୋକଙ୍କୁ ତୃପ୍ତ କରିପାରେ ନାହିଁ। ପିଣ୍ଡଦାନର ବିଶେଷତ୍ୱ, ସମୟ ଓ ନିୟମାଦି ସମ୍ପର୍କରେ ନିର୍ଦ୍ଦିଷ୍ଟ ମାହାତ୍ମ୍ୟ(କାଶୀ ମାହାତ୍ମ୍ୟ, ଗୟା ମାହାତ୍ମ୍ୟ, ପ୍ରାଚୀ ମାହାତ୍ମ୍ୟ ଇତ୍ୟାଦି)ରେ ସବିଶେଷ ବର୍ଣ୍ଣନା ରହିଥିବା ବେଳେ ଅନ୍ୟାନ୍ୟ ମାହାତ୍ମ୍ୟ ଗୁଡ଼ିକରେ ଅଳ୍ପକେ ଆଲୋଚନା କରାଯାଇଛି[୪]।

ପିଣ୍ଡଦାନର ପରମ୍ପରା ନିକଟ ଅତୀତରୁ ନୁହେଁ; ବରଂ ପ୍ରାଚୀନ ସମୟରୁ ପ୍ରଚଳିତ ହୋଇ ସାଂସ୍କୃତିକ ରୂପ ନେଇଛି। ସେହିପରି ସଂସ୍କୃତିଗତ ଉପାଦାନଗୁଡ଼ିକ ମଧ୍ୟରୁ ସମାଜରେ ଭ୍ରାତୃଭାବ ସୃଷ୍ଟି କରିବା ସହିତ ଐକ୍ୟ ସ୍ଥାପନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରେ ବିଭିନ୍ନ ପର୍ବପର୍ବାଣୀ ଏବଂ ଓଷାବ୍ରତ। ଏହା ମାହାତ୍ମ୍ୟ ସାହିତ୍ୟ ଅନ୍ତର୍ଭୁକ୍ତ।

ଜୀବନ ଚର୍ଯ୍ୟାରେ ଋତୁଚକ୍ର ପରି ବାର ମାସରେ ତେରପର୍ବ ବର୍ଷକୁ ଥରେ ଲେଖାଏଁ ଆସି ମୁହଁ ମାରି ଯାଆନ୍ତି। ଜୀବନ ସଂଗ୍ରାମ ଓ ସାଂସାରିକ ଜଂଜାଳରୁ ସ୍ୱଳ୍ପ ବିରତି ପାଇବା ପାଇଁ ପର୍ବପର୍ବାଣୀ କିଛି ମାତ୍ରାରେ ସାହାଯ୍ୟ କରେ। କେବଳ ଏତିକି ନୁହେଁ, ବରଂ ଲୋକଜୀବନରେ ଆଧ୍ୟାତ୍ମିକ ଭାବକୁ ସୁଦୃଢ କରି ରଖିବା ସହ ଧାର୍ମିକ ଚେତନା ଅଭିବୃଦ୍ଧିରେ ଏହାର ଭୂମିକା ରହିଛି। ସାମାଜିକ ଶୃଙ୍ଖଳାର ବନ୍ଧନରେ ଜନଜୀବନକୁ ବାନ୍ଧି

DOI: 10.70541/BAGEESHA/2025030304

VOL NO 03 ISSUE NO 03

ରଖିବା କ୍ଷେତ୍ରରେ କ୍ଷମ ହୋଇଥାଏ। ନିର୍ଦ୍ଦିଷ୍ଟ ନିୟମନୁଯାୟୀ ଦେବପୂଜନ ତଥା ରୀତିନୀତି ଅନୁସାରେ ପର୍ବ ପାଳନ, ସଂସ୍କୃତି ପ୍ରତି ନତମସ୍ତକ ସମ୍ମାନର ପରିଚୟ ପ୍ରଦାନ କରେ। ପୂଜାପର୍ବ ସହିତ ଓଷାବ୍ରତ ସମାନ୍ତରାଳ ଭାବରେ ଚାଲିଛି। ଅତ୍ୟନ୍ତ ନିଷ୍ଠାର ସହ ଦେବଦେବୀଙ୍କୁ ଆଶ୍ରା କରି ଅଭିଷ୍ଟ ଫଳ ପ୍ରାପ୍ତି ପାଇଁ ଏହାର ସୃଷ୍ଟି, ଯାହାର ଉତ୍ପତ୍ତି କେନ୍ଦ୍ର ଲୋକଜୀବନରେ ଘଟୁଥିବା କେତେକ ଘଟଣା ଓ ତହିଁରୁ ଜ୍ଞାତ ବିଶ୍ୱାସ। ତେବେ ଅନେକ ଗୁଡ଼ିଏ ପୂଜାପର୍ବ ଓ ଓଷାବ୍ରତ ମାହାତ୍ମ୍ୟ ସାହିତ୍ୟ ପରିସରରେ ନିଜ ସ୍ଥାନ ଅଧିକାର କରିଥିବା ବେଳେ ତତ୍ ସଂପର୍କିତ କେତେକ ସମସ୍ୟା(ସାମ୍ୟ, ବୈଷମ୍ୟ) ଦୃଷ୍ଟିଗୋଚର ହୁଏ। ସେଗୁଡ଼ିକ ହେଉଛି, ମାହାତ୍ମ୍ୟ ଏବଂ ଓଷାବ୍ରତ ମଧ୍ୟରେ ରହିଥିବା ସଂପର୍କ ତଥା ନିର୍ଦ୍ଦିଷ୍ଟ ବ୍ରତର ସ୍ୱତନ୍ତ୍ର ମାହାତ୍ମ୍ୟ, ଅନ୍ୟାନ୍ୟ ମାହାତ୍ମ୍ୟ ଗୁଡ଼ିକରେ ଚର୍ଚ୍ଚା କରାଯାଇଥିବା ଓଷାବ୍ରତ ଏବଂ କେବଳ ବ୍ରତକଥାର ସ୍ୱତନ୍ତ୍ରତା। ଏକା ଭଳି ଜଣାପଡୁଥିଲେ ମଧ୍ୟ ଏଥିରେ ସୂକ୍ଷ୍ମ ପାର୍ଥକ୍ୟ ଥିବା ଅନୁଭୂତ ହୁଏ। ଗଠନ ଦୃଷ୍ଟିରୁ ମାହାତ୍ମ୍ୟର ପରିଧି ବ୍ରତକଥା ତୁଳନାରେ ଯଥେଷ୍ଟ ବଡ଼। ନିର୍ଦ୍ଦିଷ୍ଟ ମାହାତ୍ମ୍ୟରେ ସେହି ଓଷାବ୍ରତ ସଂପର୍କରେ ସବିଶେଷ ବର୍ଣ୍ଣନା ତଥା ବ୍ରତ ପାଳନର ଉଦ୍ଦେଶ୍ୟ, ଏହାର ଇତିହାସ, ବିଧିବିଧାନ, ମିଳୁଥିବା ପୁଣ୍ୟଫଳ ଇତ୍ୟାଦି ରହିଥାଏ; ଯେଉଁଠି ଅନ୍ୟ ପକ୍ଷରେ ବ୍ରତକଥାର ମୁଖ୍ୟ ପ୍ରସଙ୍ଗ ହେଉଛି ପାଳନର ବିଧି, ନିୟମ ଓ ଫଳପ୍ରାପ୍ତି। ଏହା ଛଡ଼ା ଅନ୍ୟାନ୍ୟ ମାହାତ୍ମ୍ୟରେ କେତେକ ଓଷାବ୍ରତ ସଂପର୍କରେ ଅଳ୍ପକେ ଆଲୋଚନା ରହିଥାଏ।

ଭାରତରେ ଏକ ପବିତ୍ର ଦିନ ଭାବରେ ଏକାଦଶୀ ତିଥି ଅତ୍ୟନ୍ତ ଲୋକପ୍ରିୟ। ବର୍ଷକରେ ଚବିଶଟି ଏକାଦଶୀ (କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ) ରହିଥିଲେହେଁ ପୁଣ୍ୟମାସରେ (ଆ, କା, ମା, ବୈ) ପଡୁଥିବା ଏକାଦଶୀର ପ୍ରାଧାନ୍ୟ ଅଧିକ। ତେଣୁ ପ୍ରତ୍ୟେକ ମାସଭିତ୍ତିକ ମାହାତ୍ମ୍ୟରେ ଏଥି ସଂପର୍କରେ ଅଳ୍ପେ ବହୁତେ ଚର୍ଚ୍ଚା ରହିଛି। ମାତ୍ର 'ଏକାଦଶୀ ମାହାତ୍ମ୍ୟ' ଗ୍ରନ୍ଥରେ ଏହାକୁ କାହାଣୀ ମାଧ୍ୟମରେ ବିସ୍ତାରିତ ରୂପ ଦିଆଯାଇଛି। ଏହି ଗ୍ରନ୍ଥ ଅନୁଶୀଳନରେ ଲିଖିତ 'ଏକାଦଶୀ ବ୍ରତକଥା' ରେ କେବଳ ବ୍ରତର ନିୟମ ତଥା ବିଧିବିଧାନକୁ ମୁଖ୍ୟ ପ୍ରସଙ୍ଗ ଭାବେ ଗ୍ରହଣ କରାଯାଇଛି। ଏଣୁ ପ୍ରତ୍ୟେକ ଗ୍ରନ୍ଥ ନିଜର ସ୍ୱାତନ୍ତ୍ର ପ୍ରତିପାଦନ କରିବାରେ ସକ୍ଷମ, ପ୍ରମାଣିତ। ଏହାଛଡ଼ା ମାହାତ୍ମ୍ୟ ଏବଂ ଅନ୍ୟାନ୍ୟ ଓଷାବ୍ରତ ସଂପର୍କିତ ଦ୍ୱନ୍ଦର କାରଣ, ସେମାନଙ୍କ ମଧ୍ୟରେ ରହିଥିବା ଅନୁପୂରକ ସମ୍ବନ୍ଧ। ତାହା ହେଉଛି; ଗୋଟିଏ ମାହାତ୍ମ୍ୟରେ ଏକାଧିକ ଓଷାବ୍ରତ ବିଷୟରେ ବର୍ଣ୍ଣନା ରହିଥିଲେହେଁ, ପ୍ରତ୍ୟେକ ଓଷାର ନିର୍ଦ୍ଦିଷ୍ଟ ମାହାତ୍ମ୍ୟ ନଥାଏ। ଯେପରି ଖୁଦୁରୁକୁଣୀ ଓଷା, ପଛେଇ ଓଷା, ଭାଇ ଜିଉନ୍ତିଆ ଓଷା ଇତ୍ୟାଦି। ଏଣୁ କୁହାଯାଇପାରେ ଯେ, କେତେକ ଓଷାବ୍ରତ କଥା ମାହାତ୍ମ୍ୟର କ୍ଷୁଦ୍ର ଅଂଶ ମାତ୍ର ସବୁ ଓଷାବ୍ରତ ମାହାତ୍ମ୍ୟ ସାହିତ୍ୟର ଅନ୍ତର୍ଭୁକ୍ତ ନୁହେଁ।

ପ୍ରକୃତିଦ୍ୱାରା ମଣିଷ ଉପକୃତ ହୁଏ; ସିଧାସଳଖ ନିର୍ଭର କରେ ବଞ୍ଚିବା ପାଇଁ। ତେଣୁ ସେ ତାକୁ ଭଲପାଏ, ସମ୍ମାନ ଦିଏ ଏବଂ ଈଶ୍ୱରଙ୍କ ସତ୍ତା ଅନୁଭବ କରି ପୂଜା କରେ। ପରିବେଶ ପ୍ରତି ଆନ୍ତରିକତା ଏବଂ ଯତ୍ନଶୀଳତା ଏକ ସୁସ୍ଥ ସୁନ୍ଦର ସମାଜର ପରିକଳ୍ପନାର ଅଂଶ ବିଶେଷ। ବୃକ୍ଷପ୍ରୀତି ତନ୍ମଧ୍ୟରୁ ଏକ ବିଶେଷ ଆଲୋଚ୍ୟ ପ୍ରସଙ୍ଗ। ପ୍ରତ୍ୟେକ ମାହାତ୍ମ୍ୟରେ ବୃକ୍ଷର ମହାନତା ଦର୍ଶାଇ ମାହାତ୍ମ୍ୟକାରମାନେ କିଛି ନା କିଛି ଲେଖିଛନ୍ତି। ପିପ୍‌ପଳରେ ବିଷ୍ଣୁ, ମାଳତୀରେ ଲକ୍ଷ୍ମୀ, ବଟ ବୃକ୍ଷରେ ଶିବ ବାସ କରୁଥିବାର ବର୍ଣ୍ଣନା କେତେକ ମାହାତ୍ମ୍ୟରେ ରହିଛି। ଏହା ବୃକ୍ଷରେ ଈଶ୍ୱରଙ୍କ ଅବସ୍ଥାନର ବିଶ୍ୱାସକୁ ବଢାଏ[୫]।

ସକଳ ପାପ ନାଶ ହେବା ପାଇଁ ବୃକ୍ଷ ଆରାଧନାଯେ ଏକ ପନ୍ଥା, ତତ୍‌ସମେତ ବୃକ୍ଷ ପୂଜନ, ବୃକ୍ଷ ମୂଳରେ ହବିଷ୍ୟ ଅନ୍ନ ଗ୍ରହଣ, ବୃକ୍ଷ ରୋପଣ ଦ୍ୱାରା ଈଶ୍ୱରଙ୍କ ସାନିଧ୍ୟ ପ୍ରାପ୍ତି ଆଦି ପରି ଅନେକ ବିଷୟବସ୍ତୁର ବର୍ଣ୍ଣନା ମାହାତ୍ମ୍ୟ ସାହିତ୍ୟ ଅନ୍ତର୍ଭୁକ୍ତ। କେବଳ ମାହାତ୍ମ୍ୟକାରମାନେ ଯେ ଏହି ଦିଗରେ ଆଗ୍ରହ ପ୍ରକାଶ କରିଛନ୍ତି ତାହା ନୁହେଁ, ବରଂ ଅନ୍ୟ ଧର୍ମଗ୍ରନ୍ଥ ଗୁଡ଼ିକରେ ବୃକ୍ଷ ସଂପର୍କରେ ଅନେକ ଆଲୋଚନା ରହିଛି। ତନ୍ମଧ୍ୟରୁ ସାରୋଳ ଦାସଙ୍କ ମହାଭରଥରେ ଥିବା ସାହାଡ଼ା ବୃକ୍ଷ ମାହାତ୍ମ୍ୟ ଏକ କାଳଜୟୀ ଦୃଷ୍ଟାନ୍ତ। ଉଁଆସି ଦୋଷରୁ ମୁକ୍ତ ହେବାପାଇଁ ଗାନ୍ଧାରୀଙ୍କର ଏକ ସାହାଡ଼ା ବୃକ୍ଷ ସହ ବିବାହ ପ୍ରସଙ୍ଗ ଏହାର କଥାବସ୍ତୁ। ଯହିଁରେ ଗୋଲକ ବୃକ୍ଷକୁ ବିବାହ କରିବାର ପରବର୍ତ୍ତୀ ସମୟରେ ବୃକ୍ଷଟି ମରିଯାଇଛି ଏବଂ ଗାନ୍ଧାରୀଙ୍କର ଉଆଁସି ଦୋଷ ମୋଚନ ହୋଇଛି[୬]। ଏହି କଥାବସ୍ତୁ, ସମାଜର ପ୍ରକୃତି ଉପରେ ନିର୍ଭରଶୀଳତା ଏବଂ ପ୍ରକୃତିର ସମାଜ ପ୍ରତି ତ୍ୟାଗର ପରିଚୟ ଦିଏ। ପ୍ରତ୍ୟେକ ମାହାତ୍ମ୍ୟରେ ବୃକ୍ଷର ମହାନତା ସମ୍ପର୍କରେ ଆଲୋଚନା ରହିଥିଲେହେଁ, କେତେକ ବୃକ୍ଷର ସ୍ୱତନ୍ତ୍ର ମାହାତ୍ମ୍ୟ ମଧ୍ୟ ରଚନା କରାଯାଇଛି, ଯଥା 'ତୁଳସୀ ମାହାତ୍ମ୍ୟ', 'ଅଶ୍ୱତଥ୍ ମାହାତ୍ମ୍ୟ' ଇତ୍ୟାଦି। ପରିବେଶ ସୁରକ୍ଷା ତଥା ସମାଜ ସହ ସନ୍ତୁଳନ ବଜାୟ ରଖିବା ପାଇଁ ମାହାତ୍ମ୍ୟକାରମାନଙ୍କର ଏପରି ପଦକ୍ଷେପ ଯଥାର୍ଥ ମନେହୁଏ।

ଓଡ଼ିଆରେ ମାହାତ୍ମ୍ୟର କବି ଭାବରେ ମହାଦେବ ଦାସ ପ୍ରଥମ ଓ ପ୍ରାଚୀନ(ଦାଶ। ୨୦୧୭। ପୃ.୧୧୧୭)। ତାଙ୍କ ରଚିତ ମାହାତ୍ମ୍ୟମାନଙ୍କ ମଧ୍ୟରୁ 'କାର୍ତ୍ତିକ ମାହାତ୍ମ୍ୟ', 'ମାଘ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ' ଲୋକଙ୍କର ବହୁ ଆଦର ଲାଭ କରିଛି। ତାଙ୍କ ବ୍ୟତୀତ କୃପାସିନ୍ଧୁ ଦାସଙ୍କ 'ମାର୍ଗଶୀର ମାହାତ୍ମ୍ୟ', ଗୋପୀନାଥ ଦାସଙ୍କ 'ମାଘ ମାହାତ୍ମ୍ୟ', ତ୍ରିଲୋଚନ ଦାସଙ୍କ 'ପ୍ରାଚୀ ମାହାତ୍ମ୍ୟ' ଇତ୍ୟାଦି ମାହାତ୍ମ୍ୟ ସାହିତ୍ୟକୁ ପରିପୁଷ୍ଟ କରିଛି।

ଉପସଂହାର: ପୁଣ୍ୟ ଅର୍ଜ୍ଜନ, ମୋକ୍ଷପ୍ରାପ୍ତି, ଶାନ୍ତିପୂର୍ଣ୍ଣ ଜୀବନଯାପନ ଆଦି ମନୁଷ୍ୟର ଏକାନ୍ତ କାମ୍ୟ। ତେଣୁ ମାହାତ୍ମ୍ୟର ଧାରା ଈଶ୍ୱରଙ୍କ ପାଖେ ଅଟକି ଯାଇଛି। ଈଶ୍ୱରଙ୍କୁ କେନ୍ଦ୍ରକରି ପ୍ରତ୍ୟେକ ମାହାତ୍ମ୍ୟ ଧର୍ମ, ଆଧ୍ୟାତ୍ମ୍ୟ ଓ ଭକ୍ତିଭାବ ପ୍ରଚାର ପୂର୍ବକ ନିଜର କାୟା ବିସ୍ତାର କରିବାରେ ସକ୍ଷମ ହୋଇପାରିଛି। ଲୋକଜୀବନର ସାମୁହିକ ବିକାଶ ତଥା ସମାଜ କଲ୍ୟାଣ, ସାଂସ୍କୃତିକ ଓ ନୈତିକ ମୂଲ୍ୟବୋଧ ରକ୍ଷା

DOI: 10.70541/BAGEESHA/2025030304

VOL NO 03 ISSUE NO 03

କରିବା କ୍ଷେତ୍ରରେ ଏହାର ପାଦଚିହ୍ନ ବେଶ୍ ଦୃଶ୍ୟମାନ ହୁଏ। ପ୍ରାଚୀନ ପରମ୍ପରା ସମ୍ପର୍କରେ ପାଠକର ଜ୍ଞାନ ବୃଦ୍ଧି ସହିତ ସମାଜ ଓ ସଂସ୍କୃତି ମଧ୍ୟରେ ମାହାତ୍ମ୍ୟ ସାହିତ୍ୟ ଏକ ସେତୁ ସଦୃଶ। ହଜାର ହଜାର ନିରକ୍ଷର ନରନାରୀଙ୍କୁ ସଚେତନ ଶ୍ରୋତା କରି ଲୋକଶିକ୍ଷା ପ୍ରଦାନ କରିବାରେ ଏହାର ଯଥେଷ୍ଟ ଅବଦାନ ରହିଛି। ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସ୍ୱଦେଶ ପ୍ରୀତି ଜାଗ୍ରତ କରିବା ଏବଂ ସମସ୍ତଙ୍କଠାରେ ଆଧ୍ୟାତ୍ମିକ ଭାବନାର ପ୍ରଚାର ମାହାତ୍ମ୍ୟ ସାହିତ୍ୟର ସୃଷ୍ଟିକୁ ଯଥାର୍ଥତା ପ୍ରଦାନ କରିଛି।

ଆଧୁନିକତାର ଜାଲରେ ମଣିଷ ଆଜି ଛନ୍ଦି ହୋଇଯାଇଥିଲେ ମଧ୍ୟ ସଂସ୍କୃତିର ବାନା ଧରି ସମୟ ସହ ତାଳ ଦେଇ ଚାଲିଛି। ଆଧ୍ୟାତ୍ମିକ ଆଗ୍ରହ ଯୋଗୁଁ ମାହାତ୍ମ୍ୟ ଆବୃତିର ପରମ୍ପରା ଏବେ ମଧ୍ୟ ବଞ୍ଚିଛି ଗ୍ରାମୀଣ ଜୀବନରେ। ମାହାତ୍ମ୍ୟ, ଭାରତୀୟ ସଂସ୍କୃତିର କୋଠରୀରେ କ୍ଷୁଦ୍ର ଦୀପଶିଖାଟିଏ ହୋଇ ଆଲୋକ ବିତରଣ କରିବାକୁ ଅହରହ ଉଦ୍ୟମ ଜାରି ରଖିଛି।

ପ୍ରାନ୍ତଟୀକା:

୧) *"କୁସଙ୍ଗ ପରିହାସ ଖେଡ଼ । କଳହ କ୍ରୋଧ ହିଂସାହୁଡ଼ ।।*
ମିଥ୍ୟା ବଚନ ନିନ୍ଦା ଛଳ । କାର୍ତ୍ତିକେ ବର୍ଜିବ ସକଳ ।।" (କାର୍ତ୍ତିକ ମାହାତ୍ମ୍ୟ । ପୃ ୨୩)

୨)*"ମୁଁ ସ୍ତ୍ରିରୀ ଅବଳା ଯୁକତେ । ଏଡ଼େ କପଟ କିମ୍ପା ମତେ ।।*
କପଟେ ହରିଲୁ ମୋ ତପ । ଏବେ ତୁ ଘେନ ମୋର ଅଭିଶାପ"
।।(କାର୍ତ୍ତିକ ମାହାତ୍ମ୍ୟ । ପୃ ୮୮)

୩)*"ଏରୂପେ ଏ ଶାସ୍ତ୍ର ବିଧାନ । ଯେ ଯାହା ଭକ୍ଷେ ତାହା ଅନ୍ନ ।।*
ଭକ୍ତିରେ ଯେଉଁ ଦ୍ରବ୍ୟ ଦେଲେ । ଦେବତା ପିତୃ ପାନ୍ତି ଭଲେ ।।
ଯାହାର ନାହିଁ ଭକ୍ତି ଭାବ । ଅମୃତ ଦେଲେ କିସ ହେବ।।"
(ପ୍ରାଚୀ ମାହାତ୍ମ୍ୟ । ପୃ ୬୨)

୪)*"ପ୍ରାଚୀ ଜଳରେ କରି ସ୍ନାନ । ରାମେଶ୍ୱରଙ୍କୁ ଦରଶନ ।।*
ତିଳାଦି ପୂଜ୍ୟ ଫଳମାନ । ପିଣ୍ଡ ଦ୍ୟନ୍ତି ରାମ ଲକ୍ଷଣ ।।
ସେ ପିଣ୍ଡ ପାଇ ଅଜ ସୁତ । ପ୍ରେତତ୍ୱ କଲେ ବିବର୍ଜିତ ।।'(ପ୍ରାଚୀ ମାହାତ୍ମ୍ୟ । ପୃ ୬୦)

୫) *"ଗଉରୀ ଶାପେ ସଦାଶିବ । ସ୍ଥାବର ରୂପେ ମହାଦେବ ।।*
ସଂସାରେ ବଟବୃକ୍ଷ ରୂପେ । ପ୍ରକାଶ ହେଲେ କଙ୍କେ କଙ୍କେ ।।
ପିପଳ ବୃକ୍ଷ ରୂପେ ହରି । ଯେ ତାଙ୍କୁ ଆରାଧନା କରି ।।'(କାର୍ତ୍ତିକ ମାହାତ୍ମ୍ୟ । ପୃ ୧୬୭)

୬) *"ଗୋଲକ ବୃକ୍ଷ ଗାନ୍ଧାରୀକି କଲେକ ପ୍ରଦାନେ।*
x x x
ଗାନ୍ଧାରୀ ବୃକ୍ଷ ଯହୁଁ ଯେକ ଯୋଗ ହୋଇଲା
ସେ ସାହାଡ଼ା ବୃକ୍ଷ ଗୋଟି ତଡ଼୍ଷଣାନ୍ତି ମଲା ।।
x x x
ସମସ୍ତ ଅରଷ୍ଟି ଏହାର ହୋଇଲାକ ଶାନ୍ତି ।।(ସାରଳାଦାସ ମହାଭାରତ । ପୃ ୧୧୮)

ସହାୟକ ଗ୍ରନ୍ଥସୂଚୀ:

୧) ଦାସ, ମହାଦେବ। ପ୍ର.କା. ନାହିଁ। କାର୍ତ୍ତିକ ମାହାତ୍ମ୍ୟ

୨) ଦାଶ, ତ୍ରିଲୋଚନ। ପ୍ର.କା. ନାହିଁ। ପ୍ରାଚୀ ମାହାତ୍ମ୍ୟ, କଟକ: ଦାଶରଥି ପୁସ୍ତକାଳୟ

୩) ଦାଶ, ଦାଶରଥି ଓ ଅନ୍ୟମାନେ। ୨୦୧୭। ସାହିତ୍ୟକୋଷ, ଭୁବନେଶ୍ୱର: ଆମ ଓଡ଼ିଶା

୪) ପଟ୍ଟନାୟକ, ପଠାଣି। ୨୦୦୦। ପୁରାଣ ସାହିତ୍ୟରେ ସାମାଜିକ ମୂଲ୍ୟବୋଧ, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର

୫) ପଣ୍ଡା, ପ୍ରଦୀପ୍ତ କୁମାର। ୧୯୮୨। ଓଡ଼ିଶାର ଧର୍ମଧାରା, କଟକ: ବୁକ୍ସ ଆଣ୍ଡ ବୁକ୍ସ

୬) ପ୍ରହରାଜ, ଗୋପାଳ ଚନ୍ଦ୍ର।୨୦୧୭(ନୂତନ ମୁଦ୍ରଣ)। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଭୁବନେଶ୍ୱର: ଲାର୍କ ବୁକ୍ସ

୭) ମିଶ୍ର, ସଂଘମିତ୍ରା। ୨୦୦୦। ଓଡ଼ିଆ ପୁରାଣ ଓ ଲୋକଶିକ୍ଷା, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର

୮) ମିଶ୍ର, ସ୍ନେହଲତା। ୧୯୯୨। ଓଡ଼ିଆ ମାହାତ୍ମ୍ୟ ସାହିତ୍ୟକୁ ମହାଦେବ ଦାସଙ୍କ ଅବଦାନ, ଭୁବନେଶ୍ୱର: ଉତ୍କଳ ବିଶ୍ୱ ବିଦ୍ୟାଳୟ

୯) Sircar, Dinesh Chandra; 1966: Indian Epigraphical Glossary, New Delhi: Motilal Banarasidass Publishing House

୧୦) ସାରଳାଦାସ। ପ୍ର.କା. ନାହିଁ। ମହାଭାରତ(ଆଦିପର୍ବ), ଓଡ଼ିଶା: ସାଂସ୍କୃତିକ ବ୍ୟାପାର ବିଭାଗ

୧୧) ସାହୁ, ପଂକଜ।୨୦୦୦। ପୁରାଣ ମାହାତ୍ମ୍ୟ, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର।

Funding
No funding was received for conducting this study.

Does this Article screened for similarity?
Yes

DOI: 10.70541/BAGEESHA/2025030304

VOL NO 03 ISSUE NO 03

Conflict of interest

The Author has no conflicts of interest to declare that they are relevant to the content of this Article.

About the licenses

© **Anuradha Patra 2025**. The text of this Article is open access and licensed under a Creative Commons Attribution 4.0 International license

Cite this Article :

Patra, Anuradha, "Odia Sahityare Maahatmya", Bageesha, Vol. No. 03, Issue No. 03, May-June 2025, Article No: BM2025/03-A004| Page- 26-31| DOI: https://doi.org/10.70541/BAGEESHA/2025030304

BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଓଡ଼ିଆ ଆତ୍ମଚରିତର ଦିଗ ବିଦିଗ

ଡ. ରବୀନ୍ଦ୍ର କୁମାର ପଣ୍ଡା
ସହକାରୀ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ବ୍ରହ୍ମପୁର

RECEIVED : 28 DEC 2024
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI:10.70541/BAGEESHA/2025030305

Article No. BM2025/03-A005
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ସାରାଂଶ

ଆତ୍ମଜୀବନୀଗୁଡ଼ିକ ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଧାରାକୁ ଲୋକଲୋଚନକୁ ଆଣିବାରେ ସହାୟ ହୋଇଛି। ବ୍ୟକ୍ତିବିଶେଷକୁ ପ୍ରେରିତ କରିବା ସହିତ ଗୋଟିଏ ଜାତିକୁ ଅତି ନିକଟରୁ ଚିହ୍ନିବା ପାଇଁ ଏହାର ଉପଯୋଗିତା ରହିଚି। ଓଡିଆ ସାହିତ୍ୟରେ ଏଯାବତ୍ ଦେଢ଼ଶହରୁ ଊର୍ଦ୍ଧ୍ୱ ଆତ୍ମଜୀବନୀ ପ୍ରକାଶ ଲାଭ କରିସାରିଛି। ଏ ମଧ୍ୟରୁ ଅନେକ ପ୍ରାଣସ୍ପର୍ଶୀ ନୁହେଁ। ଯେଉଁ ଆତ୍ମଚରିତ ଗୁଡ଼ିକ ଜାତି, ସମାଜ, ଗଠନରେ କୌଣସି ଭୂମିକା ନେଇପାରେ ନାହିଁ; ଯାହା ମନକୁ ଆନ୍ଦୋଳିତ କରିପାରେ ନାହିଁ; ତାହା ଆତ୍ମଚରିତ ପଦବାଚ୍ୟ ହୁଏନାହିଁ। ସେଗୁଡ଼ିକ ବିଶେଷତଃ ଆତ୍ମପ୍ରଚାର,ଆତ୍ମପ୍ରସାର ଓ ଆତ୍ମପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବାପରି ମନେହୁଏ। ଆତ୍ମଜୀବନୀ, ସାହିତ୍ୟର ଏପରି ଏକ ବିଭାଗ ଯାହାର ଅନେକ ଗବେଷଣାତ୍ମକ ଦିଗ ରହିଛି। ଆତ୍ମଜୀବନୀ କେବଳ ଏକ ସାହିତ୍ୟିକ କଳାକର୍ମ ନୁହେଁ, ଏହା ମାଧ୍ୟମ ଦେଇ ଆମେ ଏକ ସମୟ ଖଣ୍ଡର ବିବିଧ ଦିଗ ପାଖରେ ପହଞ୍ଚିପାରିବା। ଉକ୍ତ ଆଲୋଚନାଟି ସେହି ବିବିଧ ଦିଗ ସମ୍ପର୍କିତ।

ମୂଳଶବ୍ଦ: ଆତ୍ମଜୀବନୀ, ସାଂସ୍କୃତିକ, ସାମାଜିକ ଧାରା, ଶୋଷଣମୁକ୍ତ, ସମାଜ ଓ ରାଜନୀତି, ଇତିହାସ, ଓଡ଼ିଆ ସାହିତ୍ୟ, ଜୀବନୀ ସାହିତ୍ୟ।

ଉପକ୍ରମ: ଆଧୁନିକ ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଆତ୍ମଚରିତର ସ୍ଥାନ ସ୍ୱତନ୍ତ୍ର। ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଇତିହାସକୁ ଧାରଣ କରି ଏହାର ଗତି। ପ୍ରାଚୀନ ସାହିତ୍ୟରେ ଆତ୍ମଜୀବନୀ ଖୋଜିବାକୁ ଗଲେ ଅବଶ୍ୟ ନିରାଶ ହେବାକୁ ପଡ଼େ। କବିମାନେ ଏହା ତାଙ୍କର ଆତ୍ମବଡ଼ିମାର ପରିଚୟ ହୋଇଯିବ ବୋଲି ବିବେଚନା କରୁଥିଲେ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆଧୁନିକ ସାହିତ୍ୟର ଉନ୍ମେଷ ଘଟିଛି। ନବଜାଗରଣ ବା ରେନେସାଁର ପ୍ରଭାବରେ ସାହିତ୍ୟରେ ଆସିଛି ପରିବର୍ତ୍ତନ। ପାରମ୍ପରିକ ରୀତିକୁ ପରିହାର କରି ଲେଖକ ବ୍ୟକ୍ତିସଚେତନତା ଆଡ଼କୁ ଅଗ୍ରସର ହୋଇଛି। ସାହିତ୍ୟର ଆଂଗିକ ଦିଗରେ ପରିବର୍ତ୍ତନ ହୋଇ ସୃଷ୍ଟି ହୋଇଛି ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ ସାହିତ୍ୟ ତଥା ଜୀବନୀ ସାହିତ୍ୟ ପରି ବିଭାଗମାନ। ତନ୍ମଧ୍ୟରୁ ଆତ୍ମଜୀବନୀ ବିଭାଗଟି ପାଠକକୁ ବିଶେଷ ଭାବରେ ଆକୃଷ୍ଟ କରେ। ଏହା କଳ୍ପନାର ମାୟାଜାଲ ସୃଷ୍ଟି କରେନାହିଁ; ଦିଏ ବାସ୍ତବ ଚିତ୍ର। ଏହା ଅନୁପ୍ରାଣିତ କରେ। ଘଟିଯାଇଥିବା ଘଟଣା ଓ ସମୟର ନିଛକ ପ୍ରତିଛବି ଦର୍ଶକ ସମ୍ମୁଖରେ ଯଥାଯଥ ଉପସ୍ଥାପନ କରେ। ଏହା ପ୍ରତ୍ୟେକ ମଣିଷ ପାଇଁ ଯେପରି ଶିକ୍ଷଣୀୟ, ସମାଜ ପାଇଁ ସେହିପରି ଉପାଦେୟ। ଗୋଟିଏ ଜୀବନର ସୁଖଦୁଃଖର କାହାଣୀ, ସଫଳତାର ଚାବିକାଠି, ବିଫଳତାର ଅଶ୍ରୁଳ ବର୍ଣ୍ଣନା, ଅନୁଭୂତିର ବାସ୍ତବ ରୂପରେଖ ମଣିଷକୁ କରେ ମୁଗ୍ଧ, ଦିଏ ସାନ୍ତ୍ୱନା, କରେ ନୂତନ ଦିଶାର ପ୍ରଦର୍ଶନ। ଆତ୍ମଜୀବନୀ ଏକ ଜୀବନ୍ତ ଦଲିଲ୍। ଏହା କେବଳ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନ ରୂପ ଅଙ୍କନରେ ପୂର୍ଣ୍ଣ ହୁଏନାହିଁ; ତା' ସହିତ ଏଥିରେ ସ୍ଥାନ ପାଏ ତତ୍କାଳୀନ ପରିବେଶ, ଘଟଣା, ସମାଜ ଓ ରାଜନୀତିର ଚିତ୍ର। ଏହା ଇତିହାସକୁ ଖୋରାକ୍ ଯୋଗାଏ। ସମାଜତତ୍ତ୍ୱବିତ୍, ସଂସ୍କୃତିବିତ୍, ଐତିହାସିକ ଓ ରାଜନୀତି ଗବେଷକକୁ ତଥ୍ୟ ପ୍ରଦାନ କରେ। ସାହିତ୍ୟିକଙ୍କ ସୃଷ୍ଟି ଅନ୍ତରାଳରେ ଥିବା ପଟ୍ଟଭୂମିକୁ ଉଜାଗର କରେ। ଏ ସମସ୍ତ କାରଣରୁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଆତ୍ମଜୀବନୀର ବିଶେଷତ୍ୱ ସ୍ୱତଃ ବାରି ହୋଇପଡ଼େ। ଏସବୁ ସତ୍ତ୍ୱେ ସମସ୍ତ ଆତ୍ମଜୀବନୀ ପାଠକୀୟ ସ୍ୱୀକୃତି ଲାଭ କରିବାରେ ସମର୍ଥ

BM2025/03-A005
ABSTRACT
VOL NO 03 ISSUE NO 03

ହୁଏନାହିଁ। ଯେକୌଣସି ବ୍ୟକ୍ତି, ଚରିତ ସାହିତ୍ୟର ଅନ୍ତର୍ଭୁକ୍ତ ହୋଇପାରନ୍ତି; କିନ୍ତୁ ବ୍ୟକ୍ତିଗତ ଜୀବନର ଦୈନିକ ଦିନଚର୍ଯ୍ୟା ବା ଅନୁଭୂତି ଘଟଣାବଳୀକୁ ସଜାଇ ଲେଖିଦେଲେ ତାହା ଆତ୍ମଜୀବନୀ ପଦବାଚ୍ୟ ହୁଏନାହିଁ। ଏଥିରେ ଅନ୍ତର୍ଲୋକର ଉଦ୍‌ଘାଟନ ପୂର୍ବକ ଯଦି ଗଭୀର ଜୀବନ ଦର୍ଶନର ଚିତ୍ର ଫୁଟିଉଠେ ଏବଂ ତଦ୍ଦ୍ୱାରା ପରବର୍ତ୍ତୀ ପିଢ଼ି ବା ଜାତି ଅନୁପ୍ରାଣିତ ହୁଅନ୍ତି, ତେବେ ଏହା ସଫଳ ଆତ୍ମଚରିତ ରୂପେ ପରିଗଣିତ ହୁଏ। ଏତଦ୍‌ବ୍ୟତୀତ ଆତ୍ମଜୀବନୀ କଳା ରସାତ୍ମକ ହେବା ଉଚିତ। ନିରସ ବା ପ୍ରାଣହୀନ ସୃଷ୍ଟିର ଆକର୍ଷଣୀୟ କ୍ଷମତା ନଥାଏ। ରସପୂର୍ଣ୍ଣ ସତ୍ୟକାହାଣୀର ଏହା ଅଦ୍ଭୁତ ସାମଞ୍ଜସ୍ୟ ରୂପ ହେବା ବିଧେୟ। ଅକପଟ ସ୍ୱୀକାରୋକ୍ତି ହିଁ ଆତ୍ମଚରିତର ଆତ୍ମା ସଦୃଶ୍ୟ। ଲେଖକ କପଟ ବା ଛଳନାର ବଶବର୍ତ୍ତୀ ହୋଇ ଏହାକୁ ରଚନା କଲେ, ଏହା ଆତ୍ମଚରିତ ପଦବାଚ୍ୟ ହୋଇପାରେ ନାହିଁ। ଆତ୍ମସଂକୋଚ ବା ଆତ୍ମଶ୍ଳାଘା ଆତ୍ମଚରିତ ରଚନା କ୍ଷେତ୍ରରେ ଏକ ମୁଖ୍ୟ ପ୍ରତିବନ୍ଧକ। ଏତଦ୍‌ବ୍ୟତୀତ ଆତ୍ମଚରିତକାର ନିଜପ୍ରତି ଅନାସକ୍ତ ରହି ନିଜ ଦୋଷ ଗୁଣ ବର୍ଣ୍ଣନା କରିବା ଉଚିତ।

ବିଷୟର ଆଲୋଚନା: ବିଂଶ ଆତ୍ମବିଶ୍ଳେଷଣ ହେଉଛି ଆତ୍ମଜୀବନୀ ରଚନାର ଅନ୍ତର୍ନିହିତ କାରଣ। ଆତ୍ମନୀରିକ୍ଷା ଦ୍ୱାରା ହିଁ ମନୁଷ୍ୟ ନିଜ ସ୍ୱରୂପ ଚିହ୍ନ ପାରିଥାଏ। ନିଜର ସ୍ୱରୂପ ଚିହ୍ନିପାରିଲେ ସେ ନିଜକୁ ତଦନୁରୂପ ଗଢ଼ିବାକୁ ଚେଷ୍ଟା କରିଥାଏ। ବେଳେବେଳେ ଆତ୍ମଜୀବନୀ ମଧ୍ୟରେ ଲେଖକକର ଆତ୍ମପ୍ରଚାର ଓ ଆତ୍ମପ୍ରତିଷ୍ଠା ଦିଗଟି ସ୍ୱତଃ ବାରି ହୋଇପଡ଼େ। ଏହା ଦୋଷାବହ ନୁହେଁ। ନିଜକୁ ଅନ୍ୟ ଆଗରେ ପ୍ରତିଷ୍ଠିତ କରିବାର କାହାର ଇଚ୍ଛା ନଥାଏ ? ତେବେ ଏ ଦିଗରେ ଲେଖକ ସଚେତନ ରହିବା ଆବଶ୍ୟକ। ଅତିମାତ୍ରାରେ 'ମୁଁ' କାରକୁ ପ୍ରାଧାନ୍ୟ ଦେଇ, ଅନ୍ୟକୁ ନୀଚ ଦେଖାଇ, ନିଜକୁ ଏକମାତ୍ର ସାଧୁ ଦେଖାଇବାର ପ୍ରବୃତ୍ତି ବେଳେବେଳେ ଆତ୍ମଜୀବନୀକୁ ବିକଳାଙ୍ଗ କରିଦିଏ। "ଆତ୍ମଜୀବନୀ ଆଦୌ ବ୍ୟକ୍ତିର ପ୍ରଚାରପତ୍ର ନୁହେଁ। ଯିଏ ଏପରି କରେ ତାହା ଆଉ ଆତ୍ମଚରିତ ହୁଏନାହିଁ। ଏହା ବ୍ୟକ୍ତି-ଜୀବନର ବିଳାପ ନୁହେଁ। ବିଳାପ ଥାଏ; ଆଳାପ କିନ୍ତୁ ଅଧିକ। ଏହି ଆଳାପ ନିଜ ସହିତ ନିଜର, ଅନ୍ୟ ସହିତ ନିଜର, ନାନାବିଧ ଘଟଣା ଓ ସମସ୍ୟା ସହିତ ନିଜ ଭିତରର ଚିନ୍ତା ଓ ଚେତନାର। ଏହା ସତ୍ୟନିଷ୍ଠା।"(ଠାକୁର ରବୀନ୍ଦ୍ରନାଥ, ଜୀବନ ସ୍ମୃତି, ପୃ. ୧୦୨) ଆତ୍ମଚରିତର ଶବ୍ଦଟି ପାଶ୍ଚାତ୍ୟ ସାହିତ୍ୟ ଅନୁକରଣରେ ସୃଷ୍ଟି ହୋଇଛି। ଇଂରେଜମାନେ ଭାରତ ଅଧିକାର କରିବା ପରେ ଇଂରାଜୀ ଭାଷା ଓ ସାହିତ୍ୟର ପ୍ରଚାର-ପ୍ରସାର, ଭାରତୀୟ ସାହିତ୍ୟକୁ ବହୁ ପରିମାଣରେ ପ୍ରଭାବିତ କରିଛି। ଇଂରାଜୀ ଶିକ୍ଷାର ବହୁଳ ପ୍ରଚାର ଫଳରେ ଦୃଷ୍ଟିକୋଣରେ ଆସିଛି ପରିବର୍ତ୍ତନ। ପାରମ୍ପରିକ ଚିନ୍ତାଧାରାଠାରୁ ଲୋକେ ଦୂରକୁ ଯାଇ ଅଭିନନ୍ଦନ ଜଣାଇଛନ୍ତି, ପାଶ୍ଚାତ୍ୟ କଲ୍ୟାଣକାରୀ ଚିନ୍ତା ଓ ଚେତନାକୁ। ସୃଷ୍ଟି ହୋଇଛି ଆଧୁନିକ ସାହିତ୍ୟର ବିଭିନ୍ନ ବିଭାଗ। ଓଡିଆସାହିତ୍ୟ ମଧ୍ୟ ଏଥିରୁ ନିଜକୁ ଅଲଗା ରଖିପାରି ନାହିଁ। ବଂଗଳା, ହିନ୍ଦୀ, ମରାଠୀ, ତେଲୁଗୁ, ତାମିଲ ଆଦି ପ୍ରାଦେଶିକ ଭାଷା ପରି ଓଡିଆସାହିତ୍ୟରେ ମଧ୍ୟ ଆତ୍ମଚରିତର ଧାରା ଲକ୍ଷ୍ୟ କରାଯାଇଛି। ଆତ୍ମଚରିତ ସାହିତ୍ୟ ଆଧୁନିକ ଯୁଗର ସୃଷ୍ଟି ହେଲେ ହେଁ, ପ୍ରାଚୀନ ଓଡିଆସାହିତ୍ୟରେ ଏହାର କିଂଚିତ ଆଭାସ ଦେଖିବାକୁ ମିଳେ। ଏହା ପରୋକ୍ଷ ଭାବରେ କବିକୃତି ମାନଙ୍କରେ ପରିସ୍ଫୁଟିତ ହୋଇଛି। ସିଦ୍ଧାଚାର୍ଯ୍ୟମାନେ ଦୋହାଗୁଡ଼ିକରେ ଆପଣା ପରିଚୟ ଦେବା ସହିତ ଜୀବନ୍ତ ଅନୁଭୂତିକୁ ଅକପଟ ଭାବେ ବ୍ୟକ୍ତ କରିଛନ୍ତି। ଏତଦ୍ ବ୍ୟତୀତ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଉପେନ୍ଦ୍ରଭଂଜ, ଦୀନକୃଷ୍ଣ ଦାସ, ଭୀମଭୋଇ ଆଦି କବିମାନେ ସ୍ୱସୃଷ୍ଟି ମାନଙ୍କରେ ଆପଣା ବିଷୟରେ ଉଲ୍ଲେଖ କରି ଯାଇଛନ୍ତି। ଆତ୍ମଚରିତର ପ୍ରକୃତ ସ୍ୱରୂପକୁ ଦୃଷ୍ଟିରେ ରଖି ଏଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଅବଶ୍ୟ ନିରାଶ ହେବାକୁ ପଡ଼େ। ଏହା କେବଳ ଆତ୍ମଚରିତର ସଂକେତ ଓ ଆଭାସ ପ୍ରଦାନ କରେ। ତେବେ ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପାଶ୍ଚାତ୍ୟ ରୀତିର ଅନୁସରଣ ପୂର୍ବକ ଆତ୍ମଚରିତର ପ୍ରକୃତ କଳେବର ବିକଶିତ ହେବାକୁ ଆରମ୍ଭ କରିଛି। ଓଡିଆସାହିତ୍ୟରେ ଫକୀରମୋହନ ସେନାପତିଙ୍କ 'ଆତ୍ମଚରିତ' ହିଁ ପ୍ରଥମ ସାର୍ଥକ ରଚନା। ଏହାପୂର୍ବରୁ ରାଧାନାଥଙ୍କ ନିଜ ପୁତ୍ର ଶଶିଭୂଷଣଙ୍କ ପାଖକୁ ଲେଖିଥିବା ଚିଠିରେ ଆତ୍ମଜୀବନୀର ଆଭାସ ଦେଖିବାକୁ ମିଳେ। ଉକ୍ତ ଚିଠିଟି ତାଙ୍କ ଅକପଟ ହୃଦୟର ପାପ ସ୍ୱୀକାରୋକ୍ତି। ଏହା ଠିକ୍ ତାଙ୍କର ଆତ୍ମଚରିତ ନୁହେଁ, ଆତ୍ମନିବେଦନ ମାତ୍ର। ଏହା ପୂର୍ଣ୍ଣ ନୁହେଁ, ଆତ୍ମଚରିତର ଏକ ଖଣ୍ଡିତ ଅଂଶ ମାତ୍ର। ତେଣୁ ଫକୀରମୋହନ ନିଜେ ହିଁ ନିଜର ଆଦର୍ଶ ସୃଷ୍ଟି କରିଛନ୍ତି 'ଆତ୍ମଚରିତ' ରଚନାରେ। ତାଙ୍କର ଏହି ଆତ୍ମଚରିତଟି ଓଡିଆଗଣଜୀବନର ସାର୍ଥକ ପ୍ରତିଫଳନ। ଜୀବନର ବାସ୍ତବ ଘଟଣାଗୁଡ଼ିକୁ ସେ ଏପରି ଭାବରେ ବର୍ଣ୍ଣନା କରିଛନ୍ତି, ଯାହା କଳ୍ପନା ପରି ମନେହୁଏ। ଉପନ୍ୟାସର ଭ୍ରମ ସୃଷ୍ଟି କରେ। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ଚିନ୍ତାମଣି ମହାନ୍ତି, ଗଙ୍ଗାଧର ମେହେର, ଗୋପାଳ ପ୍ରହରାଜ, ଗୋବିନ୍ଦ ମିଶ୍ର ଆଦି ଆତ୍ମଚରିତ ରଚନାରେ ମନୋନିବେଶ କରିଥିଲେ ହେଁ ଏହା ଫକୀରମୋହନଙ୍କ ଆତ୍ମଚରିତ ନିକଟରେ ଏତେଟା ସାର୍ଥକ ହୋଇପାରିନାହିଁ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଭିନ୍ନ ସାହିତ୍ୟିକ, ରାଜନୀତିକ ନେତା, ଶିକ୍ଷାବିତ୍, ନାଟ୍ୟକାର, ସମାଜସେବୀ, ଡାକ୍ତର, ଇଂଜିନିୟର, ବିଚାରକ, ଆଇନଜୀବୀ, ପ୍ରଶାସକ, ଶିଳ୍ପୀ, ବ୍ୟବସାୟୀ, ଦଳିତ, ଆଦିବାସୀ ଚିନ୍ତକ ଆଦି ଆତ୍ମଚରିତ ରଚନା କରି ଏହାର କଳେବରକୁ ପରିପୁଷ୍ଟ କରିଛନ୍ତି। ଓଡିଆ ଆତ୍ମଚରିତର ଧାରାକୁ ଅନୁଧ୍ୟାନ କଲେ ଏଥିରେ ଥିବା ବିବିଧତାକୁ ଲକ୍ଷ୍ୟ କରିହୁଏ। କେବଳ ମହାପୁରୁଷ ଅଥବା ଅସାଧାରଣ ବ୍ୟକ୍ତିତ୍ୱ ହିଁ ଆତ୍ମଚରିତ ସାହିତ୍ୟ ରଚନା କରି ଉତ୍ତର ପିଢ଼ିକୁ ଅନୁପ୍ରାଣିତ କରିପାରନ୍ତି ସେପରି ନୁହେଁ; ଜଣେ ସାଧାରଣ ବ୍ୟକ୍ତିର ମଧ୍ୟ କହିବା ପାଇଁ ଅନେକ କଥା ଥାଇପାରେ। ତା'ର ଅନୁଭୂତି ଓ ଅଭିଜ୍ଞତା ବି ଆଲୋକଦର୍ଶିତାର କାର୍ଯ୍ୟ କରିପାରେ। ଡ. ଲାବଣ୍ୟ ନାୟକଙ୍କ ମତରେ "ସାଧାରଣ ବା ଅସାଧାରଣ ଯେକୌଣସି ବ୍ୟକ୍ତିଙ୍କ ଇତିବୃତ୍ତି ରଚିତ ସାହିତ୍ୟର ଉପଜୀବ୍ୟ ହୋଇପାରେ। ଏହି ବ୍ୟକ୍ତି ଜଣେ ସାହିତ୍ୟିକ, ଜଣେ ଅଭିନେତା, ଜଣେ ସୈନିକ, ଜଣେ ଖେଳାଳି, ଜଣେ କଳାକାର, ଜଣେ ସମାଜସେବୀ,

DOI: 10.70541/BAGEESHA/2025030305

VOL NO 03 ISSUE NO 03

ଜଣେ ରାଜନୀତିଜ୍ଞ, ଜଣେ ଯୋଦ୍ଧା, ଜଣେ ଦୀନହୀନ ଭିକ୍ଷୁକ ହୋଇପାରନ୍ତି। XXX ତେଣୁ ଚରିତ ସାହିତ୍ୟ ପାଇଁ ଆଭିଜାତ ଓ ଅନ୍ତ୍ୟଜ ବ୍ୟକ୍ତିର ଭେଦ ରହିବ କାହିଁକି?"(ନାୟକ ଲାବଣ୍ୟ, ଓଡିଆ ଚରିତ ସାହିତ୍ୟ, ପୃ. ୦୩) ଓଡିଆ ଆତ୍ମଜୀବନୀରେ ମଧ୍ୟ ଏପରି ଅନେକ ଆତ୍ମଜୀବନୀର ନଜିର ରହିଛି। ଓଡିଆ ସାହିତ୍ୟର ଦ୍ୱିତୀୟ ଆତ୍ମଜୀବନୀ ଏକ ଦସ୍ୟୁର ଆତ୍ମକାହାଣୀ। ଯଦିଓ ଏହା ପୂର୍ଣ୍ଣାଙ୍ଗ ନୁହେଁ, ତଥାପି ଜଣେ ଦସ୍ୟୁର ଅକପଟ ସ୍ୱୀକାରୋକ୍ତି ଏହାକୁ ପ୍ରାଣବନ୍ତ କରେ। ସେହିପରି ଜଣେ ଇଂଜିନିଅର ପରବର୍ତ୍ତୀ ସମୟରେ ବୌଦ୍ଧଭିକ୍ଷୁରେ ପରିଣତ ହେବା ଚିତ୍ରକୁ ଭିକ୍ଷୁ ସଦାନନ୍ଦ 'ମୋ କର୍ମ ଓ ଧର୍ମ ଜୀବନ' ଆତ୍ମଜୀବନୀରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ଢେଙ୍କାନାଳର ରାଜମାତା 'ରତ୍ନପ୍ରଭା ଦେବୀ'ଙ୍କ '୧୯୦୯ ମସିହାରୁ ଏପର୍ଯ୍ୟନ୍ତ', ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ 'ଅନ୍ୱେଷାର ଆକାଶ', ନିଜ ପିତାଙ୍କ ସ୍ମୃତିଚାରଣ ପୂର୍ବକ କପିଳ ମିଶ୍ରଙ୍କ 'ମୋ ନନା', ପ୍ରଚ୍ଛଦପଟର ଶିଳ୍ପୀ ଅସୀମ ବସୁଙ୍କ 'କଥାରେ କଥାରେ', ଜଣେ ଆଦିବାସୀ ଦ୍ୱାରା ରଚିତ ଆଦିବାସୀ ଜୀବନର ଗାଥା ତଥା ପ୍ରଥମ ଆଦିବାସୀ ଆତ୍ମଜୀବନୀ ସୁମନୀ ଝୋଡ଼ିଆଙ୍କ 'ମୁଁ ସୁମନୀ କହୁଚେ', ଦିବାକର ଦାସଙ୍କ ଏକ ଦଳିତ ଆତ୍ମଜୀବନୀ 'ଖରସୁଆଁରୁ କୁଲାବିରି, ରାଜକିଶୋର ଛୋଟରାୟଙ୍କ 'ମୋ ଶିକାର ଜୀବନର କାହାଣୀ', ପ୍ରାଶାସନିକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦଙ୍କ 'ମୁଖର ଅତୀତ' ଆଦି ବିବିଧତାପୂର୍ଣ୍ଣ ଆତ୍ମଚରିତ ସାହିତ୍ୟର ବିକଶିତ କଳେବରକୁ ଉଦ୍‌ଘାଟିତ କରେ। ଜଣେ ବ୍ୟକ୍ତିର ଆତ୍ମଜୀବନୀ କେବଳ ତା ନିଜର ଜୀବନଗାଥା ପ୍ରକାଶ କରେ ନାହିଁ; ବରଂ ତା'ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବିଷୟରେ ମଧ୍ୟ ଅନେକ ତଥ୍ୟ ପ୍ରଦାନ କରେ। ଆତ୍ମଜୀବନୀ ପାଠକଲେ ଚରିତକାରର ଜୀବନସଂଘର୍ଷ ସାଙ୍ଗକୁ ତତ୍‌କାଳୀନ ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଚିତ୍ରପଟକୁ ପାଠକ ଅନୁଧାନ କରିବାରେ ସଫଳ ହୁଏ। ଦାମ୍ପତ୍ୟ ଜୀବନର ସୁଖ, ଦୁଃଖ, ଭୁଲ ବୁଝାମଣା, ଅସନ୍ତୋଷ, ଜୀବନରେ ଭୁଲ ପାଇଁ କରିଥିବା ଅନୁତାପ, ତ୍ୟାଗ, ପ୍ରତିଶୋଧ ଆଦି ପାଠକରି ପାଠକ ତଦଅନୁସାରେ ଜୀବନକୁ ଗଢ଼ିବାକୁ ଚେଷ୍ଟା କରେ। ଫକୀରମୋହନ ସେନାପତିଙ୍କ ପ୍ରଥମ ଦାମ୍ପତ୍ୟ ଜୀବନର ଅସନ୍ତୋଷ, ନିତ୍ୟାନନ୍ଦ ଶତପଥୀଙ୍କ ସାଂସାରିକ ଜୀବନର ଝଡ଼, ବେଣୀମାଧବ ପାଢ଼ୀ, ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବଙ୍କ ପରିବାର ପ୍ରତି ଅବହେଳା ଆଦିରୁ ଶିକ୍ଷା କରିବାର ଆବଶ୍ୟକତା ରହିଛି। ଉତ୍ତର ଜୀବନରେ ଏମାନଙ୍କ ଅନୁତାପ ମଧ୍ୟ ଲକ୍ଷଣୀୟ। ସେହିପରି ସମାଜସେବୀଙ୍କ ଠାରୁ ତ୍ୟାଗ, ଶିକ୍ଷାବିତ୍‌ଙ୍କ ଠାରୁ ଅନୁଶାସନ ଓ ଶିକ୍ଷାର ମହତ୍ତ୍ୱ, ସାହିତ୍ୟିକ ତଥା ନାଟ୍ୟକାରଙ୍କ ଠାରୁ କଳା କାରିଗରୀ ଓ ମାର୍ଜିତ ଭାଷାଶୈଳୀ ଆଦି ଶିକ୍ଷଣୀୟ। ଓଡିଆ ଆତ୍ମଜୀବନୀ ଅଧ୍ୟୟନ ପୂର୍ବକ ଏଥିରୁ ଦୀର୍ଘ ଏକ ଶତାବ୍ଦୀର ରାଜନୀତିକ ଅବସ୍ଥାର ଚିତ୍ର ପ୍ରାପ୍ତ ହୋଇପାରିବ। ମୁଖ୍ୟତଃ ରାଜନୀତି ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ଆତ୍ମଜୀବନୀରୁ ଓଡ଼ିଶା ତଥା ଭାରତୀୟ ରାଜନୀତିର ଏକ ସ୍ଥୂଳ ବିବରଣୀ ମିଳିଥାଏ। ଆତ୍ମଜୀବନରୁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଉଭୟ ସମୟର ରାଜନୀତିକ ପରିବେଶ ବିଷୟରେ ଜାଣିହୁଏ। ସ୍ୱାଧୀନତା ପୂର୍ବ ରାଜନୀତିରେ ମୁଖ୍ୟତଃ ଦେଶମୁକ୍ତି ଆନ୍ଦୋଳନ, ଜାତୀୟ ସ୍ୱାଭିମାନ ପାଇଁ ସଂଘର୍ଷ, କଂଗ୍ରେସ ଦଳର ଉତ୍‌ଥାନ, ମହାତ୍ମାଗାନ୍ଧୀ, ବୋଷଙ୍କ ନେତୃତ୍ୱ, ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳର ଗଠନ, ଆଦି ପ୍ରମୁଖ ସ୍ଥାନ ଅଧିକାର କରିଥିଲାବେଳେ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିରେ ଗଣତନ୍ତ୍ର ଶାସନ, କ୍ଷମତା ସଂଘର୍ଷ, ସାଂପ୍ରଦାୟିକ ଦଙ୍ଗା, ଗୋଷ୍ଠୀ କନ୍ଦଳ, ଭୋଟ ରାଜନୀତି, ଜରୁରୀକାଳୀନ ପରିସ୍ଥିତି, ବ୍ୟକ୍ତିସ୍ୱାର୍ଥ, ଉପଭୋଗବାଦର ପ୍ରଭାବ ବିସ୍ତାର, ଶିକ୍ଷାନୁଷ୍ଠାନରେ ରାଜନୀତିର ପ୍ରବେଶ ଆଦି ସଂପର୍କରେ ସୂଚନା ରହିଅଛି। ଗୋବିନ୍ଦ ମିଶ୍ରଙ୍କ ଆତ୍ମଜୀବନୀରେ କଂଗ୍ରେସ ଦଳ ସୃଷ୍ଟି, କଂଗ୍ରେସ ସଭାପତିତ୍ୱ ପାଇଁ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କ ମଧ୍ୟରେ ପ୍ରତିଯୋଗିତା, କଂଗ୍ରେସରେ ତାଙ୍କ ପ୍ରତି କରାଯାଇଥିବା ଅବହେଳା ପ୍ରକାଶ ପାଇଥିଲାବେଳେ, ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ଉତ୍କଳ ସମ୍ମିଳନୀ ଗଠନ, କ୍ଷମତା ରାଜନୀତି ତଥା ଅର୍ଥସର୍ବସ୍ୱ ରାଜନୀତିର ଚିତ୍ର ପ୍ରଦତ୍ତ। ପୋଲିସ୍ ତଥା ପ୍ରାଶାସନିକ ଅଧିକାରୀ ରାଜନୀତିକ ନେତାମାନଙ୍କ ହାତବାରିସି ହେବା ଓ ରାଜନୀତିରେ ବ୍ୟକ୍ତିସ୍ୱାର୍ଥ ଓ ଉପଭୋଗବାଦର ପ୍ରଭାବ ବିସ୍ତାର ନୀଳମଣି ରାଉତରାୟଙ୍କ 'ସ୍ମୃତି ଅନୁଭୂତି'ରେ ବର୍ଣ୍ଣିତ। ସୁରେନ୍ଦ୍ର ମହାନ୍ତି ଆପଣା ଆତ୍ମଜୀବନୀ 'ପଥ ଓ ପୃଥିବୀ'ରେ ରାଜନୀତିର ଅନ୍ୟନାମ କମ୍ପ୍ରୋମାଇଜ୍ ବୋଲି ଘୋଷଣା କରନ୍ତି। ସୀମା ଆନ୍ଦୋଳନ ଓ ଦେଶମିଶ୍ରଣରେ ଓଡ଼ିଶା ରାଜନୀତିକ ନେତାଙ୍କ ଅପାରଗତାକୁ ସେ ସର୍ବସମ୍ମୁଖରେ ଉଦ୍‌ଘାଟନ କରିଛନ୍ତି ।ବିବୁଧେନ୍ଦ୍ର ମିଶ୍ର ଓ ରବି ରାୟଙ୍କ ଆତ୍ମଜୀବନୀରୁ ଭାରତୀୟ ରାଜନୀତି ସଂପର୍କରେ ଅନେକ ତଥ୍ୟ ଜାଣିବାକୁ ମିଳେ। ମନ୍ମଥ ନାଥ ଦାସ, ଛାତ୍ରମାନଙ୍କ ଉପରେ ରାଜନୀତିର କୁପ୍ରଭାବ ତଥା କଲେଜ ରାଜନୀତି ସଂପର୍କରେ ଆପଣା ଆତ୍ମଜୀବନୀରେ ସୂଚନା ଦେଇଛନ୍ତି। ମୋଟାମୋଟି ଭାବେ ରାଜନୀତି ସହ ସଂଶ୍ଳିଷ୍ଟ ପ୍ରତ୍ୟେକ ଆତ୍ମଜୀବନୀକାର ନିଜ ବ୍ୟକ୍ତିଗତ ରାଜନୀତିକ ଜୀବନ ବିଷୟରେ ବର୍ଣ୍ଣନା କରିବା ସହ ରାଜନୀତିର ପଙ୍କିଳ ଦିଗଟିକୁ ଦର୍ଶାଇବାର ପ୍ରୟାସ କରିଛନ୍ତି। ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆତ୍ମଜୀବନୀର କିଛି ପଂକ୍ତିରୁ ଏହା ସ୍ପଷ୍ଟ ହୋଇପାରିବ। "ରାଜନୀତିକ ଜୀବନ ଏବେ ପଙ୍କିଳ ହୋଇଗଲାଣି। ଅସତ୍‌ପନ୍ଥା ଗ୍ରହଣ କରି ଧନ କମାଇବା କିମ୍ବା ନିଜର ପ୍ରଭାବ ବିସ୍ତାର କରିବା ଏକ ସଫଳ କାର୍ଯ୍ୟ ରୂପେ ଗ୍ରହଣ କରାଯାଉଛି ।"(ଦ୍ୱିବେଦୀ ସୁରେନ୍ଦ୍ରନାଥ, ମୋ ଜୀବନ ସଂଗ୍ରାମ, ପୃ. ୧୨)

ଆତ୍ମଚରିତରେ ବ୍ୟକ୍ତିର ଜୀବନବୃତ୍ତାନ୍ତ ସହିତ ସମକାଳୀନ ସମାଜର ଚିତ୍ର ମଧ୍ୟ ପ୍ରକାଶ ପାଏ। ଚରିତକାର ଯେଉଁ ସମାଜରେ ବାସ କରେ ସେଠାକାର ରୀତିନୀତି, ଚାଲିଚଳନ, ସଂସ୍କାର, ଧର୍ମ, ବିଶ୍ୱାସ ବେଶଭୂଷା, ଖାଦ୍ୟପେୟ, ଶାସନପଦ୍ଧତି ଆଦିକୁ ସେ ପୁସ୍ତକରେ ସ୍ଥାନ ଦିଏ। ବିଭିନ୍ନ ଆତ୍ମଜୀବନୀରୁ ଓଡ଼ିଶାର ଦୀର୍ଘ ଦେଢ଼ଶହ ବର୍ଷର ସାମାଜିକ ଓ ସାଂସ୍କୃତିକ ଅବସ୍ଥାର ପରିଚୟ ମିଳିଥାଏ। ପ୍ରଥମ ଚରିତକାର ଭାବରେ ଫକୀରମୋହନ ସେନାପତି ଏ ଦିଗଟି ପ୍ରତି ବେଶ୍ ଦୃଷ୍ଟି ଦେଇଛନ୍ତି। ତାଙ୍କ 'ଆତ୍ମଚରିତରେ ଉନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର ସାମାଜିକ ଜୀବନ ବିଷୟରେ ବର୍ଣ୍ଣନା ରହିଛି। ପେଣ୍ଡାବାଳ ଉଚ୍ଛେଦ,ଲାଞ୍ଜନେବା ପ୍ରବୃତ୍ତି,

DOI: 10.70541/BAGEESHA/2025030305

VOL NO 03 ISSUE NO 03

ସାଧୁବେଶ ଧାରଣ କରି ଗ୍ରାମରେ ଅସାଧୁ କାର୍ଯ୍ୟ କରିବା, ମଦ୍ୟପାନ ସଭ୍ୟସମାଜର ଅଂଗ ରୂପେ ଗୃହୀତ ହେବା, ହିନ୍ଦୁ ମୁସଲମାନ ସୁସଂପର୍କ, ବ୍ରାହ୍ମଧର୍ମରେ ସଂସ୍କାର, ୧୮୬୬ ଦୁର୍ଭିକ୍ଷର କରାଳ ଚିତ୍ର, ଗଡ଼ଜାତ ରାଜାଙ୍କ ଅତ୍ୟାଚାର ଆଦି ବିଷୟରେ ସେ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଗୋବିନ୍ଦ ମିଶ୍ରଙ୍କ ଆତ୍ମଜୀବନୀରୁ ଗଡ଼ଜାତ ଶାସନରୀତି, ବ୍ରାହ୍ମଣ ଆଧିପତ୍ୟ, ଜାତିଭେଦ, ଶିକ୍ଷାପଦ୍ଧତି ଆଦି ପ୍ରକାଶ ପାଇଲା ବେଳେ, ଗୋଦାବରୀଶ ମିଶ୍ର ବ୍ରାହ୍ମଣ ସମାଜର ସଂସ୍କାର, ବ୍ରାହ୍ମଣ କରଣ ବିଦ୍ୱେଷ ଆଦି ସଂପର୍କରେ ଉଲ୍ଲେଖ କରିଛନ୍ତି। ବ୍ରାହ୍ମଣ ସମାଜରେ ଜ୍ୱାଇଁପଣ, ବିବାହ ରୀତି, ଜାତିକିଣା ଆଦି ପ୍ରଥାକୁ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ନୀଳକଣ୍ଠ ଦାସ ଆପଣା ଆତ୍ମଜୀବନୀ ମାଧ୍ୟମରେ ଦର୍ଶାଇଛନ୍ତି। ନିଶାକର ଦାସ ଓ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀରୁ ତତ୍‌କାଳୀନ ଆଦିବାସୀ ଓ ଦଳିତ ସମାଜର ଚିତ୍ର ପ୍ରକାଶ ପାଇଛି। ସେହିପରି 'ମୋ ଫୁଟା ଡଙ୍ଗାର କାହାଣୀ' ରେ ତତ୍‌କାଳୀନ ପରଦା ପ୍ରଥା, 'ଜୀବନପଥେ'ରେ ୧୮୬୬ ନଅଁଙ୍କ ଦୁର୍ଭିକ୍ଷରେ କଳାହାଣ୍ଡି ଜିଲ୍ଲାର ମରୁଡ଼ିର ଭୟାବହତା, ଧର୍ମବିଦ୍ୱେଷ, ସାମାଜିକ ସଂସ୍କାର, 'ଉତ୍ତରକକ୍ଷ'ରେ ପାଇକମାନଙ୍କ ବେଶଭୂଷା, ଖାଦ୍ୟପେୟ, ଅସ୍ତ୍ରଶସ୍ତ୍ର, ବାଦ୍ୟ, ଔଷଧ, ମାଘମାସିଆ ନରବଳି, 'ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେ'ରେ ପ୍ରାଚୀନ ଖେମୁଣ୍ଡିଗଡ଼ ରାଜାରାଜୁଡ଼ାଙ୍କ ଚାଲିଚଳଣି, ଦିଗପହଣ୍ଡିର ଲୋକସଂସ୍କୃତି, ଓଷାକୋଠୀ, ଢୁମ୍ପାଦଳ, 'ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ' ରେ ବାଲ୍ୟବିବାହ, ପରିବାରରେ ପୁଅ ଝିଅ ମଧ୍ୟରେ ଭେଦଭାବ, 'ମୋ ସଂଗ୍ରାମୀ ଜୀବନ'ରୁ ଗଡ଼ଜାତର ବିଭିନ୍ନ ପ୍ରକାର ବେଠି ପ୍ରଥା ଆଦି ସଂପର୍କରେ ଏକ ବିସ୍ତୃତ ବିବରଣୀ ପ୍ରାପ୍ତ ହୋଇପାରିଛି। ଛୋଟ ପିଲାମାନଙ୍କୁ ରୋଗ ତଥା ମୃତ୍ୟୁ ଦାଉରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସାମୟିକ ଭାବେ ଅନ୍ୟ ସଂପ୍ରଦାୟ ତଥା ନୀଚ ଜାତି ଅଥବା ଠାକୁରଙ୍କ ଉଦ୍ଦେଶ୍ୟରେ ବିକ୍ରି କରିବା ବିଶ୍ୱାସ ତତ୍‌କାଳୀନ ସମାଜରେ ପ୍ରଚଳିତ ଥିଲା; ଯାହା ବୈଷ୍ଣବ ପାଣି, ଫକୀରମୋହନ ସେନାପତି, ମନ୍ମଥନାଥ ଦାସ ଆଦି ଆପଣା ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ଆତ୍ମଜୀବନର ଅଧ୍ୟୟନରୁ ସେତେବେଳେ ସମାଜରେ କଳାର ସ୍ଥାନ, ନାରୀମାନଙ୍କ ଯାତ୍ରାରେ ଅଭିନୟ କରିବାରେ ପ୍ରତିବନ୍ଧକ, କଳା ପାଇଁ ରାଜ ପୃଷ୍ଠପୋଷକତା, ଗାଁର ଚିତ୍ର, ଆଇନ ବ୍ୟବସ୍ଥା, ଅନ୍ଧାରୀ ମୂଲକରେ ନିରୀହ ପ୍ରଜାଙ୍କ ଉପରେ ଅତ୍ୟାଚାର, ସେମାନଙ୍କ ଧର୍ମ, ମନସ୍ତତ୍ତ୍ୱ ଅନ୍ଧବିଶ୍ୱାସ ଆଦି ସଂପର୍କରେ ଅନେକ ତଥ୍ୟ ପ୍ରାପ୍ତ ହୁଏ। ଆତ୍ମଜୀବନୀ ଅଧ୍ୟୟନ ଫଳରେ ସାମାଜିକ ଜୀବନରେ ଯେଉଁସବୁ ପରିବର୍ତ୍ତନ ଆସିଛି ତା'ର ଏକ ନିଖୁଣ ଚିତ୍ର ପ୍ରାପ୍ତ ହୋଇପାରିବ।

ଆତ୍ମଜୀବନୀ ଅଧ୍ୟୟନ ପୂର୍ବକ ଓଡ଼ିଶାର ଯାତ୍ରା, ନାଟକ, ସଂଗୀତ, ଚଳଚ୍ଚିତ୍ର ସଂପର୍କରେ ଅନେକ ତଥ୍ୟ ପ୍ରାପ୍ତ ହୁଏ। ଅନେକ କଳାପ୍ରେମୀ ସେମାନଙ୍କ ଆତ୍ମଜୀବନୀରେ ତତ୍‌କାଳୀନ ଓଡ଼ିଶାର କଳା ଓ ସଂସ୍କୃତିକୁ ଦର୍ଶାଇବା ସହ ନିଜ ଅଙ୍ଗେ ନିଭା ଅନୁଭୂତି ଓ କଳାକ୍ଷେତ୍ରରେ ନିଜ ଅବଦାନକୁ ଉଲ୍ଲେଖ କରିଛନ୍ତି। କଳାକାର ତଥା ଲେଖକମାନଙ୍କ ପରସ୍ପର ପ୍ରତି ରହିଥିବା ଅସୂୟା ଭାବକୁ ମଧ୍ୟ ଆତ୍ମଜୀବନୀରେ ସ୍ଥାନ ଦିଆଯାଇଛି। କଳା ସହ ସଂଶ୍ଳିଷ୍ଟ ଚରିତକାରଙ୍କ ଜୀବନୀରୁ ତତ୍‌କାଳୀନ ଯାତ୍ରା ପରମ୍ପରା, ରଙ୍ଗମଞ୍ଚ , ଅଭିନୟ, ଅଭିନେତା, ଶିଳ୍ପୀ, ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ, ନୃତ୍ୟ, ଓଡିଆ ଚଳଚ୍ଚିତ୍ର, କଳାକାରଙ୍କ ମଧ୍ୟରେ ବାଦବିବାଦ, ଅଞ୍ଚଳଭେଦରେ କଳାର ବୈଶିଷ୍ଟ୍ୟ, ମଞ୍ଚ ନାଟକ, ବେତାର ନାଟକ ଆଦି ବିଷୟରେ ସୂଚନା ମିଳେ। ଭଂଜକିଶୋର ପଟ୍ଟନାୟକଙ୍କ 'ଜୀବନର ଜୟଯାତ୍ରା'ରେ ଲେଖକମାନଙ୍କ ପରସ୍ପର ପ୍ରତି ରହିଥିବା ଅସୂୟା ଭାବ, ନାଟକରେ ଚୌର୍ଯ୍ୟବୃତ୍ତି , ଅଶ୍ଳୀଳତା, ଓଡ଼ିଶା ଥିଏଟର୍ସ ଓ ଅନ୍ନପୂର୍ଣ୍ଣା ଥିଏଟର୍ସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଚଳଚ୍ଚିତ୍ର ପ୍ରତି ତାଙ୍କର ଅବଦାନ ଆଦିକୁ ଦର୍ଶାଯାଇଛି। ଚଳଚ୍ଚିତ୍ର ଜଗତର କଳଙ୍କିତ ଦିଗଟିକୁ ମନ୍ମଥନାଥ ଦାସ ନିଜ ଆତ୍ମଜୀବନୀରେ ଦର୍ଶାଇଛନ୍ତି। ବମ୍ବେ ସିନେମା ଜଗତରେ ବ୍ୟବହୃତ କଳାଧନ ସଂପର୍କରେ ସେ କହନ୍ତି, "ବମ୍ବେ ସିନେମା ଜଗତର ଅସଲ ପ୍ରଭୁମାନେ ହେଲେ ଗଲ୍ଫ ଦେଶଗୁଡ଼ିକରୁ ଗୋପନରେ ସୁନା ଓ ଡ୍ରଗସ୍ ଆମଦାନୀ କରୁଥିବା ଚୋରା ବ୍ୟବସାୟୀ ଗୋଷ୍ଠୀ ××× ଏମାନଙ୍କ ସାମ୍ରାଜ୍ୟରେ ହଜାର ହଜାର କୋଟି ଟଙ୍କାର କଳାଧନ ଅହରହ ଖେଳିବୁଲେ। ଚଳଚ୍ଚିତ୍ର ଜଗତର ପ୍ରଯୋଜକମାନେ ଏମାନଙ୍କ ଚରଣଧୂଳି ମୁଣ୍ଡରେ ନଦେଲେ ଫିଲ୍ମ ତିଆରି କରିବାକୁ ଆଗେଇ ପାରନ୍ତି ନାହିଁ।"(ଦାସ ମନ୍ମଥନାଥ, ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ, ପୃ. ୬୦୩) ଦୀନବନ୍ଧୁ ଦାସ (ଟିମା)ଙ୍କ ଆତ୍ମଜୀବନୀରୁ ରାସ, ଯାତ୍ରା ଓ ନାଟକର କ୍ରମବିବର୍ତ୍ତନ ଧାରାକୁ ଲକ୍ଷ୍ୟ କରାଯାଇପାରେ। ମୋହନ ଗୋସ୍ୱାମୀଙ୍କ ରାସଦଳ, କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା 'ଏ', 'ବି' ଆଦି ରଂଗମଞ୍ଚ ତଥା କଳାକାରମାନଙ୍କ ସଂପର୍କରେ ଅନେକ ତଥ୍ୟ ଉକ୍ତ ଆତ୍ମଜୀବନୀରୁ ପ୍ରାପ୍ତ ହୁଏ। ସେହିପରି ଗୋପାଳ ଛୋଟରାୟଙ୍କ 'ପଥିକ'ରୁ ବେତାର ନାଟକ, ଚଳଚ୍ଚିତ୍ର ଜଗତର କଥା କାଳୀଚରଣ ପଟ୍ଟନାୟକଙ୍କ 'କୁଆରଚକ'ରୁ ବିଭିନ୍ନ ରଙ୍ଗମଞ୍ଚ , ମଞ୍ଚ ନିର୍ମାଣ କୌଶଳ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ମହତ୍ତ୍ୱ, ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟତା, ସାମାଜିକ ନାଟକର ଉତ୍‌ଥାନ, ଓଡ଼ିଶା ଥିଏଟର୍ସର ପତନ, ପ୍ରଫୁଲ୍ଲ ରଥଙ୍କ 'ମୋ ଖେଳଘର'ରୁ ଥିଏଟର ଚଳାଇବାର କୌଶଳ, ଚଳଚ୍ଚିତ୍ରରେ ଅର୍ଥ ହିଁ ସବୁର ନିୟାମକ ଆଦି ବିଷୟ ଜାଣିବାକୁ ମିଳେ। ପ୍ରକୃତରେ କଳା ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସର ଅନେକ ପୃଷ୍ଠା ଆତ୍ମଜୀବନୀରୁ ପ୍ରାପ୍ତ ହୋଇପାରିବ।

ଜୀବନାନୁଭୂତି ସାହିତ୍ୟ ସୃଷ୍ଟିର ମୁଖ୍ୟ ଉତ୍ସ। ଅବଚେତନ ମନର ଆବେଗାନୁଭୂତି ସାହିତ୍ୟରେ ରୂପପାଏ। ଓଡିଆ ସାହିତ୍ୟର ବିଭିନ୍ନ ସୃଷ୍ଟିରେ ସେପରି ଲେଖକର ଜୀବନାନୁଭୂତିର ପ୍ରତିଫଳନ ଘଟିଛି ।ଗଳ୍ପ, ଉପନ୍ୟାସ, କବିତା, ନାଟକ ଆଦି ରଚନାର ପଟ୍ଟଭୂମି ସଂପର୍କରେ ଆତ୍ମଜୀବନୀରେ ଉଲ୍ଲେଖ ରହିଛି। ଫକୀରମୋହନ ସେନାପତି ତାଙ୍କ ରେବତୀ, ସଭ୍ୟ ଜମିଦାର, ଧୂଳିଆବାବା, ବାଲେଶ୍ୱର ପଂଗାଲୁଣ ଆଦି ଗଳ୍ପ, ପୁଷ୍ପମାଳ, ଉପହାର, ଅବସର ବାସରେ କବିତା ଓ ଛ'ମାଣ ଆଠଗୁଣ୍ଠ, ଲଛମା ଉପନ୍ୟାସ ଆଦି ସୃଷ୍ଟିରେ କିପରି ଜୀବନାନୁଭୂତିର ଛାପ ରହିଛି ତାହା ଆତ୍ମଚରିତରେ ଦର୍ଶାଇଛନ୍ତି। ନୀଳକଣ୍ଠ ଦାସ ଛାତ୍ରଙ୍କୁ ଧରି କୋଣାର୍କ ଯାତ୍ରା ଅନୁଭୂତିରେ 'କୋଣାର୍କେ' କାବ୍ୟ ରଚନା କରିଥିବା ବିଷୟ

DOI: 10.70541/BAGEESHA/2025030305

VOL NO 03 ISSUE NO 03

ମଧ୍ୟ ଆତ୍ମଜୀବନୀରେ ଉଲ୍ଲେଖ ହୋଇଛି। ସେହିପରି ପୁରୀ ଜିଲ୍ଲା ଡେଲାଙ୍ଗ କେନ୍ଦ୍ର ସମବାୟ ଷ୍ଟୋରର ଜଣେ ସଭ୍ୟଙ୍କ କରୁଣ କାହାଣୀକୁ ନେଇ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ରଚନା, କଟା ହେବା ପାଇଁ ଅଣାଯାଇଥିବା ଖାସି ଓ ପିଲାଦିନର ପ୍ରିୟ କୁକୁର ଟିପିର ସ୍ମୃତିରେ 'ମାଂସର ବିଳାପ' ଗଳ୍ପ, ପୁରୀ ସମୁଦ୍ରର ଆଲୋଡ଼ିତ ଲହରୀର ଅନୁଭୂତିରେ 'ସାଗରିକା' ଆଦି ଅନୁଭୂତିକୁ ପାଥେୟ କରି ଲିଖିତ ଗୋଟିଏ ଲେଖାଏଁ କାଳଜୟୀ ସୃଷ୍ଟି। କାଳୀଚରଣ ପଟ୍ଟନାୟକ, ହରିଣୀଟିଏ ଛୁଆକୁ ଚାଟୁଥିବାର ଦୃଶ୍ୟକୁ ଦେଖି 'ଚୁମ୍ବନ' ନାଟକର ପରିକଳ୍ପନା କରିଥିଲେ। ସେହିପରି ଫଟାଭୂଇଁ, ରକ୍ତମାଟି, ଜୟଦେବ ଆଦି ନାଟକ ରଚନା ପଛରେ ମଧ୍ୟ ନାଟ୍ୟକାରଙ୍କ ଅଙ୍ଗେନିଭା ଘଟଣା ଓ ଅନୁଭୂତି ହିଁ ଖୋରାକ୍ ଯୋଗାଇଛି। ଏତଦ୍‌ବ୍ୟତୀତ ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ ଓ ନୀଳାଦ୍ରିବିଜୟ ଉପନ୍ୟାସରେ ରଥଯାତ୍ରା ଧାରା ବିବରଣୀର ଅନୁଭୂତି, ଅନ୍ଧଦିଗନ୍ତରେ ତିର୍ତ୍ତୋଲ କଂଗ୍ରେସ କର୍ମୀଙ୍କ ପିଠିରେ ବେତ ଚିହ୍ନର କାହାଣୀ, ମଧୁସୂଦନଙ୍କ ଲୁକ୍‌କାୟିତ ଜୀବନକାହାଣୀକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ' ଉପନ୍ୟାସ ଆଦି ଜୀବନାନୁଭୂତିର ସ୍ପଷ୍ଟ ପ୍ରତିଫଳନକୁ ଆତ୍ମଜୀବନୀରେ ସ୍ଥାନିତ କରାଯାଇଛି। ସେହପରି ଝଡ଼ରାତ୍ରିରେ ଅସହାୟ ବ୍ୟକ୍ତିର ଛତା ଓ ଗାମୁଛାକୁ ଏକାସଂଗେ ରକ୍ଷା କରିବାର ବିଫଳ ପ୍ରୟାସରୁ ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର' ଉପନ୍ୟାସ, ଦୁର୍ଭିକ୍ଷ ମୃତ୍ୟୁକୁ ହୃଦୟଙ୍ଗମ ପୂର୍ବକ ଗୋପାଳ ଛୋଟରାୟଙ୍କ 'ପରକଲମ' ନାଟକ, ଝୋଡ଼ିଆ ପରଜାଙ୍କ ଗାଁ ରମ୍ଭାଲି କୁମ୍ଭାରର ସବ୍‌ଇନିସ୍‌ପେକ୍ଟର ଶ୍ରୀଧର ନାଇକଠୁ ଶୁଣିଥିବା କାହାଣୀ ଗୋପୀନାଥଙ୍କ 'ପରଜା' ଉପନ୍ୟାସ ରୂପନେବା, 'ଦାନାପାଣି', 'ହରିଜନ' ଆଦି କୋରାପୁଟ ଚାକିରି ଜୀବନର ନାନା ଘଟଣାରୁ ଉପନ୍ୟାସର ରୂପ ନେବା ବିଷୟ ଆତ୍ମଜୀବନୀଗୁଡ଼ିକରେ ଉଲ୍ଲେଖ ହୋଇଛି। ଏହିପରି ଅନେକ ଲେଖକଙ୍କ ସୃଷ୍ଟି ଅନ୍ତରାଳରେ ଥିବା ପଟ୍ଟଭୂମିଟିକୁ ଆତ୍ମଜୀବନୀରୁ ଉଦ୍ଧାର କରାଯାଇପାରିବ। ସାହିତ୍ୟ ସୃଷ୍ଟିର ଗବେଷଣା କ୍ଷେତ୍ରରେ ଆତ୍ମଚରିତଗୁଡ଼ିକ ବିଶେଷ ଅବଦାନକୁ ଅସ୍ୱୀକାର କରାଯାଇ ନପାରେ।

ଆତ୍ମଜୀବନୀରେ ବାଦବିବାଦ ଓ ଆକ୍ଷେପର ସ୍ଥାନ ସ୍ୱତନ୍ତ୍ର। ଏହା ପାଠକକୁ ଆକର୍ଷିତ କରେ। ମନରେ ଉତ୍କଣ୍ଠା ଜାତ କରେ। ପ୍ରକୃତ ସତ୍ୟ ଉଦ୍‌ଘାଟନରେ ସାହାଯ୍ୟ କରେ। ଓଡିଆ ଆତ୍ମଜୀବନୀଗୁଡ଼ିକ ଅଧ୍ୟୟନ କଲେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏପରି ଅନେକ ବାଦବିବାଦ ଓ ଆକ୍ଷେପମାନ ଦୃଶ୍ୟ ହୁଏ। ଅନେକ ଜୀବନୀକାର କିଛି ଲୋକଙ୍କ ବିରୋଧରେ ଆତ୍ମଜୀବନୀରେ ବିଷୋଦ୍‌ଗାରଣ କରିଥାନ୍ତି। ତା'ର ପ୍ରତିବାଦରେ ପ୍ରତିପକ୍ଷ ବ୍ୟକ୍ତି ସ୍ପଷ୍ଟୀକରଣ ଦିଅନ୍ତି। ସାଧାରଣତଃ ଏଗୁଡ଼ିକ ସହକର୍ମୀ, ପ୍ରତିଦ୍ୱନ୍ଦ୍ୱୀ, ସହପାଠୀ, ଏପରିକି ପରିବାର ସଦସ୍ୟଙ୍କ ବିରୋଧରେ ମଧ୍ୟ ହୋଇଥାଏ। ଆତ୍ମଚରିତରେ ସ୍ଥାନିତ ଉକ୍ତ ବିଷୟଗୁଡ଼ିକ ବେଶ୍ ସମ୍ବେଦନଶୀଳ। ପ୍ରତ୍ୟେକ ମଣିଷର ଦୋଷତ୍ରୁଟି ଓ ଭଲଗୁଣ ଉଭୟ ଥାଏ। ତା'ସଂପର୍କରେ ଯେଉଁମାନେ ଆସନ୍ତି ସେମାନେ ତା'ର ଉଭୟ ଗୁଣକୁ ଅତି ନିକଟରୁ ଦେଖିଥାନ୍ତି, ଏବଂ ତାକୁ ନିଜ ଆତ୍ମଜୀବନୀରେ ସ୍ଥାନ ଦିଅନ୍ତି। ଗୋପବନ୍ଧୁଙ୍କ ପୁତ୍ରର ମୃତ୍ୟୁ ଏବଂ ନଈବଢ଼ିକୁ ନେଇ ଯେଉଁ ବିବାଦ ରହିଛି ନୀଳକଣ୍ଠ ଦାସ ତାକୁ ଆତ୍ମଜୀବନୀରେ ଏକ ପ୍ରଚାରିତ ଗଳ୍ପର ଆଖ୍ୟା ଦେଇଛନ୍ତି। ସେହିପରି ବାଜିରାଉତର ମୃତ୍ୟୁକୁ ନେଇ ମଧ୍ୟ ସୁରେନ୍ଦ୍ର ମହାନ୍ତି ଓ ସଚ୍ଚି ରାଉତରାୟଙ୍କ ମଧ୍ୟରେ ଥିବା ବିବାଦ ଆତ୍ମଜୀବନୀରେ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ ଗୋଦାବରୀଶ ମିଶ୍ର କୋଅପରେଟିଭ୍ ବ୍ୟାଙ୍କ୍‌ର ଟଙ୍କା ଆତ୍ମସାତ କରିବା ବିବାଦ, 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକଟି 'କେନ୍ଦ୍ରସାହିତ୍ୟ ଏକାଡ଼େମୀ' ପୁରସ୍କାର ପୃଷ୍ଠପଟ୍ଟରେ ଥିବା ବିବାଦ, ସତ୍ୟବାଦୀ ଶିକ୍ଷକଙ୍କ ସୃଷ୍ଟିରେ ନୀଳକଣ୍ଠଙ୍କ ଅବଦାନ ବିବାଦ, ବୈଷ୍ଣବ ପାଣିଙ୍କ କବିତ୍ୱ ବିବାଦ, ଉପେନ୍ଦ୍ରଭଂଜ ନାଟକରେ କାଳୀଚରଣଙ୍କ ସଂଗୀତ ବିବାଦ ଆଦି ଆତ୍ମଜୀବନୀରେ ସ୍ଥାନିତ ହୋଇଛି। ଦାମ୍ପତ୍ୟ ଜୀବନର ବିଫଳତା ପାଇଁ ନିତ୍ୟାନନ୍ଦ ଶତପଥୀ, ପ୍ରତିଭା ଶତପଥୀଙ୍କୁ ଦାୟୀ କରିବା, ଭଂଜକିଶୋର ପଟ୍ଟନାୟକଙ୍କ 'ହରଣଚାଳ' ନାଟକ ନାମକୁ କାଳୀଚରଣ ଚୋରି କରିବା, ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଅଲଗା ହେବାରେ ହରେକୃଷ୍ଣ ମହତାବଙ୍କ ମୌନ ସମର୍ଥନ ରହିବା, ଦୀନବନ୍ଧୁ ଦାସ, କାଳୀଚରଣଙ୍କ ବିରୋଧରେ ବିଷୋଦ୍‌ଗାରଣ କରିବା ଆଦି ଆକ୍ଷେପ ଆତ୍ମଜୀବନୀର ପୃଷ୍ଠା ମଣ୍ଡନ କରିଛି।

ସାହିତ୍ୟ ନିରସ ହେଲେ ପାଠକକୁ ତାହା ଆକର୍ଷିତ କରେନାହିଁ। ପ୍ରତ୍ୟେକ ସୃଷ୍ଟିର ସାହିତ୍ୟିକ ଆବେଦନ ରହିବା ଆବଶ୍ୟକ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଆତ୍ମଚରିତରେ ଏହାର ମୂଲ୍ୟାଙ୍କନ ଏକ କଷ୍ଟକର କାର୍ଯ୍ୟ। ଆତ୍ମଚରିତ ବ୍ୟକ୍ତିକୈନ୍ଦ୍ରିକ ଓ ସତ୍ୟଘଟଣା ଉପରେ ଆଧାରିତ ହୋଇଥିବାରୁ ଏଥିରେ କଳ୍ପନାର ସ୍ଥାନ ନ୍ୟୁନ। ତଥାପି ବର୍ଣ୍ଣନାଭଙ୍ଗୀରେ ଚମତ୍କାରିତା, ନାଟକୀୟତା ଓ ରସଯୁକ୍ତ ଶୈଳୀର ପ୍ରୟୋଗ ଫଳରେ ଆତ୍ମଜୀବନୀ ପାଠକୀୟ ସ୍ୱୀକୃତି ଲାଭ କରିବାରେ ସକ୍ଷମ ହୁଏ। ସ୍ଥାନେ ସ୍ଥାନେ ଉପମା, ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଆଦିର ପ୍ରୟୋଗ ମଧ୍ୟ ଆତ୍ମଜୀବନୀରେ ଦେଖିବାକୁ ମିଳେ। ପ୍ରକାଶଭଂଗୀ ଓ ଶବ୍ଦ ସଂଯୋଜନା ଆତ୍ମଜୀବନୀକୁ ଗଳ୍ପ ଓ ଉପନ୍ୟାସ ପରି ସୁଖପାଠ୍ୟ କରାଏ। ବ୍ୟକ୍ତିଗତ ବିବରଣୀକୁ ନେଇ ଲିପିବଦ୍ଧ କରିଦେଲେ ତାହା ସାହିତ୍ୟ ପଦବାଚ୍ୟ ହୁଏନାହିଁ। 'ଉତ୍ତରକକ୍ଷ'ରେ ସଚ୍ଚି ରାଉତରାୟ କହନ୍ତି, "ବହୁ ଆତ୍ମଜୀବନୀ ବିବରଣୀର ସ୍ତର ଅତିକ୍ରମ କରିପାରନ୍ତି ନାହିଁ। ବୃତ୍ତାନ୍ତ ବା ବିବରଣୀ ସାହିତ୍ୟ ନୁହେଁ ତାହା ସାମ୍ବାଦିକତା ହୋଇପାରେ। ସାହିତ୍ୟର ମର୍ଯ୍ୟାଦା ପାଇବାକୁ ହେଲେ ଘଟଣାକୁ ସମୟ ସଂଗେ ସମୟାତୀତର ସ୍ପର୍ଶ କରିବାକୁ ପଡ଼ିବ। ଅନ୍ୟ କଥାରେ ଏହାକୁ କାଳୋତ୍ତୀର୍ଣ୍ଣ ହେବାକୁ ହେବ।"(ରାଉତରାୟ ସଚ୍ଚି, ଉତ୍ତରକକ୍ଷ, ପୃ. ୨୭) ଚିରାଚରିତ ଭାଷା ମଧ୍ୟ ପାଠକ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିପାରେ ନାହିଁ। ସଭିଏଁ ନୂତନତାକୁ ହିଁ ଆବାହନ କରନ୍ତି। ସେହିପରି ଲେଖକ ତା'ର ସ୍ୱତନ୍ତ୍ର ଶୈଳୀ ଦ୍ୱାରା ହିଁ ପରିଚିତ ହୁଏ। ସାହିତ୍ୟିକମାନଙ୍କ ଆତ୍ମଚରିତରେ ତାଙ୍କ ସୃଷ୍ଟିର ଶୈଳୀ ଆପେ ବାରି ହୋଇଯାଏ। ଗୋପୀନାଥ ମହାନ୍ତିଙ୍କ 'ସ୍ରୋତସ୍ୱତୀ'ରେ ସ୍ଥାନିତ ଗାଁର ପରିବେଶ ବର୍ଣ୍ଣନା ଶୈଳୀ ତାଙ୍କର କୌଣସି ଉପନ୍ୟାସ ପରି ମନେହୁଏ। ଶୁଖିଲା ପାଚିଲା ଦିନର ଋତୁ ବି

DOI: 10.70541/BAGEESHA/20250305

VOL NO 03 ISSUE NO 03

ଆସେ, କିନ୍ତୁ ଶୀତଳ ଥାଏ ସବୁଦିନେ, ସେଠି ବି ଆସେ ସଞ୍ଜ ସକାଳ, ଶାନ୍ତ ଅପରାହ୍ଣ, ତପୋବନ ପରି ନାନା ଗଛଲତାପୂର୍ଣ୍ଣ ବସାଟିଏ, ନାନା ଫୁଲ ଫୁଟେ, ଜାତି ଜାତି ଚଢ଼େଇ ଆସନ୍ତି, ବୋବାନ୍ତି ଫାଟକ ବାହାରେ, ସାନ ଆମ୍ବ ତୋଟାଟିଏ, ଗଛ ଲମ୍ବିଥାଏ, ବାଁକୁ ଡାହାଣକୁ, ସଡ଼କ କରେ କରେ, ଢିପ ଉପରେ, ମୁଣ୍ଡିଆ ଉପରେ।" (ମହାନ୍ତି ଗୋପୀନାଥ, ସ୍ରୋତସ୍ୱତୀ, ଭାଗ-୩, ପୃ. ୨୮୮) ସେହିପରି ଫକୀରମୋହନ ସେନାପତି, ସଚ୍ଚି ରାଉତରାୟ, ସୁରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଦୀନନାଥ ପାଠୀ, କାଳୀଚରଣ ପଟ୍ଟନାୟକ, ଦୀନବନ୍ଧୁ ଦାସ(ଟିମା) ଆଦିଙ୍କ ଆତ୍ମଜୀବନୀରୁ ସାହିତ୍ୟିକ ଦିଗଟି ସ୍ପଷ୍ଟ ବାରି ହୋଇପଡ଼େ। ଆତ୍ମଚରିତରେ ସ୍ଥାନେସ୍ଥାନେ ହାସ୍ୟରସର ଅବତାରଣା ସାଙ୍ଗକୁ ଦେଶଜ ଶବ୍ଦ, ରୂଢ଼ି ତଥା ଲୋକବାଣୀର ପ୍ରୟୋଗ ଏହାର ମୂଲ୍ୟ ବୃଦ୍ଧି କରିବାରେ ସହାୟକ ହୋଇଛି।

ଉପସଂହାର: ଆତ୍ମଜୀବନୀଗୁଡ଼ିକ ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଧାରାକୁ ଲୋକଲୋଚନକୁ ଆଣିବାରେ ସହାୟ ହୋଇଛି। ବ୍ୟକ୍ତିବିଶେଷକୁ ପ୍ରେରିତ କରିବା ସହିତ ଗୋଟିଏ ଜାତିକୁ ଅତି ନିକଟରୁ ଚିହ୍ନିବା ପାଇଁ ଏହାର ଉପଯୋଗିତା ରହିଚି। ଓଡିଆ ସାହିତ୍ୟରେ ଏଯାବତ୍ ଦେଢ଼ଶହରୁ ଊର୍ଦ୍ଧ୍ୱ ଆତ୍ମଜୀବନୀ ପ୍ରକାଶ ଲାଭ କରିସାରିଛି। ଏ ମଧ୍ୟରୁ ଅନେକ ପ୍ରାଣସ୍ପର୍ଶୀ ନୁହେଁ। ଯେଉଁ ଆତ୍ମଚରିତ ଗୁଡ଼ିକ ଜାତି, ସମାଜ, ଗଠନରେ କୌଣସି ଭୂମିକା ନେଇପାରେ ନାହିଁ; ଯାହା ମନକୁ ଆନ୍ଦୋଳିତ କରିପାରେ ନାହିଁ; ତାହା ଆତ୍ମଚରିତ ପଦବାଚ୍ୟ ହୁଏନାହିଁ। ସେଗୁଡ଼ିକ ବିଶେଷତଃ ଆତ୍ମପ୍ରଚାର,ଆତ୍ମପ୍ରସାର ଓ ଆତ୍ମପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବାପରି ମନେହୁଏ। ଆତ୍ମଜୀବନୀ, ସାହିତ୍ୟର ଏପରି ଏକ ବିଭାଗ ଯାହାର ଅନେକ ଗବେଷଣାତ୍ମକ ଦିଗ ରହିଛି। ଗବେଷକମାନଙ୍କୁ ଏ ଦିଗରେ ଅଧିକରୁ ଅଧିକ ପ୍ରୟାସ କରିବା ଆବଶ୍ୟକ। ଓଡିଆ ସାହିତ୍ୟର ପ୍ରତ୍ୟେକ ଆତ୍ମଜୀବନୀ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ଆତ୍ମଚରିତ ସାହିତ୍ୟରେ ନାରୀ ଚରିତକାରଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ କମ୍। ଏ ଦିଗରେ ନିଶ୍ଚୟ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଆତ୍ମଚରିତ ଓଡିଆ ଜାତିର ଜୀବନବେଦ ଏହା ସର୍ବସମ୍ମତ।

ସଙ୍କେତସୂଚୀ:

୧) ସାମଲ ଜ୍ୟୋତିରଞ୍ଜନ। ୨୦୦୩। ଓଡ଼ିଆ ଆତ୍ମଚରିତ: ଏକ ଅଧ୍ୟୟନ। ପ୍ରଥମ ପ୍ରକାଶ। କଟକ: ଆରୋହୀ ପବ୍ଲିସର୍ସ, କଟକ।

୨) ନାୟକ ଲାବଣ୍ୟ।୧୯୮୮। ଓଡିଆ ଚରିତ ସାହିତ୍ୟ। ପ୍ରଥମ ପ୍ରକାଶ। କଟକ: ଫ୍ରେଣ୍ଡସ୍ ପବ୍ଲିସର୍ସ, ବିନୋଦ ବିହାରୀ।

୩) ଦ୍ୱିବେଦୀ ସୁରେନ୍ଦ୍ରନାଥ। ୧୯୮୪। ମୋ ଜୀବନ ସଂଗ୍ରାମ। ପ୍ରଥମ ପ୍ରକାଶ। କଟକ: ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ।

୪) ଦାସ ମନ୍ମଥନାଥ। ୨୦୧୧। ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ। ଦ୍ୱିତୀୟ ପ୍ରକାଶ। କଟକ: ବିଦ୍ୟାପୁରୀ ବାଲୁବଜାର।

୫) ରାଉତରାୟ ସଚ୍ଚି। ୧୯୯୮। ଉତ୍ତରକକ୍ଷ ଭାଗ-୧। ପ୍ରଥମ ପ୍ରକାଶ। କଟକ: ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ।

୬) ମହାନ୍ତି ଗୋପୀନାଥ। ୨୦୦୨। ସ୍ରୋତସ୍ୱତୀ, ଭାଗ-୩। ଦ୍ୱିତୀୟ ପ୍ରକାଶ। କଟକ: ବିଦ୍ୟାପୁରୀ ବାଲୁବଜାର।

୭) ପଟ୍ଟନାୟକ ପଠାଣି। ୨୦୦୫। ଜୀବନୀ ସାହିତ୍ୟ: ଏକ ଅଧ୍ୟୟନ। ଦ୍ୱିତୀୟ ପ୍ରକାଶନ। ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ଓ ପ୍ରଣୟନ ସଂସ୍ଥା, ପୁସ୍ତକ ଭବନ।

Funding
No funding was received for conducting this study.

Does this Article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this Article.

About the licenses
© **Dr. Rabindra Kumara Panda 2025.** The text of this Article is open access and licensed under a Creative Commons Attribution 4.0 International license.

DOI: 10.70541/BAGEESHA/2025030305

VOL NO 03 ISSUE NO 03

Cite this Article :
Panda, Rabindra Kumara, "Odia Atmacharitara Diga Bidiga", Bageesha, Vol. No. 03, Issue No. 03, May-June 2025, Article No: BM2025/03-A005| Page- 32-38| DOI: https://doi.org/10.70541/BAGEE-SHA/2025030305

ALOCHANA
ସମାଲୋଚନା ବିବିଧଚର୍ଚ୍ଚା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ପଲ୍ଲୀ ଓ ପ୍ରେମର ଅନନ୍ୟ କାବ୍ୟ ପ୍ରତିଭା : ଦେବୀ ବିଦ୍ୟୁତ୍‌ପ୍ରଭା

ପ୍ରଫେସର ବବ୍ରୁବାହନ ମହାପାତ୍ର
ପ୍ରାକ୍ତନ ପ୍ରଫେସର ଓ ଓଡ଼ିଆ ବିଭାଗ ମୁଖ୍ୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା।

ପଲ୍ଲୀ ହେଉଛି ମାନବ ସଭ୍ୟତାର ଷଠୀଭୂଇଁ ଏବଂ ପ୍ରେମ ଜୀବନର ଆଧାର ଭୂଇଁ। ପଲ୍ଲୀ ସମାଜରେ ନିହିତ ସ୍ନେହ ଆଦର ଓ ନିସର୍ତ୍ତ ମମତାର ମହ୍ମାର ଜୀବନକୁ କରେ ସ୍ୱାଦିଷ୍ଟ ଓ ଶୋଭନୀୟ। ସେହିପରି ପ୍ରେମଶୂନ୍ୟ ଜୀବନ ବଞ୍ଚିବା କ୍ଲେଶକର କେବଳ ନୁହେଁ, ଦୁଷ୍କର ମଧ୍ୟ। ସୁତରାଂ ପଲ୍ଲୀର ଶୋଭା ସମ୍ପଦ ଓ ପ୍ରେମର ବିଚିତ୍ର ବୈଭବକୁ ନେଇ ସାହିତ୍ୟ ହୁଏ ବିମଣ୍ଡିତ। ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ ଥିଲେ ସେହିପରି ଜଣେ କାବ୍ୟ ସାଧିକା, ଯାହାଙ୍କର ରାଶି ରଶି କବିତା ଭିତରେ ପାଠକ ପାଏ ପଲ୍ଲୀର ମନୋରମ ଚିତ୍ର ଓ ପ୍ରେମର ବୈଚିତ୍ର୍ୟ।

ବିଦ୍ୟୁତ୍‌ପ୍ରଭାଙ୍କ ଆୟୁକାଳ ଯେମିତି ସଂକ୍ଷିପ୍ତ (୧୯୨୯-୧୯୭୭), ତାଙ୍କ କାବ୍ୟସାଧନା କାଳ ମଧ୍ୟ ସେହିପରି ଗୋଟିଏ ଦଶନ୍ଧି ଭିତରେ ସୀମାବଦ୍ଧ। ମାତ୍ର ମଣିଷର ପ୍ରଲମ୍ବିତ ଜୀବନକୁ ନେଇ ତା'ର ମହତ୍ତ୍ୱକୁ କଳନା କରିବା ନିରର୍ଥକ। ଉପେନ୍ଦ୍ର ଭଞ୍ଜଙ୍କ ପରି ବିଶ୍ୱର ଅନେକ ମହାକାବି ମଧ୍ୟ ଅଳ୍ପାୟୁ ଥାଇ ଅନନ୍ୟ କୀର୍ତ୍ତି ଅର୍ଜନ କରିଥିବାର ନଜିର ରହିଛି। ରଚନାର ପରିମାଣ ବା ଜୀବନର ଦୀର୍ଘତା ନୁହେଁ; ବରଂ କବିତ୍ୱର ଗୁଣବତ୍ତା ଓ ଶୈଳ୍ପିକତା ହିଁ କବିତ୍ୱର ଅସଲ ପରିଚୟର ମାପକାଠି। ଭାରତୀୟ ସ୍ୱାଧୀନତାର ସମକାଳରେ ବିଦ୍ୟୁତ ପ୍ରଭାଙ୍କ କବି ଜୀବନର ଉନ୍ମେଷ ଓ ଆପାତତଃ ଦଶବାର ବର୍ଷ ଧରି କାବ୍ୟସାଧନା ସତ, କିନ୍ତୁ ତାଙ୍କ 'ସବିତା' (୧୯୪୭), 'ଉତ୍କଳ ସାରସ୍ୱତ ପ୍ରତିଭା' (୧୯୪୭), 'କବିତାଞ୍ଜଳି' (୧୯୪୮), 'ମରୀଚିକା' (୧୯୪୮), 'ବିହାୟସୀ' (୧୯୫୯), 'ବନ୍ଦନିକା' (୧୯୫୦), 'ସ୍ପନ୍ଦଦୀପ' (୧୯୫୧), 'ଝରା ଶିଉଳି' (୧୯୫୨)', 'ଯାହାକୁ ଯିଏ' (୧୯୫୭), 'ସଂଚୟନ' (୧୯୫୭), ପ୍ରଭୃତି କାବ୍ୟସମ୍ଭାର ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ ନିଶ୍ଚୟ। ତାଙ୍କ କବିତା ନିଷ୍ପାପ ପଲ୍ଲୀ ରମଣୀ ପରି ସରଳ, ସ୍ୱଚ୍ଛ ଓ କୋମଳ। ନାରୀ ପ୍ରାଣର ଅକୃତ୍ରିମ ଆବେଗ ଓ ଉଚ୍ଛ୍ୱାସ ତହିଁରେ ପ୍ରସ୍ଫୁଟିତ। ସୂକ୍ଷ୍ମ କବି କଳ୍ପନା ତଥା ଛନ୍ଦର ମାଦକତା ଦୃଷ୍ଟିରୁ ସେ କବିତା ଅତ୍ୟନ୍ତ ମର୍ମସ୍ପର୍ଶୀ। ବିଦ୍ୟୁତ୍‌ପ୍ରଭା ବର୍ଷାକାଳୀନ ବିଦ୍ୟୁତର ପ୍ରଦୀପ୍ତ ଆଭା ଓ ପ୍ରଭାକୁ ଦର୍ଶାଇ କହି ପାରନ୍ତି- "କିଏ କହେ ଏହି ଚପଳା, ଏ ତ ବରଷା ବଧୂର ମେଖଳା/ କଳା କାହା ପାଟ ଶାଢୀର, ଦୀପ୍ତ କନକ ଧଡିଏ"।

ଅବଶ୍ୟ ବିଦ୍ୟୁତ୍‌ପ୍ରଭା ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗରେ ତାଙ୍କ ଉତ୍ତର ଜୀବନର ଅତିମାନସ ଚେତନା ସମର୍ପଣ ଭାବ ଓ କେତେକ ଶିଶୁ କବିତା ସ୍ଥାନୀତ। ବିଶେଷତଃ ପଣ୍ଡିଚେରୀ ଅବସ୍ଥାନ କାଳରେ ଏଗୁଡିକ ରଚିତ ହୋଇଥିବାରୁ କବି ଶ୍ରୀମା'ଙ୍କ ପ୍ରତି ଶ୍ରଦ୍ଧାବନତ ଓ ସମର୍ପିତ। 'ପୁଷ୍ପାଞ୍ଜଳି' ଓ 'ସୂର୍ଯ୍ୟମୁଖୀ' ସଂକଳନଦ୍ୱୟ ଏହାର ପ୍ରମାଣ ବହନ କରେ। 'ପୁଷ୍ପାଞ୍ଜଳି'ର ଦ୍ୱିତୀୟ କବିତାରେ କବି ଲେଖିଛନ୍ତି- "ଆଲୋକବରଣୀ ହେ ଜ୍ୟୋତିର ରାଣୀ/ ଶକତି ଦିଅ ଗୋ ଶକତି ଦିଅ/ ତାମସ ହାରିଣୀ ଦେବୀ ଚିନ୍ମୟୀ/ ମାନବ ଦୁଃଖେ ହେଲ ମୃଣ୍ମୟୀ/ ସକଳେ ଆଲୋକୀ ସେ ଆଲୋକ ଦେଶେ/ ସେ ଆଲୋକ ପଥେ ନିଅ ଗୋ ନିଅ/ କନକୋଜ୍ଜଳ ଆଲୋକ ବରଣୀ/ ଆଲୋକେଶ୍ୱରୀ ଆଲୋକ ଦିଅ।"

ବିଦ୍ୟୁତ୍‌ପ୍ରଭାଙ୍କ 'ମୋ ପେଁ କାଳି ବଜାଇ ଦେ', 'ମୁଁ କେମିତି ପିଲା', 'ପଡୁଥା ହସି ହସି ଗଡୁଥା' ଆଦି କବିତା ସଂଗ୍ରହ ଶିଶୁ ଉପଯୋଗୀ ରଚନା। ଏଗୁଡିକରେ ଶିଶୁ ଉପଯୋଗୀ ନୀତି ଉପଦେଶ, ପ୍ରେରଣା ଓ କୌତୁକ ସମ୍ମିଶ୍ରିତ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପରି ନାରୀ କବି ବିଦ୍ୟୁତ୍‌ପ୍ରଭା ମର୍ତ୍ତ୍ୟପ୍ରେମୀ। କେଉଁ କଳ୍ପିତ ସ୍ୱର୍ଗର ସୁଖ ସୁଷମା ଅପେକ୍ଷା ମାଟି-ମର୍ତ୍ତ୍ୟର ଶୋଭା ସମ୍ପଦ ତାଙ୍କୁ ବିଶେଷ ଆକର୍ଷିତ କରିଥିଲା। ତେଣୁ ସେ ଗାଇ ଉଠିଥିଲେ -"ସୁଖ ମୁଁ ତାରେ ନାହିଁ ଗୋ ମଣେ/ ବିଳସିବାକୁ ସ୍ୱର୍ଗାସନେ ପାରିଜାତର ତଳପେ/ ଚାହେଁ ମୁଁ ଧରା ଦୁର୍ବାଦଳେ, ଆସନ ପାତି ଜୋଛନା ତଳେ/ ନିଦ ଯିବାକୁ ଅଳପ।"

ମର୍ତ୍ତ୍ୟ ଭୂମିରେ ନଗର ଜୀବନ ଅପେକ୍ଷା ପଲ୍ଲୀର ମଞ୍ଜୁ ମାଦକତା ସୁଖପ୍ରଦ, ଯେଉଁଠି ନିସର୍ଗ ସୁନ୍ଦର ମାଟି ମଣିଷର ସୌହର୍ଦ୍ଦ୍ୟ ଅନୁପମ। ବିଦ୍ୟୁତ୍‌ପ୍ରଭା ଥିଲେ ଏହି ଗାଁ ଜୀବନର ଅନୁରକ୍ତ କାବ୍ୟଶିଳ୍ପୀ। କୃତ୍ରିମତା ଭରା ରୁଗଣ ସହର ଜୀବନ କବିଙ୍କର କାମ୍ୟ ନୁହେଁ, ପଲ୍ଲୀର ସ୍ନେହପୂର୍ଣ୍ଣ ମମତା ଓ ପ୍ରକୃତିର ଆହ୍ଲାଦ ହିଁ ତାଙ୍କର ପ୍ରିୟ ବୋଲି ଦର୍ଶାଇ ସେ ଲେଖିଛନ୍ତି - "ଚଞ୍ଚଳା ନଈ ବହି ଯାଏ ଯହିଁ ଭଉଁରୀ ବିଳାସେ ମାତି/ ଉପକଣ୍ଠେ ତା' ହସି ଉଠେ ମୋର ଗାଁର ଶ୍ୟାମଳ ଛାତି। XXX ସେ ପାଖେ

RESEARCH ARTICLE

ଉଠଇ ଧୂମ କୁଣ୍ଡଳୀ ଯନ୍ତ୍ର ଦାନବ ବୁକୁଁ / ଏ ପାଖେ ଉଠଇ ବିହଗର ଗାନ କୁଞ୍ଜ ବଧୂର ମୁଖୁଁ/ ସେପଟେ ଦିଶଇ ନଗରୀ ପଥର ପଙ୍କିଳ ନରଦମା/ ଏ ପଟେ ମୋହର ଶ୍ୟାମଳା ପଲ୍ଲୀ ସୁନ୍ଦରୀ ମନୋରମା। (ପଲ୍ଲୀ ଓ ନଗର)

ପଲ୍ଲୀ ଜୀବନ କବିଙ୍କ ପ୍ରିୟ ହେଲେ ହେଁ ପଲ୍ଲୀ ନାରୀର ଅସୀମ ଜୀବନ ଦୁଃଖ ଓ ଅହେତୁକ କଟକଣାକୁ ମଧ୍ୟ ସେ ଦର୍ଶାଇବାକୁ ଭୁଲି ନାହାଁନ୍ତି। ଜୀବନ ତ ସର୍ବଦା ସୁଖଦୁଃଖର ମିଶ୍ରଣ, କିନ୍ତୁ ଆମ ପଲ୍ଲୀ ସମାଜରେ ନାରୀ ପ୍ରତି ଯେଉଁ ରୁକ୍ଷ ରକ୍ଷଣଶୀଳ କଟକଣା ରହିଛି, ତାହା ଶୋଭନୀୟ ନୁହେଁ। ନାରୀ ପୁରୁଷ ମଧ୍ୟରେ ବିଭେଦ ତଥା ପାତର ଅନ୍ତରପୂର୍ଣ୍ଣ ଯେଉଁ ବିଚାର ତାହା ପଲ୍ଲୀ ବଧୂର ଜୀବନକୁ ବନ୍ଦୀତ୍ୱ ପ୍ରଦାନ କରେ। ତା' ମନର ସୁକୁମାର ଅଭିଳାଷ ବାଧାପ୍ରାପ୍ତ ହୁଏ। 'ପ୍ରତିଘାତ' କବିତା ଶୀର୍ଷକରେ କବି କହନ୍ତି- "ମୋର ଲେଖି ଦେଇଛି କି ଜୀବନଟା/ ଟେକି ଦେବା ନିତି ଏହି ଘରେ ଖାଲି କାମ କାମ କାମ ଦିନରାତି/ ଆଉ କିଛି ନାହିଁ କଣ ଜୀବନରେ।/ ଏକେ ନାରୀ ଜୀବନ ତ ରଡ଼ନିଆଁ/ ତହିଁ ଗୃହ ଜଞ୍ଜାଳ କିରାସିନି/ ଯେବେ କଲମ ଧରିଲି ଶୁଣେ ଗାଳି/ ତାକୁ ଛାଡିଲେ ବି ହୁଏଁ ଖିନି ଖିନି।"

ଜୀବନର ସବୁ ବେଦନା ଓ ଯନ୍ତ୍ରଣା ସତ୍ତ୍ୱେ ବିଦ୍ୟୁତ୍‌ପ୍ରଭା ଥିଲେ ପ୍ରେମ ଚେତନାର ଶିଳ୍ପୀ। ଏ ପ୍ରେମ ପୁଣି ନାରୀ ପୁରୁଷର ବିଳାସ ଭିତରେ ସୀମାବଦ୍ଧ ନ ଥିଲା। ବିଭୁପ୍ରେମ, ଦେଶପ୍ରେମ, ମର୍ତ୍ତ୍ୟପ୍ରୀତି, ପଲ୍ଲୀସଂପ୍ରୀତି ତଥା ମାନବପ୍ରେମ ଯାଏ ତାହା ପ୍ରସାରିତ ହୋଇଥିବା ଲକ୍ଷ୍ୟ କରାଯାଏ। ଆମ ଦେଶର କୀର୍ତ୍ତିଶାଳୀ ନାରୀମାନଙ୍କ କଥା ଉଲ୍ଲେଖ କରି ଗୋଟିଏ କବିତାରେ ସେ କହନ୍ତି- "ଯେଉଁ ଦେଶେ ନାରୀ ପୁରାଣ ପ୍ରସିଦ୍ଧ/ ରାଜନୀତି ଶସ୍ତ୍ର ଶାସ୍ତ୍ର ବିଶାରଦ/ ବୀରାଙ୍ଗନା ସତୀ ସାଧ୍ୱୀ ଦୁର୍ଗାବତୀ/ ଜାଳି ଥିଲେ ଯେହୁ ପୁଣ୍ୟାଲୋକବତୀ/ ଯେ ଦେଶେ ବିଦୂଷୀ ନାରୀ ଲୀଳାବତୀ/ ଗଣିତ ବିଦ୍ୟାରେ ସୁପଣ୍ଡିତା ଅତି/ ଯେ ଦେଶେ ରମଣୀ ରଘୁ କାନ୍ତା ସୀତା/ ସତୀ ଶିରୋମଣି ମହା ପତିବ୍ରତା/ ଯେଉଁ ଦେଶ ସତୀ ଦ୍ରୌପଦୀ ସାବିତ୍ରୀ/ ଯେଉଁ ଦେଶ ନାରୀ କୁନ୍ତୀ ଦମୟନ୍ତୀ/ ବୀର ପ୍ରସବିନୀ ମୋ ଦେଶ ମୃତ୍ତିକା/ ଲଲାଟେ ଯାହାର ମାତୃଜୟ ଟୀକା।" (ନାରୀ)

ସେହିପରି ଦେଶପ୍ରେମର ପରିଚୟ ତାଙ୍କ ଜନ୍ମଭୂମି କବିତାରେ ଉଦ୍ଭାସିତ। ଓଡ଼ିଶାର ନୀଳ ପାରାବାରର ତରଙ୍ଗମାଳା, କୋଣାର୍କ ମନ୍ଦିରର କାରୁକାର୍ଯ୍ୟ, ବୀରମାଟି ବାରବାଟୀର ଐଶ୍ୱର୍ଯ୍ୟ ତଥା ଓଡ଼ିଆ ସାଧବ ପୁଅର ବଣିଜ ବେପାର ଆଦି ପ୍ରସଙ୍ଗ ଉଲ୍ଲେଖ କରି କବି ଆପଣା ଦେଶପ୍ରେମର ଜୟଗାଥା ଗାନ କରିଛନ୍ତି। ତାଙ୍କ ଭାଷାରେ - "ଆମ ଜନ୍ମ ଭୂମି ଏ ଉତ୍କଳ ଦେଶେ/ ଆମେ ତା' ସନ୍ତାନ ଉତ୍କଳବାସୀ/ ଯେଉଁଆଡେ କର ଦୃଷ୍ଟିପାତ/ ଉଛୁଳି ପଡୁଛି ସୁଷମା ରାଶି। XXX କହେ ଇତିହାସ ନୁହେଁ ପରିହାସ/ ପୁରାତନ ବାରବାଟୀ ମହିମା,/ ମର୍ମର ନିର୍ମିତ ନବ ତଳ ସୌଧ ଲଙ୍ଘିଥିଲା ଯାହା ସୁଷମା ସୀମା XXX ଦିନ ଥିଲା ଯେବେ ଲାଗିଲେ ବୋଇତ/ ସାଧବ ବୋହୂଏ ଓଢଣା ଟାଣି/ ସୁବର୍ଣ୍ଣ ପ୍ରଦୀପେ ବୋଇତ ବନ୍ଦାଇ/ ଘରେ ନେଉଥିଲେ ରତନ ଛାଣି।"

ବସ୍ତୁତଃ ଆପଣା ଜନ୍ମମାଟିର ଗୁଣ-ଗୌରବ ଓ ଯଶଖ୍ୟାତିର ବର୍ଣ୍ଣନାରେ କବି ଲେଖନୀ ମୁଖର। ସେହିପରି ତାଙ୍କର କେତେକ କବିତାରେ ନବପରିଣିତା ନାରୀର ପ୍ରେମ ଓ ବିରହର ଛବି ବେଶ ମନୋଜ୍ଞ। ବିରହିଣୀ ନାରୀର ପତି ବିଚ୍ଛେଦକୁ ବର୍ଣ୍ଣନା କରିବାରେ ବିଦ୍ୟୁତ୍‌ପ୍ରଭା ଯେପରି ପାରଦର୍ଶୀ, ନୂଆ ଭୁଆସୁଣିର ମଧୁରାତ୍ରିକୁ ଚିତ୍ରିବାରେ ସେ ସେହିପରି ଦକ୍ଷତା ଅର୍ଜନ କରିଛନ୍ତି। ଏଠାରେ 'ବାସରରାତ୍ରି' କବିତାର ଏକ ଅଂଶ ଉଦ୍ଧାର କରାଯାଇପାରେ -"ନ ପାହୁ ଏ ବିଭାବରୀ, ନ ଲିଭୁ ଏ ଦୀପ/ ଅଙ୍ଗେ ଅଙ୍ଗେ ମଞ୍ଜରୁ ଗୋ ପ୍ରଣୟର ନୀପ XXX ପ୍ରଣୟ କି ମାନେ ଏହି ଅଳୀକ ବନ୍ଧନ/ ହେଉ ଏକ ଆତ୍ମା ପ୍ରତି ଆତ୍ମାର ବନ୍ଧନ।"(ବାସର ରାତ୍ରି)

ବାସ୍ତବରେ ବିଦ୍ୟୁତ୍‌ପ୍ରଭାଙ୍କ କବିତାରେ ପଲ୍ଲୀ ଜୀବନର ସ୍ୱାଦ ଓ ପ୍ରେମର ଆଲ୍ଲାଦ ଅନନ୍ୟ, ଅସାଧାରଣ। ବିଷୟର ବହୁମୁଖିନତାକୁ ନେଇ ତାଙ୍କ କବିତା ପରିପୁଷ୍ଟ ହେଲେ ହେଁ ତହିଁରେ ପ୍ରେମର ମନ୍ଦାକିନୀ ଧାରା ଓ ପଲ୍ଲୀର ସୁଖ ପସରା ପାଠକକୁ ଉଚ୍ଚାଟିତ କରିଦିଏ। ଭାଷାର କୋମଳତା ଓ ଭାବର ସରସତାରେ ତାଙ୍କର କବିତା ଆହ୍ଲାଦକର। କବି ଏକାଧାରରେ ଦେଶପ୍ରେମୀ, ପ୍ରକୃତିପ୍ରେମୀ ଓ ପଲ୍ଲୀପ୍ରେମୀ। ତାଙ୍କ କବିତାର ଅପୂର୍ବ ଛାନ୍ଦସିକତା ଓ ଶବ୍ଦ ସଂଯୋଜନା ଚାତୁରୀ ଯେ କୌଣସି ଶ୍ରଦ୍ଧାବାନ ପାଠକକୁ ବିମୁଗ୍ଧ କରିଦିଏ। ସୁତରାଂ ବିଦ୍ୟୁତ୍‌ପ୍ରଭାଙ୍କ କାବ୍ୟପ୍ରତିଭା ପଲ୍ଲୀ ଓ ପ୍ରେମର ଚିତ୍ରାୟନରେ ହୋଇଛି ଅଧିକ ଉଲ୍ଲାସକାରୀ, ଏଥିରେ ସନ୍ଦେହ ନାହିଁ।

ସହାୟକ ଗ୍ରନ୍ଥସୂଚୀ:

୧) ବିଦ୍ୟୁତ ପ୍ରଭା ଦେବୀ। ୧୯୫୦। ପ୍ରଥମ ପ୍ରକାଶ। ବନ୍ଦନିକା ପ୍ରକାଶିକା।

୨) ଶତପଥୀ ନିତ୍ୟାନନ୍ଦ। ୧୯୮୫। ସବୁଜରୁ ସାମ୍ପ୍ରତିକ। ଦ୍ୱିତୀୟ ସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର।

୩) ମହାନ୍ତି ସଚ୍ଚିଦାନନ୍ଦ। ୨୦୦୧। ବିଦ୍ୟୁତପ୍ରଭାଙ୍କ ଶ୍ରେଷ୍ଠ କବିତା(ସଂ)। ପ୍ରଥମ ସଂସ୍କରଣ। କଟକ:ପ୍ରେଣ୍ଡସ୍ ପବ୍ଲିଶର୍ସ।

୪) କବି ବିଦ୍ୟୁତପ୍ରଭା। ୧୯୭୮। ଭୁବନେଶ୍ୱର: ସଂପାଦନା ବିଦ୍ୟୁତପ୍ରଭା ସ୍ମରଣିକା କମିଟି।

୫) ରାୟ ସୁଧାଂଶୁ ଶେଖର। ୧୯୯୯। କବି ବିଦ୍ୟୁତ ପ୍ରଭା ଜୀବନୀ ଓ ସାରସ୍ୱତ କୃତି। ପ୍ରଥମ ପ୍ରକାଶନ। ଭୁବନେଶ୍ୱର: ଓଡିଶା ସାହିତ୍ୟ ଏକାଡେମୀ।

୬) ଶତପଥୀ ନିତ୍ୟାନନ୍ଦ। ୧୯୮୩। ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ(ସଂ), ଦ୍ୱିତୀୟ ଭାଗ। ପ୍ରଥମ ସଂସ୍କରଣ। କଟକ: ପ୍ରେଣ୍ଡସ୍ ପବ୍ଲିଶର୍ସ।

ALOCHANA
ସମାଲୋଚନା
ନୂ ଆ ପ ର୍ଦ୍ଧ

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଭାରତୀୟ ଲୌକିକ ଜ୍ଞାନପରମ୍ପରା ପରିପ୍ରେକ୍ଷୀରେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବିତା :ଏକ ଦୃଷ୍ଟିପାତ

ଡ. ରବୀନ୍ଦ୍ର କୁମାର ଦାସ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

ମୂଳଶବ୍ଦ: ଖାଦ୍ୟ ସଂସ୍କୃତି, ଶବ୍ଦ ସଂସ୍କୃତି, ଲୌକିକ ଓ ଚିରାୟତ ଜ୍ଞାନପରମ୍ପରା, ସମଗ୍ର ଜୀବନ ଶିକ୍ଷା ଓ ସମଗ୍ର ଜୀବନ ଯୋଗ, ବିଦ୍ୟୁତ୍‌ପ୍ରଭା ଦେବୀ।

ସାରାଂଶ: ଖ୍ରୀଷ୍ଟପୂର୍ବ ପାଞ୍ଚ ଲକ୍ଷ ବର୍ଷରୁ ଅଦ୍ୟାବଧି ମଣିଷ ସଭ୍ୟତା ବହୁ ସ୍ତର ଦେଇ ଗତିକରି ଆସିଛି। ତଥାପି ଅପୂର୍ଣ୍ଣତା ଏବଂ ଅବିକଶିତ ଅବସ୍ଥାରେ ଜୀବନ ତଥାପି ଗତିଶୀଳ। ମଣିଷ ସଭ୍ୟତାର ଏହି ଦୀର୍ଘ ଅଭିଯାତ୍ରାକୁ ଦୃଷ୍ଟିରେ ରଖି ଜୋନ୍ସ ବେଲି ଆଦିମ ଏବଂ ସଭ୍ୟ ଭେଦରେ ମାନବ ସଭ୍ୟତାକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ସେ ଉଭୟ ଆଦିମ ଓ ସଭ୍ୟ ଜାତିର ପାରମ୍ପରିକ ସୃଷ୍ଟି ହିଁ ଲୋକ ସଂସ୍କୃତି ବୋଲି ମତ ବ୍ୟକ୍ତ କରିଛନ୍ତି। ମଣିଷର ଅଭାବ, ଅସୁବିଧା, ଆବଶ୍ୟକତା ପୂରଣ କରିବା ପାଇଁ ଏହି ଚିରାୟତ ସଭ୍ୟତା ଏବଂ ସଂସ୍କୃତି ବିଭିନ୍ନ ପ୍ରକାରର ସାଧନ, ଉଦ୍ଭାବନ, ଆବିଷ୍କାର ପଥ ଉନ୍ମୁକ୍ତ କରିଛି। ଏହା ଏକ ମହାପ୍ରବାହ ତୁଲ୍ୟ। ଏହି ମହାପ୍ରବାହରେ ମଣିଷ ବ୍ୟକ୍ତିଗତପାରିବାରିକ ସ୍ତରଠାରୁ ଆରମ୍ଭ କରି ଜାତୀୟଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ସମ୍ମିଳିତ ହେଇଛି। ଏହି ସଭ୍ୟତା-ସଂସ୍କୃତିକୁ ନେଇ ବିଭିନ୍ନ ପ୍ରକାରର ଗବେଷଣା, ବିଚାର-ବିମର୍ଶ ମଧ୍ୟ ଜାରି ରଖିଛି ମଣିଷ। ଏହି ମହାପ୍ରବାହ ମଧ୍ୟରେ ବହୁ ସଂସ୍କୃତି ଓ ସଭ୍ୟତା ନିଶ୍ଚିହ୍ନ ମଧ୍ୟ ହୋଇଯାଇଛି। ତେବେ ଲୋକସଂସ୍କୃତିର ବିଭିନ୍ନ ଅନୁଷଙ୍ଗ ମଧ୍ୟରୁ ଏମିତି କିଛି ଅନୁଷ ଙ୍ଗ ରହିଛି ଯାହା ଆମ ଭାରତୀୟ ଜ୍ଞାନପରମ୍ପରାର ଅନିବାର୍ଯ୍ୟ ଅଙ୍ଗ ଭାବରେ ବିବେଚିତ। ଭାରତୀୟ ଜ୍ଞାନ ପରମ୍ପରାରେ ଏମିତି କିଛି ପଦ୍ଧତି ବା ଧାରା ଅନୁସୃତ ହୋଇ ଚାଲିଛି ଯାହା ଶହ ଶହ ହଜାର ହଜାର ବର୍ଷ ପରେ ବି ଆଜିର ତାରିଖରେ ସମକାଳୀନ ପ୍ରାସଙ୍ଗିକତା ଜାହିର କରିଛି। ସେହି ସମକାଳୀନ ପ୍ରାସଙ୍ଗିକତାକୁ ଆଖି ଆଗରେ ରଖି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବିତାରେ ଭାରତୀୟ ଲୌକିକ ଜ୍ଞାନ ପରମ୍ପରା, ବିଶେ ଷ କରି ଯୋଉ ଜ୍ଞାନପରମ୍ପରା ଦ୍ୱାରା ମଣିଷ ତାର ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାରର ସୁବିଧାସୁଯୋଗ ପ୍ରାପ୍ତ ହୋଇଥାଏ ତାର ବିବିଧ ଉପଯୋଗିତାକୁ ଏ ପ୍ରବନ୍ଧରେ ଆଲୋଚନା କରାଯାଉଛି।

ABSTRACT

ଭାରତୀୟ ଜ୍ଞାନ ପରମ୍ପରାକୁ ଦୃଷ୍ଟିପାତ କଲେ, ସେହିପରି ଦୁଇ ପ୍ରକାରର ଜ୍ଞାନ ପରମ୍ପରା ଆମ ଚକ୍ଷୁ ସମ୍ମୁଖରେ ଉଦ୍ଭାସିତ ହୁଏ। ଗୋଟିଏ ହେଉଛି ବୌଦ୍ଧିକ ଜ୍ଞାନ ପରମ୍ପରା ଏବଂ ଅନ୍ୟଟି ହେଉଛି ଲୌକିକ ଜ୍ଞାନ ପରମ୍ପରା। ତେବେ ବିଦ୍ୟୁତପ୍ରଭା ଦେବୀଙ୍କର ଏମିତି କେତେକ କବିତା ସଂକଳନ ରହିଛି ଯେଉଁଥିରେ ଭାରତବର୍ଷର ଲୌକିକ ଜ୍ଞାନ ପରମ୍ପରା ହିଁ ମୁଖ୍ୟ ଭିତ୍ତିଭୂମି ଭାବରେ ବିବେଚିତ। ସେଗୁଡ଼ିକୁ ଆଲୋଚନା ପରିସରଭୁକ୍ତ କରାଯାଉ।

ବିଶେଷକରି 'ମାଟି,ପାଣି ପବନ', 'ଯାହାକୁ ଯିଏ', 'ମୋ' ପେଁକାଳି ବଜେଇ ଦେ', 'ଗଛପତ୍ର', 'ମୁଁ କେମିତି ପିଲା', 'କାହିଁକି ତୁମେ', 'ପଡୁଥା' ହସିହସ ଗଡୁଥା' ପ୍ରଭୃତି କବିତା ସଂକଳନର ସ୍ଥାନିତ ବିଭିନ୍ନ କବିତା ସେହି ପର୍ଯ୍ୟାୟଭୁକ୍ତ ହେବ। ଏହିସବୁ କବିତାରେ ଭାରତବର୍ଷର ଲୌକିକ ଜ୍ଞାନପରମ୍ପରାର ଅଜସ୍ର ନିଦର୍ଶନ ରହିଛି। କବିତାଗୁଡ଼ିକର ଆଙ୍ଗିକ ବିଭବ ଏବଂ ବକ୍ତବ୍ୟଗତ ବିଭବ ଉଭୟରେ ସେହି ଜ୍ଞାନପରମ୍ପରାର ଲୌକିକ ବିଭବ ବିଦ୍ୟମାନ।

ବିଦ୍ୟୁତପ୍ରଭା ଦେବୀଙ୍କ 'ମାଟି, ପାଣି, ପବନ' ସଙ୍କଳନରେ ଓଡ଼ିଶାର ଭୂଗୋଳ (topology)ଏବଂ ଇତିହାସ(chronology) ଉଭୟ ଚିତ୍ରିତ ହୋଇଛି। କବିଙ୍କ ଉକ୍ତିରେ: "ଏହି ମାଟି ଆମ ପରମ ବନ୍ଧୁ, ଏହି ପାଣି ଆମ ଜୀବନରେ!/ବଞ୍ଚିଛୁ ଆମେ ଆକାଶେ ଆଲୋକେ, ବଞ୍ଚିଛୁ ଆମେ ପବନରେ"।

ଏହି ସଙ୍କଳନରେ କବି ବିଭିନ୍ନ ବିଷୟକୁ ଲିପିବଦ୍ଧ କରିଛନ୍ତି:ଯଥା :୧)'ସର୍ବଂସହା ମାଟି' ଶୀର୍ଷକ କବିତାରେ କବି ଧରିତ୍ରୀ ମାତାଙ୍କ ମିଠା ପାଣି, ଗଛଲତାର ଫଳ, ସବୁଜ ଘାସର କଅଁଳ ବିଛଣା, ବନପକ୍ଷୀର ଡାକ, ପାହାଡ଼ ପଥର ଇତ୍ୟାଦିକୁ ଅତି ଅନ୍ତରଙ୍ଗତାର ସହିତ ଗ୍ରଥନ କରିଛନ୍ତି।୨)ସେ ଏହି ଭୂମିକୁ ଦେବଭୂମି, ବୀରଭୂମି, ଭାରତ ମା' ଭାବରେ ବର୍ଣ୍ଣନା କରିଛନ୍ତି। ସେ ଭାରତ ଜନନୀଙ୍କର ଯୋଗ୍ୟ ସନ୍ତାନ ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ୩)'ମାଟି କଥା' କବିତାରେ ମାଟି ଓ ମାଟିରେ ବାସ କରୁଥିବା ମଣିଷ ମଧ୍ୟରେ ଥିବା ଏକ ଅନ୍ତଃସମ୍ପୃକ୍ତିମୂଳକ

RESEARCH ARTICLE

ଦୃଷ୍ଟିକୋଣ ରୁପାୟିତ ହୋଇଛି। ମଣିଷ କିପରି ମାଟିକୁ ହାଣେ, କାଟେ, ତାଡ଼େ, ଖୋଳେ; କିନ୍ତୁ ମାଟିର ତିକିଏ ହେଲେ ଦୁଃଖ ନଥାଏ। ମାଟି ଚିରକାଳ ଲାଗି ରହିଥାଏ; କିନ୍ତୁ ମଣିଷ ଜନ୍ମ ହୋଇ ସେହି ମାଟି ଉପରେ ମୃତ୍ୟୁବରଣ କରେ। ୪) 'ମଣିଷ ଓ ମାଟି' କବିତାରେ କବି କିପରି ମାଟି ଉପରେ ପ୍ରଥମେ ଭୂମିଷ୍ଠ ହେଲେ, ତା' ସ୍ନେହରେ ବିଜଡ଼ିତ ହେଲେ ଏବଂ ମାଟି ତାଙ୍କ ପାଇଁ ସ୍ୱର୍ଗ, ତାହା ଦର୍ଶାଇଛନ୍ତି। ଆଗାମୀ ନୂଆ ଯୁଗ ପାଇଁ ମାଟିର ମମତା ଏକାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

ସଙ୍କଳନର ପ୍ରାରମ୍ଭିକ ଭାଗସ୍ଥ କବିତାଗୁଡ଼ିକରେ ମାଟି ଓ ମଣିଷର ଅନ୍ତଃସମ୍ପୃକ୍ତିର କଥା କୁହାଯିବା ସହିତ ମାଟି ଉପରେ ସମୁଦ୍ର, ନଈ, ପୁଷ୍କରିଣୀ, ଝରଣା, ଜୁଆର, ଲହଡ଼ି, ପବନ, ଝଡ଼, ଝାଞ୍ଜିପବନ, ବାରମିଶା ପବନ ଇତ୍ୟାଦି କିପରି ସମ୍ପ୍ରେଳନ ରଚନ୍ତି, ତାହା ବର୍ଣ୍ଣନା କରାଯାଇଛି। ପ୍ରାୟତଃ ପ୍ରତ୍ୟେକ କବିତାରେ ମାଟି ସହିତ ମଣିଷର ନିବିଡତାକୁ କବି ଦର୍ଶାଇଛନ୍ତି।

ପାଶ୍ଚାତ୍ୟ ଜ୍ଞାନପରମ୍ପରା(ବାଇବେଲ)ରେ ମଣିଷର ସମୁଦ୍ର ଉପରେ, ଆକାଶ ଉପରେ, ଜଳଚର ଜୀବଙ୍କ ଉପରେ ସହଜାତ ଅଧିକାର ରହିଛି ବୋଲି କୁହାଯାଇଛି; କିନ୍ତୁ ଭାରତୀୟ ଜ୍ଞାନପରମ୍ପରାରେ ପ୍ରକୃତି ହେଉଛି ମଣିଷର ପରିପୂରକ। ମଣିଷର ଯେମିତି ଜୀବନ ଅଛି, ପ୍ରକୃତିର ମଧ୍ୟ ଜୀବନ ଅଛି। କେବଳ ସେତିକି ନୁହେଁ;ସେମାନଙ୍କର ଆତ୍ମା ବି ରହିଛି ବୋଲି ଆମ ଜ୍ଞାନପରମ୍ପରା ବେଦଉପନିଷଦ ଯୁଗରୁ ସ୍ୱୀକାର କରିବା ସହିତ ସେମାନଙ୍କ ଗୁଣଗାନ ଓ ବନ୍ଦନା କରିଆସିଛି। ସେଥିପାଇଁ ବିଦ୍ୟୁତପ୍ରଭା ଦେବୀଙ୍କ କବିତାରେ ସ୍ଥାବର, ଆସ୍ଥାବର ପ୍ରତିଟି ପ୍ରାକୃତିକ ଉପାଦାନ ମର୍ଯ୍ୟାଦାବନ୍ତ। ସେମାନେ ସ୍ୱୟଂକ୍ରିୟ। ତେଣୁ ଏହି ସଙ୍କଳନରେ ଥିବା ପ୍ରତ୍ୟେକ ଅଣ-ମାନବୀୟ ସ୍ଥାନକାଳପାତ୍ର ସମ୍ବଳିତ କବିତାଗୁଡ଼ିକରେ ଗଭୀର ମାନବୀୟ ସମ୍ପୃକ୍ତି ବିଦ୍ୟମାନ।

ଏପରିକି ଅଧିକାଂଶ କବିତାରେ ଶୀର୍ଷକୀକରଣର ପ୍ରାସଙ୍ଗିକତା ଭିତ୍ତିରେ ବକ୍ତବ୍ୟ ପରିବେଷିତ ହୋଇଥିଲେ ମଧ୍ୟ କେତେକ କବିତାର ଶେଷଭାଗରେ ତାହାକୁ ଜୀବନ ସହିତ ଯୋଡ଼ି ଆଧ୍ୟାତ୍ମିକ ପରିମଣ୍ଡଳ ଆଡ଼କୁ କବି ପାଠକକୁ ଘେନିଯାଇଛନ୍ତି। ପ୍ରକୃତିର ପ୍ରତ୍ୟେକ ଉପାଦାନକୁ ଜୀବନ ମଧ୍ୟରେ ସ୍ଥାପନ କରି ଜୀବନ ଓ ପ୍ରକୃତିକୁ ଅନନ୍ତଙ୍କ ପ୍ରକାଶମାନ ସ୍ୱାକ୍ଷର ବୋଲି ପ୍ରମାଣ କରିଛନ୍ତି। ତହିଁରେ ଆଧ୍ୟାତ୍ମ ସତ୍ତା ବିରାଜିତ ଥିବା କଥା କହିବାକୁ ଭୁଲି ନାହାନ୍ତି।

ସମଗ୍ର ଜୀବନ ଯେ ଶିକ୍ଷା ଏବଂ ସମଗ୍ର ଜୀବନ ଯେ ଯୋଗ -ଏ କଥା ବିଦ୍ୟୁତପ୍ରଭାଙ୍କ କାବ୍ୟିକ ଉପାଦାନ ମଧ୍ୟରେ ମୁକ୍ତସ୍ୱୀକୃତି ଲାଭକରିଛି।

'ଯାହାକୁ ଯିଏ 'କବିତା ସଂକଳନସ୍ଥ 'କଥାର ନଥା,' 'କଅଁଳ ସଅଁଳ,' 'ସଜବାଜ,' 'ଗରମା ଗରମ,' 'ନୂଆ ନବତନ,' 'କନ୍ଦା କଟା,' 'ଫୁଲ ଫୁଲଣା,' 'ନିଦ ନିଶା,' 'ଖରାଗୀରିଷମ,' 'ପାଣି ପଣା,' 'ଭାତ ତୋରାଣି,' 'ଓଦା ସନ୍ତିଆ,' 'କଞ୍ଚା ମଞ୍ଚା,' 'ଖର ତର,' 'ବାସି କାସି,' 'ଶୁଖା ରୁଖା,' 'ଟାଣ ଚେମଡ଼,' 'ବା ବତାସି,' 'ଛୋଟ ମୋଟ,' 'ପାଚିଲା ପୋଖତ,' 'ମୁହଁ କାନ,' 'ମୋ ପେଁକାଳି ବଜାଇଦେ,' 'ବାୟା ରଜା,' 'ଶବ୍ଦ କସରତ,' 'ଯେତେ ହଲାଇବୁ ହଲା,' 'ଯୋଡ଼ି ନାଗରା,' 'ସେଠୁ କ'ଣ ହେଲା ନା,' 'ମେଘ ଟୋପା,' 'ଚଟଣୀ କଳି,' 'ନିକୁଟିଆ ପିଲା,' 'ଗଛ ଲତା,' 'କାନ୍ଦୁରା ଛୁଆ,' 'ଭୋକିଲା ଭାଲୁ,' 'ପକ୍ଷୀ ମାଷ୍ଟ୍ରେ,' 'ସାଧାରଣ ଜ୍ଞାନ,' 'ଗୋଲ ଗାଲ,' 'ଖାଅ ପିଅ' ପ୍ରଭୃତି କବିତା ଏବଂ 'ଗଛପତର' ସଙ୍କଳନରେ ସ୍ଥାନିତ 'ମଞ୍ଜି ମଞ୍ଜା,' 'ଗଛ ବୁରୁଛ,' 'ଲତା ପତର,' 'ଫୁଲ କଢ଼,' 'ଫଳ କନ୍ଦଳ,' 'ଫସଲ ମୁସୁଲି,' 'ତୃଣ ତରକାରି,' 'ଶାଗ ସବ୍ଜି,' 'ଚଟଣୀ ପଞ୍ଚାୟତ,' 'ପସାରୁଣି ବରା,' 'ତାଳ ତେନ୍ତୁଳି,' 'ସୁଆଦ ଶବଦ,' 'ତୁଳସୀ,' 'ଦୁବ,' 'ହଳଦୀ,' 'ଅଦା', 'ଅରଖ,' 'ଋତୁ ଫୁଲ,' 'ବାରମାସି କଳି,' 'ନଡ଼ିଆ,' 'ବେଲ,' 'ଆମ୍ବ,' 'କଦଳୀ,' 'ଲେମ୍ବୁ,' 'ପିଆଜ ରସୁଣ' ପ୍ରଭୃତି କବିତାରେ ମାନବୀୟ ଓ ଅଣମାନବୀୟ ଉପାଦାନସମୂକୁ କାବ୍ୟିକ ବିଭବ ଭାବରେ ଗ୍ରହଣ କରି କବି ଭାରତୀୟ ଲୌକିକ ଜ୍ଞାନପରମ୍ପରାକୁ ବିଶ୍ୱାୟିତ କରିବାକୁ ପ୍ରୟାସ କରିଛନ୍ତି।

'ଚଟଣୀ-କଳି' କବିତାରେ ଭାରତୀୟ ଜ୍ଞାନ ପରମ୍ପରାର ଅନ୍ୟତମ ନିଦର୍ଶନ ଚଟଣୀ-ସଂସ୍କୃତିକୁ ସମ୍ମୁଖୀକୃତ କରାଯାଇଛି। ପ୍ରତ୍ୟେକ ଚଟଣିର ଗୋଟେ ରାସାୟନିକ ସମୀକରଣ ରହିଥାଏ। ବିଭିନ୍ନ ମୂଳ ସାମଗ୍ରୀକୁ ଏକତ୍ର ମିଶାଇ ଯେତେବେଳେ ଚଟଣି ପ୍ରସ୍ତୁତ କରାଯାଏ, ସେତେବେଳେ ତାହା ଉତ୍କୃଷ୍ଟ ଲେହ୍ୟ ସ୍ୱାଦ ବିତରେ। ଭାରତୀୟ ଲୋକଖାଦ୍ୟ ପରମ୍ପରାରେ ଚଟଣିର ଭୂମିକା ଅତ୍ୟନ୍ତ ଗୁରୁତତ୍ୱପୂର୍ଣ୍ଣ ମନେ ହୁଏ। ବିଦ୍ୟୁତପ୍ରଭା ଦେବୀ 'ଚଟଣୀ-କଳି' କବିତାରେ ସାରୁ ଚଟଣୀ, ଚଣା ଚଟଣୀ, ଭୁରସୁଙ୍ଗ ପତ୍ର ଚଟଣୀ, ପୁଦିନା ଚଟଣୀ, ନଡ଼ିଆ ଚଟଣୀ, ଧନିଆ ଚଟଣୀ, ପଣସ ମଞ୍ଜି ଚଟଣୀ, କଇଥ ଚଟଣୀ, ବାଦାମ ଚଟଣୀ ଇତ୍ୟାଦିର ଉଲ୍ଲେଖ କରିଛନ୍ତି। ସେ ସବୁର ଲେହ୍ୟଗତ ସ୍ୱାଦକୁ ମଧ୍ୟ ଅଭିବ୍ୟକ୍ତ କରିବାରେ ଅବହେଳା କରିନାହାନ୍ତି। ଏମିତିକି ଚଟଣୀଗୁଡିକର ଲୋକସାଂସ୍କୃତିକ ଉପାଦେୟତାକୁ ମଧ୍ୟ ଚିହ୍ନଟ କରାଯାଇଛି।

'ଗଛପତର' ସଂକଳନରେ 'ଚଟଣୀ ପଞ୍ଚାୟତ' ନାମରେ ଆଉ ଏକ କବିତା ରହିଛି। ବିଭିନ୍ନ ପ୍ରକାର ଚଟଣୀ ଦ୍ୱାରା କେଉଁ କେଉଁ ରୋଗ ଭଲ ହୁଏ ଓ କି ଉପକାରିତା ମିଳେ, ସେ ବିଷୟରେ ଚିତ୍ରଣ କରାଯାଇଛି। ଯେମିତି କି କଇଁଆ ପତ୍ର ଚଟଣୀ ଖାଇଲେ ଜ୍ୱର ଛାଡ଼ିଯାଏ ଓ କଫ କାଶ ଦୂର ହୁଏ। ପୁଦିନା ଚଟଣୀ ଖାଇଲେ ଦେହ ପାଇଁ ହିତକର ହୁଏ। ଭୁରସୁଙ୍ଗା ପତ୍ର ଚଟଣୀ ଅଜୀର୍ଣ୍ଣ ରୋଗ ଦୂର କରେ ଇତ୍ୟାଦି।

ଭାରତୀୟ ଖାଦ୍ୟସଂସ୍କୃତିରେ ଚଟଣିପ୍ରସ୍ତୁତି ପରମ୍ପରା ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଏଗୁଡ଼ିକ ପୁଣି ପାର୍ଶ୍ୱପ୍ରତିକ୍ରିୟାରହିତ। ଏଗୁଡିକ ସ୍ୱାସ୍ଥ୍ୟ ପକ୍ଷରେ ମଧ୍ୟ ହିତକର। ନେଚରପାଥି ବା ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ଏହାର ଅବଦାନ ଅବିସ୍ମରଣୀୟ।

ଗଛ-ପତର' ସଂକଳନରେ ସ୍ଥାନିତ 'ପସାରୁଣୀ ବରା' ଶୀର୍ଷକ କବିତାରେ ପସାରୁଣୀ ପତ୍ର ବରା ଖାଇଲେ କିଭଳି ଅଣ୍ଟାଧରା ରୋଗ ଭଲ ହୁଏ, ଆମାଶୟ ରୋଗ ଦୂର ହୁଏ, ତାହା

ବର୍ଣ୍ଣିତ। ପସାରୁଣୀ ଭୀଷଣ ଗନ୍ଧ କରେ; କିନ୍ତୁ ତାର ଔଷଧୀୟ ଗୁଣ ବହୁତ ଅଧିକ। ପେଟରୋଗୀ ଜିରା ଗୋଲମରିଚ ଦେଇ ସେ ବରା ଖାଇଲେ ପେଟ ରୋଗ ସହିତ ଅଣ୍ଟା ଦରଜ ରୋଗ ମଧ୍ୟ ଦୂର ହୁଏ। ଆମାଶୟ ରୋଗୀର ମଧ୍ୟ ରୋଗ ଭଲ ହୋଇଯାଏ। ଖିର ସହିତ ମିଶାଇ ଖିରି କରି ଖାଇଲେ ରକ୍ତ ପରିଷ୍କାର ହୁଏ।

ସେହିପରି ଭାବରେ 'ତୁଳସୀ' କବିତାରେ ତୁଳସୀର ଔଷଧୀୟ ଗୁଣ, ଦୁବର ଔଷଧୀୟ ଗୁଣ, ହଳଦୀ, ଅଦା, ଅରଖ, ବିଭିନ୍ନ ପ୍ରକାରର ବାରମାସୀକୋଳି, ନଡ଼ିଆ, ବେଲ, ଆମ୍ବ, କଦଳି, ଲେମ୍ବୁ, ପିଆଜ, ରଶୁଣ ପ୍ରଭୃତିର ଔଷଧୀୟ ଗୁଣକୁ ଭିତ୍ତି କରି ବିଭିନ୍ନ କବିତା ରଚିତ ହୋଇଛି। ପ୍ରତ୍ୟେକ କବିତାରେ କେଉଁଠି ଭାରତୀୟ ଔଷଧୀୟ ପରମ୍ପରାକୁ ତ କେଉଁଠି ଭାରତୀୟ ଫଳ ପରମ୍ପରାକୁ ପୁଣି କେଉଁଠି ଭାରତୀୟ ମସଲା ପରମ୍ପରାକୁ ଭିତ୍ତି କରି ବହୁବିଧ ତଥ୍ୟ ପ୍ରଦାନ କରାଯାଇଛି।

'ବାସିକାସି' ଶୀର୍ଷକ ଏକ କବିତା ରହିଛି। ଏହି କବିତାରେ ବାସି ପଦାର୍ଥ ସ୍ୱାସ୍ଥ୍ୟ ପକ୍ଷେ କିଭଳି ହିତକର ହୋଇନଥାଏ, ତାହାର ଚିକିତ୍ସାଶାସ୍ତ୍ରୀୟ ବର୍ଣ୍ଣନା ରହିଛି। ବାସି ଖାଦ୍ୟ ପାଟିକୁ କେମିତି ଲାଗେ ତାହାର ଚିତ୍ର ମଧ୍ୟ ପ୍ରଦତ୍ତ। ଯଥା: ବାସି ଦହି ଖଟାଳିଆ ଲାଗେ। ବାସି ମାଛ ଛିଆ ଛିଆ। ବାସି ଶେଯରେ ଶୋଇବା ଭଲ ନୁହେଁ। ବାସି ପଖାଳ ଖାଇବା ଅହିତକର। ବାସି ମଡ଼ା ଘରେ ରହିଗଲେ ଦାହକର୍ମୀମାନେ ଦାହକରିବାକୁ ଆସନ୍ତି ନାହିଁ। ବାସି ପିଠା ଖାଇବା ଅନୁଚିତ। ତେବେ ବାସିପାଣି ଓ ମାଣ୍ଡିଆ ବାସିଜାଉ ଖାଇଲେ ରୋଗ କେମିତି ଦୂର ହୁଏ, ସେ କଥା ମଧ୍ୟ ବର୍ଣ୍ଣିତ।

'ଯୋଡ଼ିନାଗରା' କବିତାରେ କେତେକ ଅନୁକାରୀ ଶବ୍ଦର ଏ୍ୟବହାର ହୋଇଛି। ତହିଁରୁ କେତେକ ଧ୍ୱନ୍ୟାନୁକାରୀ ଆଉ କେତେକ ଅବସ୍ଥାନୁକାରୀ। ଯଥା:

ବଥ ଚକଟକ ବିନ୍ଧେ, ରଥ ଘୁଉଁ ଘୁଉଁ ଘର ଘର ଚାଲେ, ଭାତ ଜାଳ ପାଇଲେ ଗବଗବ ଫୁଟେ,କାଳ ପୂରିଲେ ମାଛ କବକବ ହୁଏ, ବିଜୁଳି ଚକଚକ ମାରେ, ଚୋର ମନ ଛକଛକ ହୁଏ,ପିଠା ଗରମ କଢ଼େଇରେ ସେଁ ସେଁ କରେ, ପକ୍ଷୀ ଚେଁ ଚେଁ କରେ,ବୁଢ଼ୀର ଖଟ ଖଟ ହୁଏ, , ମାଛ ଜାଲରେ ପଶି ଛଟ ଛଟ ହୁଏ, ଶେଯ ଛୁଆ କେଁ କେଁ ହୁଏ, ବୁଢ଼ା ଖେଁ ଖେଁ କାଶେ, ଗମ୍ ଗମ୍ ଝାଳ ବୁହେ, ଝମ୍ ଝମ୍ ଭାଉଜର ଚୁଡ଼ି ଶବ୍ଦ ସୃଷ୍ଟି କରେ, କେଳା କେନ୍ଦରା କୁଉଁ କୁଉଁ ବାଜେ, ଜେଜେମା ସୁଉଁ ସୁଉଁ କାନ୍ଦେ,ଦେହରୁ ଲୁଣିଆ ପାଣି ଗମ ଗମ ବହେ,ଘାଉଲା ଦେହରେ ମାଛି ଗଣ ଗଣ ହୁଏ,ମଶା ଭଣ ଭଣ ହୋଇ ରକତ ପିଏ, ଦରଜି ପୁଅ ଚର ଚର କନା କାଟେ, ଆଖି କୋଣରୁ ଝର ଝର ଲୁହ ନିଗିଡେ, ପିଠି ଗଲ ଗଲ ହେଲେ ଦୁମକା ବସେ, ଦଣ୍ଡିକିରି କଲ କଲ ହେଲେ ଖିଅରେ ପଶେ, କାନ ପାଚିଲେ ଟଣ ଟଣ ବ୍ୟଥା କରେ,ଠଣ ଠଣ ଟଙ୍କା ଗଣି ଦେଲେ ମାନ ବଢ଼େ,ତେଲ ନ ପାଇଲେ କେଶ ଫୁରୁ ଫୁରୁ ଉଡେ, ପୁଅକୁ ଗେଲ କଲେ କୁରୁ କୁରୁ ହୁଏ, ଶୀତ ପଡିଲେ କନ କନ ଦେହ କମ୍ପେ, ମିତ ଡାକିଲେ ଛନ ଛନ ମନ ହୁଏ, କାକୁଡି କଷି କୁନା ଦେଖିଲେ ଲଙ୍ଗ ପଙ୍ଗ ହୁଏ, ଗେଲେଇ ମା' ନାତିକୁ ଗେଲ କଲେ ଧେଇ ଧେଇ ଶବ୍ଦ କରେ, ମିନି ବାହାରେ ଥେଇ ଥେଇ ନାଚେ, ରେଳ ଷ୍ଟେସନରେ ଧମା ଧମ ରେଳ ଚାଲେ, ବିଲୁଆ ନନା ହୁକେ ହୁକେ ହୁଆ ଡାକେ, ରଜା ମୁସ ମୁସ ଚଣାଚୁରକୁ ଭଜା ଲୋଭାଏ।

ଅନୁକାରୀ ବା ଧ୍ୱନ୍ୟାନୁକାରୀ ଶବ୍ଦବିମ୍ବ ମସ୍ତିଷ୍କ ମଧ୍ୟରେ ଏକ ପ୍ରକାର ସ୍ପନ୍ଦନ ସଂଚାର କରେ। ଏଗୁଡ଼ିକ ଗୁଚ୍ଛାକାରରେ ଉଚ୍ଚାରିତ ହୋଇ ଧ୍ୱନନକ୍ରିୟା ସଂପାଦନ କରୁଥିବାରୁ ବହୁ ସମୟରେ vibroacoustic ଚିକିତ୍ସା ସଦୃଶ କାର୍ଯ୍ୟ କରେ। ତଦ୍ଦ୍ୱାରା ଏହି ଶବ୍ଦଗୁଡ଼ିକ ଶାରୀରିକ, ପ୍ରାଣିକ ଓ ବୌଦ୍ଧିକ ସ୍ତରରେ ଉପକାରିତା ମଧ୍ୟ ପ୍ରଦାନ କରିଥାଏ।

ଆମ ପ୍ରାଚ୍ୟ ଜ୍ଞାନପରମ୍ପରାରେ ପଶୁପକ୍ଷୀକୀଟପତଙ୍ଗ ମଣ୍ଡଳ ରହିଛନ୍ତି। ପରିସଂସ୍ଥାନ(ecosystem)ରେ ସେମାନେ ଆମର ଅନିବାର୍ଯ୍ୟ ସହସାଥୀ ଭାବରେ ସ୍ୱୀକୃତ ।

'ପକ୍ଷୀମାଷ୍ଟ୍ରେ' କବିତାରେ ବିଦ୍ୟୁତପ୍ରଭା ଦେବୀ ନିମ୍ନଲିଖିତ ପକ୍ଷୀମାନଙ୍କ ନାମ ଉଲ୍ଲେଖ କରିଛନ୍ତି। ସେଥିରେ ବଣି, କଜଳପାତି,କୋଇଲି, ଶୁଆ, ଟେଣ୍ଟେଇ, ଘରଚଟିଆ, ବଗ, କୁଆ, କାପତା, ମାଟିଆ ଚିଲପ୍ରଭୃତି ପକ୍ଷୀମାନଙ୍କର ନାମ ଉଲ୍ଲେଖ କରି ସେମାନେ ଆମ ଜୀବନ ପାଇଁ କେମିତି ପରିପୂରକ ତାହା ବର୍ଣ୍ଣନା କରିଛନ୍ତି।

'ମୁଁ କେମିତି ପିଲା' କବିତା ସଙ୍କଳନରେ ଯେଉଁ କବିତାଗୁଡ଼ିକ ରହିଛି, ସେଥିରେ 'ମୁଁ କଣ ହେବି' କବିତାରେ କଣ କଣ କାମ କଲେ ଗାନ୍ଧୀ, ରବୀନ୍ଦ୍ର, ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଜୟଦେବ, ବାଜି ରାଉତ ଭବିଷ୍ୟତରେ ଶିଶୁଟିଏ ହୋଇ ପାରିବ; କେମିତି ଶୋଇଲେ ଶିଶୁଟିର ଭଲ ନିଦ ହେବ; କେତେବେଳେ ଉଠିଲେ ଶିଶୁଟି ଜୀବନରେ ଉନ୍ନତି କରିବ; କେମିତି ପାଠ ପଢ଼ିଲେ ଶିଶୁଟି ପାଠ ଭଲ ମନେ ରଖି ପାରିବ; କେମିତି ଖେଳିଲେ ଶିଶୁଟି ସୁସ୍ଥ ସବଳ ରହିବ; କେମିତି ହସିଲେ ସମସ୍ତେ ତାକୁ ଆଦର କରିବେ; କଣ କଲେ ସେ ସମାଜରେ ଜଣେ ଉତ୍କୃଷ୍ଟ ବ୍ୟକ୍ତିତ୍ୱ ଭାବରେ ପରିଚିତ ହେବ; କଣ କହିବା ଉଚିତ ଏବଂ କଣ ନ କହିବା ଉଚିତ; କଣ ଶୁଣିବା ଉଚିତ କଣ ନ ଶୁଣିବା ଉଚିତ; କାହାକୁ ପୂଜା କରିବା ଉଚିତ; କାହାକୁ ଦେଖିବା ଉଚିତ; କେମିତି ଚାଲିବା ଉଚିତ; କଣ ଖାଇବା ଉଚିତ; କଣ ପିନ୍ଧିବା ଉଚିତ; କେଉଁଠି ବୁଲିବା ଉଚିତ; କେମିତି ଦେହକୁ ସଫା ସୁତୁରା ରଖିବା ଉଚିତ; କଣ ଭାବନାଚିନ୍ତା କରିବା ଆବଶ୍ୟକ; କଣ ଚାହିଁବା ଆବଶ୍ୟକ; ନିଜର ସାଥୀ ଭାବରେ କାହାକୁ ନିର୍ବାଚିତ କରିବା ଉଚିତ; ଏକଜିଦିଆର କୁପରିଣାମ କଣ ହୁଏ ପ୍ରଭୃତି ପ୍ରସଙ୍ଗରେ ବିଭିନ୍ନ ବକ୍ତବ୍ୟ ପରିବେଷଣ କରାଯାଇଛି।

ତେବେ କବିତାଗୁଡ଼ିକ ଶିଶୁ କବିତା ପରି ମନେ ହେଉଥିଲେ ମଧ୍ୟ ଏଥିରେ ଏକ ସାର୍ବକାଳିକ ଜ୍ଞାନପରମ୍ପରାର ବିରଳ ତଥ୍ୟ ପ୍ରଦାନ କରାଯାଇଛି। ବିଦ୍ୟୁତପ୍ରଭା ଦେବୀଙ୍କର ପ୍ରତ୍ୟେକ କବିତା ଜୀବନକୁ ନେଇ ରଚିତ। କବିତାରେ ବାହ୍ୟ ଚିତ୍ରଣ ଅପେକ୍ଷା ଅନ୍ତର୍ଚିତ୍ରଣ ଅଧିକ ପ୍ରାସଙ୍ଗିକ ମନେହୁଏ।

ବାହ୍ୟ ଜୀବନରେ ବଭିନ୍ନ ପ୍ରସଙ୍ଗକୁ ନେଇ କବିତା ରଚିତ ହୋଇ ଥାଇପାରେ; କିନ୍ତୁ କବିତାରେ ଅନ୍ତର ଜୀବନ ହିଁ ଅନିବାର୍ଯ୍ୟ ଭୂମିକା ନିର୍ବାହ କରିଥାଏ। ଜୀବନର ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ଘଟଣା, ପ୍ରତିଟି ସ୍ମୃତି, ପ୍ରତିଟି ପ୍ରଥା, ପରମ୍ପରାର ମୂଲ୍ୟ ରହିଛି। କୌଣସିଟା ବି ଅପାଙ୍କ୍ତେୟ ନୁହେଁ। ମଣିଷ ପ୍ରତ୍ୟେକ ବସ୍ତୁକୁ, ପଦାର୍ଥକୁ ବା ସୃଷ୍ଟିର ବିଭିନ୍ନ ଉପାଦାନକୁ କେଉଁଭଳି ଭାବରେ ଦେଖୁଛି, କେଉଁ ଭାବରେ ତାର ସମ୍ମୁଖୀନ ହେଉଛି, ସେଗୁଡିକ ଠାରୁ ସେ କେଉଁ କେଉଁ ମହତ୍ତର ଉପାଦାନଗୁଡିକୁ ଗ୍ରହଣ କରୁଛି, ତାହା ହେଉଛି ସବୁଠୁ ବଡ଼ କଥା। ଜଣେ ମଣିଷର ନିଜକୃତ ପରିବେଶ ହିଁ ସେ ମଣିଷକୁ ଭବିଷ୍ୟତରେ ସରଳ କିମ୍ବା ଜଟିଳ ମାନସିକତାସମ୍ପନ୍ନ ହେବାରେ ଖୋରାକ ଯୋଗାଇଥାଏ।

"ଖାଅ ପିଅ" କବିତାରେ କେତେକ ଉତ୍କଳୀୟ ଜ୍ଞାନପରମ୍ପରା ପରିସରଭୁକ୍ତ ମିଷ୍ଟାନ୍ନସଂସ୍କୃତିର ଉଲ୍ଲେଖ ରହିଛି। କେଉଁ ଖାଦ୍ୟ ଖାଇଲେ କ'ଣ ହୁଏ, ତାହା ମଧ୍ୟ ଉଲ୍ଲେଖ ରହିଛି। ଉଲ୍ଲେଖିତ ମିଷ୍ଟାନ୍ନ ଓ ସାଧାରଣ ଖାଦ୍ୟ ମଧ୍ୟରେ ରହିଛି ରସାବଳି,ଗୁଲୁଗୁଲା,ଅଦାଦିଆ ଆଳୁଚପ, ବୁନ୍ଦିଆ, ଲଡୁ,ଛେନାଗଜା,ପାଳୁଅଝରା,ପଣସ ଦୁଆଁ ଇତ୍ୟାଦି। ଗୋଲ୍ ଗୋଲ୍ ଗୁଲଗୁଲା ଖାଇଲେ ମୁଣ୍ଡବୁଲା ରୋଗ ହୁଏ। ଅଦାଦିଆ ଆଳୁଚପ୍ (ଗରମ) ଖାଇଲେ ମଣିଷ ଏତେ ଫୂର୍ତ୍ତିମନ୍ତ ହୋଇଯାଏ, ଯେ ସେ ବେଙ୍ଗ ପରି ଖପ୍ ଖପ୍ ଡେଇଁ ଚଳଚଞ୍ଚଳ ହୋଇଉଠେ। ବୁନ୍ଦିଆ ଲଡୁ ଓ ଛେନାଗଜା ଖାଇଲେ କୃମି ବେଳେ ମଣିଷର ମଜା ବାହାର କରିଦିଏ। ପାଳୁଅ ଝରା ଖାଇଲେ ଅଚାନକ ସର୍ଦ୍ଦି ରୋଗ ମାଡ଼ି ଆସେ। କଞ୍ଚା ଚୁଡ଼ା ଖାଇଲେ ଆମଶୂଳା ଝାଡ଼ା ଧରେ। ମୁଢ଼ି ସଢ଼ା ଚୋବେଇଲେ ଗଜାଦାନ୍ତ ବୁଢ଼ା ହୋଇଯାଏ। ଉଖୁଡ଼ା ଦାନା ଖାଇଲେ ପାଠଶାଠ ଭଲ ହୁଏ ନାହିଁ। ଚକୁଳି ଖାଇଲେ ହଜମ ପାଇଁ ଲେମ୍ବୁରସ ସୋଡ଼ା ଖାଇବାକୁ ପଡ଼େ। ଛେନାମୁଣ୍ଡ ପୋଡ଼ପିଠା ହେଉଛି ଅତ୍ୟନ୍ତ ଗରିଷ୍ଠ ଭୋଜନ। ତାଳସୁଆଣି ଖାଇଲେ ହଇଜା ହୁଏ। ନଡ଼ିଆ ବରା ଖାଇଲେ ପାଦତଳିପାରୁ ଗରମ ବାହାରେ। କଦଳୀ ଶିଣ୍ଡି ଖାଇଲେ ବୁଦ୍ଧି ମୋଟା ହୋଇଯାଏ। କଞ୍ଚା ବେଲ ପୋଡ଼ି ଖାଇଲେ ଦିଗୁଣ ଭୋକ ବଢ଼ିଯାଏ। ପାଚିଲା ବେଲ ଖାଇଲେ ବୈଦ୍ୟ ସାଙ୍ଗରେ ଗେଲ ହେବାକୁ ପଡ଼େ। ପଣସ ଦୁଆଁ ଖାଇଲେ ଯିଏ ଶକେଇଁ ହାମ୍ପିହେଉଥିବ ତାକୁ ପୌଷ ମାସର ଶୀତ ମଧ୍ୟ ଜଣାପଡ଼ିବ ନାହିଁ। ସେହିପରି ବାରମାସୀ କୋଳି ମଧ୍ୟରେ ଅଙ୍ଗୁର, ବରକୋଳି, କଣ୍ଢେଇ କୋଳି, ନରକୋଳି, ଜାମୁକୋଳି, କାକୁଡ଼ି, ପିଜୁଳି,କମଳା, ଲିଚୁ, ଡାଳିମ୍ବ, ଆମ୍ବ, ନଡ଼ିଆ, ଆଦି ଫଳ ପ୍ରଭୃତିର ଚିତ୍ର ସହିତ ସେ ସବୁର ଉପକାରିତା ସମ୍ବନ୍ଧରେ ଅନେକ ଜ୍ଞାନାଦର୍ଶର ଚିତ୍ର ପ୍ରଦାନ କରାଯାଇଛି।

ଉପସଂହାର: ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ପ୍ରତ୍ୟେକ କବିତାରେ ନବଜୀବନର ସନ୍ଧାନ ରହିଛି। ସେ କବିତାଗୁଡ଼ିକ ପ୍ରୟୋଗବାଦୀ ଦୃଷ୍ଟିକୋଣରୁ ହୁଏତ ବୌଦ୍ଧିକସର୍ବସ୍ୱ ନୁହେଁ, କିନ୍ତୁ ଲୌକିକତା ଓ ସାଧାରଣୀକରଣତା ଦୃଷ୍ଟିରୁ ତାହା ସ୍ୱତନ୍ତ୍ର ଓ ଅନନ୍ୟ ତଥା ବିରଳ ପ୍ରୟୋଗବାଦିତାର ଦୃଷ୍ଟାନ୍ତ ପାଲଟିଛି। ଏଭଳି ପ୍ରୟୋଗ ସମସ୍ତେ କରି ପାରନ୍ତିନି। ଏଭଳି ପରୀକ୍ଷା ସବୁ କବିଙ୍କ ଭାଗ୍ୟରେ ଜୁଟେ ନାହିଁ। ତେଣୁ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କର କବିତାରେ ଭାରତୀୟ ଲୌକିକ ଜ୍ଞାନପରମ୍ପରାକୁ ନେଇ ରଚିତ ବୋଲି ନିର୍ବିବାଦରେ କୁହାଯାଇପାରେ।

ଶ୍ରୀ ଅରବିନ୍ଦଙ୍କ ଯୋଗର ଅସଲ ଉଦ୍ଦେଶ୍ୟ ଥିଲା ଭୌତିକ ଜଗତରୁ ପଳାୟନ ନୁହେଁ, ବରଂ ଭୌତିକ ଜୀବନର ସକଳ ସ୍ତରରେ ଉଚ୍ଚତର ଚେତନାକୁ ଅବତରଣ କରାଇ ତାକୁ ଦିବ୍ୟ ରୂପାନ୍ତର ପ୍ରଦାନ କରିବା। ପୁଣି କୌଣସି ସତ୍ତାକୁ ବାଦଦେଇ ନୁହେଁ; ସବୁକିଛିକୁ ସାଥିରେ ଧରି ଆଗକୁ ଯିବା। ଏହା ହିଁ ପୂର୍ଣ୍ଣାଙ୍ଗ ଯୋଗ। ଏହା ହିଁ 'ସମଗ୍ର ଜୀବନ ଯୋଗ' ଓ 'ସମଗ୍ର ଜୀବନ ଶିକ୍ଷା'ର ଅସଲ ଲକ୍ଷ୍ୟ।

ସହାୟକ ପୁସ୍ତକସୂଚୀ:

୧) ଦେବୀ, ବିଦ୍ୟୁତପ୍ରଭା। ୧୯୮୩। ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ।ସମ୍ପାଦକ ଡ଼.ନିତ୍ୟାନନ୍ଦ ଶତପଥୀ,ଦ୍ୱିତୀୟ ଭାଗ। କଟକ: ଫ୍ରେଣ୍ଡସ ପବ୍ଲିଶର୍ସ।

୨) ଦାସ, ଚିତ୍ତରଞ୍ଜନ। ୨୦୦୨। ଶବ୍ଦ ଶତକ। ଓଡ଼ିଶା: ସୁହୃତ୍ ପ୍ରକାଶନୀ।

୩) ଦାସ ଚିତ୍ତରଞ୍ଜନ(ଅନୁ)। ୨୦୧୨। "ଶ୍ରୀ ମା' ଶିକ୍ଷା ପ୍ରସଙ୍ଗ", ମାତୃ ରଚନାବଳୀ, ଦ୍ୱାଦଶ ଖଣ୍ଡ। ଦ୍ୱିତୀୟ ସଂସ୍କରଣ। ପଣ୍ଡିଚେରୀ: ଶ୍ରୀ ଅରବିନ୍ଦ ଆଶ୍ରମ, ପ୍ରକାଶନ ବିଭାଗ।

୪) ମାନସିଂହ,ମାୟାଧର। ୧୯୭୭। ମାନସିଂହ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ। ପ୍ରଥମ ସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ।

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନା ରୀ

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ଆଶାର ନଦୀରେ ବେଦନାର ଭାର: ଓଡ଼ିଆ ଉପନ୍ୟାସର ପ୍ରମୁଖ ନାରୀ ଚରିତ୍ର

ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ମୂଳଶବ୍ଦ: ଉପନ୍ୟାସ, ନାରୀ, ଅନ୍ତରଙ୍ଗ, ସ୍ୱରୂପ, ଆନନ୍ଦ ଦାନ, ମନର ଗଭୀରତା, ନାରୀ ଚରିତ୍ର, ଓଡ଼ିଆ ସାହିତ୍ୟ, ଓଡ଼ିଆ ଉପନ୍ୟାସ।

ସାରାଂଶ: ଉପନ୍ୟାସ ଆଧୁନିକ ସାହିତ୍ୟର ଏକ ବର୍ଦ୍ଧିଷ୍ଣୁ ବିଭାଗ। ଶହେ ବର୍ଷର ବିବର୍ତ୍ତନରେ ଓଡ଼ିଆ ସାହିତ୍ୟରେ ଉପନ୍ୟାସର ବୈଚିତ୍ର୍ୟ ପରିଲକ୍ଷିତ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଉପନ୍ୟାସର ପାଠକୀୟ ଆଦୃତି ସର୍ବାଧିକ। ନାରୀ ଜୀବନରେ ବିବିଧ ଚିତ୍ରର ଚିତ୍ରଣ ପାଇଁ ମଧ୍ୟ ଉପନ୍ୟାସ ଏକ ପ୍ରଶସ୍ତ କ୍ଷେତ୍ର। ଉପନ୍ୟାସର ବିସ୍ତୃତ କଳେବର ମଧ୍ୟରେ ନାରୀ ଚରିତ୍ରର ଭୂମିକା ତିନୋଟି ଦିଗରୁ ବିଶେଷ ଭାବରେ ବିଚାର କରାଯାଇପାରେ। ପ୍ରଥମତଃ ଆନନ୍ଦ ଦାନ, ଦ୍ୱିତୀୟତଃ ଶିକ୍ଷାଦାନ, ତୃତୀୟତଃ ଆଦର୍ଶ ବୋହୂ ପଣିଆ। ଏହି ତିନୋଟି ଗୁଣାବଳୀ ଭିତରେ ନାରୀର ଅନ୍ତରଙ୍ଗ ଓ ବର୍ହିରଙ୍ଗ ସ୍ୱରୂପକୁ ଉନ୍ମୋଚନ କରାଯାଇଥାଏ। ନାରୀ ମନର ଗଭୀରତା ତାର ବାହ୍ୟ ପ୍ରକାଶରୁ କଳନା କରିହୁଏ ନାହିଁ। ତେଣୁ ଔପନ୍ୟାସିକଙ୍କ ଦୃଷ୍ଟିରେ ନାରୀ... ହୃଦୟମୟୀ... ମାନମୟୀ... ପୁଲକମୟୀ। ଫୁଲ ଠାରୁ କୋମଳ, ଆକାଶଠୁ ସୁନୀଳ, ସମୟ ଠାରୁ ମହୀୟସୀ, ସ୍ରୋତ ଠାରୁ ଅମୃତମୟୀ। ଶିଶୁର କୋମଳ ଡାକ ଭଳି ସମ୍ଭାବନାମୟୀ। ଅହଲ୍ୟା ପରି ଅଭିଶପ୍ତା, ମାଟିର ମହତୀ ଡାକର ନାଁ... ନାରୀ। ଏସବୁ ଅନ୍ତରଙ୍ଗ ଦିଗଗୁଡ଼ିକ ଓଡ଼ିଆ ଔପନ୍ୟାସିକଙ୍କୁ ପ୍ରଭାବିତ କରିଛି। ଓଡ଼ିଆ ଉପନ୍ୟାସର କେତୋଟି ବିଶିଷ୍ଟ ନାରୀ ଚରିତ୍ର ମାଧ୍ୟମରେ ଆମେ ନାରୀ ଜୀବନର ଅନ୍ତଃସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବା। ଏହି ଆଲୋଚନା ପ୍ରସଙ୍ଗରେ ମୁଁ ଓଡ଼ିଆ ଉପନ୍ୟାସର ସାନ୍ତାଣୀ, ଚିତ୍ରକଳା, ଗଉରା, ସତୀ ଓ ଧୋବୀ ଚରିତ୍ରକୁ ପରିସରଭୁକ୍ତ କରିଛି।

୧.୧: ସାନ୍ତାଣୀ: ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ'ର ଅନ୍ୟତମ ପ୍ରମୁଖ ନାରୀ ଚରିତ୍ର ହେଉଛି 'ସାନ୍ତାଣୀ'। ରାମଚନ୍ଦ୍ର ମଙ୍ଗରାଜଙ୍କର ଧର୍ମପତ୍ନୀ। କିନ୍ତୁ ଜମିଦାର ମଙ୍ଗରାଜର ଜୀବନ ମଞ୍ଚରେ ସାନ୍ତାଣୀ ସାମ୍ନାକୁ କେବେ ଆସିନାହାନ୍ତି। କିନ୍ତୁ ସେ ମଙ୍ଗରାଜଙ୍କ ଜୀବନରେ ସୂତ୍ରଧରର ଭୂମିକା ନିଭାଇଛନ୍ତି। ମୃତ୍ୟୁ ପରେ ମଧ୍ୟ ସାନ୍ତାଣୀଙ୍କ ପ୍ରଭାବ ମଙ୍ଗରାଜଙ୍କ ଜୀବନକୁ ନିୟନ୍ତ୍ରଣ କରିଛି। ସାନ୍ତରାଣୀଙ୍କର ଭାରି ନାଁ ଡାକ। ଗାଁର ଏମିତି କୌଣସି ସ୍ତ୍ରୀଲୋକ ନାହିଁ ଯିଏ ସାନ୍ତାଣୀଙ୍କର ପ୍ରଶଂସା କରେ ନାହିଁ। ପିଲାଠୁ ବୁଢା ଯାଏ ସଭିଙ୍କର ପେଟ ଚିହ୍ନନ୍ତି ସାନ୍ତାଣୀ। ସ୍ୱାମୀ ସେବା କଥା ପଡ଼ିଲେ ଦଶଖଣ୍ଡି ଗାଁର ଲୋକେ ସାନ୍ତାଣୀଙ୍କ ନାଁ ନିଅନ୍ତି। ଚରିତ୍ର ନିର୍ମଳ ଧର୍ମପରାୟଣା ନାରୀ ମୂର୍ତ୍ତି। କିନ୍ତୁ ଏଭଳି ଜଣେ ଆଦର୍ଶ ସ୍ଥାନୀୟା ନାରୀ ଭାଗ୍ୟରେ ସତେ ଯେମିତି ପତି ସୋହାଗ ନଥିଲା। ବିଧାତା ତାଙ୍କ କପାଳରୁ ସତେ ଯେପରି ପୋଛି ଦେଇଥିଲା। ଏ ପ୍ରକାର ହୃଦୟ ବିଦାରକ କଷ୍ଟକୁ ସେ ନୀରବରେ ସହିଯାଇଥିଲେ। ତିଳେ ମାତ୍ର ଅନୁଶୋଚନା ନଥିଲା। କେବଳ ପତି ସେବା ନୁହେଁ ମାନବ ସେବାକୁ ସେ ଜୀବନର ବ୍ରତ ଭାବେ ବରଣ କରି ନେଇଥିଲେ। ସାତ ଦୀପର ସମସ୍ତ ଶପଥ ତାଙ୍କ ଜୀବନକୁ ସାର୍ଥକ କରି ଦେଇଥିଲା। ଶାଳଗ୍ରାମର ଶୋଇବା ବସିବା ପରି ସାନ୍ତାଣୀଙ୍କର ହସକାନ୍ଦ, ସୁଖଦୁଃଖ, ଭାବଅଭାବର ଭେଦ ପାଇବା କଷ୍ଟକର ହୋଇ ପଡ଼ିଥିଲା। ଘରେ ସେ ତାଙ୍କର କର୍ତ୍ତୃତ୍ୱ ଜାହିର କରୁ ନଥିଲେ କିନ୍ତୁ ସ୍ୱତଃ ତାହା ଜାହିର ହୋଇ ରହୁଥିଲା।

ସାନ୍ତାଣୀ : ଓଡ଼ିଆ ଉପନ୍ୟାସର ବିଶ୍ୱଜନନୀ। ଦୟା, କ୍ଷମା, ସ୍ନେହ, ଭକ୍ତି ପ୍ରଭୃତି ସ୍ୱର୍ଗୀୟ ଗୁଣାବଳୀର ମୂର୍ତ୍ତିମତୀ ଦେବୀ। ମନର ଦୁଃଖକୁ ମନରେ ମାରିବାରେ ଜଣେ କୁଶଳୀ କଳାକାର। ରାମଚନ୍ଦ୍ର ମଙ୍ଗରାଜ କେବେ ଜୀବନରେ ସ୍ତ୍ରୀକୁ ଦୁଇପଦ ମିଠା କଥା କହିଥିବାର କେହି ଶୁଣି ନାହିଁ। ସାରା ଜୀବନ ବିତିଛି ମଙ୍ଗରାଜଙ୍କ ଉପେକ୍ଷା ଓ ଅପମାନକୁ ପୁଞ୍ଜି କରି। ବିବାହିତା ପତ୍ନୀକୁ ପୋଇଲି ଚମ୍ପା ସମ୍ମୁଖରେ ବାରମ୍ବାର ମଙ୍ଗରାଜ ଅପମାନ ଦିଅନ୍ତି। କିନ୍ତୁ ଅଭିମାନିନୀ ନାରୀ ସାନ୍ତାଣୀଙ୍କ ମୁହଁରୁ

ABSTRACT

RESEARCH ARTICLE

କେହି କେବେ ସାଆନ୍ତ ମଙ୍ଗରାଜଙ୍କ ପ୍ରତି ଅବଜ୍ଞା ଦେଖିବାକୁ ମିଳି ନାହିଁ। ଯନ୍ତ୍ରଣାର ବୋଝକୁ ବୋହି ଲୁହ ଭରା ଆଖିରେ ଜୀବନ ବିତାଇଛନ୍ତି ସଦା ନୀରବ ଧର୍ମପତ୍ନୀ ସାନ୍ତାଣୀ। ସାନ୍ତାଣୀଙ୍କ ମୃତ୍ୟୁ ପରେ ସାଆନ୍ତ ମଙ୍ଗରାଜଙ୍କ ପାଖେ ପାଖେ ରହି ଶେଷକୁ ମଙ୍ଗରାଜଙ୍କ ଜୀବନ୍ମୃତ ଆତ୍ମାର ଉଜ୍ଜୀବନ କରିଛନ୍ତି ।

୧.୨: ଚରିତ୍ର ଚିତ୍ରଣରେ ବ୍ୟାସକବି ଫକୀର ମୋହନ ଥିଲେ ଜଣେ ସଫଳ ଔପନ୍ୟାସିକ। ତାଙ୍କ ଉପନ୍ୟାସରେ ପ୍ରତ୍ୟେକଟି ଚରିତ୍ର ଏକଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ଓ ସ୍ୱତନ୍ତ୍ର ଗୁଣର ବାହକ। ଫକୀର ମୋହନ ଯଥାର୍ଥରେ ଥିଲେ ଦିବ୍ୟ ଅନ୍ତର୍ଦୃଷ୍ଟିସମ୍ପନ୍ନ କଥାକାର। ଯିଏ କି ନାରୀ ଚରିତ୍ରର ବିଶେଷ ସୂକ୍ଷ୍ମାତିସୂକ୍ଷ୍ମ ଦିଗଗୁଡ଼ିକୁ ଅତ୍ୟନ୍ତ ସହଜ ସରଳ ଢଙ୍ଗରେ ଉଦ୍‌ଘାଟିତ କରିଛନ୍ତି। ନାରୀର ମହନୀୟ ଗୁଣାବଳୀକୁ ଯେମିତି ଗୁରୁତ୍ୱ ଦେଇଛନ୍ତି, ନାରୀର କ୍ରୁର, କୁଟିଳ ଓ ଚତୁର ଦିଗଟିକୁ ମଧ୍ୟ ପ୍ରକାଶ କରାଇଛନ୍ତି। ଫକୀରମୋହନଙ୍କ 'ମାମୁ' ଉପନ୍ୟାସର ଚିତ୍ରକଳା ସମ୍ପର୍କରେ ବର୍ତ୍ତମାନ ଆଲୋଚନା କରିବା।

ଚିତ୍ରକଳାର ବେଶଭୂଷା, ଚାଲିଚଳଣ ଓ କଥାବାର୍ତ୍ତା ଖବ୍ ମାର୍ଜିତ। ରଚି ସମ୍ପନ୍ନ। ଚମ୍ପା ଫୁଲ ପରି ଚହଟ ଗୋରୀ ଯଦିଓ ସେ ନୁହେଁ, ସେ ଶ୍ୟାମଳବର୍ଣ୍ଣୀ। ମୁହଁର ଗଢଣ ସୁନ୍ଦର। ଓଳିକରେ ଛ'ଥର ଘଷା ମଜାରେ ମୁହଁର ସୁନ୍ଦର ଦାଗ ଫୁଟି ଦିଶେ। ଚିତ୍ରକଳାର ସୁନ୍ଦର ରୂପ ନାଜରାଣୀଙ୍କ ଚିନ୍ତାର କାରଣ ସାଜେ। ଶୟନେ, ସ୍ୱପନେ ଜାଗରଣରେ ନାଜରାଣୀଙ୍କର ଚିନ୍ତାର କାରଣ - ଚିତ୍ରାଙ୍ଗୀ ଚିତ୍ରକଳା। ଯାହା ବୁଦ୍ଧି ପାଖରେ ନାଜିର ନଟବର ବାବୁଙ୍କ ବୁଦ୍ଧି ହଜିଯାଏ। ଚିତ୍ରକଳା ଚାହିଁଛି ନାଜରାଣୀଙ୍କୁ ହାତରେ ରଖି ତାଙ୍କର ସନ୍ତୋଷ ବିଧାନ କରିବ, ବଜାର ସଉଦା କରିବାକୁ ଯାଇ କମ୍ ପଇସାରେ ଅଧିକ ଜିନିଷ ଆଣି ନାଜରାଣୀଙ୍କର ଲୋଭୀ ମନକୁ ସହଜରେ ପୋଷା ମନେଇ ପାରିଛି। ନାଜରଙ୍କର ମଧ୍ୟ ଶତ ପ୍ରତିଶତ ସମର୍ଥ ଚିତ୍ରକଳାକୁ। ନାଜରାଣୀଙ୍କୁ କହନ୍ତି, ସେ ନିଆଶ୍ରୀ ସ୍ତ୍ରୀଲୋକ, କିନ୍ତୁ ପ୍ରଚୁର ଧନର ମାଲିକାଣୀ। ତାର କେହି ନାହାନ୍ତି। ସେଥିପାଇଁ ତାଙ୍କୁ ଆଶ୍ରା କରି ପଡ଼ିଛି। ସବୁ ସମ୍ପତ୍ତି ଶେଷରେ ସେ ତାଙ୍କରି ନାଁରେ ଲେଖି ଦେବ। ନାଜରଙ୍କ କଥା ଶୁଣି ରାଜରାଣୀଙ୍କ ପାଟିରେ ଶକ୍ତ କୋଲପଟିଏ ପଡିଗଲା। ହୋଇପାରେ ଚିତ୍ରକଳା ପୋଇଲି କିନ୍ତୁ ସେ ଥିଲା ସ୍ୱଭାବରେ ପ୍ରବଳ ଅହଙ୍କାରୀ। ଚିତ୍ରକଳା ଥିଲା ନାଜର ନଟବର ଘରର ପ୍ରକୃତ ମାଲିକାଣୀ।

ନାଜରଙ୍କ ପ୍ରରୋଚନାରେ ଉତ୍ତରରାୟ ବଂଶର ଖାନଦାନୀ ଅଳଙ୍କାର ପୁଟୁଳାକୁ ଦକ୍ଷତାର ସହ ଚୋରାଇବାରେ ସକ୍ଷମ ହୋଇଛି। ପ୍ରଭୁ ଦୟାଲ ସହିତ ରାସଲୀଳରେ ମାତିଥିବା ଚିତ୍ରକଳା ଯେତେବେଳେ ନାଜରଙ୍କ ଆଖିରେ ଧରା ପଡିଯାଉଛି, ଖୁବ୍ ଚତୁରତାର ସହ ନାଜରଙ୍କ ସରଳ ମନକୁ ଭୁଲାଇ ଦେଇ ପାରୁଛି। ଚୋରି ଅଭିଯୋଗରେ ଚିତ୍ରକଳା ବନ୍ଧା ହେବା ସମୟରେ, କୋର୍ଟରେ ଜବାବ୍ ସୁଆଲ ସମୟରେ ସେ ଆଦୌ ଭୟଭୀତ ହୋଇ ନାହିଁ। ବିଚାରପତିଙ୍କର ରାୟରେ ଚିତ୍ରକଳାର ସ୍ୱରୂପ ଫକରୀମୋହନ ଦେଖାଇଛନ୍ତି। ରାୟରେ ଲେଖା ଯାଇଛି "ଏହି ଆସାମୀ ଗୋଟାଏ ଭୟଙ୍କର ବୁଦ୍ଧିମତୀ, ଭୟଙ୍କର ଦୁଃଶ୍ଚରିତ୍ରା ଅଟେ ... ଚତୁରତାରେ ନାଜର ନଟବରକୁ ହାତବାରିସି କରି ଭୁଲାଇ ରଖିଥିଲା। ଏହି ଦୁଷ୍ଟା ସ୍ତ୍ରୀ ବିଶ୍ୱାସଘାତକତା କରି ନାଜରଙ୍କ ବସାରୁ ଅଳଙ୍କାର ଚୋରାଇ ଆଣିଛି। ପୁଣି ଚୋରି ଅପରାଧରୁ ମୁକ୍ତି ପାଇବା ନିମନ୍ତେ ନାନାପ୍ରକାର କୌଶଳ ଅବଲମ୍ବନ କରୁଛି। 'ମାମୁ' ଉପନ୍ୟାସରେ ଚିତ୍ରକଳା ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିତ୍ୱ।

୧.୩: ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପ୍ରଥମ ମନୋବିଶ୍ଳେଷଣାଧର୍ମୀ ଉପନ୍ୟାସ ହେଉଛି 'ମନେ ମନେ'। ଏହାର ଲେଖକ ହେଉଛନ୍ତି ବୈଷ୍ଣବ ଚରଣ ଦାସ ଏହି ଉପନ୍ୟାସର ଏକ ନାରୀ ଚରିତ୍ର ହେଉଛି 'ଗଉରୀ'। ସୁନ୍ଦର ମହନୀୟ ଚରିତ୍ରଟିଏ। ଉପନ୍ୟାସର ଆଉ ଏକ ନାରୀ ଚରିତ୍ର କନକ। ବୋଧହୁଏ ଅଦ୍ୟାବଧି ଓଡ଼ିଆ ଉପନ୍ୟାସରେ ବିରଳ 'ମନେ ମନେ'ର ନାୟିକା 'କନକ'। ଗଉରୀ କନକର ବିଧବା ବଡ଼ ନଣନ୍ଦ। ଦେହରେ ତାର ଧଳା ଲୁଗା, ମୁଣ୍ଡରେ ଚିତା ଓ ବେକରେ ତୁଳସୀ ମାଳ। ଭାଉଜ-ନଣନ୍ଦ ମଧ୍ୟରେ ଏତେ ଆନ୍ତରିକତାର ଚିତ୍ର ଅନ୍ୟତ୍ର ଦେଖା ଯାଏନା। ଦୁଇଟି ନାରୀ ମଧ୍ୟରେ ସମ୍ପର୍କ ଯେ କେତେ ଗଭୀର ଓ ଆନ୍ତିରିକ ହୋଇଥାଏ, ତାର ଚିତ୍ର ଆମେ 'ମନେ ମନେ'ରେ ପାଇପାରିବା। ବିବାହ ଓ ପ୍ରେମ ସମ୍ପର୍କିତ ଗଉରୀର ସ୍ପଷ୍ଟ ଧାରଣା ସମାଜ ପାଇଁ ନୂଆ ବାର୍ତ୍ତା ପ୍ରଦାନ କରେ। ଗଉରୀ ମନେ କରିଛି ସବୁ ସମ୍ପର୍କର ଶେଷ କଥା ବିବାହ ନୁହେଁ। କାରଣ ବିବାହରେ ଗୋଟିଏ ହୃଦୟ ତା'ର ବାଞ୍ଛିତର ଠିକଣା ସବୁବେଳେ ପାଏ ନାହିଁ। ବିବାହ ଏକ ସାମାଜିକ ଅନୁଷ୍ଠାନ। କିନ୍ତୁ ହୃଦୟ ରାଜ୍ୟର ଶେଷ ସମାଧାନ ନୁହେଁ। ଗଉରୀ ଅନୁଭବ କରିଛି, ହୃଦୟ ହିଁ ସବୁ ଆନନ୍ଦର, ତୃପ୍ତିର ମୂଳ ହେତୁ। ପ୍ରକୃତ ପ୍ରେମ ଥିଲେ ବ୍ୟକ୍ତି ବାହାରେ କଣ ପାଇଲା ନ ପାଇଲା ସେଥିନେଇ ବିବ୍ରତ ହୁଏ ନାହିଁ। ପ୍ରେମ ଏକ ଶାଶ୍ୱତ ଅନୁଭବ। ଏହି ଅନୁଭବ ହିଁ ମନକୁ ଶାନ୍ତି ଦିଏ। ଅଥଚ ଏଇ ଅନୁଭବ ଟିକକର ଅଭାବରୁ ମଣିଷର ଜୀବନ ବ୍ୟର୍ଥତା ଓ ହତାଶାରେ ଜଳିପୋଡି ପାଉଁଶ ପାଲଟି ଯାଏ। ଯୁବତୀ ବିଧବାର ଯନ୍ତ୍ରଣାକ୍ତ ଜୀବନଚର୍ଯ୍ୟା, ବିବାହ କରିବା ନ କରିବା, ମାତୃତ୍ୱ ଲାଳସା ଭଳି ବିବିଧ ସମସ୍ୟାକୁ ନେଇ ସଞ୍ଚୁଳି ହୋଇ ନିଜ ଭାଗ୍ୟକୁ ନିନ୍ଦିବାର ବର୍ଣ୍ଣନା ଓଡ଼ିଆ ଉପନ୍ୟାସରେ ବହୁଳ ଭାବରେ ପ୍ରଦର୍ଶିତ। କିନ୍ତୁ 'ମନେ ମନେ'ଉପନ୍ୟାସର 'ଗଉରୀ' ଏକ ଅନନ୍ୟା ନାରୀ। ସେ ଏକ ବ୍ୟତିକ୍ରମ। ସୁନ୍ଦର ହୃଦୟର ସେ ଅଧିକାରିଣୀ। ତା' ଦୃଷ୍ଟିରେ ବୈଧବ୍ୟ ଜୀବନ ପାଇଁ ଅଭିଶାପ ନୁହେଁ। ଜୀବନଧାରାର ଏକ ପର୍ଯ୍ୟାୟ। ସାଥିବିହୀନ ନିଃସଙ୍ଗ ଜୀବନକୁ ସାଥିର ସ୍ମୃତିଚାରଣରେ ସୁନ୍ଦର, ସତେଜ କରି ଗଢି ତୋଳିଛି। କ୍ରୋଧ ନାହିଁ, ମାନ ଅଭିମାନ କିଛି ନାହିଁ ଅନ୍ୟର ଦୁଃଖ ଦୂର କରିବା ପାଇଁ ସଦା ପ୍ରତିଜ୍ଞାବଦ୍ଧ ଗଉରୀ। ସାଧାରଣ ସ୍ତ୍ରୀ ଲୋକଟିଏ। ସମାଜ-ବିବାହ-ପ୍ରେମ ଓ ବ୍ୟଥିତ ପ୍ରାଣର ବେଦନାକୁ ଯେପରି ବୁଝିଛି, ଓଡ଼ିଆ ଉପନ୍ୟାସର ଖୁବ୍ କମ୍ ଚରିତ୍ର ସେପରି ବୁଝିବାରେ ସମର୍ଥ ହୋଇଛନ୍ତି।

୧.୪: ଓଡ଼ିଆ ଉପନ୍ୟାସର ଆଉ ଏକ ସୁନ୍ଦର ନାରୀ ଚରିତ୍ର ହେଉଛି ସତ୍ୟଭାମା ଓରଫ୍ 'ସତୀ'। 'ମଲାଜହ୍ନ' ଉପନ୍ୟାସର ନାୟିକା ପିତା ଅନାଦି ମିଶ୍ର ସତୀକୁ ଧନୀ ଜମିଦାର ନରହରି

ମିଶ୍ରଙ୍କ ସହ ଦ୍ୱିତୀୟ ବିବାହ କରାଇଛନ୍ତି। ନରହରି ମିଶ୍ର ପରିଣତ ବୟସରେ ଉପନୀତ। କୁତ୍ସିତ କଦାକାର ରୂପ। ଏଗାର ବର୍ଷୀୟା କିଶୋରୀ ସତୀର ସୁଖ, ଶାନ୍ତି ଓ ଆନନ୍ଦ ଅପେକ୍ଷା ଧନୀ ଜ୍ୱାଇଁ ଲାଭର ଆଶା ଅନାଦି ମିଶ୍ରଙ୍କୁ ଅନ୍ଧ କରି ଦେଇଛି। ବାପା ମା'ଙ୍କର ଅଲିଅଳୀ ଝିଅ 'ସତୀ' ଗାଁରେ ଖେଳି ବୁଲି ସମୟ କାଟିବା, ଇଟିକିଲି ମିଟିକିଲି, ବୋହୂ ଚୋରୀ, ପୋଖରୀରୁ ପଦୁଅଁ ଫୁଲ ତୋଳିବା ଭିତରେ ସତୀର ଚପଳାମି ଲୁଚି ରହିଥିଲା। ଗାଁର ନାଥ ନନା ପ୍ରତି ରହିଥିଲା ସତୀ ହୃଦୟର ଅନାବିଳ ଆକର୍ଷଣ। କିନ୍ତୁ ଏ ଆକର୍ଷଣକୁ ପ୍ରଣୟ ପରିଣୟରେ ପରିଣତ କରିବାର ପ୍ରୟାସ ଦୁହିଁଙ୍କ ପକ୍ଷରୁ ପ୍ରକାଶ ପାଇ ନଥିଲା। ପିଲା ବୟସରେ ମନର ଆବେଗକୁ ଠିକଣା ଭାବରେ ସତୀ ବୁଝି ପାରି ନଥିଲା। ଜମିଦାରି ବରର ଧନଦରବ ସତୀକୁ ପୁଲକିତ କରି ଦେଇଥିଲା। ଦଶଦିଗପାଳଙ୍କୁ ସାକ୍ଷୀ ରଖି ସତୀ ବିବାହ କଲା। ପ୍ରଥମ ମିଳନ ରାତି, ସତୀର ମନରେ କୌଣସି ପ୍ରଭାବ ପକାଇଲା ନାହିଁ। ପ୍ରଥମ ମଧୁରାତିରେ ନା ଥିଲା ଆବେଗ ନା ଥିଲା ଆନନ୍ଦ। ବାପା ବୟସର ସ୍ୱାମୀ ସଙ୍ଗରେ କିପରି ଘରସଂସାର ସେ କରିବ।

ବୃଦ୍ଧ ସ୍ୱାମୀ ପାଖରେ 'ସତୀ' ନିଜକୁ ସମର୍ପି ଦେଇପାରି ନାହିଁ। ସମାଜର ମୋହରମରା ସ୍ୱାମୀ ନାମଧାରୀ ପଶୁର ତୃପ୍ତି ପାଖରେ 'ସତୀ' ଘୃଣା, ଦୁଃଖ, କ୍ଷୋଭ ଓ ଅପମାନରେ ସନ୍ତୁଳି ହୋଇ ଚତୁରତାର ସହ ଓହରି ଆସିଛି। ସ୍ୱାମୀତ୍ୱ ନାମରେ ସ୍ୱାମୀର ଅପପ୍ରଚେଷ୍ଟାକୁ ସେ ବାଧା ଦେଇଛି। ପୋଇଲି ସତ୍ତରଭୀ ସହ ସ୍ୱାମୀର ସମ୍ପର୍କ ସତୀ ମନର ଘୃଣା ଭାବକୁ ଆହୁରି ବଢେଇ ଦେଇଛି। କପିଳେଶ୍ୱର ମହାଦେବଙ୍କ ଦର୍ଶନ କରିଯିବା ସମୟରେ ସେଠାରେ ଚତୁରତାର ସହ ନରହରି ମିଶ୍ରେ ସତୀକୁ ଛାଡ଼ି ଦେଇ ଆସନ୍ତି। ଅସହାୟ ଅବସ୍ଥାରେ ସତୀର ସାକ୍ଷାତ ହୋଇଛି ନାଥ ନନା ସହିତ। ନାଥ ନନା ସତୀକୁ ନେଇ କଟକରେ ଭଡ଼ାଘରେ ରଖିଛି। ଗୋଟିଏ ଘରେ ସତୀ ନାଥନନା ସହିତ ରହିଛି ସତ, ଉଭୟେ କଠୋର ସଂଯମତା ଅବଲମ୍ବନ କରିଛନ୍ତି। ନାଥ ନନା ଯେଉଁଦିନ ସତୀର କପାଳରେ ପ୍ରଥମ କରି ଚୁମ୍ବନଟିଏ ଦେଇଛି ସତେ ଯେପରି ସତୀର ନାରୀ ଜୀବନ ସାର୍ଥକ ହୋଇଛି।

ସମାଜର ନାଲି ଆଖିକୁ ନାଥ ନନା ଭ୍ରୁକ୍ଷେପ କରିନି। ସବୁ ଅପବାଦକୁ ମୁଣ୍ଡେଇ ସତୀ ପାଖରେ ଦମ୍ଭ ଧରି ଠିଆ ହୋଇଛି। ସତୀ ଜାଣିଥିଲା ସମାଜ କଦାପି ଲୋକନାଥ ଓ ସତୀକୁ ସ୍ୱାମୀ-ସ୍ତ୍ରୀ ଭାବେ ବଞ୍ଚିବାକୁ ଦେବ ନାହିଁ। ନାଥନନା ମଧ୍ୟ ସତୀର ହାତ କେବେ ଛାଡ଼ିବ ନାହିଁ। ପ୍ରିୟତମ ନାଥନନା ପ୍ରତି ସମାଜର ଅପମାନ ସତୀ ପକ୍ଷେ ଅସହ୍ୟ ହୋଇଛି। ଶେଷରେ ସତୀ ଆତ୍ମବିସର୍ଜନ କରିଛି। ସତୀର ଆତ୍ମବିସର୍ଜନ ସତୀକୁ ମହିମାବନ୍ତ କରି ନାହିଁ ବରଂ ସ୍ୱାମୀର ପାଶବିକ ଦେହଭୋଗ ଲାଳସାକୁ ବିରୋଧ କରିବାର ସାମର୍ଥ୍ୟ ସତୀ ଚରିତ୍ରର ମହନୀୟତାର ଅନ୍ୟତମ ମୂଳସୂତ୍ର।

୧.୫: ଆମ ଉପନ୍ୟାସ ଜଗତରେ ଆଉ ଏକ ମହନୀୟ ନାରୀ ଚରିତ୍ର ହେଉଛି 'ଧୋବୀ'। କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି' ଉପନ୍ୟାସର ନାୟିକା, ବିଷ୍ଣୁପୁର ଗାଁର ଚିନ୍ତେଇ ସୋଇଁଙ୍କ ଝିଅ ଧୋବୀ। ବନେଇ ପରିଡ଼ା ପୁଅ 'ସନେଇ' ସହିତ ଧୋବୀର ପ୍ରେମ ସମ୍ପର୍କ ଉପନ୍ୟାସର ମୁଖ୍ୟ କଥାବସ୍ତୁ। ଚିନେଇ ସୋଇଁଙ୍କ ଜାତ୍ୟାଭିମାନ ସନେଇ-ଧୋବୀର ପ୍ରେମରେ ପ୍ରମୁଖ ଅନ୍ତରାୟ ହୋଇ ଦେଖା ଦେଇଛି। ଧୋବୀକୁ ଜଣେ ଧନୀ ଜମିଦାର ସହିତ ବାପା ଚିନ୍ତେଇ ସୋଇଁ ବାହା କରାଇ ଦେଇଛି।

ଓଢଣା ତଳେ ଧୋବୀର ଆଖିରୁ ଧାର ଧାର ଲୁହ ଗଡ଼ି ଯାଉଛି। ଲୁହର ବାଦଲ ଭିତରେ ଦିଶି ଯାଉଛି ସନେଇର ସୁନ୍ଦର ମୁହଁ ଓ ବଳିଲା ବଳିଲା ଦେହ। ସନେଇର ସ୍ମୃତିକୁ କାନିର ଗଣ୍ଠି ଭିତରେ ସଯତ୍ନରେ ସାଇତି ରଖି ଧୋବୀ ଯାଇଛି ସ୍ୱାମୀ ସହ ସଂସାର କରିବାକୁ। କିନ୍ତୁ ଦଇବ ସହିଲାନି। ସ୍ୱାମୀର ଅକାଳ ମୃତ୍ୟୁରେ ସୁଅ ମୁହଁରେ ପତର ଭଳି ଧୋବୀକୁ ଭସାଇ ନେଇଛି।

ଦୁର୍ଭିକ୍ଷର କରାଳ ଗ୍ରାସରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇଯାଇଛି। ସନେଇ ପରିଡ଼ାର ବଂଶଗତ ଦମ୍ଭକୁ ଦୁର୍ଭିକ୍ଷର ତାଡ଼ନା କୁଆଡେ ଭାଙ୍ଗ ରୁଜି ଚୁର୍‌ମାର କରିଦେଇଛି। ସନେଇ କାଙ୍ଗାଳ ଦଳରେ ମିଶି ଭାତ ମୁଠାଏ ପାଇଁ ବାର ଦୁଆର ବୁଲିଛି। ଜାତି ହରାଇଛି। ଧୋବୀ ବୈଧବର ଯନ୍ତ୍ରଣାକୁ ଛାତିରେ ଚାପି ଧରି ବାପଘର ଗାଁକୁ ଫେରିଛି। କାଙ୍ଗାଳ ସନେଇକୁ ଦେଖି ଧୋବୀର ଅନ୍ତରାତ୍ମା କାନ୍ଦି ଉଠିଛି। ଛୋଟ ଛୁଆଟିକୁ ଖୁଆଇବା ଭଳି ସନେଇକୁ ଧୋବୀ ଖୁଆଇ ଦେଇଛି। ଧୋବୀର ଅର୍ଥ ସାହାଯ୍ୟ, ପ୍ରେରଣା ଓ ଭଲ ପାଇବା ପୁଣି ସନେଇକୁ ସମାଜ ଆଗରେ ସଳଖ କରି ଠିଆ କରାଇଛି। ଦୀର୍ଘକାଳ ଧରି ଧୋବୀର ପ୍ରେମମୟ ସାଧନା ଶେଷରେ ସାମାଜିକ କଟକଣା ଭିତରେ ବନ୍ଧା ପଡ଼ିଛି। ପରିସ୍ଥିତିରେ ପଡ଼ି ସନେଇ କଇଁର ହାତ ଧରିଛି। ଆଶା ଭଙ୍ଗର ଯନ୍ତ୍ରଣା ଭିତରେ ସନ୍ତୁଳି ସନ୍ତୁଳି ଧୋବୀ ଶେଷରେ ମୃତ୍ୟୁ ମୁଖରେ ପଡିଛି।

୧.୬: ଉପନ୍ୟାସରେ ବର୍ଣ୍ଣିତ ପାଞ୍ଚଟି ପ୍ରତିନିଧି ସ୍ଥାନୀୟ ନାରୀ ଚରିତ୍ର ଔପନ୍ୟାସିକଙ୍କର କଳ୍ପନା ସଂଜାତ ହୋଇପାରନ୍ତି ସତ କିନ୍ତୁ ପାଠକର ମନୋଭାବରେ ସେମାନେ ଆଜି ବି ଜୀବନ୍ତ, ଚଳଚଞ୍ଚଳ ମନେ ହୁଅନ୍ତି। ସାନ୍ତାଣୀ-ଚିତ୍ରକଳା-ଗଉରୀ-ସତୀ-ଧୋବୀ ସଭିଏଁ ନିଜ ନିଜ ମହିମାରେ ମହିମାବନ୍ତ।

ଓଡ଼ିଆ ଉପନ୍ୟାସର ଏହି ପ୍ରିୟ ନାରୀମାନଙ୍କ ସମ୍ପର୍କରେ ଶ୍ରୋତାବନ୍ଧୁମାନଙ୍କୁ କିଛି ଶୁଣାଇବାକୁ ଗଲାବେଳେ ସେମାନେ ପୁନରାୟ ମୋ ସ୍ମୃତି ଭିତରକୁ ଚାଲି ଆସନ୍ତି। କେତେ ରୂପରେ ସେମାନେ ଆସିଛନ୍ତି। ମୋର ପ୍ରାଣକୁ ଦଧି ମନ୍ଥିଲା ପରି ମନ୍ଥି ଦେଇଛନ୍ତି ଉଦାରତାରେ, କାରୁଣ୍ୟରେ, ସ୍ନେହରେ, ପ୍ରେମରେ, ତ୍ୟାଗରେ ମାନବିକ ଆବେଦନରେ। ସତେ ଯେମିତି ଏମାନେ ଆଜି ଚଳଚଞ୍ଚଳା କିଶୋରୀଟିଏ ପରି ଅନୁରାଗମୟ ଜୀବନର ଚଉଛକିରେ ଠିଆ ହୋଇ ଆଜିର ନାରୀମାନଙ୍କୁ ବାଟ ଦେଖାଉଛନ୍ତି। ଔପନ୍ୟାସିକର ଶବ୍ଦର ମାୟାଜାଲ ଭିତରେ ଏମାନେ ସମୟର ପ୍ରତିନିଧିତ୍ୱ କରନ୍ତି। ଏଇ ନାରୀମାନେ ନିଶ୍ଚିତ ଚଳନ୍ତି ସମୟ ପାଇଁ ଆଦର୍ଶ ସ୍ଥାନୀୟା। ଆମ ସମୟର ପ୍ରିୟ ନାରୀ। ଏମାନଙ୍କୁ ନେଇ ମାନବତାର, ତ୍ୟାଗର ନୂଆ ଇତିହାସ ରଚିତ ହୁଏ ଔପନ୍ୟାସିକର ସର୍ଜନାରେ। ଶ୍ରୋତାବନ୍ଧୁ,

ହଁ ଅତୀତର ଉପନ୍ୟାସ ପୃଷ୍ଠାର ଏଇ ପ୍ରିୟ ନାରୀମାନଙ୍କୁ ଆପଣମାନଙ୍କ ହାତକୁ ଆଜି ଟେକି ଦେଲି। ସେମାନେ ଆପଣମାନଙ୍କର ପ୍ରିୟ ନାରୀରେ ପରିଣତ ହୋଇଯାଆନ୍ତୁ। ଏଇ ପ୍ରିୟ ନାରୀମାନେ ଆପଣମାନଙ୍କ ନିଃସ୍ୱାର୍ଥପର ଲୁହ ଦେଇ ଆଶ୍ୱାସନା ଦେବେ ... ଦରଦ ଦେବେ ... ପ୍ରେମ ଦେବେ। ଏମାନେ ହିଁ ପୁରୁଷର ପୁରୁଷାର୍ଥ ... ସବୁ ଅବଶୋଷର ଅବଶେଷ ... ଜୀବନର ଶେଷ ପୂର୍ଣ୍ଣତା।

(ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ)

●

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।

- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।

- ଲେଖକ/ଲେଖିକାମାନଙ୍କୁ ଅନୁରୋଧ-ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସମ୍ପାଦକ

ସାକ୍ଷାତ୍କାର

ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ **ପ୍ରଫେସର ବବ୍ରୁବାହନ ମହାପାତ୍ର**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ସ୍ଥିରଚିତ୍ର

ପ୍ରଫେସର ବବ୍ରୁବାହନ ମହାପାତ୍ର(୨୮ ଫେବୃୟାରୀ, ୧୯୬୦): ଜନ୍ମସ୍ଥାନ: ବରଗଡ଼ ଜିଲ୍ଲାର ସୋର୍ଣ୍ଣା। ପିତା: ଲିଙ୍ଗରାଜ, ମାତା: ଅହଲ୍ୟା ଦେବୀ। ଜଣେ ନିଷ୍ଠାପର ସାହିତ୍ୟ ସମାଲୋଚକ ଭାବେ ତାଙ୍କର ଯେତିକି ସୁଖ୍ୟାତି, ତା'ଠୁ ଅଧିକ ଜଣେ ସ୍ନେହୀ ଓ କର୍ତ୍ତବ୍ୟନିଷ୍ଠ ପ୍ରଫେସର ଭାବେ ତାଙ୍କ ପରିଚିତି। ପ୍ରଫେସର ମହାପାତ୍ର ୧୯୯୦ ମସିହାରୁ ଅଧ୍ୟାପକ ଭାବେ ଆପଣାର ଅଧ୍ୟାପନା ଜୀବନ ଆରମ୍ଭ କରି ଏହି ନିକଟ ଅତୀତରେ(ଅର୍ଥାତ୍ ଅପ୍ରେଲ୍ ୨୦୨୫) ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ବାରିପଦାରୁ ପ୍ରଫେସର ତଥା ବିଭାଗ ମୁଖ୍ୟ ଭାବେ ଅବସର ଗ୍ରହଣ କରିଛନ୍ତି। ଓଡ଼ିଶାର ଭାଷା, ସାହିତ୍ୟ ଏବଂ ସଂସ୍କୃତି ଉପରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ପତ୍ରିକାରେ ୧୨୦ରୁ ଅଧିକ ଗବେଷଣାପତ୍ର ପ୍ରକାଶ କରିଛନ୍ତି ଓ ୧୬ଟି ପୁସ୍ତକର ସେ ଲେଖକ। ଏହା ବ୍ୟତୀତ ବିଭିନ୍ନ ସମ୍ପାଦିତ ପୁସ୍ତକରେ ତାଙ୍କର ୧୪ରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ଲେଖା ପ୍ରକାଶିତ। ବକ୍ତାଭାବରେ ୧୮୦ରୁ ଅଧିକ ଜାତୀୟ ଏବଂ ରାଜ୍ୟ/ବିଶ୍ୱବିଦ୍ୟାଳୟସ୍ତରୀୟ ପାଠଚକ୍ରରେ ଯୋଗଦାନକରି ପ୍ରବନ୍ଧ ଉପସ୍ଥାପନା କରିବାର ଗୌରବ- ତାଙ୍କ ବାକ୍‌ପଟୁତାର ପରିଚାୟକ। ସର୍ବୋପରି ଜଣେ ନିଷ୍ଠାପର ଗବେଷକ ଭାବେ ତାଙ୍କ ରହିଛି ସ୍ୱତନ୍ତ୍ର ପରିଚୟ।

ତାଙ୍କ ବିବିଧ ରଚନା ମଧ୍ୟରେ 'ଆଧୁନିକ ଓଡ଼ିଆ କବିତାରେ ନାରୀ'(୨୦୦୯), 'ସାହିତ୍ୟର ପ୍ରେକ୍ଷାପଟ: ଅବବୋଧ ଓ ମୂଲ୍ୟାୟନ'(୨୦୦୯), 'ଆଧୁନିକ ଓଡ଼ିଆ କବିତାର ଭାବଭୂମି'(୨୦୦୯), 'ପରିବେଶ ନାରୀବାଦ ଓ ହୃଷୀକେଶ ପଣ୍ଡାଙ୍କ କଥାସମ୍ଭାର'(୨୦୧୩), 'ଗଙ୍ଗାଧର ସାହିତ୍ୟ ଜିଜ୍ଞାସା'(୨୦୧୯), 'ଆଧୁନିକତାର ଉତ୍ତରଣ: ଓଡ଼ିଆ କବିତା ଓ କବିଦୃଷ୍ଟି'(୨୦୧୯), 'ଆଧୁନିକ ଓଡ଼ିଆ କବିତା ଓ ମୃତ୍ୟୁଚେତନା'(୨୦୧୯), 'ଓଡ଼ିଆ କଥାସାହିତ୍ୟର ବିଭା ଓ ବିବିଧତା'(୨୦୨୦), 'ସାଂପ୍ରତିକ ଓଡ଼ିଆ ନାଟ୍ୟସାହିତ୍ୟ: ବିଚାର ଓ ବିଶ୍ଳେଷଣ'(୨୦୨୦), 'ସାହିତ୍ୟର ଦିଗ୍‌ବଳୟ'(୨୦୨୪), 'ପୁଷ୍ପାଞ୍ଜଳି'(ସଂପାଦିତ ଗ୍ରନ୍ଥାବଳୀ), 'ହେମନ୍ତ କୁମାର ରାଉତଙ୍କ କାବ୍ୟସମ୍ଭାର: ଦୃଷ୍ଟି ଓ ଦିଗନ୍ତ'(ସଂପାଦିତ ପୁସ୍ତକ)[୨୦୨୨], 'ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଧାରା'(୨୦୨୪), 'ସମୀକ୍ଷା ସୌରଭ'(୨୦୨୪), 'ସମ୍ପର୍କର ସଂଳାପ'(୨୦୨୫),

'ଭଞ୍ଜଭୂମି ମୟୂରଭଞ୍ଜର କାବ୍ୟସ୍ୱର'(ସମ୍ପାଦିତ ପୁସ୍ତକ) [୨୦୨୫] ଆଦି ତାଙ୍କ ଗଭୀର ଅଧ୍ୟୟନ ଓ ଗବେଷକୀୟ ଦୃଷ୍ଟିକୋଣର ପରିଚାୟକ।

ଏତଦ୍ ବ୍ୟତୀତ ସେ ବିଭିନ୍ନ ସମୟରେ ସେ 'ସ୍ୱର୍ଣ୍ଣାଦୀ', 'ଅନ୍ତର୍ଦୃଷ୍ଟି', 'ପୁଣ୍ୟତୋୟା', 'ଅନ୍ୱେଷା'(ପ୍ରାଚୀର ପତ୍ରିକା), 'ଜ୍ୟୋତିର୍ମୟୀ'(ପ୍ରାଚୀର ପତ୍ରିକା), 'ଗଙ୍ଗୋତ୍ରୀ'(ପ୍ରାଚୀର ପତ୍ରିକା)ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ସର୍ବୋପରି ତାଙ୍କ ସାରସ୍ୱତ ଜୀବନର ସ୍ୱୀକୃତି ସ୍ୱରୂପ ବିବିଧ ଅନୁଷ୍ଠାନଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ।

ପ୍ରଶ୍ନ ୧ : ଆପଣଙ୍କ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା କହିଲେ କଣ?

ଉତ୍ତର: ଆଗେ ସମାଲୋଚନାକୁ Secondary Work ବୋଲି କୁହାଯାଉଥିଲା। କାରଣ ପ୍ରଥମେ ସୃଷ୍ଟି, ତା ପରେ ଯାଇ ତାର ସମାଲୋଚନା। ଏହା ସତ ହେଲେ ହେଁ ସମାଲୋଚନା ମଧ୍ୟ ଏକ ସୃଷ୍ଟିଶୀଳ କର୍ମ ବୋଲି ଆଜି ବିଚାର କରାଯାଉଛି। ପ୍ରକୃତରେ ସମାଲୋଚନା ବିନା ସୃଷ୍ଟିର ମହତ୍ତ୍ୱ ଓ ଗୁଣାଗୁଣ ଅଧୁରା ରହିଯାଏ। ସୃଷ୍ଟିର ପ୍ରକୃତ ଗୁଣବତ୍ତାକୁ ପାଠକ ପାଖରେ ପହଞ୍ଚାଇ ସମାଲୋଚନା ଲେଖକ ଓ ପାଠକ ମଧ୍ୟରେ ଏକ ସେତୁ ପ୍ରତିଷ୍ଠା କରେ। ସେହିପରି ସୃଷ୍ଟିର ଦୋଷ ଓ ଦୁର୍ବଳତାକୁ ପ୍ରଦର୍ଶନ କରି ସେ ଲେଖକ ବା ସ୍ରଷ୍ଟାକୁ ସଚେତନ କରାଇଥାଏ। ମୋ ମତରେ କୌଣସି ସୃଷ୍ଟିର ଗଭୀର ଉପଲବ୍ଧି ସହ ତା'ର ଦୋଷ ଗୁଣ ନିର୍ଦ୍ଧାରଣ ପୂର୍ବକ ନିରପେକ୍ଷ ବିଶ୍ଳେଷଣ ଜନିତ ଅଭିମତ ହେଉଛି ସମାଲୋଚନା। ସମାଲୋଚକର କୌଣସି ଜାତି ନାହିଁ କି ଧର୍ମ ନାହିଁ, କେହି ଶତ୍ରୁ ନାହିଁ ମିତ୍ର ନାହିଁ। ଏହାର ତାତ୍ପର୍ଯ୍ୟ ହେଲା ଯେ, ଜାତି ଧର୍ମ ଶତ୍ରୁ ମିତ୍ର ଊର୍ଦ୍ଧ୍ୱରେ ସମାଲୋଚକ ଜଣେ ନିଷ୍ପକ୍ଷ ବିଚାରକ।

ପ୍ରଶ୍ନ ୨ : ଆପଣ ଓଡ଼ିଆ ସାହିତ୍ୟର ବିବିଧ ଦିଗରେ ନିଜର ଲେଖନୀ ଚାଳନା କରି ଓଡ଼ିଆ ସମାଲୋଚନା ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି। ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କର ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି?

ଉତ୍ତର: ରଚନାର ଆଙ୍ଗିକ ଦିଗ ଅପେକ୍ଷା ମୁଁ ଆତ୍ମିକ ଦିଗ ବା ଭାବଭୂମିକୁ ଅଧିକ ଗୁରୁତ୍ୱ ଦିଏ। ଭାଷା, ଛନ୍ଦ, ଅଳଙ୍କାର, ରଚନା ଶୈଳୀ ଆଦି ଯେ କୌଣସି ରଚନାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ତାହାକୁ ଅସ୍ୱୀକାର କରାଯାଇ ନ ପାରେ। କିନ୍ତୁ ଶରୀର ଅପେକ୍ଷା ଆତ୍ମାକୁ ମୁଁ ଭଲପାଏ। ଚକୁଳିର ଆକାର ବା ତହିଁରେ କେତୋଟି ବିନ୍ଦୁ ରହିଛି ଗଣିବାଠାରୁ ତାହା କେତେ ସ୍ୱାଦିଷ୍ଟ କଳନା କରିବା ଅଧିକ ପ୍ରାସଙ୍ଗିକ ବୋଲି ମୋର ବିଚାର। କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି ସର୍ଜନଶୀଳ ସାହିତ୍ୟର ସମାଲୋଚନା ଲେଖିବାକୁ ମୁଁ ଅଧିକତର ଆଗ୍ରହୀ ହୋଇଛି। ତା ତୁଳନାରେ ବାଦ, ତତ୍ତ୍ୱ, ବ୍ୟାକରଣ, ଭାଷା ବିଜ୍ଞାନ ପ୍ରଭୃତି ଉପରେ ମୋର ସମାଲୋଚନା ଯଥେଷ୍ଟ ନୁହେଁ। କାରଣ ସର୍ଜନଶୀଳ ସାହିତ୍ୟର ଗୁଣବତ୍ତା, ରସ ଚେତନା ଓ ସୌନ୍ଦର୍ଯ୍ୟବୋଧ ଅଧିକ ମୋତେ ଆକର୍ଷିତ କରିଥାଏ ।

ପ୍ରଶ୍ନ ୩: ବର୍ତ୍ତମାନର ପରିପ୍ରେକ୍ଷାରେ ବିଶ୍ୱବିଦ୍ୟାଳୟମାନଙ୍କରେ ଭାଷା ଓ ସାହିତ୍ୟ ଗବେଷଣା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରାଯାଇ ପାରୁନାହିଁ ବୋଲି ମୋର ଧାରଣା। ଆହୁରି ମଧ୍ୟ ପ୍ରତିବର୍ଷ ଶହଶହ ଛାତ୍ର ଗବେଷଣା ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଗବେଷଣା ନିମନ୍ତେ ସୁଯୋଗ ପାଉ ନାହାଁନ୍ତି। ଆପଣ ଦୀର୍ଘ କାଳ ହେବ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାରେ ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏହା ଭିତରେ ଅନେକ ଗବେଷକ ଆପଣଙ୍କ ଅଧୀନରେ ନିଜର ଗବେଷଣା କାର୍ଯ୍ୟ ସମାପନ କରିଛନ୍ତି। ଏ ଦୀର୍ଘ ଅଭିଜ୍ଞତାରୁ ଆପଣ କହିବେ କି, ଏ ସବୁ ପାଇଁ ଆମେ କାହାକୁ ଦାୟୀ କରିପାରିବା? ଆଉ ଏହାର ସମାଧାନ ଦିଗରେ କ'ଣ କରାଯାଇପାରେ?

ଉତ୍ତର: ବିଶ୍ୱବିଦ୍ୟାଳୟମାନଙ୍କରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଅନେକ ଗବେଷକ ହଇରାଣ ହେଉଛନ୍ତି। ପୁଣି ଆମ ପ୍ରଫେସରମାନେ ପିଲାଙ୍କୁ ଅନେକ ସମୟରେ ଗବେଷଣାପାଇଁ ପ୍ରୋତ୍ସାହନ ଦେଉନାହାନ୍ତି। କେତେକ ଶିକ୍ଷକ ଗବେଷକର ବୋଧବୁଦ୍ଧିକୁ ତେଜୀୟାନ କରିବା ବଦଳରେ ନିଜ କାମରେ ଖଟାଉଥିବାର, ଏପରିକି ପିଲାଙ୍କ ଠାରୁ ପଇସା ନେଉଥିବାର ଅଭଯୋଗ ମଧ୍ୟ ଶୁଣାଯାଉଛି। ଗବେଷକମାନେ ମଧ୍ୟ ଯେନ ତେନ ପ୍ରକାରେ ଡିଗ୍ରୀଟିଏ ହାସଲ କରିବାକୁ ତତ୍ପର ହେଉଛନ୍ତି। ଏପରି ସ୍ଥଳେ ଉପଯୁକ୍ତ ମାନସମ୍ପନ୍ନ ଗବେଷଣା ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଉଭୟ ଦିଗଦର୍ଶକ ଓ ଗବେଷକ ଏ ଦିଗରେ ନିଷ୍ଠାବାନ ଓ ଦାୟିତ୍ୱ ସମ୍ପନ୍ନ ହେଲେ ଏହାର ସମାଧାନ ହୋଇପାରିବ। ପୁନଶ୍ଚ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ପଦ ପୂରଣ ହେବା ଜରୁରୀ।

ପ୍ରଶ୍ନ ୪ : ଆପଣ ଜଣେ ପ୍ରଫେସର ଭାବେ ଜୀବନର ସର୍ବାଧିକ ସମୟ ବ୍ୟତୀତ କରିଛନ୍ତି। ଗବେଷଣା ଓ ଅଧ୍ୟାପନା ଆପଣଙ୍କ ଜୀବନର ଦୁଇ ପ୍ରମୁଖ ପ୍ରବାହ। ଅଦ୍ୟାବଧି ମଧ୍ୟ ଆପଣଙ୍କ ସର୍ଜନକର୍ମ ଅବ୍ୟାହତ ରହିଛି। ସମକାଳର ଓଡ଼ିଆ ସାହିତ୍ୟ ସମାଲୋଚନାର ପରିବେଶ ଓ ପରିସ୍ଥିତିକୁ ଆପଣ ଭଲଭାବରେ ହୃଦୟଙ୍ଗମ କରିଛନ୍ତି। ସମ୍ପ୍ରତି ଏହାର ସ୍ଥିତିକୁ ଆପଣ କେମିତି ଦେଖନ୍ତି?

ଉତ୍ତର: ଅତୀତରେ ଆମ ସମାଲୋଚନା ସାହିତ୍ୟ ବିଦ୍ୱାନ ଗବେଷକ ଓ ସମାଲୋଚକଙ୍କ ଶ୍ରମ ଓ ସାଧନାରେ ବୁଦ୍ଧିମନ୍ତ ହୋଇଥିଲା। ସମ୍ପ୍ରତି ସେହିପରି ସାଧନା ନିଷ୍ଠ ସମାଲୋଚକଙ୍କ ସଂଖ୍ୟା ହାତ ଗଣତି ବୋଲି କୁହାଯାଇପାରିବ। ସମାଲୋଚକ ପ୍ରଥମେ ଜଣେ ଶ୍ରଦ୍ଧାବାନ ପାଠକ ହେବା ଆବଶ୍ୟକ, ତା ପରେ ପଠନ ଉପଲବ୍ଧିକୁ କଳାତ୍ମକ ଭାବେ ଓ ନିରପେକ୍ଷତା ଅବଲମ୍ବନ ପୂର୍ବକ ପ୍ରକାଶ କରି ପାରୁଥିବା ଆଲୋଚକ

ହେବା ଆବଶ୍ୟକ। ପୁଣି ଆଲୋଚ୍ୟ ବିଷୟଟି ପୂର୍ବରୁ ଚର୍ଚ୍ଚିତ କି ଅଚର୍ଚ୍ଚିତ ତାହା ବିଚାର କରି ଯାହା ଅନାଲୋଚିତ ବା ଯେଉଁ ସତ୍ୟ ଅନୁଦଘାଟିତ, ସେହି ନୂତନ ସତ୍ୟକୁ ଆବିଷ୍କାର କରିବାପାଇଁ ମଧ୍ୟ ଧ୍ୟାନ ଦେବା ବିଧେୟ। ଏଥିପାଇଁ ଯାହା ଉପାଦାନ, ଶ୍ରମ ଓ ଅନୁସନ୍ଧିସୁ ମନୋବୃତ୍ତି ଲୋଡ଼ା ତାହାକୁ ପୂରଣ କଲେ ସମାଲୋଚନା ହୁଏ ସାର୍ଥକ। ଯାହା ମନେ ହୁଏ ପାଞ୍ଚ ଦଶଟି ଆଲୋଚନା ସଜାଇ ତାକୁ ନିଜ ଭାଷାରେ ଲେଖି ଦେବାକୁ ଗବେଷଣା ବୋଲି ଅନେକ ଧରି ନିଅନ୍ତି। ଅନେକ ପିଲା ଏପରିକି ତାଙ୍କ ଦିଗଦର୍ଶକ ମଧ୍ୟ ପ୍ରାସଙ୍ଗିକ ଓ ଅନାଲୋଚିତ ବିଷୟଟିଏ ଗବେଷଣା ପାଇଁ ନିର୍ବାଚନ କରି ପାରନ୍ତି ନାହିଁ, ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯେ କୌଣସି ବିଷୟରେ ଆଲୋଚନା କରାଯାଇପାରେ, ଗବେଷଣା ନୁହେଁ। ଗବେଷଣା ବିଷୟଟି ସର୍ବଦା ନୂତନ ହେବା ବାଞ୍ଛନୀୟ। ପୂର୍ବରୁ ଚର୍ଚ୍ଚିତ ବିଷୟ ଉପରେ ଗବେଷଣା କରିବାକୁ ହେଲେ ପୂର୍ବ ପ୍ରତିଷ୍ଠିତ ସତ୍ୟ, ପ୍ରାମାଣିକ ଓ ଯୁକ୍ତିମୂଳକ ଭାବେ ଖଣ୍ଡନ କରି ନୂତନ ସତ୍ୟ ଉଦଘାଟନ କରିବା ଅବଶ୍ୟ ସ୍ୱାଗତଯୋଗ୍ୟ। ସର୍ବତୋ ଭାବେ ମୌଳିକତା ହିଁ ଗବେଷଣା ଓ ସମାଲୋଚନା କର୍ମର ଧର୍ମ ହେବା ବିଧେୟ।

ପ୍ରଶ୍ନ ୫ : ନିକଟରେ ସମଗ୍ର ଭାରତରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହୋଇଛି। ମୋ ଜାଣିବାରେ ଆପଣ ଓଡ଼ିଆ ସ୍ନାତକ ପାଠ୍ୟକ୍ରମ ପ୍ରସ୍ତୁତି ପରଷଦର ପ୍ରମୁଖ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଅନୁନୟ କରି କହିବେ କି, ଏହି ନୂତନ ପାଠ୍ୟକ୍ରମରେ କେଉଁ ଦିଗକୁ ଗୁରୁତ୍ୱ ଦିଆଯାଇଛି ଓ ଓଡ଼ିଆ ଗବେଷଣା କ୍ଷେତ୍ରରେ ଏହାର କଣ ଯୋଗଦାନ ରହିବ?

ଉତ୍ତର: ଆମ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀମାନେ କିପରି ସମଗ୍ର ବିଶ୍ୱ ପରିପ୍ରେକ୍ଷାରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇପାରିବେ, ସେଥିପାଇଁ ପ୍ରାବଧାନ ରହିଛି। ଅନ୍ୟ ପକ୍ଷରେ ଯେ କୌଣସି ସ୍ତରରେ ମାତୃଭାଷା ମାଧ୍ୟମରେ ବିଦ୍ୟାକୁ ଉପଲବ୍ଧି କରିବାକୁ ଦିଗଦର୍ଶନ ରହିଛି। ତେଣୁ ଓଡ଼ିଶାର ମାତୃଭାଷା ଓଡ଼ିଆ ବିଷୟରେ ସ୍ନାତକ ପାଠ୍ୟ ଖସଡ଼ା ପ୍ରସ୍ତୁତ କଲାବେଳେ ଆମ ଭାଷା ଓ ସାହିତ୍ୟ ଉଭୟ କ୍ଷେତ୍ରରେ କିପରି ବିଦ୍ୟାର୍ଥୀମାନେ ସଶକ୍ତ ହୋଇପାରିବେ, ସେ ଦିଗରେ ଧ୍ୟାନ ଦିଆଯାଇଛି। ବିଶେଷତଃ ସ୍ନାତକ ଶ୍ରେଣୀରେ ସପ୍ତମ ଓ ଅଷ୍ଟମ ସେମିଷ୍ଟାରରେ ଗବେଷଣାତ୍ମକ ଜ୍ଞାନ ହାସଲ କରିବାକୁ ସାହିତ୍ୟର ସବୁ ଦିଗରେ ଅନୁଶୀଳନମୂଳକ ପାଠ୍ୟ ନିର୍ଘଣ୍ଟ ସ୍ଥାନିତ ହୋଇଛି। ସର୍ଜନଶୀଳ ଚେତନାର ଅଭିବୃଦ୍ଧି, ଅନୁବାଦ ଓ ସଂସ୍କୃତି ଭିତ୍ତିକ ଜ୍ଞାନ, ଭାଷାଜ୍ଞାନ, ନିର୍ଭୁଲ ଲିଖନ ପ୍ରକ୍ରିୟା ଆଦି ଏହି ପାଠ୍ୟକ୍ରମର ଅନ୍ତର୍ଭୁକ୍ତ। ଆଶା ଓ ବିଶ୍ୱାସ, ଏହା ଛାତ୍ରଛାତ୍ରୀଙ୍କ ମାନସରେ ଭାଷା ସାହିତ୍ୟ ଓ କଳାବୋଧ ବିଷୟକ ଜ୍ଞାନକୁ ଉତପ୍ରେରିତ ଓ ପରିପକ୍ୱ କରିବାରେ ସହାୟକ ହେବ।

ପ୍ରଶ୍ନ ୬: ସମ୍ପ୍ରତି ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଯେଉଁ କେତୋଟି ମୁହଁ ମୋ ସାମ୍ନାକୁ ଆସେ ସେମାନଙ୍କ ଭିତରେ ଆପଣ ମୋର ପୂଜନୀୟ। ଅଧ୍ୟୟନ-ଅଧ୍ୟାପନା-ଗବେଷଣାର ଦୀର୍ଘପଥ ଆପଣ ଅତିକ୍ରମ କରି ସାରିଛନ୍ତି। ଏ ଦୀର୍ଘ ଅଭିଜ୍ଞତାରୁ ଆପଣଙ୍କ ଠାରୁ ଜାଣିବାକୁ ଚାହିଁବି, ଜଣେ ଗବେଷକ ପାଖରେ କେଉଁ ସବୁ ଗୁଣାବଳୀ ରହିବା ଉଚିତ? ଗବେଷଣାରେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ?

ଉତ୍ତର: ମୋ ଦୃଷ୍ଟିରେ ଅଧ୍ୟୟନ, ଅନ୍ତର୍ଦୃଷ୍ଟି ଓ ଅନୁଶୀଳନ ଗବେଷକର ତିନୋଟି ମୌଳିକ ଗୁଣ। ସେହିପରି ପରିଶ୍ରମ, ଅନୁସନ୍ଧିତ୍ସା, ଧୈର୍ଯ୍ୟ ଓ ନମ୍ରତା ଗବେଷକଙ୍କ ଅତ୍ୟାବଶ୍ୟକ ପ୍ରବୃତ୍ତି। ସୁପାଠକ ଓ ଜିଜ୍ଞାସୁ ନ ହେଲେ ଗବେଷଣା ବୃତ୍ତି ସାର୍ଥକ ହୁଏ ନାହିଁ। ଗବେଷଣା ଏକ ଶୃଙ୍ଖଳିତ ତପସ୍ୟା। ସେଥିରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ନିଷ୍ଠା, ଏକାଗ୍ରତା ଓ ସାଧନା ବଜାୟ ରଖିବା ଆବଶ୍ୟକ। ଇଶାବାସ୍ୟ ଉପନିଷଦରେ କୁହାଯାଇଛି- "ହିରଣ୍ମୟେଣ ପାତ୍ରେଣ ସତ୍ୟସ୍ୟା ପିହିତମ୍ ମୁଖମ୍" ଅର୍ଥାତ୍ ସତ୍ୟର ମୁହଁ ସବୁବେଳେ ସୁବର୍ଣ୍ଣ ପାତ୍ରର ଢାଙ୍କୁଣିରେ ଘୋଡେଇ ହୋଇ ରହିଥାଏ। ଢାଙ୍କୁଣି ଖୋଲିଲେ ଯାଇ ସତ୍ୟ ପ୍ରକାଶିତ ହୁଏ। ଗବେଷଣା ସେହିପରି କାର୍ଯ୍ୟ। ଗବେଷକମାନେ ସୁବର୍ଣ୍ଣ ପାତ୍ରର ଢାଙ୍କୁଣି ଖୋଲି ପାରିଲେ ଅଭିଳଷିତ ସତ୍ୟ ଉଦଭାସିତ ହୋଇ ଉଠେ।

ପ୍ରଶ୍ନ ୭: ସମକାଳର ନବୀନ ଗବେଷକଙ୍କୁ ଆପଣ କଣ କହିବେ?

ଉତ୍ତର: ନୂତନ ଗବେଷକମାନେ ଜିଜ୍ଞାସାର ଆଲୋକ ଧରି ବହୁପାଠୀ ହୁଅନ୍ତୁ। ଆପଣା ଉପଲବ୍ଧିକୁ ନିରନ୍ତର ଲେଖିବାକୁ ଅଭ୍ୟାସ କରନ୍ତୁ। ଆବଶ୍ୟକ ହେଲେ ନିଜର ଲେଖାକୁ ସମଥ ଗୁରୁଜନଙ୍କୁ ଦେଖାଇ କଣ ତ୍ରୁଟି ବିଚ୍ୟୁତି ରହୁଛି, ପରଖି ନିଅନ୍ତୁ। ଉତ୍ତମ ସମାଲୋଚକ ମାନଙ୍କର ଗବେଷଣାତ୍ମକ ଲେଖା ଅଧ୍ୟୟନ କରି, ଗବେଷଣାର ଭାଷା ଓ ରଚନା ରୀତି ସମ୍ପର୍କରେ ଅବଗତ ହୁଅନ୍ତୁ। ଯଥାଶୀଘ୍ର ଫାଇଦା ପାଇବାର ପ୍ରୟାସ ନ କରି ଶୃଙ୍ଖଳିତ ଭାବେ କାର୍ଯ୍ୟ ସମ୍ପନ୍ନ କରନ୍ତୁ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ତରଫରୁ ଯେଉଁ ନିୟମାବଳୀ ସବୁ ରହିଛି, ସେଥିପ୍ରତି ସଚେତନ ରହି ନିଜ ଗବେଷଣାକୁ ଶ୍ରୀସମ୍ପନ୍ନ କରନ୍ତୁ। କିଛି ଗବେଷଣା ପୁସ୍ତକର ସହାୟତା ନେଉଥିଲେ ହେଁ ନିଜସ୍ୱ ମୌଳିକ ଚିନ୍ତନ ଓ କଳାଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରନ୍ତୁ। ଏହା ଦ୍ୱାରା ଗବେଷଣା କାର୍ଯ୍ୟ ସଫଳ ଓ ପ୍ରଶଂସନୀୟ ହୋଇପାରିବ।

ପ୍ରଶ୍ନ ୮: ବାଗୀଶପାଇଁ ଉପଦେଶ ସୂଚକ ଦୁଇଟି ବାକ୍ୟ...।

ଉତ୍ତର: ସମ୍ପ୍ରତି ଆମ ଓଡ଼ିଶାର ସାହିତ୍ୟ ପତ୍ରିକା ଗୁଡ଼ିକ ମଧ୍ୟରେ ଏକ Peer-Reviewed Journal ହିସାବରେ ବାଗୀଶର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ। ଆଗାମୀ ସମୟରେ ଓଡ଼ିଶାରେ ଗବେଷଣାର ଧାରାକୁ ପରିମାର୍ଜିତ ଓ ସଶକ୍ତ କରିବାରେ ବାଗୀଶ ଅଗ୍ରଣୀ ଭୂମିକା ନେବ ବୋଲି ବିଶ୍ୱାସ। ମୁଁ ବାଗୀଶର ସର୍ବାଙ୍ଗୀନ ସଫଳତା ଓ ନିରନ୍ତରତା କାମନା କାରୁଅଛି।

(ଉପସ୍ଥାପନା : ସଂପାଦକ, ବାଗୀଶ)

ଆଧୁନିକ ଓଡ଼ିଆ କବିତା

ଲେଖକ
ଡ. ଦିଲୀପ କୁମାର ସ୍ୱାଇଁ

ପ୍ରକାଶକ : ଏଥେନା ବୁକ୍‌ସ, ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୨
ପୃଷ୍ଠା - ୩୭୬, ମୂଲ୍ୟ - ୫୦୦ ଟଙ୍କା।

ସମକାଳର ଓଡ଼ିଆ ସାହିତ୍ୟ ଆଲୋଚନା ଓ ଗବେଷଣା କ୍ଷେତ୍ରରେ ଏକ ଅନନ୍ୟ ଉଚ୍ଚାରଣ ଡ. ଦିଲୀପ କୁମାର ସ୍ୱାଇଁ। ଓଡ଼ିଆ ସାହିତ୍ୟର ନୂତନ ଦିଗ ଓ ଦିଗନ୍ତର ସନ୍ଧାନ କ୍ଷେତ୍ରରେ ତାଙ୍କର ଯେଉଁ ସାଧନା ବାସ୍ତବରେ ତାହା ଅନସ୍ୱୀକାର୍ଯ୍ୟ। ବିଶେଷକରି ଆଧୁନିକ ଓଡ଼ିଆ କବିତା ଗବେଷଣା କ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ। ତାଙ୍କ ପ୍ରକାଶିତ ସମାଲୋଚନା ଗ୍ରନ୍ଥମାନଙ୍କ ମଧ୍ୟରେ - *'ସାହିତ୍ୟ ସ୍ରୋତ', 'ଉତ୍ତର ଆଧୁନିକ କାବ୍ୟଧାରା', 'ଲୋକ ଜୀବନ ଓ ଲୋକ ସାହିତ୍ୟ', 'ନୂଆ କବିତାର ନଙ୍କା', 'କାରାଗାରରୁ କୁଆଁତାରା', 'ବାମା ବିମର୍ଷ', 'ବିଂଶରୁ ଏକବିଂଶ', 'ସାହିତ୍ୟ ସ୍ୱରୂପ', 'ପ୍ରାଚ୍ୟ ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟ ତତ୍ତ୍ୱ', 'ବିଦଗ୍ଧ କାବ୍ୟବୋଧ', 'ଆଧୁନିକ ଓଡ଼ିଆ କବିତା', 'ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ', 'କୁସୁମାଞ୍ଜଳୀ ଓ ଗୀତାଞ୍ଜଳି', 'ସମକାଳୀନ ଓଡ଼ିଆ ଗଳ୍ପ: ସ୍ୱପ୍ନ, ସମ୍ଭାବନା ଓ ସତ୍ୟପାଠ', 'ଭାଷାତତ୍ତ୍ୱ ଓ ଓଡ଼ିଆ ଭାଷାର ଦିଗଦିଗନ୍ତ'* ଇତ୍ୟାଦି।

ଆଲୋଚ୍ୟ ଗ୍ରନ୍ଥ 'ଆଧୁନିକ ଓଡ଼ିଆ କବିତା' ତାଙ୍କ ଗବେଷଣା ନିବନ୍ଧର ସମ୍ପ୍ରସାରିତ ରୂପ। ଏସଂପର୍କରେ ଆଲୋଚକ ମୁଖବନ୍ଧରେ ଉଲ୍ଲେଖ କରି କହିଛନ୍ତି - 'ଆଧୁନିକ ଓଡ଼ିଆ କବିତା' ସମାଲୋଚନା ପୁସ୍ତକ ମୋର ଗବେଷଣା ନିବନ୍ଧର ସଂପ୍ରସାରିତ ରୂପ। ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁଧ୍ୟନରେ ୧୯୯୯ ମସିହାରେ ପିଏଚ୍.ଡ଼ି ଉପାଧ ନିମନ୍ତେ 'ଚଉଠଶତକର ଓଡ଼ିଆ କବିତା ୧୯୭୦-୯୫: ସ୍ୱର ଓ ସ୍ୱରୂପ' ଶୀର୍ଷକରେ ଏହା ପଞ୍ଜୀ ପଞ୍ଜୀକୃତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୦୪ରେ ମୋତେ ପିଏଚ୍.ଡି ଉପାଧ୍ ପ୍ରଦାନ କରିଥିଲେ ।" ଉକ୍ତ ଆଲୋଚନା ପୁସ୍ତକ ବହୁ ଦୃଷ୍ଟିରୁ ସ୍ୱତନ୍ତ୍ରମନେ ହୁଏ। ବିଶେଷକରି ଆଧୁନିକ କବିତାର ସ୍ୱରୂପ ସହ ସମୟ ଓ ପରିସ୍ଥିତି ଅନୁଯାୟୀ ଓଡ଼ିଆ କବିତା ଭିତରକୁ ଅନୁପ୍ରବେଶ କରିଥିବା ବିଭିନ୍ନ ଚେତନା ଓ ଭାବଧାରା ସମ୍ପର୍କରେ ଉପସ୍ଥାପନା ଦିଗଟି ବେଶ୍ ବଳିଷ୍ଠ। ଆଲୋଚନା ପ୍ରସଙ୍ଗ ସମୁଦାୟ ପାଞ୍ଚଟି ପରିଚ୍ଛେଦ ମଧ୍ୟରେ ଉପସ୍ଥାପିତ। ସମ୍ୟକ ଭାବେ ସେ ସବୁର ସୂଚନା ଏଠାରେ ପ୍ରଦାନ କରାଯାଇ ପାରେ। ପ୍ରଥମ ପରିଚ୍ଛେଦ- 'ଆଧୁନିକ ଅଦିଆ କବିତାର ଉନ୍ମେଷ ଓ ବିକାଶ ପର୍ବ (୧୮୮୧ - ୧୯୪୭)', ଦ୍ୱିତୀୟ ପରିଚ୍ଛେଦ- 'ପ୍ରଯୋଗବାଦୀ ଓଡ଼ିଆ କବିତା (୧୯୪୭ - ୮୦)', ତୃତୀୟ ପରିଚ୍ଛେଦ- 'ଉତ୍ତର ଆଧୁନିକ ଓଡ଼ିଆ କବିତା (୧୯୮୧ - ୨୦୦୦)', ଚତୁର୍ଥ ପରିଚ୍ଛେଦ- 'ପ୍ରୟୋଗବାଦୀରୁ ଉତ୍ତର ଆଧୁନିକ: ଚଉ ଶତକ ଓଡ଼ିଆ କବିତା (୧୯୭୦ - ୯୫): ସ୍ୱର ଓ ସ୍ୱରୂପ' , ପଞ୍ଚମ ପରିଚ୍ଛେଦ- 'ଆଧୁନିକ ଓଡ଼ିଆ କବିତା: ମହନିଷ୍କର୍ଷ'।

ସର୍ବୋପରି ଉକ୍ତ ଗ୍ରନ୍ଥଟି ଆଧୁନିକ ଓଡ଼ିଆ କବିତାକୁ ନୂଆ କରି ଦେଖି-ଦେଖେଇବାର ଏକ ଅଭିନବ ପ୍ରୟାସ। ଆଲୋଚକଙ୍କ ଗବେଷକୀୟ ଦୃଷ୍ଟି ଓ ନୂତନ ଦିଗର ସନ୍ଧାନର ସଫଳତା ଗ୍ରନ୍ଥଟିର ପ୍ରତି ପୃଷ୍ଠାରୁ ପ୍ରମାଣିତ। ପାଠକ ପାଠିକା, ଗବେଷକ ଗବେଷିକା ତଥା ଛାତ୍ରଛାତ୍ରୀଙ୍କ ଆଧୁନିକ ଓଡ଼ିଆ କବିତା ସମ୍ପର୍କରେ ଜ୍ଞାନ ବର୍ଦ୍ଧନ ସକାଶେ ଏହା ଏକ ଉପାଦେୟ ପୁସ୍ତକ। ପାଠକୀୟ ଆଦୃତି ଲାଭ କରିବ ବୋଲି ଆମର ଆଶା।

ଉପସ୍ଥାପନା: ସଂପାଦକ, ବାଗୀଶ

OUR PEER-REVIEW POLICY

BAGEESHA maintains rigorous academic and analytical standards through a strict peer-review process. Every manuscript submitted for publication undergoes the following evaluation stages to ensure quality and integrity:

- **Submission of Paper**: The corresponding or submitting author submits the paper to the Journal. This is usually via our own customized Submission Form. Anonymity is maintained as the Details of Authors and the manuscript is only submitted using the Submission Form and the Manuscript does not contain any identification marks.
- **Editorial Office Assessment**: The Journal checks the paper's composition and arrangement against the Journal's Submission Guidelines to make sure it includes the required sections and stylizations. The quality of the paper is not assessed at this point.
- **Plagiarism Assessment**: Plagiarism is the "wrongful appropriation" and "stealing and publication" of another author's "language, thoughts, ideas, or expressions" and the representation of them as one's own original work. The Journal team runs a plagiarism test to ensure that the manuscript does not contain any unauthorized version of someone else's work. During the plagiarism check, the team ignores "Quotes" and "Footnoted/ Endnoted" content as they do not fall under the plagiarism definition.
- **Appraisal by the Editor-in-Chief (EIC)**: The EIC checks that the paper is appropriate for the Journal and is sufficiently original and interesting. If not, the paper may be rejected without being reviewed any further.
- **EIC Assigns an Associate Editor (AE)**: Our Journals have Associate Editors who handle the peer review. If they do, they would be assigned at this stage.
- **Invitation to Reviewers**: The handling editor sends invitations to individuals he or she believes would be appropriate reviewers. As responses are received, further invitations are issued, if necessary, until the required number of acceptances is obtained – commonly this is 2, but there is some variation between Journals.
- **Response to Invitations**: Potential reviewers consider the invitation against their own expertise, conflicts of interest and availability. They then accept or decline. If possible, when declining, they might also suggest alternative reviewers.
- **Review is conducted**: The reviewer sets time aside to read the paper several times. The first read is used to form an initial impression of the work. If major problems are found at this stage, the reviewer may feel comfortable rejecting the paper without further work. Otherwise, they will read the paper several more times, taking notes so as to build a detailed Point-By-Point Review. After the Point-by-Point Review Phase, the papers are forwarded for a 2 Stage Double-Blind Peer Review. The Review is conducted in 2 stages namely:
- **The Facts Check Stage**: Our Journals have few Facts Checkers in the Editorial Team who is solely responsible to cross check all the facts mentioned in the manuscript. If the Facts Finder Team finds any contradicting facts, the papers get rejected. However, if minor changes are required, the Fact Finders are authorized to make such changes. Furthermore, the Reviewers are empowered to send the paper back to the author if major changes are required. Once the Facts Finder Team is satisfied with the work, the same is forwarded to the language Check Stage.
- T**he language Check Stage**: In the language Check Stage, the team generally checks the overall language of the manuscript along with Spelling Mistakes & Grammatical Errors. All changes required are done by the Reviewers. The review is then submitted to the Journal, with a recommendation to accept or reject it – or else with a request for revision (usually flagged as either major or minor) before it is reconsidered.
- **Journal Evaluates the Reviews**: The handling editor considers all the returned reviews before making an overall decision. If the reviews differ widely, the editor may invite an additional reviewer so as to get an extra opinion before making a decision.
- **The Decision is communicated**: The editor sends a decision email to the author including any relevant reviewer comments (in a personal one-on-one email communication if required). Whether the comments are anonymous or not will depend on the type of peer review that the Journal operates.
- **Final Publication**: If accepted, the paper is sent to production. If the Article is rejected or sent back for either major or minor revision, the handling editor should include constructive comments from the reviewers to help the author improve the Article. At this point, reviewers should also be sent an email or letter letting them know the outcome of their review.

Editor-in-Chief

COPYRIGHT POlICY

All Articles published in Bageesha Research & Review Journal remain the intellectual property of the authors. By submitting and publishing in Bageesha Research & Review Journal, authors grant the Journal the non-exclusive right to publish, archive, and distribute their work in electronic and print formats.

Authors are responsible for ensuring that their submissions are original, properly cited, and free from any copyright infringement. If the work includes material (such as images, tables, or excerpts) from other sources, authors must obtain the necessary permissions before submission.

Bageesha Research & Review Journal operates on a non-commercial, open-access basis. Readers are free to read, download, and share published content for educational and research purposes with proper attribution to the author and Journal. Commercial use of the content is strictly prohibited without explicit permission from the author(s) and the Journal.

Editor-in-Chief

OUR OPEN ACCESS POlICY

Open access was established with the goal of creating a dependable platform and providing unrestricted access to odia research and review for the rapid dissemination of recent updates. Our Journal is an open access Journal which grants the users to access complete Article content immediately after publication, with CC BY NC 4.0 (Creative Commons — Attribution Non Commercial 4.0 International — CC BY-NC 4.0) rights. Open access publications are freely and permanently available ONLINE to anyone with an internet connection.

What is CC BY NC rights?

This license permits to use, to distribute, remix, adapt, and build on the material in any medium or format for non-commercial purposes only, provided the original work is properly cited.

All research Articles published in our Journals are fully open access: immediately freely available to read, download and share under the terms of the Creative Commons Attribution (CC BY NC 4.0 Creative Commons — AttributionNonCommercial 4.0 International — CC BY-NC 4.0). This license which permits use, distribution, and reproduction in any medium, provided the original work is properly cited.

Benefits of Open access:

- **Freely available**: Anyone can access open access publications ONLINE for free. This increases visibility and, as a result, uptake and use of the published work.
- **Stimulating Effects**: The rapid dissemination of results not only energizes similar research but also inspires others to make inroads into new areas that may open up as a result. Access to research materials from all fields encourages interdisciplinary and multidisciplinary research.
- **Impact and Citations**: Articles have a much greater impact in the short term than “subscription-only” work. The long-term impact has been found to be similar, with some studies indicating that open-access Articles have a slightly larger impact.

Author and Institution Visibility:

Authors who publish in open-access Journals rather than subscription-only Journals may become more well-known to readers. Institutions can amplify their profile by actively engaging in or organizing open-access publishing.

Editor-in-Chief

BAGEESHA | VOLUME N0. 03 | ISSUE N0. 03 | MAY - JUNE 2025

YOUR
LITTLE DONATION

GOKUL DHAM
।। निःस्वार्थ सेवा परमो धर्मः ।।

With your little donation You will not get less, but that little donation can change someone's life

Give them something, they don't want everything

Scan for Donations

IN GOKULDHAM :-

40-50
Gauvansh Daily arrival

For more information :-

+91 88168 09191
www.gokuldhammahatirth.org

ISSN 3107-4294

Chief Editor, Bageesh, Lect. in Odia, N.P. Women's, college,
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-